୬୩ତମ ବର୍ଷ | ୧୫ ଅଗଷ୍ଟ ୨୦୨୦ | ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

1965

Salute to the advent of the Truth

୬୩ତମ ବର୍ଷ ୧୫ ଅଗଷ୍ଟ ୨୦୨୦ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# സൂചീപത്ര

[ନବଜ୍ୟୋତି • ଅଗଷ୍ଟ, ୨୦୨୦]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୫ |
| ମାତୃବାଣୀ | ... | ... | ... | ୬ |
| ଦିବ୍ୟ-ଜଗତ୍ ପରିଚାଳନାରେ ଧ୍ୱଂସର ଦିଗ | ... | ଶ୍ରୀଅରବିନ୍ଦ | ... | ୯ |
| ଭଗବାନ୍ ଅଭିବ୍ୟକ୍ତ ହେଉଛନ୍ତି | ... | ଶ୍ରୀମା | ... | ୧୦ |
| ଭାରତ ହିଁ ଭଗବାନଙ୍କ ନିର୍ବାଚିତ ଦେଶ | ... | ଶ୍ରୀଅରବିନ୍ଦ | ... | ୧୧ |
| ସୂକ୍ଷ୍ମାଣୁ : ସେମାନଙ୍କର ଉତ୍ପତ୍ତି ଏବଂ ସେମାନଙ୍କ ପଛରେ ଥିବା ଶକ୍ତିସମୂହ | ... | ଶ୍ରୀମା | ... | ୧୪ |
| କଳ୍ପନା ଓ ବିଶ୍ୱାସ | ... | ଶ୍ରୀମା | ... | ୧୯ |
| ଜଗନ୍ନାଥଙ୍କ ରଥ | ... | ଶ୍ରୀଅରବିନ୍ଦ | ... | ୨୧ |
| ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ତିଥି | ... | ଅନିର୍ବାଣ | ... | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୬ |
| ମହୋତ୍ସର୍ଗ — ଛିନ୍ନମସ୍ତା | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ବିଷ୍ଣୁ – ସର୍ବବ୍ୟାପୀ ଦେବ (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୫୪, ଋଷି : ଦୀର୍ଘତମାଃ ଔଚଥ୍ୟ) | ... | ଶ୍ରୀଅରବିନ୍ଦ | ... | ୩୨ |
| ସାହିତ୍ୟରେ ଆଦର୍ଶର ଭୂମିକା : ଗତକାଲି ଓ ଆଜି | ... | ଶ୍ରୀ ମନୋଜ ଦାସ | ... | ୩୮ |
| ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା (୨) | ... | ଶ୍ରୀ ପ୍ରପତ୍ତି | ... | ୪୩ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୪) | ... | ... | ... | ୪୫ |
| ଅଭୀପ୍ସାର ଆବାହନୀ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୯ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୪) | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ସ୍ୱପ୍ନର ବିବିଧ ସ୍ତର | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ସଂପାଦକୀୟ .... | ... | ... | ... | ୫୮ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

India has the key to the knowledge and conscious application of the ideal; what was dark to her before in its application, she can now, with a new light, illumine; what was wrong and wry in her old methods she can now rectify; the fences which she created to protect the outer growth of the spiritual ideal and which afterwards became barriers to its expansion and farther application, she can now break down and give her spirit a freer field and an ampler flight : she can, if she will, give a new and decisive turn to the problems over which all mankind is labouring and stumbling, for the clue to their solutions is there in her ancient knowledge.

(The Renaissance in India, CWSA Vol. 20, p.39 - 40) – Sri Aurobindo

ଯଥାର୍ଥ ଜ୍ଞାନ ମଧ୍ୟକୁ ପ୍ରବେଶ କରିବାର ଉପାୟ ଓ ଆଦର୍ଶର ସଚେତନ ପ୍ରୟୋଗର ଧାରା କେବଳ ଭାରତବର୍ଷକୁ ଜଣାଅଛି; ଯାହାର ପ୍ରୟୋଗ ବିଷୟରେ ସେ ପୂର୍ବରୁ ଅନ୍ଧକାରମୟ ଅବସ୍ଥାରେ ଥିଲା ତଥା ସେ ବିଷୟରେ ସେ ପୂର୍ବରୁ ଅଜ୍ଞ ଥିଲା, ଏବେ ଏକ ନୂତନ ଆଲୋକର ସାହାଯ୍ୟରେ ସେ ସେହି ଅନ୍ଧକାରକୁ ଘୁଞ୍ଚାଇ ଦେଇ ଯଥାର୍ଥ ଜ୍ଞାନ ପ୍ରାପ୍ତ କରିପାରେ; ତାହାର ପୁରାତନ ପ୍ରକ୍ରିୟାରେ ଯାହାକିଛି ଭ୍ରମ ଓ ବିକୃତି ଥିଲା ସେସବୁକୁ ଏବେ ସେ ସଂଶୋଧନ କରିପାରେ; ଆଧ୍ୟାତ୍ମିକ ଆଦର୍ଶର ବହିର୍ବିକାଶକୁ ନିରାପଦ ଓ ସଂରକ୍ଷିତ କରି ରଖିବା ପାଇଁ ସେ ଯେଉଁସବୁ ବେଢ଼ା ଗଢ଼ି ତୋଳିଥିଲା ଓ ପରବର୍ତ୍ତୀ ସମୟରେ ଯାହାକି ସେହି ବିକାଶ ପଥରେ ଓ ପୁନଃ ପ୍ରୟୋଗ ଧାରାରେ ପ୍ରତିବନ୍ଧକ ହୋଇ ଠିଆ ହେଲା, ସେସବୁକୁ ସେ ଏବେ ଭାଙ୍ଗି ଦେଇପାରେ ଓ ତାହାର ଆତ୍ମା ପାଇଁ ଏକ ଅଧିକ ମୁକ୍ତ କ୍ଷେତ୍ର ଓ ଏକ ବିସ୍ତୃତତର ବିକାଶ ଆଣିଦେଇପାରେ : ଅବଶ୍ୟ ଯଦି ସେ ଚାହେଁ ତେବେ ମାନବସମାଜ ଏବେ ଯେଉଁସବୁ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି ଓ ବାରଂବାର ସ୍ଖଳନର ସମ୍ମୁଖୀନ ହେଉଛି ସେସବୁର ଏକ ନୂତନ ଓ ଚୂଡ଼ାନ୍ତ ମୋଡ଼ ଦେଇପାରେ କାରଣ ସେସବୁର ସମାଧାନର ରହସ୍ୟ ତାହାର ପ୍ରାଚୀନ ଜ୍ଞାନ ମଧ୍ୟରେ ହିଁ ରହିଛି ।

— ଶ୍ରୀଅରବିନ୍ଦ



# ମାତୃବାଣୀ

We are at a moment of transition in the history of the earth. It is merely a moment in eternal time, but this moment is long compared to human life. Matter is changing in order to prepare itself for the new manifestation, but the human body is not plastic enough and offers resistance; this is why the number of incomprehensible disorders and even diseases is increasing and becoming a problem for medical science.

The remedy lies in union with the divine forces that are at work and a receptivity full of trust and peace which makes the task easier.

(*18 November 1971*) – The Mother

ପୃଥିବୀ ଇତିହାସର ଏକ ସନ୍ଧିକ୍ଷଣରେ ଆମେମାନେ ଉପନୀତ । ଅନନ୍ତ କାଳ ମଧ୍ୟରେ ଏହା କେବଳ ଏକ ମୁହୂର୍ତ୍ତ ମାତ୍ର, କିନ୍ତୁ ମାନବ ଜୀବନ ତୁଳନାରେ ଏହା ଦୀର୍ଘ । ନୂତନ ପରିପ୍ରକାଶ ସକାଶେ ନିଜକୁ ପ୍ରସ୍ତୁତ କରିବା ଲାଗି ଭୌତିକ ବସ୍ତୁସକଳ ପରିବର୍ତ୍ତିତ ହେଉଛି, କିନ୍ତୁ ମାନବ ଶରୀର ଯଥେଷ୍ଟ ନମନୀୟ ନୁହେଁ ଏବଂ ଏହି ପରିବର୍ତ୍ତନ ପାଇଁ ତାହା ପ୍ରତିରୋଧ କରୁଛି; ସେଥିସକାଶେ ବିଶୃଙ୍ଖଳାର ସଂଖ୍ୟା ଏପରିକି ବୋଧାତୀତ ବ୍ୟାଧିସବୁ ବଢ଼ିବାରେ ଲାଗିଛି ଓ ଚିକିତ୍ସା-ବିଜ୍ଞାନ ଲାଗି ଏହା ଏକ ସମସ୍ୟା ହୋଇ ଯାଇଛି ।

ଏହାର ପ୍ରତିକାର ରହିଛି ବର୍ତ୍ତମାନର ସକ୍ରିୟ ଦିବ୍ୟଶକ୍ତିରାଜି ସହିତ ଏକ ସଂଯୋଗ ସ୍ଥାପନରେ ଏବଂ ବିଶ୍ୱାସ ଓ ଶାନ୍ତିରେ ଭରା ଏକ ଗ୍ରହଣଶୀଳତାରେ ଯାହାକି ଏହି କାର୍ଯ୍ୟଟିକୁ ସହଜତର କରିଦେଇଥାଏ ।

— ଶ୍ରୀମା



# ଦିବ୍ୟ-ଜଗତ୍ ପରିଚାଳନାରେ ଧ୍ୱଂସର ଦିଗ

## ଶ୍ରୀଅରବିନ୍ଦ

... କିନ୍ତୁ ତାଙ୍କର ଦିବ୍ୟ ଜଗତ୍ ପରିଚାଳନାରେ ଏକ କଠୋର ଦିଗ ମଧ୍ୟ ରହିଛି, ଯାହାକି ପ୍ରଥମରୁ ହିଁ ଆମ ସମ୍ମୁଖରେ ଉପସ୍ଥିତ ହୁଏ, ତାହା ହେଉଛି ଧ୍ୱଂସର ଦିଗ । ଏହାକୁ ଦେଖିବାକୁ ଅସ୍ୱୀକାର କରିବାର ଅର୍ଥ ହେଉଛି ଭଗବତ୍ ପ୍ରେମ, ଶାନ୍ତି ଓ ନିତ୍ୟତାର ପୂର୍ଣ୍ଣ ସତ୍ୟକୁ ଦେଖିବାରୁ ବଞ୍ଚିତ ହେବା ଏବଂ ଏପରିକି ତାହା ଉପରେ ଏକ ଆଂଶିକତା ଓ ଭ୍ରମର ଭାବ ଆରୋପ କରିବା । କାରଣ ଏହାକୁ ଯେଉଁ ଏକାନ୍ତ ସୁଖପ୍ରଦ ରୂପରେ ଉପସ୍ଥାପିତ କରାଯାଏ ତାହା ସହିତ ଆମେ ଯେଉଁ ଜଗତରେ ବାସ କରୁଛୁ ତାହାର ପ୍ରକୃତିର କୌଣସି ମେଳ ନାହିଁ ।

ଆମର ଏହି ଜଗତ୍ ହେଉଛି ସଂଗ୍ରାମ ଓ କଷ୍ଟକର ପ୍ରୟାସର ଏକ ଜଗତ୍, ଏହା ଭୟଙ୍କର, ବିପଜ୍ଜନକ ଧ୍ୱଂସକାରୀ ଓ ଗ୍ରାସକାରୀ ଏକ ଜଗତ୍; ଏଠାରେ ଜୀବନର ଅସ୍ତିତ୍ୱ ସଂଶୟସଂକୁଳ, ଏବଂ ମନୁଷ୍ୟର ଦେହ ଓ ଆତ୍ମା ଏଠାରେ ଭୟାନକ ବିପଦ ମଧ୍ୟରେ ଗତି କରୁଥାଏ । ଏହା ଏପରି ଏକ ଜଗତ୍ ଯେଉଁଠି କି ଆମର ପ୍ରତିଟି ପଦକ୍ଷେପ, ଆମର ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ, କୌଣସି ନା କୌଣସି ବସ୍ତୁକୁ ଦଳିତ ଓ ଚୂର୍ଣ୍ଣ-ବିଚୂର୍ଣ୍ଣ କରେ, ଏବଂ ଯେଉଁଠି ଜୀବନର ପ୍ରତିଟି ନିଃଶ୍ୱାସ ମରଣର ନିଃଶ୍ୱାସ ମଧ୍ୟ । ଯାହାକିଛି ଆମକୁ ଅଶୁଭ ବା ଭୀଷଣ ବୋଲି ପ୍ରତୀତ ହୁଏ, ସେସବୁର ଦାୟିତ୍ୱ କୌଣସି ଏକ ପ୍ରାୟ ସର୍ବଶକ୍ତିମାନ୍ ସଇତାନର କାନ୍ଧ ଉପରେ ଲଦି ଦେଲେ ଚଳିବ ନାହିଁ ବା ଏହାକୁ ପ୍ରକୃତିର କ୍ରିୟା ବୋଲି କହି ଉପେକ୍ଷା କଲେ ଚଳିବ ନାହିଁ । ଏହା କରିବା ଅର୍ଥ ହେଉଛି ଭଗବତ୍ ପ୍ରକୃତି ଓ ଜାଗତିକ ପ୍ରକୃତି ମଧ୍ୟରେ ଏକ ଅନତିକ୍ରମଣୀୟ ବ୍ୟବଧାନ ସୃଷ୍ଟି କରିବା ଯେପରିକି ପ୍ରକୃତି ଭଗବାନଙ୍କଠାରୁ ସ୍ୱତନ୍ତ୍ର କିଛି । ଏ ସମସ୍ତ ଦାୟିତ୍ୱ ମନୁଷ୍ୟ ଓ ତା'ର ପାପ ଉପରେ ପକାଇ ଦେଲେ ଚଳିବ ନାହିଁ, ସତେ ଯେପରି ଏ ଜଗତର ନିର୍ମାଣ ସମ୍ବନ୍ଧରେ ମନୁଷ୍ୟର ମତାମତର ଖୁବ୍ ପ୍ରାଧାନ୍ୟ ଥିଲା ବା ସତେ ଯେପରି ସେ ଭଗବାନଙ୍କ ଇଚ୍ଛା ବିରୋଧରେ କିଛି ସୃଷ୍ଟି କରି ଦେଇପାରିବ । ଏଗୁଡ଼ିକ ହେଉଛି ନିଜକୁ ସାନ୍ତ୍ୱନା ଦେବା ପାଇଁ ଏକ ପ୍ରକାର ପ୍ରମାଦପୂର୍ଣ୍ଣ ବିଚାର, କିନ୍ତୁ ଭାରତର ଆଧ୍ୟାତ୍ମିକ ଚିନ୍ତାଧାରା କେବେହେଲେ ଏପରି ବିଚାରର ଆଶ୍ରୟ ନେଇ ନାହିଁ ।

ଆମକୁ ସାହସର ସହିତ ସିଧାସଳଖ ସତ୍ୟକୁ ଚାହିଁ ଦେଖିବାକୁ ହେବ ଏବଂ ଦେଖିବାକୁ ହେବ ଯେ ଆଉ କେହି ନୁହେଁ, ସ୍ୱୟଂ ଭଗବାନ୍ ହିଁ ନିଜ ସତ୍ତା ମଧ୍ୟରେ ଏହି ଜଗତକୁ ନିର୍ମାଣ କରିଛନ୍ତି ଏବଂ ସେ ଏହାକୁ ଏହି ଭାବରେ ହିଁ ନିର୍ମାଣ କରିଛନ୍ତି । ଆମକୁ ଦେଖିବାକୁ ହେବ ଯେ ସ୍ୱୟଂ ପ୍ରକୃତି ହିଁ ନିଜର ସନ୍ତାନମାନଙ୍କୁ ଗ୍ରାସ କରୁଛି, କାଳ ଜୀବସମୂହକୁ ଭକ୍ଷଣ କରୁଛି; ଏବଂ ସର୍ବବ୍ୟାପୀ ଅଲଂଘ୍ୟ ମୃତ୍ୟୁ ଓ ମନୁଷ୍ୟ ତଥା ପ୍ରକୃତି ଭିତରେ ଥିବା ରୁଦ୍ର ଶକ୍ତିର ଉଗ୍ର ପ୍ରଚଣ୍ଡତା – ଏସବୁ ହିଁ ସ୍ୱୟଂ ପରମ ଭଗବାନଙ୍କର ଅନ୍ୟତମ ବିଶ୍ୱରୂପ । ଆମକୁ ଦେଖିବାକୁ ହେବ ଯେଉଁ ଭଗବାନ୍ ଉଦାର ଓ ମୁକ୍ତହସ୍ତ ଅମିତ ସ୍ରଷ୍ଟା, ସର୍ବ-ସହାୟକ, ଶକ୍ତିମାନ୍ ଓ କରୁଣାମୟ ରକ୍ଷାକର୍ତ୍ତା, ସେହି ଭଗବାନ୍ ହିଁ ପୁଣି ଭକ୍ଷଣକାରୀ ସଂହାରକ ଓ ଧ୍ୱଂସକର୍ତ୍ତା । ସୁଖ, ମାଧୁର୍ଯ୍ୟ ଓ ଆନନ୍ଦ ଯେପରି ତାଙ୍କରି ସ୍ପର୍ଶ, ସେହିପରି ଯେଉଁ ଦୁଃଖ, ଅଶୁଭ ଓ ସନ୍ତାପର ପୀଡ଼ନରେ ଆମେ ଦୁର୍ବିଷହ ଯନ୍ତ୍ରଣା ଭୋଗ କରୁ ତାହା ମଧ୍ୟ ତାଙ୍କରି ସ୍ପର୍ଶ । ଯେତେବେଳେ ଆମେ ପୂର୍ଣ୍ଣ ମିଳନର ଦୃଷ୍ଟି ନେଇ ଦେଖୁ ଏବଂ ଆମ ସତ୍ତାର ଗଭୀରରେ ଏହି ସତ୍ୟକୁ ଉପଲବ୍ଧି କରୁ କେବଳ ସେତେବେଳେ ହିଁ ଆମେ ଏହିସବୁ ଛଦ୍ମବେଶର ପଶ୍ଚାତରେ ସର୍ବ-ଆନନ୍ଦମୟ ଭଗବାନଙ୍କର ଶାନ୍ତ ଓ ସୁନ୍ଦର ମୁଖକୁ ପୂର୍ଣ୍ଣଭାବେ ଆବିଷ୍କାର କରିପାରୁ ଏବଂ ଆମର ଅପୂର୍ଣ୍ଣତାକୁ ପରୀକ୍ଷା କରୁଥିବା ଏହି ସବୁ ସ୍ପର୍ଶ ଭିତରେ ଆମେ ସଖାର ସ୍ପର୍ଶ ଓ ମନୁଷ୍ୟର ଆତ୍ମାର ନିର୍ମାତାର ସ୍ପର୍ଶ ଅନୁଭବ କରିପାରୁ । ଜଗତରେ ଯାହାସବୁ ଦ୍ୱନ୍ଦ୍ୱ-ବିରୋଧ ତାହା ଭଗବାନଙ୍କର ହିଁ ଦ୍ୱନ୍ଦ୍ୱ-ବିରୋଧ ଏବଂ ସେସବୁକୁ ସ୍ୱୀକାର କରିନେବା ଦ୍ୱାରା ଏବଂ ସେସବୁର ଭିତର ଦେଇ ଅଗ୍ରସର ହେବା ଦ୍ୱାରା ହିଁ ଆମେ ତାଙ୍କର ପରମ ସାମଞ୍ଜସ୍ୟ ଓ ସୁସାମ୍ୟର ମହତ୍ତର ସୁରସଂଗତି ଭିତରେ ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ଆନନ୍ଦର ଶିଖର ଓ ପୁଲକ ସ୍ପନ୍ଦିତ ଅନନ୍ତ ପ୍ରସାର ମଧ୍ୟରେ ଉପନୀତ ହୋଇପାରୁ ।

(ଗୀତା-ନିବନ୍ଧମାଳା, ପୃ. ୪୭୧ - ୭୩)

# ଭଗବାନ୍ ଅଭିବ୍ୟକ୍ତ ହେଉଛନ୍ତି

ଶ୍ରୀମା

ଭୌତିକ ସ୍ତରରେ ସୌନ୍ଦର୍ଯ୍ୟ ମଧ୍ୟ ଦେଇ, ମାନସିକ ସ୍ତରରେ ଜ୍ଞାନ ମଧ୍ୟ ଦେଇ, ପ୍ରାଣିକ ସ୍ତରରେ ଶକ୍ତି ମଧ୍ୟ ଦେଇ ଏବଂ ଚୈତ୍ୟସ୍ତରରେ ପ୍ରେମ ମଧ୍ୟ ଦେଇ ଭଗବାନ୍ ନିଜକୁ ଅଭିବ୍ୟକ୍ତ କରନ୍ତି ।

ଆମେ ଯେତେବେଳେ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିଯାଉ ସେତେବେଳେ ଆମେ ଦେଖୁ ଯେ ସେହି ସ୍ତରରେ ଏହି ଚାରୋଟିଯାକ ବିଭାବ ପରସ୍ପର ଭିତରେ ମିଳାଇ ଏକ ହୋଇ ଯାଆନ୍ତି ଏବଂ ତାହାହିଁ ହୋଇଉଠେ ଏକ ଅଦ୍ୱୈତ, ଜ୍ୟୋତିର୍ମୟ, ଶକ୍ତିଶାଳୀ, ସୁନ୍ଦର – ସବୁକୁ ଧାରଣ କରିଥିବା ଓ ସବୁ ଭିତରେ ବ୍ୟାପ୍ତ ହୋଇଥିବା ଏକ ପ୍ରେମମୟ ଦିବ୍ୟ-ଚେତନା ।

କେବଳ ବିଶ୍ୱଲୀଳା ନିମନ୍ତେ ଏହି ଅଦ୍ୱୈତ ଦିବ୍ୟ-ଚେତନା ନିଜକୁ ବିଭକ୍ତ କରିଥାଏ ଅଭିବ୍ୟକ୍ତିର ବିଭିନ୍ନ ଧାରା ବା ବିଭାବ ଆକାରରେ ।

*

ଏହି ଜଗତ୍ ହେଉଛି ଏକ ଅରାଜକତା ଯେଉଁଥିରେ ଅନ୍ଧକାର ଓ ଆଲୋକ, ମିଥ୍ୟା ଓ ସତ୍ୟ, ମୃତ୍ୟୁ ଓ ଜୀବନ, କୁତ୍ସିତତା ଓ ସୌନ୍ଦର୍ଯ୍ୟ, ଘୃଣା ଏବଂ ପ୍ରେମ ଏତେ ଘନିଷ୍ଠ ଭାବରେ ପରସ୍ପର ସହ ଜଡ଼ିତ ଓ ଗୁନ୍ଥି ହୋଇ ରହିଛନ୍ତି ଯେ ଗୋଟିକଠାରୁ ଅନ୍ୟଟିକୁ ଅଲଗା କରି ଚିହ୍ନିବା ପ୍ରାୟ ଅସମ୍ଭବ, ଏବଂ ଆହୁରି ଅସମ୍ଭବ ହେଉଛି ସେଗୁଡ଼ିକୁ ପରସ୍ପରଠାରୁ ବିଚ୍ଛିନ୍ନ କରିଦେଇ, ଏକ ନିର୍ମମ ସଂଘର୍ଷର ଆତଙ୍କ ସୃଷ୍ଟି କରୁଥିବା ସେହି ଭୟଙ୍କର ଆଲିଙ୍ଗନର ସମାପ୍ତି ଘଟାଇବା । ଏହା ଆହୁରି ତୀବ୍ର ରୂପ ନେଇଥାଏ, ବିଶେଷ କରି ମାନବ ଚେତନାରେ, ଯେଉଁଠି ଏହି ସଂଘର୍ଷ ରୂପାନ୍ତରିତ ହୁଏ ଜ୍ଞାନ ପାଇଁ, ଶକ୍ତି ପାଇଁ ଓ ବିଜୟ ପାଇଁ ଏକ ବେଦନାମୟ ଆକୁତିରେ । ଏହି ସଂଘର୍ଷ ଅଜ୍ଞାନାଚ୍ଛନ୍ନ ଓ ଯନ୍ତ୍ରଣାଦାୟକ, ଏହା ଆହୁରି ଉତ୍କଟ ଓ ଭୟଙ୍କର ଲାଗେ, କାରଣ ମନେ ହୁଏ ଯେପରି ଏହାର କୌଣସି ଅର୍ଥ ନାହିଁ । କିନ୍ତୁ ଯଥାର୍ଥରେ ଏହାର ସମାଧାନ ରହିଛି ଆମର ଇନ୍ଦ୍ରିୟାନୁଭୂତି, ଭାବାନୁଭୂତି ଓ ଧାରଣାସବୁର ଊର୍ଦ୍ଧ୍ୱରେ ରହିଥିବା ଏକ ସ୍ତରରେ, ମନ-ଜଗତର ଊର୍ଦ୍ଧ୍ୱରେ ଥିବା ଭଗବତ୍ ଚେତନା ଭିତରେ ।

(୨୯ ମାର୍ଚ୍ଚ, ୧୯୩୪)

*

ସେହି ଅଭିବ୍ୟକ୍ତି ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିଯାଇ ତାହା ଉପରେ ବିଜୟ ଆଣି ଦେବ, କାରଣ ଅଭିବ୍ୟକ୍ତିର ଅର୍ଥ ହେଉଛି ସମସ୍ତ ବାଧାବିଘ୍ନ ଉପରେ ବିଜୟ ।

*

ଭଗବତ୍ ଚେତନା ଏଠାରେ ଏହି ସମସ୍ତ ସତ୍ତାଙ୍କ ଭିତରେ କ୍ରିୟା କରୁଛି, ସେମାନଙ୍କୁ ଏହି ସମସ୍ତ ଅଭିବ୍ୟକ୍ତି ଭିତର ଦେଇ ପ୍ରସ୍ତୁତ କରୁଛି । ଆଜି ଏହା ପୂର୍ବର ସମସ୍ତ କ୍ରିୟା ଅପେକ୍ଷା ଆହୁରି ଅଧିକ ଶକ୍ତିଶାଳୀ ହୋଇ ଏଠାରେ, ଏହି ପୃଥିବୀପୃଷ୍ଠରେ କ୍ରିୟାରତ । (୨୯ ଜାନୁଆରୀ, ୧୯୩୫)

*

ମୁଁ କହିପାରେ ଭଗବାନ୍ ଯେ ଅଭିବ୍ୟକ୍ତ ହେଉଛନ୍ତି ସେ ସମ୍ପର୍କରେ ପୃଥିବୀ ସଚେତ ହେଉ ।

(୮ ଏପ୍ରିଲ, ୧୯୩୫)

(Bulletin, Aug. 2003, p. 38)

# ଭାରତ ହିଁ ଭଗବାନଙ୍କ ନିର୍ବାଚିତ ଦେଶ

**ଶ୍ରୀଅରବିନ୍ଦ**

ସମଗ୍ର ମାନବଜାତି ପାଇଁ ମନୁଷ୍ୟର ଆତ୍ମା ଆଗରେ ଗୋଟିଏ ମାତ୍ର ଲକ୍ଷ୍ୟ ରହିଛି । କିନ୍ତୁ ବିଭିନ୍ନ ମହାଦେଶ, ବିଭିନ୍ନ ଜାତି ବିଭିନ୍ନ ଦିଗରୁ ସେହି ଲକ୍ଷ୍ୟ ଅଭିମୁଖରେ ଅଗ୍ରସର ହୁଅନ୍ତି । ସେମାନଙ୍କର କର୍ମପ୍ରେରଣା ଓ ଅନୁସୃତ ପଦ୍ଧତି ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଅନ୍ତର୍ନିହିତ ଚରମ ଭଗବତ୍ ଅଭିପ୍ରାୟଟିକୁ ଚିହ୍ନି ନପାରି ସେମାନେ ପରସ୍ପର ସହିତ ସଂଗ୍ରାମରେ ପ୍ରବୃତ୍ତ ହୁଅନ୍ତି ଏବଂ ପ୍ରତ୍ୟେକେ ଦାବି କରନ୍ତି ଯେ ମାନବଜାତି ପାଇଁ ତାଙ୍କରି ନିର୍ଦ୍ଦିଷ୍ଟ ପଥଟି ହିଁ ଏକମାତ୍ର ପଥ । ଘଟଣାଚକ୍ରରେ ଯେଉଁ ସଭ୍ୟତା ମଧ୍ୟରେ ସେମାନେ ଜନ୍ମଗ୍ରହଣ କରିଛନ୍ତି ସେମାନଙ୍କ ମତରେ ତାହା ହିଁ ବାସ୍ତବରେ ଏକମାତ୍ର ପୂର୍ଣ୍ଣାଙ୍ଗ ସଭ୍ୟତା ଏବଂ ଅନ୍ୟ ସମସ୍ତ ସଭ୍ୟତା ନଷ୍ଟ ବା ଧ୍ୱଂସପ୍ରାପ୍ତ ହେବା ବାଞ୍ଛନୀୟ । କିନ୍ତୁ ଯଥାର୍ଥ ପୂର୍ଣ୍ଣାଙ୍ଗ ମାନବ ସଭ୍ୟତାର ଆବିଷ୍କାର ଏପର୍ଯ୍ୟନ୍ତ ବାକି ରହିଛି, କାରଣ ମାନବଜାତିର ଜୀବନ ଧାରାରେ ବର୍ତ୍ତମାନ ପର୍ଯ୍ୟନ୍ତ ଦଶ-ଭାଗରୁ ନଅ ଭାଗ ବର୍ବରତା ଓ ଏକ ଭାଗ ମାତ୍ର ସଂସ୍କୃତି ରହିଛି ।

ଇଉରୋପୀୟ ମନୋବୃତ୍ତି ସଂଗ୍ରାମମୂଳକ ଅଭିବୃଦ୍ଧିର ନୀତିକୁ ପ୍ରଥମ ସ୍ଥାନ ଦେଇଛି ଏବଂ ସଂଗ୍ରାମ ସାହାଯ୍ୟରେ ଏହା କୌଣସି ପ୍ରକାର ଏକ ସଙ୍ଗତି ବିଧାନରେ ପହଞ୍ଚି ପାରିଛି । କିନ୍ତୁ ଏହି ପ୍ରକାର ସଙ୍ଗତି ପ୍ରତିଯୋଗିତା, ଆକ୍ରମଣ ଓ ଅଧିକତର ସଂଗ୍ରାମ ଦ୍ୱାରା ଉନ୍ନତିର ଗୋଟିଏ ସଙ୍ଗଠନ ବ୍ୟତୀତ ଅଧିକ କିଛି ନୁହେଁ । ଏହା ଏପରି ଏକ ଶାନ୍ତି ଯାହା ସର୍ବଦା ଭାଙ୍ଗି ପଡ଼େ, ଏପରିକି ଶାନ୍ତି ଭିତରେ ମଧ୍ୟ ଅଶାନ୍ତିର ସୃଷ୍ଟି ହୁଏ, ଏବଂ ତାହା ବିଭିନ୍ନ ନୀତି, ଭାବଧାରା, ସ୍ୱାର୍ଥ, ଜାତି ଓ ଶ୍ରେଣୀ ମଧ୍ୟରେ ନୂତନ ସଂଘର୍ଷର କାରଣ ହୋଇଉଠେ । ଏହା ଏପରି ଏକ ସଙ୍ଗଠନ ଯାହାର ଭିତ୍ତି ଏବଂ କେନ୍ଦ୍ର ଅନିଶ୍ଚିତ ଓ ବିପତ୍ସଂକୁଳ; କାରଣ ତାହା ପ୍ରତିଷ୍ଠିତ ହୋଇଥାଏ ଗୁଡ଼ିଏ ଅର୍ଦ୍ଧସତ୍ୟ ଉପରେ ଯାହାକି ଅଧୋଗାମୀ ହୋଇ ଶେଷରେ ସମ୍ପୂର୍ଣ୍ଣ ମିଥ୍ୟାଚାରରେ ପରିଣତ ହୁଏ । କିନ୍ତୁ ତଥାପି ଏହା ନିଜର ନିରନ୍ତର ପ୍ରଚେଷ୍ଟା ଓ କୃତିତ୍ୱରେ ଅଦ୍ୟାବଧି ଶକ୍ତିଶାଳୀ ହୋଇ ରହିଛି ଏବଂ ସାମର୍ଥ୍ୟ ଓ ଶକ୍ତିମତ୍ତା ନେଇ ବୃଦ୍ଧିଲାଭ କରିବା ଦିଗରେ ତଥା ଅପରକୁ ଗ୍ରାସ ଓ ଆତ୍ମସାତ୍ କରିବା ଦିଗରେ ସକ୍ଷମ ହୋଇପାରିଛି ।

ଭାରତୀୟ ସଂସ୍କୃତି ସଙ୍ଗତିର ଏପରି ଗୋଟିଏ ମୌଳିକ ନୀତି ଅନୁସରଣ କରି ଅଗ୍ରସର ହୋଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଏକତ୍ୱର ଭିତ୍ତିରେ ସଙ୍ଗତିର ପ୍ରତିଷ୍ଠା କରି ତା'ଠାରୁ ଆହୁରି ବୃହତ୍ତର ଏକତ୍ୱରେ ପହଞ୍ଚି ପାରିବା ପାଇଁ ପ୍ରୟାସ କରିବା । ଏହାର ଲକ୍ଷ୍ୟ ଥିଲା ଏପରି ଏକ ସ୍ଥାୟୀ ବ୍ୟବସ୍ଥାର ସଙ୍ଗଠନ ଯାହା ସଂଘର୍ଷର ନୀତିକୁ ହ୍ରାସ ଓ ଅବଦମିତ କରିବ ବା ଏପରିକି ପୂରାପୂରି ପରିହାର ଓ ଉଚ୍ଛେଦ କରିଦେବ । କିନ୍ତୁ ପରିଣାମରେ ଏହା ଯେଉଁସବୁ ଅବଲମ୍ବନର ଜରିଆରେ ଗୋଟିଏ ଧରଣର ଶାନ୍ତି ଓ ସ୍ଥାୟୀ ବ୍ୟବସ୍ଥାକୁ ରୂପ ଦେଇଥିଲା ସେଗୁଡ଼ିକ ହେଉଛି ସମାଜରେ ନାନା ବିଭାଜନ ଓ ବର୍ଜନର ପ୍ରଚଳନ କରିବା, ଅନେକଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରି ରଖିବା, ସମାଜକୁ ଖଣ୍ଡ ଖଣ୍ଡ କରି ତହିଁରେ ନାନା ପୃଥକୀକରଣ ଆଣିଦେବା ଓ ତତ୍କାଳୀନ ସାମାଜିକ ପ୍ରତିଷ୍ଠା ଓ ମର୍ଯ୍ୟାଦା ଆଦିକୁ ସେହିପରି ସ୍ଥିତିଶୀଳ କରି ରଖିବା । ଏହା ନିଜର ଚାରିପାଖରେ ନିରାପତ୍ତାର ଏକ ଐନ୍ଦ୍ରଜାଳିକ ମଣ୍ଡଳ ନିର୍ମାଣ କରି ତନ୍ମଧ୍ୟରେ ନିଜକୁ ସ୍ଥାୟୀ ଭାବରେ ବନ୍ଦି କରି ରଖିଲା । ଅବଶେଷରେ ଏହି ସମାଜ ନିଜର ବଳ ପ୍ରୟୋଗର ଶକ୍ତି ହରାଇଲା ଓ ତାହାର ବହିରାଗତ ସଂସ୍କୃତିକୁ ଆତ୍ମସାତ୍ କରିବାର କ୍ଷମତା ଦୁର୍ବଳ ହୋଇ ପଡ଼ିଲା ଏବଂ ନିଜ ଦ୍ୱାରା ନିର୍ମିତ ଘେର ଓ ବେଷ୍ଟନୀ ଭିତରେ କ୍ରମଶଃ କ୍ଷୟପ୍ରାପ୍ତ ହେବାକୁ ଲାଗିଲା ।

ଏକ ସ୍ଥିତିଶୀଳ ଓ ସୀମିତ ସଙ୍ଗତି ଯଦି ସର୍ବଦା ନିଜକୁ ପ୍ରସାରିତ କରି ନ ପାରେ, ଆବଶ୍ୟକ ପରିବର୍ତ୍ତନ ପାଇଁ ଯଥେଷ୍ଟ ନମନୀୟ ନ ହୁଏ, ତା'ହେଲେ ମନୁଷ୍ୟର ବର୍ତ୍ତମାନର ଅପୂର୍ଣ୍ଣ, ତ୍ରୁଟିଯୁକ୍ତ ଅବସ୍ଥାରେ ସେହି ଧରଣର ସଙ୍ଗତି ଏକ କାରାଗାର ବା ଶୟନାଗାରରେ ପରିଣତ ହୁଏ । ସେପରି ସଙ୍ଗତି କେବଳ ମାତ୍ର ଗୋଟିଏ ତ୍ରୁଟିପୂର୍ଣ୍ଣ ଓ ସାମୟିକ ବ୍ୟବସ୍ଥା ବ୍ୟତୀତ ଅନ୍ୟ କିଛି ହୁଏ ନାହିଁ; କିନ୍ତୁ ତାହା ଯଦି ସର୍ବଦା ନିଜକୁ ପରିସ୍ଥିତିର ଉପଯୋଗୀ କରିପାରେ, ନିଜକୁ ପ୍ରସାରିତ କରିପାରେ, ନିଜେ ଆଗେଇ ଯାଇପାରେ, ତା'ହେଲେ ହିଁ କେବଳ ସେପରି ସଙ୍ଗତି ନିଜର ଜୀବନୀଶକ୍ତିକୁ ବଜାୟ ରଖିପାରେ ଓ ନିଜର ଚରମଲକ୍ଷ୍ୟ ସାଧନ ପାଇଁ ସମର୍ଥ ହୋଇପାରେ । ଏହାର କ୍ଷୁଦ୍ରତର ଅଙ୍ଗ

ସମାହାରଗୁଡ଼ିକ ଅଧିକତର ବ୍ୟାପକ ଓ ବୋଧଶକ୍ତିସମ୍ପନ୍ନ ହେବା ଦିଗରେ ଏବଂ ସର୍ବୋପରି ଅଧିକତର ବାସ୍ତବ ଓ ଆଧ୍ୟାତ୍ମିକ ଏକତ୍ୱ ଲାଭ ଦିଗରେ ବିସ୍ତାରିତ ହେବା ଆବଶ୍ୟକ । ଯେଉଁ ବୃହତ୍ତର ସଂସ୍କୃତି ଓ ସଭ୍ୟତା ଆମକୁ ବର୍ତ୍ତମାନ ରୂପ ଦେବାକୁ ହେବ, ତାହାର ବୟାନରେ ନିଶ୍ଚୟ ଆଧ୍ୟାତ୍ମିକ ଓ ମାନସିକ ଏକତ୍ୱର ଏକ ମହତ୍ତର ବାହ୍ୟ ଅଭିବ୍ୟକ୍ତି ଉପରେ ଆମକୁ ଜୋର୍ ଦେବାକୁ ହେବ କିନ୍ତୁ ସେହି ଏକତ୍ୱ ମଧ୍ୟରେ ବୈଚିତ୍ର୍ୟକୁ ମଧ୍ୟ ଉପଯୁକ୍ତ ସ୍ଥାନ ଦେବାକୁ ହେବ; ଯାହାକୁ ଇଉରୋପର ଯାନ୍ତ୍ରିକ ପଦ୍ଧତି ଆଦୌ ଅନୁମୋଦନ କରେ ନାହିଁ । ଆମମାନଙ୍କ ପ୍ରୟାସର ଅନ୍ୟ ଏକ ଧାରା ହେବ ମାନବଜାତିର ବାକି ସମସ୍ତଙ୍କ ସହିତ ସଙ୍ଗତି ଓ ଏକତ୍ୱ ସ୍ଥାପନ କରିବା ଯାହା ମଧ୍ୟରେ ଆମେ ଆମର ଆଧ୍ୟାତ୍ମିକ ତଥା ବହିର୍ଜଗତର ସ୍ୱାଧୀନତା ବଜାୟ ରଖିପାରିବୁ । ମାନବଜାତିର ଐକ୍ୟକୁ ରୂପ ଦେବା ପୂର୍ବରୁ ଆମ ଆଗରେ ଆଜି ଯେଉଁଗୁଡ଼ିକ ସଂଘର୍ଷ ବୋଲି ପ୍ରତୀୟମାନ ହେଉଛି ସେଗୁଡ଼ିକ ପ୍ରକୃତରେ ସେ ଦିଗରେ ଆବଶ୍ୟକ ପ୍ରଥମ ପଦକ୍ଷେପ ହୋଇପାରେ । ମାନବଜାତିର ସେହି ଐକ୍ୟକୁ ପାଶ୍ଚାତ୍ୟଜଗତ୍ କେବଳ ଏକ ଧାରଣା ଆକାରରେ ଦେଖିପାରେ କିନ୍ତୁ ତାହାକୁ ବାସ୍ତବରେ ହାସଲ କରିପାରିବ ନାହିଁ, କାରଣ ସେହି ଐକ୍ୟର ଆତ୍ମାକୁ ଏହା ନିଜସ୍ୱ କରିପାରି ନାହିଁ । ତେଣୁ ଇଉରୋପ ପରସ୍ପର ବିବଦମାନ ସ୍ୱାର୍ଥଗୁଡ଼ିକ ମଧ୍ୟରେ ଆପୋଷ ମୀମାଂସା ଦ୍ୱାରା ଏବଂ ଯାନ୍ତ୍ରିକ ଅନୁଷ୍ଠାନର ଶକ୍ତି ସାହାଯ୍ୟରେ ସେହି ଐକ୍ୟ ସ୍ଥାପନ ପାଇଁ ଉଦ୍ୟମ କରିଥାଏ, କିନ୍ତୁ ଏପରି ଉଦ୍ୟମ ଦ୍ୱାରା ତାହା ଆଦୌ ସ୍ଥାପିତ ହୋଇ ପାରିବ ନାହିଁ କିଂବା ତାହାର ଭିତ୍ତି ଆଦୌ ଦୃଢ଼ ବା ନିରାପଦ ହେବ ନାହିଁ । ଇତ୍ୟବସରରେ ଇଉରୋପ ଅନ୍ୟାନ୍ୟ ପ୍ରତ୍ୟେକଟି ସଂସ୍କୃତିର ଲୋପ ସାଧନ କରିବାକୁ ଚାହୁଁଛି, ସତେ ଯେପରି ତାହାରି ସତ୍ୟ ହିଁ ଏକମାତ୍ର ସତ୍ୟ ବା ଜୀବନର ସମଗ୍ର ସତ୍ୟ ଏବଂ ଆତ୍ମାର ସତ୍ୟ ବୋଲି ଆଉ କୌଣସି ସତ୍ୟ ନାହିଁ । ଆବହମାନ କାଳରୁ ଆତ୍ମାର ଶକ୍ତିର ଅଧିକାରୀ ଭାରତବର୍ଷକୁ ଏଇ ଧରଣର ଉଦ୍ଧତ ଦାବି ଓ ଆକ୍ରମଣର ପ୍ରତିରୋଧ କରିବାକୁ ହେବ ଏବଂ ଏ ଦିଗରେ ରହିଥିବା ସମସ୍ତ ପ୍ରତିକୂଳ ଅବସ୍ଥା ଓ ଆସୁଥିବା ସମସ୍ତ ବାଧାବିଘ୍ନ ସତ୍ତ୍ୱେ ବି ଭାରତକୁ ନିଜର ଗଭୀରତର ସତ୍ୟଗୁଡ଼ିକୁ ଦୃଢ଼ ଭାବରେ ସାବ୍ୟସ୍ତ କରିବାକୁ ହେବ । କାରଣ କେବଳ ଏହି ସତ୍ୟର ସଂରକ୍ଷଣ ଦ୍ୱାରା ହିଁ ଆମେ ଆଶା କରି ପାରିବୁ ଯେ ମାନବଜାତି ଆଉ ଏକ ନୂତନ ପ୍ରଳୟଙ୍କରୀ ବିପର୍ଯ୍ୟୟ ଭିତରକୁ ଆଗେଇ ନ ଯାଇ ଏବଂ ପୁନରାୟ ସେଠାରୁ ଯାତ୍ରାରମ୍ଭ କରି ସେଇ ପୁରୁଣା ଅନ୍ଧ ଘଟନାଚକ୍ରର ନିରନ୍ତର ପୁନରାବର୍ତ୍ତନ ମଧ୍ୟ ଦେଇ ଗତି ନ କରି ପରିଶେଷରେ ଆଲୋକର ରାଜ୍ୟରେ ଉତ୍ତୀର୍ଣ୍ଣ ହେବ ଏବଂ ଅଗ୍ରଗତିର ସେହି ପ୍ରବେଗକୁ ବାସ୍ତବ ରୂପ ଦେବ ଯାହା ଦ୍ୱାରା ଆତ୍ମାର କ୍ରମବିକାଶମୂଳକ ଅଭିବ୍ୟକ୍ତିରେ ପାର୍ଥିବ ବିବର୍ତ୍ତନ ଅଧିରୂଢ଼ ହେବ ତା'ର ଆରୋହଣର ପରବର୍ତ୍ତୀ ଉଚ୍ଚତର ସୋପାନରେ ।

*

ଭଗବାନ୍ ସର୍ବଦା ନିଜ ପାଇଁ ଗୋଟିଏ ଦେଶକୁ ନିର୍ବାଚିତ କରି ରଖନ୍ତି, ଯେଉଁଥିରେ ଉଚ୍ଚତର ଜ୍ଞାନ ଅଳ୍ପ ବା ବହୁ ଲୋକଙ୍କ ଦ୍ୱାରା ସର୍ବପ୍ରକାର ବିପଦ ଆପଦ ମଧ୍ୟ ଦେଇ ସର୍ବଦା ସୁରକ୍ଷିତ ହୋଇ ରହିଥାଏ; ଏବଂ ବର୍ତ୍ତମାନ ପାଇଁ, ଏହି ଚତୁର୍ଯୁଗରେ ସେହି ଦେଶ ହେଉଛି ଭାରତବର୍ଷ । ଯେତେବେଳେ ସେ ଅଜ୍ଞାନ, ଦ୍ୱନ୍ଦ୍ୱ, ସଂଘର୍ଷ, ପ୍ରଚଣ୍ଡ କ୍ରୋଧ, ବେଦନାଶ୍ରୁ, ଦୁର୍ବଳତା ଓ ସ୍ୱାର୍ଥପରତା, ତାମସିକ ଓ ରାଜସିକ ସୁଖର ସମସ୍ତ ଭୋଗ – ସଂକ୍ଷେପରେ କଳିଯୁଗର ସମସ୍ତ ଲୀଳାର ସୁଖଭୋଗ ପାଇଁ ଇଚ୍ଛା କରନ୍ତି, ସେତେବେଳେ ସେ ଭାରତର ଜ୍ଞାନଜ୍ୟୋତିଃକୁ ମ୍ଳାନ କରି ଦିଅନ୍ତି ଏବଂ ସେହି ଦେଶକୁ ଦୁର୍ବଳତା ଓ ଅବନତି ଭିତରେ ବୁଡ଼ାଇ ଦିଅନ୍ତି, ଯେପରି କି ସେହି ଦେଶ ଅବସର ନେଇ ନିଜ ମଧ୍ୟରେ ଆବଦ୍ଧ ହୋଇ ରହେ ଏବଂ ତାଙ୍କ ଲୀଳାର ଏହି ଗତିବୃତ୍ତିରେ କୌଣସି ପ୍ରକାର ହସ୍ତକ୍ଷେପ କରେ ନାହିଁ । ଯେତେବେଳେ ଭଗବାନ୍ ନିଜକୁ କର୍ଦ୍ଦମ ଭିତରୁ ଉଠାଇବାକୁ ଚାହାନ୍ତି, ଏବଂ ଯେତେବେଳେ ସେ ଇଚ୍ଛା କରନ୍ତି ମାନବ-ଅନ୍ତରସ୍ଥ ନାରାୟଣ ପୁଣି ଥରେ ଶକ୍ତିମାନ୍, ଜ୍ଞାନବାନ୍ ଓ ଆନନ୍ଦମୟ ହୁଅନ୍ତୁ ସେତେବେଳେ ସେ ପୁନର୍ବାର ଭାରତ ଉପରେ ଜ୍ଞାନର ସ୍ରୋତ ଢାଳି ଦିଅନ୍ତି ଏବଂ ତାହାକୁ ଉର୍ଦ୍ଧ୍ୱକୁ ଉନ୍ନୀତ କରନ୍ତି ଯାହା ଫଳରେ ଭାରତ ସମଗ୍ର ଜଗତରେ ସେହି ଜ୍ଞାନ ଓ ତାହାର ଅନିବାର୍ଯ୍ୟ ପରିଣାମସ୍ୱରୂପ ଶକ୍ତି, ପ୍ରଜ୍ଞା ଓ ଆନନ୍ଦ ବିତରଣ କରେ । ଯେତେବେଳେ ଜ୍ଞାନର ଧାରା କ୍ଷୀଣ ହୁଏ ସେତେବେଳେ ଭାରତର ଯୋଗୀଗଣ ନିଜର ମୁକ୍ତି ଓ ଆନନ୍ଦ ନିମନ୍ତେ ବା କେତେଜଣ ଶିଷ୍ୟଙ୍କ ମୁକ୍ତି ନିମନ୍ତେ ସଂସାର ତ୍ୟାଗୀ ହୋଇ ଏକାନ୍ତରେ ଯୋଗାଭ୍ୟାସ କରନ୍ତି । କିନ୍ତୁ ଯେତେବେଳେ ଜ୍ଞାନର ଗତିଧାରା ପୁନଃ ସମୃଦ୍ଧ ଓ ବିସ୍ତାରିତ ହୁଏ ଏବଂ ତହିଁ ସଙ୍ଗରେ ଭାରତର ଆତ୍ମାର ବିସ୍ତାର ଲାଭ ହୁଏ

ସେତେବେଳେ ସେହି ଯୋଗୀମାନେ ପୁନର୍ବାର ସଂସାରକୁ ଫେରି ଆସନ୍ତି ଓ ସଂସାରରେ ରହି ସଂସାର ନିମିତ୍ତ କାର୍ଯ୍ୟ କରନ୍ତି । ଜନକ, ଅଜାତଶତ୍ରୁ ଓ କାର୍ତ୍ତବୀର୍ଯ୍ୟଙ୍କ ପରି ଯୋଗୀମାନେ ପୁନର୍ବାର ପୃଥିବୀର ସିଂହାସନରେ ବସି ଜାତି ସମୂହକୁ ଶାସନ କରନ୍ତି ।

ମନୁଷ୍ୟ ଭିତରେ ଭଗବାନଙ୍କର ଲୀଳା ସର୍ବଦା ବୃତ୍ତାକାରରେ ଘୂରେ – ସତ୍ୟଯୁଗରୁ କଳି ଯୁଗ, ପୁନରାୟ କଳିଯୁଗ ଭିତର ଦେଇ ସତ୍ୟଯୁଗ, ସୁବର୍ଣ୍ଣ ଯୁଗରୁ ଲୌହଯୁଗ ଏବଂ ପୁନରାୟ ଲୌହଯୁଗ ଭିତର ଦେଇ ସୁବର୍ଣ୍ଣ ଯୁଗକୁ ପ୍ରତ୍ୟାବର୍ତ୍ତନ । ଆଧୁନିକ ଭାଷାରେ ସତ୍ୟଯୁଗ ହେଉଛି ପୃଥିବୀର ସେହି ଯୁଗ ଯେଉଁଥିରେ ସୁଦୃଢ଼ ଓ ପର୍ଯ୍ୟାପ୍ତ ରୂପେ ଏକ ସଙ୍ଗତି ବା ସୌଷମ୍ୟ ସ୍ଥାପିତ ହୁଏ ଏବଂ କିଛିକାଳ ପାଇଁ ମନୁଷ୍ୟ କେତେକ ଅବସ୍ଥା ଓ ସୀମା ଭିତରେ ନିଜ ସତ୍ତାର ପୂର୍ଣ୍ଣତା ଲାଭ କରିପାରେ । ସେହି ସୌଷମ୍ୟ ତା'ର ପ୍ରକୃତିରେ ସ୍ୱାଭାବିକ ରୂପେ ଅବସ୍ଥାନ କରେ ଏକ ସ୍ଥିର ବିଶୁଦ୍ଧିର ଶକ୍ତି ଦ୍ୱାରା; କିନ୍ତୁ ପରବର୍ତ୍ତୀ କାଳରେ ଏହି ସୌଷମ୍ୟ ଭାଙ୍ଗି ପଡ଼ିବାକୁ ଆରମ୍ଭ କରେ ଏବଂ ତ୍ରେତାଯୁଗରେ ମନୁଷ୍ୟ ବ୍ୟଷ୍ଟିଗତ ଓ ସମଷ୍ଟିଗତ ସଂକଳ୍ପ ଶକ୍ତି ଦ୍ୱାରା ଏହାକୁ ଧରି ରଖେ; ଏହା ଯେତେବେଳେ ପୁନର୍ବାର ଆହୁରି ଭାଙ୍ଗିପଡ଼େ ସେତେବେଳେ ଦ୍ୱାପର ଯୁଗରେ ମନୁଷ୍ୟ ଏହି ସୌଷମ୍ୟ ବା ସଙ୍ଗତିକୁ ବୁଦ୍ଧିଗତ ନୀତିନିୟମ ଓ ସର୍ବସମ୍ମତ ବିଧିବିଧାନ ଦ୍ୱାରା ଧରି ରଖିବାକୁ ଚେଷ୍ଟା କରେ; ପରିଶେଷରେ କଳିଯୁଗରେ ଏହି ସୌଷମ୍ୟ ପୂରା ବିନଷ୍ଟ ଓ ବିଧ୍ୱସ୍ତ ହୋଇଯାଏ । କିନ୍ତୁ କଳିଯୁଗ ଯେ କେବଳ ମନ୍ଦ ଏପରି ନୁହେଁ, ଏହି କଳିଯୁଗ ଭିତରେ ହିଁ କ୍ରମବିକଶିତ ଭାବରେ ସେହିସବୁ ଅବସ୍ଥା ଗଠିତ ହୋଇଥାଏ ଯାହା ଏକ ନୂତନ ସତ୍ୟଯୁଗ, ଏକ ନବୀନ ସୌଷମ୍ୟ ଓ ଏକ ଉତ୍କୃଷ୍ଟତର ପୂର୍ଣ୍ଣତା ପାଇଁ ଏକାନ୍ତ ଆବଶ୍ୟକ । ସେହି କଳିଯୁଗ ଶେଷ ହୋଇଥିଲେ ମଧ୍ୟ ତାହାର ପ୍ରଭାବ ତଥାପି ଏପର୍ଯ୍ୟନ୍ତ ରହିଛି, କିନ୍ତୁ ତାହା ଶେଷ ପ୍ରାୟ; ଅତିବାହିତ ହୋଇ ଯାଇଥିବା କଳିଯୁଗର ସେହି ସମୟ ମଧ୍ୟରେ ପ୍ରାଚୀନ ଜ୍ଞାନ ଓ ସଂସ୍କୃତି ସାଧାରଣତଃ ବିନଷ୍ଟ ହୋଇଯାଇଛି । ଆମ ପାଇଁ ତାହାର ସାମାନ୍ୟ କିଛି ଖଣ୍ଡିତ ଅଂଶ ପଡ଼ି ରହିଛି ବେଦ, ଉପନିଷଦ୍ ଓ ଅନ୍ୟାନ୍ୟ ପବିତ୍ର ଧର୍ମଗ୍ରନ୍ଥଗୁଡ଼ିକରେ ଏବଂ ଅସ୍ପଷ୍ଟ ଭାବରେ ପୃଥିବୀର ନାନା ପରମ୍ପରାରେ । କିନ୍ତୁ ବର୍ତ୍ତମାନ ସମୟ ଆସିଛି ପ୍ରଥମ ଊର୍ଦ୍ଧ୍ୱାଭିମୁଖୀ ଗତି ପାଇଁ, ଯେଉଁଥିରେ ଗୋଟିଏ ନୂତନ ସୌଷମ୍ୟ ଓ ନବୀନ ପୂର୍ଣ୍ଣତା ଗଢ଼ି ତୋଳିବା ପାଇଁ ପ୍ରଥମ ଉଦ୍ୟମ ଆରମ୍ଭ ହୋଇପାରେ । ସେହି କାରଣରୁ ମନୁଷ୍ୟ ସମାଜ ଜ୍ଞାନ, ଧର୍ମ ଓ ନୈତିକତାର ଉତ୍କର୍ଷ ସାଧନ ନିମନ୍ତେ ଏତେ ପ୍ରକାର ବିଚାର ପ୍ରସାର ଲାଭ କରୁଛି । କିନ୍ତୁ ଯଥାର୍ଥ ସୌଷମ୍ୟ ବା ସଙ୍ଗତି ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ ।

ଏକମାତ୍ର ଭାରତବର୍ଷ ଏହି ସଙ୍ଗତି ଓ ସୌଷମ୍ୟକୁ ଆବିଷ୍କାର କରିପାରେ, କାରଣ ବର୍ତ୍ତମାନର ମାନବ ପ୍ରକୃତିର ରୂପାନ୍ତର ଦ୍ୱାରା ହିଁ କେବଳ ଏହା ସଙ୍ଗଠିତ ହୋଇପାରେ । ଏହି ରୂପାନ୍ତରର ଅର୍ଥ ଯୋଡ଼ାଯୋଡ଼ି କରି ତାଳି ପକାଇବା ନୁହେଁ, ଏକମାତ୍ର ଯୋଗସାଧନା ବ୍ୟତୀତ ଅନ୍ୟ କୌଣସି ଉପାୟ ଦ୍ୱାରା ଏହି ସୌଷମ୍ୟ ବା ସଙ୍ଗତି ଆସିପାରିବ ନାହିଁ । ଆଜି ମାନବ ଓ ବସ୍ତୁସକଳର ସ୍ୱଭାବ ହେଉଛି ବିବାଦ ଓ ଅସଙ୍ଗତି ଅର୍ଥାତ୍ ତା'ର ସ୍ୱଭାବରେ ସଙ୍ଗତି ବେସୁରା ହୋଇଯାଇଛି । ମାନବର ସମଗ୍ର ହୃଦୟ, ମନ ଓ କର୍ମକୁ ରୂପାନ୍ତରିତ କରିବାକୁ ହେବ, ବାହାରୁ ନୁହେଁ ଅନ୍ତରରୁ – ରାଜନୈତିକ ଓ ସାମାଜିକ ପ୍ରତିଷ୍ଠାନ ଦ୍ୱାରା ନୁହେଁ – ଏପରିକି ଧର୍ମମତ ବା ଦାର୍ଶନିକ ତତ୍ତ୍ୱ ଦ୍ୱାରା ମଧ୍ୟ ନୁହେଁ; ଏହା ସମ୍ଭବ ହେବ ଆମ ନିଜ ମଧ୍ୟରେ ଓ ବିଶ୍ୱ ମଧ୍ୟରେ ଈଶ୍ୱରଙ୍କ ଉପଲବ୍ଧି ଦ୍ୱାରା ଏବଂ ସେହି ଉପଲବ୍ଧି ଅନୁସାରେ ଜୀବନର ପୁନର୍ଗଠନ ଦ୍ୱାରା । ଏହା ସାଧିତ ହୋଇପାରେ କେବଳ ପୂର୍ଣ୍ଣଯୋଗ ଦ୍ୱାରା, ଯେଉଁ ଯୋଗର ଲକ୍ଷ୍ୟ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାମ୍ୟବସ୍ତୁ ବା ଅଭୀଷ୍ଟ ଲାଭ କରିବା ନୁହେଁ – ମୁକ୍ତି ଅଥବା ଆନନ୍ଦ ମଧ୍ୟ ନୁହେଁ – ଯାହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଆମ ନିଜ ମଧ୍ୟରେ ଓ ଅନ୍ୟ ସମସ୍ତଙ୍କ ମଧ୍ୟରେ ଦିବ୍ୟ ମାନବତାକୁ ପୂର୍ଣ୍ଣ ଓ ସାର୍ଥକ କରି ଗଢ଼ି ତୋଳିବା ।

(SABCL, Centenary Edition,
Vol. 14, p.37 - 39) ❖

ଯେକୌଣସି ପରିସ୍ଥିତିରେ ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଭଗବତ୍ ଇଚ୍ଛା ପାଖରେ ଏକ ଶାନ୍ତ ସମର୍ପଣ ।
– ଶ୍ରୀମା

# ସୂକ୍ଷ୍ମାଣୁ : ସେମାନଙ୍କର ଉତ୍ପତ୍ତି

## ଏବଂ ସେମାନଙ୍କ ପଛରେ ଥିବା ଶକ୍ତିସମୂହ

### ଶ୍ରୀମା

ତା'ହେଲେ, କ୍ଷୁଦ୍ର ସତ୍ତାଗୁଡ଼ିକର ଯଦି ଏକ ଦଳ ରହିଛି ତେବେ ସେମାନେ ନିଜ ନିଜ ଭିତରେ ବିରୋଧାଚରଣ କରିପାରନ୍ତି, କାରଣ ସେମାନଙ୍କ ପାରସ୍ପରିକ ଜୀବନ ଖୁବ୍ ଶାନ୍ତିପୂର୍ଣ୍ଣ ନୁହେଁ : ସେମାନେ ପରସ୍ପର ସହିତ ଦ୍ୱନ୍ଦ୍ୱ କରନ୍ତି, ଯୁଦ୍ଧ କରନ୍ତି, ପରସ୍ପରକୁ ନଷ୍ଟ କରନ୍ତି, ଧ୍ୱଂସ କରିଦିଅନ୍ତି । ଏହି ଠାରୁହିଁ ସୂକ୍ଷ୍ମାଣୁର ଉତ୍ପତ୍ତି । ସେମାନେ ବିଭଞ୍ଜନର ଶକ୍ତିରାଜି । କିନ୍ତୁ ସେମାନଙ୍କର ବିଭାଜିତ ଆକାର ଭିତରେ ମଧ୍ୟ ସେମାନେ ବଞ୍ଚି ରହିବାରେ ଲାଗିଥା'ନ୍ତି ଏବଂ ଏହାରି ଭିତରୁ ହିଁ ଜୀବାଣୁ ଓ ସୂକ୍ଷ୍ମାଣୁରାଜିର ଉତ୍ପତ୍ତି । ତେଣୁ ଅଧିକାଂଶ ସୂକ୍ଷ୍ମାଣୁଙ୍କ ପଛରେ ଏକ ଅସଦିଚ୍ଛା ରହିଥାଏ ଏବଂ ଏହା ହିଁ ସେମାନଙ୍କୁ ଏହିପରି ବିପଜ୍ଜନକ କରିଥାଏ । ଯଦି ଜଣେ ଅସଦିଚ୍ଛାର ଗୁଣ ଓ ପ୍ରକାରକୁ ଜାଣି ନଥାଏ ଏବଂ ଏହା ଉପରେ କାର୍ଯ୍ୟ କରିବା ଲାଗି ସକ୍ଷମ ହୋଇ ନଥାଏ, ତେବେ ଏହାର ପ୍ରକୃତ ଓ ସଂପୂର୍ଣ୍ଣ ପ୍ରତିକାରକୁ ଖୋଜି ନ ପାଇବାର ସମ୍ଭାବନା ଶତକଡ଼ା ଅନେଶତ ଭାଗ ଥାଏ । ସୂକ୍ଷ୍ମାଣୁ ହେଉଛି ସୂକ୍ଷ୍ମ ଭୌତିକ ଜଗତରେ ବାସକରୁଥିବା କୌଣସି ଏକ ଅସ୍ତିତ୍ୱର ଅତ୍ୟନ୍ତ ସ୍ଥୂଳ ଏକ ଅଭିବ୍ୟକ୍ତି, ଏବଂ ସେଥିପାଇଁ ଏହି ସୂକ୍ଷ୍ମାଣୁମାନେ... ଯେଉଁମାନେ ସର୍ବଦା ତୁମକୁ ଘେରି ରହିଛନ୍ତି, ତୁମ ଭିତରେ ହିଁ ଅଛନ୍ତି, ବର୍ଷ ବର୍ଷ ଧରି ତୁମକୁ ଆଘାତ କରନ୍ତି ନାହିଁ, ତା'ପରେ ହଠାତ୍ ଦିନେ ଅତର୍କିତଭାବେ ସେମାନେ ତୁମକୁ ଅସୁସ୍ଥ କରିଦିଅନ୍ତି ।

ତହିଁରେ ଅନ୍ୟ ଏକ କାରଣ ଅଛି । ଏହା ହେଉଛି ଯେ ଏକ ଅସଙ୍ଗତି ରହିଛି, ବିରୋଧୀ ଶକ୍ତି ପ୍ରତି ସତ୍ତାରେ ଏକ ଗ୍ରହଣଶୀଳତା ରହିଛି । ଏହାହିଁ ହେଉଛି ସୂକ୍ଷ୍ମାଣୁଗୁଡ଼ିକର ଉତ୍ପତ୍ତିସ୍ଥଳ ଏବଂ ସେଗୁଡ଼ିକର ସହାୟକ । ମୁଁ ତୁମକୁ କାହାଣୀଟିଏ କହିବି... କାରଣ ଏହା ତୁମକୁ ଗୋଟିଏ ଉଦାହରଣ ଦେବ ।

୧୯୧୯ ମସିହା ଜାନୁଆରୀ ମାସର ଆରମ୍ଭରେ ମୁଁ ଜାପାନରେ ଥିଲି । ଏହା ହେଲା ସେହି ସମୟ ଯେତେବେଳେ ସାରା ଜାପାନ ଏକ ଭୟାନକ ଫ୍ଲୁ(ଇନ୍‌ଫ୍ଲୁଏଞ୍ଜା)ର ପ୍ରକୋପରେ ଥିଲା, ଯାହାକି ଅନେକ ଶହ ହଜାର ଲୋକଙ୍କୁ ମାରି ଦେଇଥିଲା । ଏହା ହେଲା ସେହି ମାରାତ୍ମକ ସଂକ୍ରାମକ ରୋଗ (Epidemic) ମଧ୍ୟରେ ଅନ୍ୟତମ, ଯାହା ଖୁବ୍ କ୍ୱଚିତ୍ ଦେଖାଯାଏ । ପ୍ରତିଦିନ ଟୋକିଓରେ ଶହ ଶହ ଲୋକ ନୂତନଭାବେ ରୋଗଗ୍ରସ୍ତ ହେଉଥିଲେ । ରୋଗଟି ଏହି ପ୍ରକାର ମୋଡ଼ ନେଇଥିଲା : ଏହା ତିନିଦିନ ରହୁଥିଲା ଏବଂ ତୃତୀୟ ଦିନହିଁ ରୋଗୀ ମରିଯାଉଥିଲା । ଲୋକମାନେ ଏତେ ବେଶୀ ସଂଖ୍ୟାରେ ମରୁଥିଲେ ଯେ ସେମାନଙ୍କର ଶବଦାହ ମଧ୍ୟ କରାଯାଇପାରୁ ନଥିଲା । ବୁଝିପାରୁଛ ତ, ଏହା ଅସମ୍ଭବ ଥିଲା ଅନେକ ବେଶୀ ଲୋକ ମରୁଥିଲେ ବୋଲି । ନଚେତ୍ ଅନ୍ୟଥା ଜଣେ ଯଦି ତୃତୀୟ ଦିନ ମରୁ ନଥିଲା, ସାତ ଦିନ ପରେ ସେ ପୂରାପୂରି ଭଲ ହୋଇଯାଉଥିଲା । ସାମାନ୍ୟ କ୍ଳାନ୍ତି ରହୁଥିଲା, କିନ୍ତୁ ତାହା ରହିଲେ ମଧ୍ୟ ଜଣେ ସଂପୂର୍ଣ୍ଣ ରୂପେ ରୋଗମୁକ୍ତ ହେଉଥିଲା । ସହରରେ ଆତଙ୍କ ପଡ଼ିଲା, କାରଣ ଜାପାନରେ ମାରାତ୍ମକ ସଂକ୍ରାମକ ରୋଗ ଖୁବ୍ କ୍ୱଚିତ୍ ଦେଖାଯାଏ । ସେମାନେ ଖୁବ୍ ପରିଷ୍କାର ପରିଚ୍ଛନ୍ନ, ଖୁବ୍ ସତର୍କ ଏବଂ ସେମାନଙ୍କର ନୈତିକ ବଳ ଉତ୍ତମ । ସେଠାରେ ରୋଗ ଖୁବ୍ କ୍ୱଚିତ୍ ହୁଏ । କିନ୍ତୁ କୌଣସିମତେ ଏହା ଏକ ବିପର୍ଯ୍ୟୟ ଭଳି ଘଟିଥିଲା । ସେଠାରେ ଭୟଙ୍କର ଏକ ଆତଙ୍କ ପଡ଼ିଲା । ଉଦାହରଣ ସ୍ୱରୂପ, ଲୋକମାନେ ନାକ ଉପରେ ଏକ ମୁଖାପିନ୍ଧି ରାସ୍ତାରେ ଚାଲିବାର ଦେଖାଯାଉଥିଲା । ମୁଖାଟି ବିଶୋଧନକାରୀ ଥିଲା, ଯାହା ଦ୍ୱାରା ସେମାନେ ପ୍ରଶ୍ୱାସରେ ନେଉଥିବା ବାୟୁ ସେହି ରୋଗର ଜୀବାଣୁ ଦ୍ୱାରା ପୂର୍ଣ୍ଣ ହେଉ ନଥିଲା । ଏହା ଏକ ସାର୍ବଜନୀନ ଆତଙ୍କ ଥିଲା ।... ତା'ପରେ, ଏପରି ହୋଇଥିଲା ଯେ ମୁଁ ଯେଉଁ ବ୍ୟକ୍ତି ସହିତ ବସବାସ କରୁଥିଲି ସେ ମୋତେ, ''କିନ୍ତୁ ଏ ରୋଗଟି କ'ଣ ? ଏହି ରୋଗ ପଛରେ କ'ଣ ରହିଛି ?'' — ଏପରି କହି ବିରକ୍ତ କରିବାରୁ କେବେ ମଧ୍ୟ କ୍ଷାନ୍ତ ହେଉ ନଥିଲା । ତୁମେ ଜାଣ, ମୁଁ କ'ଣ କରୁଥିଲି ? ଖାଲି ମୋର ଚତୁର୍ଦିଗରେ ମୋର ଶକ୍ତିକୁ, ରକ୍ଷା କବଚକୁ ଘେରାଇ ରଖିଥିଲି, ଯଦ୍ୱାରା ମୁଁ ଏହି ରୋଗ ଦ୍ୱାରା ଆକ୍ରାନ୍ତ

ହେବି ନାହିଁ । ଆଉ ଏ ବିଷୟରେ ଅଧିକା କିଛି ନ ଭାବି ମୁଁ ମୋର କାମ କରିବାରେ ଲାଗି ରହିଲି । କିଛି ଘଟିଲା ନାହିଁ ଏବଂ ଏ ବିଷୟରେ ମୁଁ ଚିନ୍ତା କରୁ ନ ଥିଲି । କିନ୍ତୁ ବାରଂବାର ମୁଁ ଶୁଣୁଥିଲି : ''ଏହା କ'ଣ ? ଓଃ, ଏହି ରୋଗର ପଶ୍ଚାତରେ କ'ଣ ଅଛି, ମୁଁ ତାହା ଜାଣିବାକୁ ଚାହେଁ । ଏହି ରୋଗଟି କ'ଣ ଏବଂ କାହିଁକି ଏଇଟା ହେଉଛି, ତାହା କ'ଣ ତୁମେ ମୋତେ କହି ପାରିବ ନାହିଁ ?''... ଇତ୍ୟାଦି । ମୋର ପରିଚିତା ଜଣେ ତରୁଣୀ ଦିନେ ମୋତେ କେତେକ ବନ୍ଧୁଙ୍କ ସହିତ ପରିଚୟ କରାଇବା ଲାଗି କିଂବା କିଛି ଦେଖାଇବା ଲାଗି ନିମନ୍ତ୍ରଣ କରିଥିଲା (ପ୍ରକୃତ କାରଣଟି କ'ଣ ଥିଲା ବର୍ତ୍ତମାନ ମୋର ମନେ ପଡୁ ନାହିଁ, କିନ୍ତୁ ସେ ଯାହାହେଉ ମୋତେ ଏକ ଟ୍ରାମ୍ ଗାଡ଼ି ଦ୍ୱାରା ପୂରା ସହରଟା ଏପଟରୁ ସେପଟକୁ ଯିବାକୁ ହୋଇଥିଲା) । ମୁଁ ଏହି ଟ୍ରାମ୍ ଗାଡ଼ି ଭିତରେ ରହି ଦେଖୁଥିଲି କେମିତି ଲୋକମାନେ ନାକ ଉପରେ ମୁଖା ପିନ୍ଧିଥିଲେ, କେମିତି ବାତାବରଣରେ ଏକ ସ୍ଥାୟୀ ଆତଙ୍କ ଲାଗି ରହିଥିଲା ଏବଂ ଏହି ସୂଚନାଟି ମଧ୍ୟ ଥିଲା; ମୁଁ ନିଜକୁ ପ୍ରଶ୍ନ କରିବାକୁ ଆରମ୍ଭ କଲି : ''ପ୍ରକୃତରେ ଏ ରୋଗଟି କ'ଣ ? ଏ ରୋଗର ପଶ୍ଚାତରେ କ'ଣ ରହିଛି ? ଏହି ରୋଗ ଭିତରେ କେଉଁ ଶକ୍ତିସବୁ ରହିଛନ୍ତି ?...'' ମୁଁ ସେଇ ଘରେ ପହଞ୍ଚିଲି, ସେଠାରେ ଘଣ୍ଟାଟିଏ ବିତାଇ ପ୍ରସ୍ଥାନ କଲି । ଏବଂ ଏକ ଭୟଙ୍କର ଜ୍ୱର ଧରି ମୁଁ ଘରକୁ ଫେରିଲି । କିଛି ସଂକେତ ନ ଦେଖାଇ ଏହା ତତ୍‌କ୍ଷଣାତ୍ ଜଣକ ପାଖକୁ ସେହିପରି ଚାଲି ଆସୁଥିଲା । ରୋଗରାଜି, ଜୀବାଣୁ ଓ ସୂକ୍ଷ୍ମାଣୁଙ୍କ ଦ୍ୱାରା ଆସିଥିବା ରୋଗଗୁଡ଼ିକ ଶରୀରରେ ପଶିବା ପାଇଁ ସାଧାରଣତଃ କିଛି ଦିନ ଦରକାର କରେ : ରୋଗଗୁଡ଼ିକ ଆସନ୍ତି, ଶରୀର ଭିତରେ ସାମାନ୍ୟ କନ୍ଦଳ ସୃଷ୍ଟି ହୁଏ; ତୁମର ବିଜୟ ହୁଏ ବା ପରାଜୟ ହୁଏ । ତୁମେ ଯଦି ହାରିଯାଅ, ତେବେ ରୋଗ ହୁଏ, ଏହା କିଛି ଜଟିଳ କଥା ନୁହେଁ । କିନ୍ତୁ ଏ ସ୍ଥଳରେ ତୁମେ ଚିଠିଟିଏ ପାଅ, ଲଫାପା ଖୋଲ, ଚିଁକିଏ ଖୁଁ-କରି କାଶି ଦେଲେ, ପର ମୁହୂର୍ତ୍ତରେ ତୁମକୁ ଜ୍ୱର ହୋଇଯାଏ । ଆଚ୍ଛା, ସେଦିନ ସନ୍ଧ୍ୟାବେଳେ ମୋର ଭୟଙ୍କର ଜ୍ୱର ହେଲା । ଡାକ୍ତରଙ୍କୁ ଡକାହେଲା (ମୁଁ ତାଙ୍କୁ ଡାକି ନଥିଲି) । ଡାକ୍ତର ଆସିଲେ ଏବଂ ମୋତେ କହିଲେ : ''ମୋତେ ନିଶ୍ଚିତ ଭାବେ ଏହି ଔଷଧ ତୁମକୁ ଦେବାକୁ ପଡ଼ିବ ।'' ଏହା ଥିଲା ଜ୍ୱର ପାଇଁ ସର୍ବୋତ୍ତମ ଔଷଧ ମଧ୍ୟରୁ ଗୋଟିଏ ଯାହା ତାଙ୍କ ପାଖରେ ଅଳ୍ପ କିଛି ଥିଲା (ତାଙ୍କର ସମସ୍ତ ଔଷଧ ଶେଷ ହୋଇଯାଇଥିଲା, ପ୍ରତ୍ୟେକେ ଏହା ନେଉଥିଲେ); ସେ କହିଲେ : ''ଏବେ ମଧ୍ୟ ମୋର ଅଳ୍ପକିଛି ପ୍ୟାକେଟ୍ ରହିଛି, ମୁଁ ତୁମକୁ କିଛି ଦେବି ।'' ମୁଁ କହିଲି, ''ଦୟାକରି ମୋତେ ଏହା ଦିଅନ୍ତୁ ନାହିଁ, ମୁଁ ଏହାକୁ ଖାଇବି ନାହିଁ । ଯାହାର ଏହା ଉପରେ ବିଶ୍ୱାସ ଅଛି ଏବଂ ଯିଏ ଏହାକୁ ଖାଇବେ ଆପଣ ତାଙ୍କ ପାଇଁ ରଖନ୍ତୁ ।'' ସେ ଖୁବ୍ ବିରକ୍ତ ହୋଇ କହିଥିଲେ : ''ମୋର ଏଠାକୁ ଆସିବା କୌଣସି ଦରକାର ନ ଥିଲା ।'' ମୁଁ କହିଲି : ''ବୋଧହୁଏ ଏହାର ଦରକାର ନ ଥିଲା !'' ମୁଁ ମୋର ଜ୍ୱର ନେଇ ବିଛଣାରେ ପଡ଼ିଥିଲି, ମୋର ଜ୍ୱର ଖୁବ୍ ଭୟଙ୍କର ଥିଲା । ସବୁ ସମୟରେ ମୁଁ ନିଜକୁ ପଚାରୁଥିଲି : ''ଏ ରୋଗଟି କ'ଣ ? ଏହା କାହିଁକି ହୋଇଛି ? ଏହା ପଛରେ କ'ଣ ଅଛି ?...'' ଦ୍ୱିତୀୟ ଦିନର ଶେଷରେ ମୁଁ ଶୋଇ ରହିଥିବା ସମୟରେ ସ୍ପଷ୍ଟଭାବେ ଏକ ସତ୍ତାକୁ ଦେଖିପାରିଲି, ତା' ମୁଣ୍ଡର ଏକ ଅଂଶ କଟା ହୋଇଥିଲା । ସେ ସାମରିକ ପୋଷାକ ପିନ୍ଧିଥିଲା (କିଂବା ସାମରିକ ପୋଷାକର ଅବଶିଷ୍ଟାଂଶ) ସେ ସେହି ଅଧା ମୁଣ୍ଡ ନେଇ, ମୋ ନିକଟକୁ ଆସି ରକ୍ତ ଶୋଷିବା ଲାଗି ମୋର ବକ୍ଷ ଉପରେ ନିଜକୁ ନିକ୍ଷେପ କଲା । ମୁଁ ଭଲଭାବରେ ଦେଖି ହୃଦୟଙ୍ଗମ କଲି ଯେ ମୁଁ ମରିବାକୁ ଯାଉଛି । ସେ ମୋର ସମସ୍ତ ପ୍ରାଣଶକ୍ତିକୁ ଶୋଷି ନେଉଥିଲା । (କାରଣ ମୁଁ ତୁମକୁ କହିଛି ଯେ ଲୋକମାନେ ନିମୋନିଆ ଯୋଗୁଁ ତିନି ଦିନରେ ମରିଯାଉଥିଲେ) । ମୁଁ ବିଛଣା ଉପରେ ପୂରାପୂରି ସ୍ଥିର ନିଶ୍ଚଳ ହୋଇ ପଡ଼ି ରହିଥିଲି । କିଛି ଗତିବିଧି ନ ଥାଇ ଗଭୀର ଏକ ସମାଧି ମଧ୍ୟରେ ଥିଲି । ମୁଁ ଆଉ ହଲଚଲ ହୋଇପାରୁ ନ ଥିଲି ଏବଂ ସେ ରକ୍ତ ଟାଣୁଥିଲା । ମୁଁ ଭାବିଲି, ''ଏହାହିଁ ଶେଷ ।'' ତା'ପରେ ମୁଁ ମୋର ଗୁହ୍ୟ ଶକ୍ତିକୁ ଆହ୍ୱାନ କଲି । ମୁଁ ବିରାଟ ସଂଘର୍ଷଟିଏ କରି ତାକୁ ମୋ ପାଖରୁ ତଡ଼ିଦେଲି, ଯେମିତିକି ସେଠାରେ ସେ ରହିପାରିବ ନାହିଁ । ତା'ପରେ ମୁଁ ନିଦରୁ ଉଠିଲି ।

କିନ୍ତୁ ମୁଁ ଦେଖିଥିଲି । ଏବଂ ମୁଁ ଜାଣିଥିଲି ଓ ବୁଝିଥିଲି ଯେ ଯେଉଁ ସତ୍ତାଗୁଡ଼ିକୁ ସେମାନଙ୍କ ଶରୀରରୁ ବଳପୂର୍ବକ ବାହାର କରାଯାଇଥିଲା, ରୋଗ ସେମାନଙ୍କ ପାଖରୁ ହିଁ ଉତ୍ପନ୍ନ ହୋଇଥିଲା । ପ୍ରଥମ ମହାଯୁଦ୍ଧର ଶେଷ ସମୟରେ ଯେତେବେଳେ ଲୋକମାନେ ଟ୍ରେଞ୍ଚ୍ (ପରିଖା) ଭିତରେ ରହିଥିଲେ ଏବଂ ବୋମାପାତ ଯୋଗୁଁ ପ୍ରାଣ ହରାଇଥିଲେ, ମୁଁ ଏହା ଦେଖିଛି । ସେମାନଙ୍କର ଭଲ ସ୍ୱାସ୍ଥ୍ୟ ଥିଲା, ସେମାନେ ସଂପୂର୍ଣ୍ଣ ଭଲ ଥିଲେ ଏବଂ ମୁହୂର୍ତ୍ତକ ମଧ୍ୟରେ ସେମାନଙ୍କୁ

ସେମାନଙ୍କ ଶରୀର ଭିତରୁ କାଢ଼ି ନିଆ ଯାଇଥିଲା ଯେତେବେଳେ କି ସେମାନେ ଜାଣି ନ ଥିଲେ ଯେ ସେମାନେ ମୃତ ବୋଲି । ଜାଣି ନ ଥିଲେ ଯେ ସେମାନଙ୍କର ଶରୀର ଆଉ ନାହିଁ ଏବଂ ଯେଉଁ ଜୀବନ ସେମାନେ ନିଜ ଭିତରେ ଦେଖିପାରି ନ ଥିଲେ ତାହାକୁ ଅନ୍ୟ ମଧ୍ୟରେ ଦେଖିବାକୁ ଚେଷ୍ଟା କରିଥିଲେ । ଅର୍ଥାତ୍ ସେମାନେ ଅଗଣିତ ପିଶାଚରେ ପରିଣତ ହୋଇଥିଲେ ଏବଂ ଲୋକମାନଙ୍କ ଉପରେ ପୈଶାଚିକ ଉପଦ୍ରବ କରୁଥିଲେ । ଏହା ବ୍ୟତୀତ ଯେଉଁମାନେ ରୋଗରେ ପଡ଼ି ମରୁଥିଲେ ସେମାନଙ୍କର ପ୍ରାଣଶକ୍ତି ଖଣ୍ଡବିଖଣ୍ଡ ହୋଇ ଯାଉଥିଲା । ବ୍ୟକ୍ତି ସେହି ସମସ୍ତ ପ୍ରାଣଶକ୍ତି ଦ୍ୱାରା ଗଠିତ ଏକ ପ୍ରକାର ଘନ ଆର୍ଦ୍ର ମେଘ ଭିତରେ ବାସ କରୁଥିଲା । ତେଣୁ ଯେଉଁମାନେ ଏହା ଭିତରକୁ ଯାଉଥିଲେ ସେମାନେ ଅସୁସ୍ଥ ହୋଇ ପଡୁଥିଲେ ଏବଂ ସାଧାରଣତଃ ରୋଗମୁକ୍ତ ହେଉଥିଲେ । କିନ୍ତୁ ଯେଉଁମାନେ ଏହି ପ୍ରକାର ସତ୍ତା ଦ୍ୱାରା ଆକ୍ରାନ୍ତ ହେଉଥିଲେ ସେମାନେ ସାଧାରଣତଃ ମରି ଯାଉଥିଲେ, ସେମାନେ ପ୍ରତିରୋଧ କରି ପାରୁ ନ ଥିଲେ । ମୁଁ ଜାଣିଛି ଏହାର ପ୍ରତିରୋଧ କରିବାକୁ ମୋତେ ବହୁତ ଜ୍ଞାନ ଓ ଶକ୍ତି ପ୍ରୟୋଗ କରିବାକୁ ହୋଇଥିଲା । ଏହା ଅଦମ୍ୟ ଥିଲା । ସେଇଥି ସକାଶେ ଅଶୁଭ ଶକ୍ତିଙ୍କର ଏହି ଘୂର୍ଣ୍ଣନର କେନ୍ଦ୍ରରେ ଥିବା ସତ୍ତା ଦ୍ୱାରା ଯଦି କିଏ ଆକ୍ରାନ୍ତ ହେଉଥିଲେ, ସେମାନେ ମରି ଯାଉଥିଲେ । ନିଶ୍ଚିତଭାବେ ଏହିପରି ଅନେକ ସତ୍ତା ଥିଲେ, ମୁଁ ତାହା ଦେଖିଥିଲି ଓ ବୁଝିଥିଲି ।

ଯେତେବେଳେ କୌଣସି ବ୍ୟକ୍ତି ମୋତେ ଦେଖିବାକୁ ଆସୁଥିଲା, ମୋତେ ଏକାକୀ ଛାଡ଼ିଦେବା ଲାଗି ମୁଁ ତାକୁ କହୁଥିଲି । ମୁଁ ଧୀରସ୍ଥିର ଭାବେ ବିଛଣାରେ ପଡ଼ି ରହିଥିଲି ଏବଂ ମୋର ଚେତନାକୁ ସଂପୂର୍ଣ୍ଣ ଶାନ୍ତ ଓ ଏକାଗ୍ର ରଖି ଦୁଇ, ତିନି ଦିନ ବିତାଇଥିଲି । ତା'ପରେ ଆମର ଜଣେ ବନ୍ଧୁ (ଜଣେ ଭଲ ଜାପାନୀ ବନ୍ଧୁ) ଆସି ମୋତେ କହିଲେ : ''ଓଃ ! ତୁମେ ଅସୁସ୍ଥ ଥିଲ ? ତା'ହେଲେ ମୁଁ ଯାହା ଭାବିଥିଲି ତାହା ସତ୍ୟ ।... ଭାବିପାରୁଛ, ଏଇ ଦୁଇ, ତିନି ଦିନ ଧରି ସହରରେ ଗୋଟିଏ ମାତ୍ର ନୂଆ ରୋଗୀ ଆଉ ନାହିଁ ଏବଂ ଯେଉଁମାନେ ଅସୁସ୍ଥ ଥିଲେ ପ୍ରାୟ ସମସ୍ତେ ରୋଗମୁକ୍ତ ହୋଇଛନ୍ତି ଏବଂ ମୃତବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ନଗଣ୍ୟ ହୋଇଯାଇଛି, ବର୍ତ୍ତମାନ ଏହା ସରିଯାଇଛି । ରୋଗଟି ସଂପୂର୍ଣ୍ଣ କରାୟତ୍ତ ହୋଇଛି ।'' ତା'ପରେ ମୋର କ'ଣ ହୋଇଥିଲା ମୁଁ ସେକଥା ବର୍ଣ୍ଣନା କଲି ଏବଂ ସେ ଯାଇ ସମସ୍ତଙ୍କୁ ଏହା କହିଥିଲେ, ଏପରିକି ସେମାନେ ଏ ବିଷୟରେ ଖବର କାଗଜଗୁଡ଼ିକରେ ଲେଖା ପ୍ରକାଶ କରିଥିଲେ ।

ଆଚ୍ଛା, ତା'ହେଲେ ଦେଖ, ଔଷଧ ପୁଡ଼ିଆ ଅପେକ୍ଷା ଚେତନା ଅଧିକ ଫଳଦାୟକ !... ଅବସ୍ଥା ସଂକଟାପନ୍ନ ଥିଲା । ଖାଲି କଳ୍ପନା କର, ସେଠାରେ ସବୁଯାକ ଗ୍ରାମରେ ପ୍ରତ୍ୟେକଟି ଲୋକ ମରୁଥିଲେ । ଜାପାନର ଗୋଟିଏ ଗ୍ରାମ ଥିଲା, ବେଶୀ ବଡ଼ ନୁହେଁ, ତଥାପି ଶହେରୁ ବେଶୀ ଲୋକ ଥିଲେ । ଏମିତି ଘଟିଲା ଯେ ଦୈବାତ୍ ଗ୍ରାମର କୌଣସି ବ୍ୟକ୍ତିର ଚିଠିଟିଏ ପାଇବାର ଥିଲା । (କାହାର ଚିଠି ପାଇବାକୁ ଥିଲେ ଡାକବାଲା ସେଠାକୁ ଯାଉଥିଲା; ଏହା ସ୍ୱାଭାବିକ ଭାବେ ଗ୍ରାମାଞ୍ଚଳର ଖୁବ୍ ଭିତରେ ରହିଥିଲା) । ତେଣୁ ଡାକବାଲା ଗ୍ରାମାଞ୍ଚଳ ଭିତରକୁ ଯାଇଥିଲା, ସେଠାରେ ବରଫ ପଡ଼ିଥିଲା । ସାରା ଗ୍ରାମଟି ବରଫରେ ଛାଇହୋଇ ରହିଥିଲା । ସେଠାରେ କେହି ହେଲେ ଜୀବିତ ନ ଥିଲେ । ଏଇଟା ସେପରି ଥିଲା । ଏଇଟା ସେହି ପ୍ରକାରର ମାରାତ୍ମକ ସଂକ୍ରାମକ ରୋଗ ଥିଲା । ଟୋକିଓରେ ମଧ୍ୟ ଏହି ରକମ ହୋଇଥିଲା । କିନ୍ତୁ ଟୋକିଓ ଏକ ବଡ଼ ସହର ହୋଇଥିବାରୁ ଘଟଣାଗୁଡ଼ିକ ସେଇ ଏକାଭାବେ ଘଟୁ ନ ଥିଲା । ମାରାତ୍ମକ ସଂକ୍ରାମକ ରୋଗ ଏହିପରି ଭାବେ ସମାପ୍ତ ହୋଇଥିଲା । ଏହା ହିଁ ହେଲା ମୋର କାହାଣୀ ।

## ସମତାର ପୁନଃ ସ୍ଥାପନ

ବର୍ତ୍ତମାନ ଆମମାନଙ୍କୁ ଏହା (ସମତାର ପୁନଃ ସ୍ଥାପନ) ସ୍ୱାଭାବିକଭାବେ ଆରୋଗ୍ୟର ନିକଟବର୍ତ୍ତୀ କରୁଛି । ଏସବୁ ଖୁବ୍ ଭଲ, ଆମର ବର୍ତ୍ତମାନ ଏ ସମ୍ବନ୍ଧୀୟ ଜ୍ଞାନ ଲାଭ ହୋଇଛି; ତେଣୁ ତା' ପରବର୍ତ୍ତୀ କଥା ହେଉଛି ପ୍ରଥମେ ରୋଗର ଆକ୍ରମଣକୁ କିପରି ଭାବେ ପ୍ରତିରୋଧ କରାଯାଇ ପାରିବ ଏବଂ ରୋଗ ହେଲେ କିପରିଭାବେ ଆରୋଗ୍ୟ କରାଯାଇ ପାରିବ ?

ଜଣେ ମାମୁଲି ଉପାୟଗୁଡ଼ିକୁ ଚେଷ୍ଟା କରିପାରେ ଏବଂ ସମୟେ ସମୟେ ତାହା ସଫଳ ହୁଏ । ସାଧାରଣତଃ ଶରୀରର ଯେତେବେଳେ ବିଶ୍ୱାସ ହୁଏ ଯେ ସୁସ୍ଥ ହେବା ଲାଗି ଏହାକୁ ଏପରି ଅବସ୍ଥାମାନ ଦିଆଯାଇଛି ଯାହା ଦ୍ୱାରା ଏହା ସୁସ୍ଥ ହୋଇଯିବ, ସେତେବେଳେ ହିଁ ଶରୀର ସୁସ୍ଥ ହେବା ଲାଗି ପ୍ରତିଜ୍ଞାବଦ୍ଧ ହୁଏ ଓ ସୁସ୍ଥ ହୋଇଯାଏ । କିନ୍ତୁ ଯଦି ତୁମ ଶରୀରର ଇଚ୍ଛା ନାହିଁ, ଆରୋଗ୍ୟ ହେବା ଲାଗି ସଂକଳ୍ପ ନାହିଁ, ତୁମେ

ଯାହା ଇଚ୍ଛା ତାହା ଚେଷ୍ଟାକର ପଛେ ଏହା ସୁସ୍ଥ ହେବ ନାହିଁ । ଏହାକୁ ମଧ୍ୟ ମୁଁ ଅନୁଭୂତି ମାଧ୍ୟମରେ ଜାଣିଛି । କାରଣ ମୁଁ କିଛି ବ୍ୟକ୍ତିଙ୍କୁ ଜାଣିଛି ଯେଉଁମାନଙ୍କୁ ଏମିତିକି ଖୁବ୍ ମାରାତ୍ମକ ବୋଲି ବିଚାର କରାଯାଇଥିବା ରୋଗରୁ ପାଞ୍ଚ ମିନିଟ୍‌ରେ ଆରୋଗ୍ୟ ଲାଭ କରିପାରି ଥିଲେ । ଆଉ ମୁଁ ଅନ୍ୟ ବ୍ୟକ୍ତିମାନଙ୍କୁ ଜାଣିଛି ଯାହାଙ୍କର କୌଣସି ସାଂଘାତିକ ଅସୁସ୍ଥତା ନ ଥିଲା କିନ୍ତୁ ସେମାନେ ଏହା ଉପରେ ଗଭୀର ମନୋନିବେଶ କରି ଏପରିଭାବେ ଆଦରି ରଖିଥିଲେ ଯେ ଏହା ମାରାତ୍ମକ ହୋଇପଡ଼ିଥିଲା । ରୋଗ ପରିତ୍ୟାଗ କରିବା ସକାଶେ ସେମାନଙ୍କର ଶରୀରକୁ ପ୍ରବର୍ତ୍ତାଇବା ଅସମ୍ଭବ ଥିଲା ।

ଏହି କ୍ଷେତ୍ରରେ ହିଁ ବ୍ୟକ୍ତିକୁ ଯଥେଷ୍ଟ ସାବଧାନ ରହିବାକୁ ହେବ ଏବଂ ନିଜ ପ୍ରତି ଗଭୀର ବିଚାରବୁଦ୍ଧି ସହ ଦୃଷ୍ଟିପାତ କରିବାକୁ ହେବ, ଯଦ୍ୱାରା ନିଜ ଭିତରର କ୍ଷୁଦ୍ର ଅଂଶଟିକୁ ଆବିଷ୍କାର କରିହେବ — କିପରି କୁହାଯିବ ? — ଯାହା ଅସୁସ୍ଥ ହେବାରେ ଆନନ୍ଦ ପାଏ । ଓଃ ! ଏହାର ଅନେକ କାରଣ ଅଛି । ଏପରି ଲୋକ ଅଛନ୍ତି ଯେଉଁମାନେ ଅସୂୟାରୁ ଅସୁସ୍ଥ ହୁଅନ୍ତି, କିଛି ଲୋକ ଘୃଣା କରି, କିଛି ଲୋକ ହତାଶ ହୋଇ ଅସୁସ୍ଥ ହୁଅନ୍ତି । ଲୋକମାନେ ଅଛନ୍ତି... ଏବଂ ଏହି ଗତିବିଧିଗୁଡ଼ିକ କିଛି ବିରାଟ ନୁହେଁ । ଏହା ସତ୍ତା ମଧ୍ୟରେ ଖୁବ୍ ଛୋଟ ଗୋଟିଏ କ୍ରିୟାକଳାପ; ଜଣେ ଖୁବ୍ ବିରକ୍ତ ହୋଇଯାଏ ଏବଂ କହେ : ''ଦେଖିବ, କ'ଣ ଘଟିବାକୁ ଯାଉଛି ସେ ଯାହା ମୋତେ କରିଛି ତା'ର ଫଳ ତୁମେ ଦେଖିବ ! ତାହା ଆସୁ ! ମୁଁ ଅସୁସ୍ଥ ହେବାକୁ ଯାଉଛି ।'' ଜଣେ ଏହା ନିଜକୁ ପ୍ରକାଶ୍ୟଭାବେ କୁହେ ନାହିଁ; ତା'ହେଲେ ନିଜେ ନିଜକୁ ଗାଳି ଦେବ, କିନ୍ତୁ ସତ୍ତାର କୌଣସି ଏକ ସ୍ଥାନରେ କିଛି ଗୋଟିଏ ଅଛି ଯାହା ଏହିପରି ଚିନ୍ତା କରେ ।

ତେଣୁ ଛୋଟ ହେଉ ବା ବଡ଼ ହେଉ, ତୁମେ ଯେତେବେଳେ କୌଣସି ବିଶୃଙ୍ଖଳା, ଅସଂଗତି ଆବିଷ୍କାର କର, ତୁମକୁ ଦୁଇଟି ଜିନିଷ କରିବାକୁ ହେବ । ପ୍ରଥମେ ଆମେମାନେ କହିଛୁ ଯେ ଭୌତିକ ସତ୍ତା ଅର୍ଥାତ୍ ଶରୀର ମଧ୍ୟରେ ଏହି ଅସଙ୍ଗତି ଏକ ପ୍ରକାର କମ୍ପନ ଓ ଅଶାନ୍ତି ସୃଷ୍ଟି କରେ । ଏଇଟା ଗୋଟିଏ ପ୍ରକାରର ଜ୍ୱର । ଯଦିଓ ଏହା ଏକ ସାଧାରଣ ଜ୍ୱର ହୋଇ ନ ଥାଏ ତଥାପି ଏହା କ୍ଷୁଦ୍ର କ୍ଷୁଦ୍ର ସ୍ଥାନ ବିଶେଷର ଜ୍ୱର ରୂପେ ଦେଖା ଦେଇଥାଏ । ଲୋକେ ଅଛନ୍ତି ଯେଉଁମାନେ ଅସ୍ଥିର ହୋଇଯା'ନ୍ତି । ତେଣୁ ପ୍ରଥମ କାର୍ଯ୍ୟ ହେଉଛି ନିଜକୁ ସ୍ଥିର କରିଦେବା, ପରିପୂର୍ଣ୍ଣ ଆସ୍ଥା ସହ ଶାନ୍ତି, ନିଶ୍ଚଳତା ଓ ହାଲୁକାଭାବ ସେହି ଛୋଟ କୋଣଟିର ଭିତରକୁ ଆଣିବାକୁ ହେବ । (ସମସ୍ତ ଶରୀର ମଧ୍ୟକୁ ଆଣିବା ଅପରିହାର୍ଯ୍ୟ ନୁହେଁ) । ତା'ପରେ ତୁମେ ଦେଖିବ ଏହି ବିଶୃଙ୍ଖଳାର କାରଣ କ'ଣ ? ତୁମେ ଦେଖିବ ଅନେକ କାରଣ ରହିଛି, ତଥାପି ଏହି ବିଶୃଙ୍ଖଳାର ଆନୁମାନିକ କାରଣଟିକୁ ଖୋଜିବା ପାଇଁ ତୁମେ ଚେଷ୍ଟା କରିବ, ଏବଂ ଆଲୋକ, ଜ୍ଞାନ ଓ ଆଧ୍ୟାତ୍ମିକ ଶକ୍ତିର ଚାପ ମଧ୍ୟଦେଇ ତୁମେ ସୁସଂଗତି ଓ ଯଥାର୍ଥ କ୍ରିୟାଶୀଳତା ପୁନଃପ୍ରତିଷ୍ଠା କରିବ । ଅସୁସ୍ଥ ଅଂଶଟି ଯଦି ଗ୍ରହଣଶୀଳ ହୋଇ ରହିଥାଏ, ଯଦି ଏହା ଅନମନୀୟ ପ୍ରତିବନ୍ଧକ ଉପସ୍ଥାପନ ନକରେ ତୁମେ ଅଳ୍ପ କେତେକ ମୁହୂର୍ତ୍ତରେ ହିଁ ସୁସ୍ଥ ହୋଇଉଠ ।

ଏହି କଥା ସବୁକ୍ଷେତ୍ରରେ ଘଟି ନ ଥାଏ । ମୁଁ ଯେପରି କହିଛି, କେତେକ ସମୟରେ ଏକ ଅସଦିଚ୍ଛା ଥାଏ : ତୁମେ ଅଳ୍ପେ ବହୁତେ ବିଦ୍ରୋହ କର, ଅନ୍ତତଃପକ୍ଷେ ତୁମେ ରୋଗଟିର ପରିଣାମ ଭୋଗ କରିବାକୁ ଇଚ୍ଛା କରିଥାଅ । ତେଣୁ ସୁସ୍ଥତା ଲାଗି ସାମାନ୍ୟ ଅଧିକ ସମୟ ଲାଗେ । ସେ ଯାହାହେଉ, ଯଦି ତୁମର ଅସଦିଚ୍ଛା ନାହିଁ, କିଛି ସମୟ ପରେ ଭଗବତ୍ ଶକ୍ତି କାର୍ଯ୍ୟ କରେ : କେତେ ମିନିଟ୍ କିଂବା କେତେ ଘଣ୍ଟା ପରେ କିଂବା ବେଶୀ ହେଲେ କେତେ ଦିନ ପରେ ତୁମେ ସୁସ୍ଥ ହୋଇଯାଅ ।

ତା'ପରେ ବିରୋଧୀ ଶକ୍ତିର ବିଶେଷ ଆକ୍ରମଣ କ୍ଷେତ୍ରରେ ଏହା ଅଧିକ ଜଟିଳ ହୋଇଯାଏ କାରଣ ତୁମକୁ କେବଳ ଶରୀରର ଇଚ୍ଛା ସହିତ କାରବାର କରିବାକୁ ପଡ଼େ ନାହିଁ । (ମନେରଖ, ମୁଁ ସେମାନଙ୍କର ଯୁକ୍ତିକୁ ସ୍ୱୀକାର କରେ ନାହିଁ ଯେଉଁମାନେ ମୋତେ କହନ୍ତି : ''କିନ୍ତୁ ମୁଁ ଅସୁସ୍ଥ ହେବା ଲାଗି ଚାହେଁ ନାହିଁ !'' କାରଣ ତୁମର ଚେତନା ସର୍ବଦା କହେ ତାହା ଅସୁସ୍ଥ ହେବା ଲାଗି ଚାହେଁ ନାହିଁ । ତୁମେ ଅର୍ଦ୍ଧପାଗଳ ହେଲେ ହିଁ କହିପାରିବ ଯେ, ''ମୁଁ ଅସୁସ୍ଥ ହେବା ଲାଗି ଚାହେଁ''; କିନ୍ତୁ ଯାହା ଅସୁସ୍ଥ ହେବା ଲାଗି ଚାହେଁ ତାହା ତୁମର ଚେତନା ନୁହେଁ — ତାହା ତୁମ ଶରୀରର କିଛି ଅଂଶ, ବେଶୀ ହେଲେ, ପ୍ରାଣର ଏକ ଟୁକୁରା ଯାହା ବିପଥଗାମୀ ହୋଇଯାଇଛି ଏବଂ ଅସୁସ୍ଥ ହେବା ଲାଗି ଇଚ୍ଛା କରିଛି । ତୁମେ ଯଦି ଗଭୀର ଅନୁଧ୍ୟାନ ସହ ନିରୀକ୍ଷଣ ନ କର ତୁମେ ତାହାକୁ ଦେଖି ପାରିବ ନାହିଁ) । କିନ୍ତୁ ମୁଁ କହୁଛି ଯେ ଅବସ୍ଥାଟି ଜଟିଳ ହୋଇପଡ଼େ ଯଦି ଏହା ପଛରେ ଏକ ଆକ୍ରମଣ ଥାଏ, ଯେଉଁ ବିରୋଧୀ ଶକ୍ତିମାନେ ପ୍ରକୃତରେ ତୁମର କ୍ଷତି କରିବା ଲାଗି ଚାହାନ୍ତି ସେମାନଙ୍କଠାରୁ ଯଦି ଏକ ଚାପ ରହିଥାଏ । ତୁମେ ହୁଏତ

ଏକ ଆଧ୍ୟାତ୍ମିକ ଭୁଲ୍‌ଭ୍ରାନ୍ତି ଦ୍ୱାରା, ଗର୍ବ, କ୍ରୋଧ, ଘୃଣା କିଂବା ହିଂସା ଦ୍ୱାରା ଦ୍ୱାର ଉନ୍ମୁକ୍ତ କରିଦେଇଛ, ଯଦିଓ ସାଧାରଣତଃ ଏହା ଏକ ଗତିବିଧି ଯାହା ଆସେ ଆଉ ଯାଏ, ତଥାପି ମଧ୍ୟ ତାହା ଦ୍ୱାର ଖୋଲି ଦେଇପାରେ । ଜୀବାଣୁମାନେ ସବୁ ସମୟରେ ଜଗି ରହିଥା'ନ୍ତି ଏବଂ ପ୍ରକୃଷ୍ଟ ସୁଯୋଗଟିକୁ ଅପେକ୍ଷା କରି ରହିଥା'ନ୍ତି । ସେଥିପାଇଁ ତୁମକୁ ଖୁବ୍ ସାବଧାନ ରହିବାକୁ ହେବ । ଏ କାରଣରୁ ହେଉ ବା ସେ କାରଣରୁ ହେଉ, କୌଣସିମତେ ସେ ପ୍ରଭାବଟି ତୁମର ରକ୍ଷାକବଚକୁ ଭେଦ କରିଛି ଏବଂ ଏଠାରେ ରୋଗଟିକୁ ଯତ୍ପରୋନାସ୍ତି ଖରାପ ହେବା ଲାଗି ଉତ୍ସାହିତ କରୁଛି । ତା'ହେଲେ ପ୍ରଥମ ଉପାୟଟି ଯଥେଷ୍ଟ ନୁହେଁ । ଏ ସ୍ଥଳରେ ତୁମକୁ ତା' ସହିତ କିଛି ମିଶାଇବାକୁ ହେବ; ମିଶାଇବାକୁ ହେବ ଆଧ୍ୟାତ୍ମିକ ବିଶୋଧନକାରୀ ଶକ୍ତି ଯାହା ସଂପୂର୍ଣ୍ଣଭାବେ ଦୋଷଶୂନ୍ୟ ଏକ ଗଠନକାରୀ ଶକ୍ତି, ଯାହା ମଧ୍ୟରେ ଏପରିକି ସାମାନ୍ୟ ଟିକିଏ ବି ଧ୍ୱଂସକାରୀ ଶକ୍ତି ତିଷ୍ଠି ରହିପାରେ ନାହିଁ । ଯଦି ଏହି ଶକ୍ତି ତୁମ ଅଧୀନରେ ଥାଏ କିଂବା ତୁମେ ଏହାକୁ ଚାହଁ ଓ ପାଇଯାଅ, ତୁମେ ଏହି ଶକ୍ତିକୁ କାର୍ଯ୍ୟସ୍ଥଳରେ ପ୍ରୟୋଗ କର ଏବଂ ବିରୋଧୀ ଶକ୍ତି ତତ୍‌କ୍ଷଣାତ୍ ଦୌଡ଼ି ପଳାଇଯାଏ । କାରଣ ଏହା ଯଦି ସେହି ଶକ୍ତି ମଧ୍ୟରେ ପଡ଼ିଯାଏ ତେବେ ବିଲୀନ ହୋଇଯାଏ, ତା'ର ଅସ୍ତିତ୍ୱ ଲୋପ ପାଇଯାଏ; କାରଣ ବିଭଞ୍ଜନର କୌଣସି ଶକ୍ତି ଏହି ଦିବ୍ୟଶକ୍ତି ମଧ୍ୟରେ ତିଷ୍ଠି ରହିପାରେ ନାହିଁ । ସୁତରାଂ ସେହି ବିଶୃଙ୍ଖଳା ଅନ୍ତର୍ଦ୍ଧାନ ହୋଇଯାଏ ଓ ତାହା ସହିତ ବିରୋଧୀ ଶକ୍ତି ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଏ । ଏହା ଏକ ଗଠନକାରୀ ଶକ୍ତିରେ ପରିବର୍ତ୍ତିତ ହୋଇପାରିବ, ଯାହା ହିଁ ସମ୍ଭବପର, କିଂବା ଏହାକୁ ସଂପୂର୍ଣ୍ଣରୂପେ ନଷ୍ଟ ଓ ନିଶ୍ଚିହ୍ନ କରି ଦିଆଯାଇପାରେ । ଏଥିରେ ଯେ କେବଳ ରୋଗ ଦୂର ହୁଏ, ତା' ନୁହେଁ, ରୋଗର ପୁନଃ ପ୍ରବେଶର ସମ୍ଭାବନା ମଧ୍ୟ ଦୂର କରାଯାଇଥାଏ । ତୁମେ ସବୁଦିନ ଲାଗି ରୋଗମୁକ୍ତ ହୋଇଯାଅ, ଆଉ ଏହା କଦାପି ଫେରିଆସେ ନାହିଁ ।

(CWM, Vol. 5, p.180 - 186) ❖

## ରୋଗର ମନସ୍ତାତ୍ତ୍ୱିକ ମୂଳର ଉତ୍ପାଟନ

ଏକ ରୋଗରୁ ସମ୍ପୂର୍ଣ୍ଣଭାବେ ଆରୋଗ୍ୟ ଲାଭ କରିବା ଯାହାଫଳରେ ତାହା ଆଉ କେବେ ବି ଫେରି ଆସିବନି – ଏହା ନିର୍ଭର କରେ ମନ, ପ୍ରାଣ, ଦୈହିକ ଚେତନା, ଏବଂ ଅବଚେତନାର ଶୁଦ୍ଧି ଉପରେ ଯେମିତିକି ସେଗୁଡ଼ିକ ମନସ୍ତାତ୍ତ୍ୱିକ ସ୍ତରରେ ବି ରୋଗ ଆଣୁଥିବା ଶକ୍ତିକୁ ପ୍ରତ୍ୟୁତ୍ତର ନ ଦିଅନ୍ତି । କେତେକ ସମୟରେ ଏହା ଏକ ପ୍ରକାର ଊର୍ଦ୍ଧ୍ୱସ୍ଥ ଶୃଙ୍ଖଳା ଦ୍ୱାରା ହୋଇଥାଏ (ଚେତନା ଯେତେବେଳେ ପ୍ରସ୍ତୁତ ଥାଏ, କିନ୍ତୁ ସର୍ବଦା ଏପରି କରାଯାଇ ପାରିବ ନାହିଁ) । ସମସ୍ତ ରୋଗ ଲାଗି ସଂପୂର୍ଣ୍ଣ ପ୍ରତିରୋଧକ ଶକ୍ତି ଯାହା ପାଇଁ ଆମ ଯୋଗ ଚେଷ୍ଟା କରୁଛି, ତାହା କେବଳ ଊର୍ଦ୍ଧ୍ୱରୁ ନିମ୍ନାଂଶର ସଂପୂର୍ଣ୍ଣ ଓ ସ୍ଥାୟୀ ଜ୍ଞାନାଲୋକ ପ୍ରାପ୍ତି ଫଳରେ ହିଁ ଆସିପାରିବ, ଏହାର ଫଳସ୍ୱରୂପ ରୋଗର ମନସ୍ତାତ୍ତ୍ୱିକ ମୂଳଗୁଡ଼ିକର ଉତ୍ପାଟନ ମଧ୍ୟ ହୋଇପାରିବ – ଭିନ୍ନ ଉପାୟରେ ଏହା କରାଯାଇ ପାରିବ ନାହିଁ ।

– ଶ୍ରୀଅରବିନ୍ଦ

# କଳ୍ପନା ଓ ବିଶ୍ୱାସ

## ଶ୍ରୀମା

କଳ୍ପନା ହେଉଛି ଏକ ରୂପଗଠନକାରୀ ଶକ୍ତି । ପ୍ରକୃତରେ ଯେଉଁମାନଙ୍କର କଳ୍ପନା କରିବାର କ୍ଷମତା ନାହିଁ, ସେମାନେ ମାନସିକ ଦୃଷ୍ଟିରୁ ରୂପ ଗଠନ କରିପାରନ୍ତି ନାହିଁ, ସେମାନେ ସେମାନଙ୍କ ଚିନ୍ତାକୁ ଏକ ବାସ୍ତବତାର ଶକ୍ତି ଦେଇ ପାରନ୍ତି ନାହିଁ । କଳ୍ପନା ହେଲା କାର୍ଯ୍ୟର ଏକ ଅତ୍ୟନ୍ତ ବଳଶାଳୀ ମାଧ୍ୟମ । ଉଦାହରଣସ୍ୱରୂପ, ଯଦି କୌଣସି ଜାଗାରେ ତୁମର ଯନ୍ତ୍ରଣା ହେଉଛି ଏବଂ ଯଦି ତୁମେ କଳ୍ପନା କରୁଛ ଯେ ଏହି ଯନ୍ତ୍ରଣାକୁ ତୁମେ ନିଶ୍ଚିହ୍ନ କରିପାରୁଛ, ଦୂର କରିପାରୁଛ କିଂବା ବିନଷ୍ଟ କରିପାରୁଛ – ଏହି ରକମର ବିଭିନ୍ନ ରୂପ ଦେଇପାରୁଛ – ତୁମେ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇପାରିବ ।

(CWM, Vol. 9, p. 380)

*

*ମଧୁମୟି ମା, "କୁଏଙ୍କର ଆଶାବାଦିତା" (Couéistic optimism)ର ମାନେ କ'ଣ ?*

ଆଃ ! 'କୁଏ' (Coué) । ତୁମେ କୁଏଙ୍କର ଗଳ୍ପ ଜାଣି ନାହଁ ? କୁଏ ଜଣେ ଡାକ୍ତର ଥିଲେ । ସେ ଲୋକମାନଙ୍କୁ ଆରୋଗ୍ୟ କରୁଥିଲେ ଏକ ମନସ୍ତାତ୍ତ୍ୱିକ ଚିକିତ୍ସା, ସ୍ୱୟଂ ପ୍ରସ୍ତାବ(Auto suggestion) ଦ୍ୱାରା, ଯାହାକୁ ସେ କଳ୍ପନାର ପ୍ରକୃତ କାର୍ଯ୍ୟକଳାପ ବୋଲି କହୁଥିଲେ ଏବଂ ଯାହା ସେ କଳ୍ପନା ବୋଲି ବର୍ଣ୍ଣନା କରୁଥିଲେ ତାହା ଥିଲା ବିଶ୍ୱାସ । ସେ ଏହି ଭାବେ ତାଙ୍କର ରୋଗୀମାନଙ୍କୁ ଚିକିତ୍ସା କରୁଥିଲେ : ସେମାନଙ୍କୁ ଏକ ପ୍ରକାର କାଳ୍ପନିକ ରୂପ ଗଠନ କରିବାକୁ ହେଉଥିଲା । ଏହା ଭିତରେ ସେମାନେ ଯେ ନିଜେ ନୀରୋଗ ହୋଇ ଯାଇଛନ୍ତି, ଅନ୍ତତଃ ଆରୋଗ୍ୟ ଲାଭ କରୁଛନ୍ତି, ଏହି ପ୍ରକାର ଭାବନା ରହିଥିଲା । ଏହି ରୂପଗଠନ ଯେପରି ଫଳପ୍ରଦ ହେବ ସେଥିଲାଗି ସେମାନେ ଅଧିକ ଭାବେ ଲାଗିରହି ଏହାର ପୁନରାବୃତ୍ତି କରୁଥିଲେ । ସେ ଖୁବ୍ ଚମତ୍କାର ଫଳ ପାଇଥିଲେ, ଅଧିକାଂଶ ଲୋକଙ୍କୁ ଭଲ କରି ପାରିଥିଲେ; ସେ ଅସଫଳ ମଧ୍ୟ ହେଉଥିଲେ, ଏବଂ ବୋଧହୁଏ କେବଳ ଏହି ଆରୋଗ୍ୟ ଦୀର୍ଘସ୍ଥାୟୀ ନ ଥିଲା, ମୁଁ ସେ ବିଷୟରେ ଜାଣି ନାହିଁ । କିନ୍ତୁ କୌଣସିମତେ ଏହା ଲୋକମାନଙ୍କୁ ଏକ ସତ୍ୟ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କିଛି ବିଷୟ ସମ୍ବନ୍ଧରେ ଚିନ୍ତା କରିବା ଲାଗି ବାଧ କରିଥିଲା : ତାହା ହେଉଛି ମନ ଏକ ରୂପଗଠନକାରୀ ଯନ୍ତ୍ର ଏବଂ ଯଦି ଜଣେ ଜାଣେ କିପରି ଏହାକୁ ପ୍ରକୃତ ରାସ୍ତାରେ ବ୍ୟବହାର କରାଯାଇ ପାରିବ, ତେବେ ସେ ଉତ୍ତମ ଫଳ ପାଇବ । ସେ ଦେଖିଲେ – ଏବଂ ମୁଁ ଭାବୁଛି ଏହା ସତ୍ୟ, ମୋର ମତାମତ ଏହା ସହିତ ଖାପ ଖାଉଛି – ଏହା ହେଉଛି ଯେ ଲୋକମାନେ ଭୁଲ୍ ଚିନ୍ତା କରି ସମୟ କଟାନ୍ତି । ସେମାନଙ୍କର ମାନସିକ କାର୍ଯ୍ୟକଳାପ ପ୍ରାୟ ସର୍ବଦା ଅର୍ଦ୍ଧ-ନିରାଶାତ୍ମକ, ଏବଂ ଏପରିକି ଅର୍ଦ୍ଧ-ଧ୍ୱଂସାତ୍ମକ । ସେମାନେ ସର୍ବଦା ଭବିଷ୍ୟତରେ ଯାହା କିଛି ଖରାପ କଥା ଘଟିପାରେ ସେ ବିଷୟରେ ଚିନ୍ତା କରନ୍ତି ଓ ସେମାନେ ତାହାକୁ ଆଗରୁ ଦେଖୁଥାଆନ୍ତି । ସେମାନେ ଯାହାସବୁ କରିଛନ୍ତି ତାହାର ଅସୁବିଧାଜନକ ପରିଣାମ ବିଷୟରେ ଭାବନ୍ତି ଏବଂ ଉଚ୍ଛ୍ୱସିତ ଭାବେ କଳ୍ପନା କରି ସମସ୍ତ ପ୍ରକାର ଘୋର ବିପତ୍ତିକୁ ସେମାନେ ଗଠନ କରନ୍ତି । ଏଗୁଡ଼ିକୁ ଯଦି ଅନ୍ୟ ଭାବେ ବ୍ୟବହାର କରାଯାଇଥା'ନ୍ତା, ତେବେ ସ୍ୱାଭାବିକ ଭାବେ ତା'ର ବିପରୀତ ଓ ଅଧିକ ସନ୍ତୋଷଜନକ ଫଳ ଲାଭ ହୋଇଥା'ନ୍ତା ।

ତୁମେ ଯଦି ନିଜକୁ ପର୍ଯ୍ୟବେକ୍ଷଣ କର, ଯଦି ତୁମେ ... କିପରି କୁହାଯିବ ?... ଯଦି ତୁମେ ଭାବୁଥିବା ସମୟରେ ନିଜକୁ ଦେଖ – ଆଚ୍ଛା, ତୁମେ ଯଦି ଏହାକୁ ହଠାତ୍ କର, ତୁମେ ଯଦି ହଠାତ୍, ସ୍ୱତଃସ୍ଫୂର୍ତ୍ତ ଭାବେ, ଅପ୍ରତ୍ୟାଶିତ ଭାବେ ନିଜକୁ ଭାବିବା ସମୟରେ ଦେଖ, ତୁମେ ବୁଝିପାରିବ ଯେ ଦଶ ଥରରୁ ନଅ ଥର ତୁମେ କୌଣସି କିଛି ଅପ୍ରୀତିକର କଥା ଭାବୁଛ । ଖୁବ୍ କ୍ୱଚିତ୍ ତୁମେ ସୁସଂଗତ, ସୁନ୍ଦର, ଗଠନମୂଳକ, ସୁଖଦାୟକ, ଆଶା- ଆଲୋକ-ଆନନ୍ଦଭରା କଥା ଚିନ୍ତାକର; ତୁମେ ଦେଖିବ, ପରୀକ୍ଷାଟି କରିବା ଲାଗି ଚେଷ୍ଟା କର ତ । ଖାଲି ଏହିପରି, ଚିନ୍ତା କରୁଥିବା ସମୟରେ ହଠାତ୍ ସ୍ଥିର ହୋଇ ନିଜକୁ ଦେଖ : ତୁମର ଭାବନା ସମ୍ମୁଖରେ ଏକ ପରଦା ରଖ ଓ ଭାବିବା ସମୟରେ ଆକସ୍ମିକ ଭାବେ ନିଜକୁ ଦେଖ, ତୁମେ ଦେଖିବ ଅନ୍ତତଃ ଦଶ ଥରରୁ ନଅ ଥର, ଏବଂ ବୋଧହୁଏ ଅଧିକ ଥର ...

କୁହାଯାଉ ଯେ ତୁମ ଭିତରେ ସାମାନ୍ୟତମ ଅସୁବିଧା ରହିଛି; ଯଦି ତୁମେ ତୁମର ଶରୀର ବିଷୟରେ ଚିନ୍ତା କର, ତେବେ ସବୁ ସମୟରେ ଏହି ଧାରଣା ନେଇ ଯେ ଏହାର କିଛି ନା କିଛି ଖରାପ ହେବାକୁ ଯାଉଛି – କାରଣ ଯେତେବେଳେ ସବୁଜିନିଷ ଠିକ୍ ଚାଲିଥାଏ, ତୁମେ ଏହା ବିଷୟରେ ଭାବ ନାହିଁ !...

କୁଏ (Coué) ଯାହା ସୁପାରିସ କରିଥିଲେ ... ଏହି ଭାବେ ସେ ତାଙ୍କ ରୋଗୀମାନଙ୍କୁ ଆରୋଗ୍ୟ କରିଥିଲେ – ସେ ଜଣେ ଡାକ୍ତର ଥିଲେ : ସେ ସେମାନଙ୍କୁ କହୁଥିଲେ, ''ତୁମେ ନିଜକୁ ବାରଂବାର କହିବ : ମୁଁ ଆଗ ଅପେକ୍ଷା ଭଲ ହୋଇଯାଉଛି, ଧୀରେ ଧୀରେ ମୁଁ ଭଲ ହେଉଛି, ମୁଁ ଶକ୍ତିଶାଳୀ, ମୋର ସ୍ୱାସ୍ଥ୍ୟ ଭଲ ଅଛି ଏବଂ ମୁଁ ଏହା, ତାହା, ସବୁକିଛି କରିପାରିବି ।''

ମୁଁ ଜଣକୁ ଜାଣେ ଯାହାର କେଶ ଭୟଙ୍କର ଭାବେ ମୁଠା ମୁଠା ହୋଇ ଉପୁଡୁଥିଲା । କେହି ଜଣେ ତାକୁ ଏହି ପ୍ରଣାଳୀଟି ଚେଷ୍ଟା କରିବା ଲାଗି ପ୍ରବର୍ତ୍ତାଇଲେ । ସେ ଯେତେବେଳେ ତା'ର କେଶ କୁଣ୍ଡାଉଥିଲା, ସେ ନିଜକୁ ଭାବିବା ଲାଗି ପ୍ରବର୍ତ୍ତାଇଲା, ''ମୋର କେଶ ଉପୁଡ଼ିବ ନାହିଁ ।'' ପ୍ରଥମ ଥର, ଦ୍ୱିତୀୟ ଥର, ଏହା କାର୍ଯ୍ୟ କରିଲା ନାହିଁ; କିନ୍ତୁ ସେଥିରେ ସେ ଲାଗି ରହିଲା ଏବଂ ପ୍ରତି ଥର ମୁଣ୍ଡ କୁଣ୍ଡାଇବା ପୂର୍ବରୁ ସେ ଜୋର୍ ଦେଇ ବାରଂବାର କହୁଥିଲା, ''ମୁଁ ମୋର କେଶ କୁଣ୍ଡାଇବାକୁ ଯାଉଛି, କିନ୍ତୁ ଏହା ଉପୁଡ଼ିବ ନାହିଁ'' ଏବଂ ଏକ ମାସ ଭିତରେ ତା'ର କେଶ ଉପୁଡ଼ିବା ବନ୍ଦ ହୋଇଗଲା । ପରେ ସେ ପୁଣି ଭାବିବାକୁ ଲାଗିଲା, ''ବର୍ତ୍ତମାନ ମୋର କେଶ ବଢ଼ିବ ।'' ଏବଂ ସେ ଏପରି ସଫଳ ହେଲା ଯେ ମୁଁ ତାହାର କେଶଭରା ମସ୍ତକ ଦେଖିଥିଲି । ସେ ନିଜେ ମୋତେ ଏକଥା କହିଥିଲା ଯେ ଚନ୍ଦା ହେବାକୁ ଯାଉଥିବା ମୁହୂର୍ତ୍ତରେ ହିଁ ସେ ଏହିପରି କରିଥିଲା । ଏହା ଖୁବ୍, ଖୁବ୍ ଫଳପ୍ରଦ । କେବଳ, ଯେତେବେଳେ ଜଣେ ଏହାକୁ ମନରେ ରୂପ ଦେଉଛି, ମନର ଅନ୍ୟ ଅଂଶ ଯେପରି ଆଦୌ ନ କହେ, ''ଓଃ, ମୁଁ ଏକ ରୂପ ଦେଉଛି ଏବଂ ଏହା ସଫଳ ହେବ ନାହିଁ ।'' କାରଣ ଏହି ଭାବେ ତୁମେ ନିଜେ ତୁମର କାର୍ଯ୍ୟକୁ ନଷ୍ଟ କରିଦିଅ ।

(CWM, Vol. 7, p. 3 - 5)

*ଆମ ଯୋଗର ସାଧକ ଲାଗି 'କୁଏ'ଙ୍କ ପ୍ରଣାଳୀ କେତେଦୂର ଉପଯୋଗୀ ?*

ପ୍ରାରମ୍ଭରେ ଏହାକୁ କିଛିଦୂର ଉପଯୋଗ କରାଯାଇପାରେ କିନ୍ତୁ ଶେଷପର୍ଯ୍ୟନ୍ତ ନୁହେଁ । ତାଙ୍କର ପ୍ରଣାଳୀ ସାର୍ବଜନୀନ ନୁହେଁ । ଏହା ସବୁକ୍ଷେତ୍ରରେ ସଫଳ ହୁଏ ନାହିଁ । ବାସ୍ତବରେ ଏହା ଅଚେତନ ଅବସ୍ଥାକୁ ସମ୍ମୋହିତ କରିବା ଉପରେ ନିର୍ଭର କରେ । କିନ୍ତୁ କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ଅଚେତନ ଅବସ୍ଥା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରେ, ତେଣୁ ଏହା ସଫଳ ହୁଏ ନାହିଁ ।

ଆମ ଯୋଗରେ ଆମମାନଙ୍କୁ ଅଧିକରୁ ଅଧିକ ସଚେତନ ହେବାକୁ ହେବ, ଯଦ୍ଦ୍ୱାରା ଆମମାନଙ୍କ କ୍ଷେତ୍ରରେ ଅବଚେତନା ମଧ୍ୟ ପୂର୍ଣ୍ଣ ଜାଗ୍ରତ୍ ହୋଇପାରିବ । ଏହା ବ୍ୟତୀତ, ରୋଗ ସୁଧାରିବା ଲାଗି ସର୍ବଶ୍ରେଷ୍ଠ ଫଳପ୍ରଦ ପ୍ରଣାଳୀ ବାହାର କରିବା ଆମ ଯୋଗର ଲକ୍ଷ୍ୟ ନୁହେଁ, ବରଂ ସମ୍ପୂର୍ଣ୍ଣ ଚେତନାକୁ ବଦଳାଇ ଦେବା ଆମର ଲକ୍ଷ୍ୟ – ଏପରିକି ଶାରୀରିକ ଚେତନା – ଯାହା ଦ୍ୱାରା ରୋଗ ଆଦୌ ଆସି ପାରିବ ନାହିଁ । ସମଗ୍ର ସତ୍ତା ଏପରି ରୂପାନ୍ତରିତ ହେବା ଆବଶ୍ୟକ ଯେ ରୋଗ ଅସମ୍ଭବ ହୋଇଯିବ ।

(Evening Talks) – ଶ୍ରୀଅରବିନ୍ଦ

# ଜଗନ୍ନାଥଙ୍କ ରଥ

## ଶ୍ରୀଅରବିନ୍ଦ

ଆଦର୍ଶ ସମାଜ ମନୁଷ୍ୟ-ସମଷ୍ଟିର ଅନ୍ତରାତ୍ମା ଭଗବାନଙ୍କ ବାହନ, ଜଗନ୍ନାଥଙ୍କ ଯାତ୍ରାରଥ । ଐକ୍ୟ, ସ୍ୱାଧୀନତା, ଜ୍ଞାନ ଓ ଶକ୍ତି ସେ ରଥର ଚାରି ଚକ ।

ମନୁଷ୍ୟ-ବୁଦ୍ଧିରେ ଗଠିତ କିଂବା ପ୍ରକୃତିର ଅଶୁଦ୍ଧ ପ୍ରାଣସ୍ପନ୍ଦନର ଖେଳା ଦ୍ୱାରା ସୃଷ୍ଟ ଯେଉଁ ସମାଜ, ତାହା ଅନ୍ୟ ପ୍ରକାରର । ଏହା ସମଷ୍ଟିର ନିୟନ୍ତା ଭଗବାନଙ୍କ ରଥ ନୁହେଁ । ମୁକ୍ତ ଅନ୍ତର୍ଯାମୀଙ୍କୁ ଆଚ୍ଛାଦିତ କରି ଯେଉଁ ବହୁରୂପୀ ଦେବତା ଭଗବତ୍-ପ୍ରେରଣାକୁ ବିକୃତ କରେ, ଏହା ସେହି ସମଷ୍ଟିଗତ ଅହଂକାରର ବାହନ । ଏହା ନାନା ଭୋଗପୂର୍ଣ୍ଣ, ଲକ୍ଷ୍ୟହୀନ କର୍ମ ପଥରେ ଚାଲିଛି; ବୁଦ୍ଧିର ଅଶୁଦ୍ଧ ଅପୂର୍ଣ୍ଣ ସଂକଳ୍ପର ବେଗରେ, ନିମ୍ନ-ପ୍ରକୃତିର ପୁରାତନ ବା ନୂତନ ଅବଶ ପ୍ରେରଣାରେ ଏହା ଚାଲିଛି । ଯେତେଦିନ ଯାଏ ଅହଂକାର ହିଁ କର୍ଣ୍ଣଧାର ସେତେଦିନ ପର୍ଯ୍ୟନ୍ତ ପ୍ରକୃତ ଲକ୍ଷ୍ୟର ସନ୍ଧାନ ପାଇବା ଅସମ୍ଭବ । ଲକ୍ଷ୍ୟ ଜାଣି ପାରିଲେ ମଧ୍ୟ ସେ ଦିଗରେ ସିଧା ରଥ-ଚାଳନ ଅସାଧ୍ୟ । ଅହଂକାର ଭଗବତ୍ ପୂର୍ଣ୍ଣତାର ପ୍ରଧାନ ବାଧା । ଏହି ତଥ୍ୟ ଯେପରି ବ୍ୟକ୍ତି ପକ୍ଷରେ, ସେହିପରି ସମଷ୍ଟି ପକ୍ଷରେ ମଧ୍ୟ ସତ୍ୟ ।

ସାଧାରଣ ମନୁଷ୍ୟ-ସମାଜରେ ତିନୋଟି ଭେଦ ଲକ୍ଷିତ ହୁଏ । ପ୍ରଥମଟି ନିପୁଣ କାରିଗରର ସୃଷ୍ଟି, ସୁଠାମ, ଚାକଚକ୍ୟପୂର୍ଣ୍ଣ, ଉଜ୍ଜ୍ୱଳ ଓ ସୁଖକର – ତାହାକୁ ଟାଣି ନେଉଛି ବଳବାନ୍ ଏବଂ ସୁଶିକ୍ଷିତ ଅଶ୍ୱ; ସେହି ସୁପଥରେ, ସଯତ୍ନରେ, ତ୍ୱରାରହିତ ଓ ଅମନ୍ଥର ଗତିରେ ତାହା ଅଗ୍ରସର ହେଉଛି ।

ସାତ୍ତ୍ୱିକ ଅହଂକାର ଏହାର ମାଲିକ, ଆରୋହୀ । ଯେଉଁ ତୁଙ୍ଗ ପ୍ରଦେଶରେ ଭଗବାନଙ୍କ ମନ୍ଦିର, ରଥ ତାହାର ଚାରି ପାଖରେ ଘୂରୁଛି । କିନ୍ତୁ କିଛି ଦୂରରେ ରହି ରହି ଘୂରୁଛି, ସେହି ଉଚ୍ଚ ଭୂମିର ନିକଟରେ ପହଞ୍ଚି ପାରୁ ନାହିଁ । ଯଦି ଉଠିବାକୁ ହୁଏ ତେବେ ରଥରୁ ଅବତରଣ କରି ପଦବ୍ରଜରେ ହିଁ ଉଠି ଯିବାକୁ ପଡ଼ିବ । ବୈଦିକ ଯୁଗ ପରେ ପ୍ରାଚୀନ ଆର୍ଯ୍ୟମାନଙ୍କର ସମାଜକୁ ଏହି ପ୍ରକାରର ରଥ କୁହାଯାଏ ।

ଦ୍ୱିତୀୟଟି ବିଳାସୀ କର୍ମଠମାନଙ୍କ ମଟର ଗାଡ଼ି । ଧୂଳିଝଡ଼ ମଝିରେ, ଭୀମ ବେଗରେ, ବଜ୍ର-ନିର୍ଘୋଷରେ ରାଜପଥ ଚୂର୍ଣ୍ଣ କରି ଅଶାନ୍ତ, ଅଶ୍ରାନ୍ତ ଗତିରେ ସେ ଧାଇଁଛି । ତା' ଶବ୍ଦରେ କାନ ବଧିର ହୋଇଯାଉଛି । ସେ ଯାହାକୁ ତା' ସମ୍ମୁଖରେ ଦେଖୁଛି, ଦଳି-ଚକଟି ଚାଲିଯାଉଛି । ଯାତ୍ରୀ ଲାଗି ପ୍ରାଣ-ସଙ୍କଟ ଓ ଦୁର୍ଘଟଣା ସ୍ୱାଭାବିକ । ରଥ ଭାଙ୍ଗି ପଡ଼ିବାର ସମ୍ଭାବନା ରହିଛି । କିନ୍ତୁ କଷ୍ଟେମଷ୍ଟେ ମରାମତି କରି ଦର୍ପର ସହିତ ତାକୁ ଚଳାଯାଏ, ଲକ୍ଷ୍ୟ ଅନିର୍ଦ୍ଦିଷ୍ଟ ହେଲେ ମଧ୍ୟ ନିକଟରେ ଥିବା ଯେଉଁ ନୂଆ ନୂଆ ଦୃଶ୍ୟ ଆଖି ଆଗରେ ପଡ଼େ, ''ଏହାହିଁ ଲକ୍ଷ୍ୟ, ଏହା ହିଁ ଲକ୍ଷ୍ୟ'' ବୋଲି ରଡ଼ି ଛାଡ଼ି ରଥର ମାଲିକ ରାଜସିକ ଅହଂକାର ସେହି ଆଡ଼କୁ ଧାଇଁ ଯାଏ । ଏହି ରଥରେ ଚଢ଼ିବାରେ ବହୁତ ଭୋଗ ସୁଖ ଅଛି । କିନ୍ତୁ ବିପଦ ମଧ୍ୟ ଅନିବାର୍ଯ୍ୟ ଏବଂ ଭଗବାନଙ୍କ ନିକଟରେ ପହଞ୍ଚିବା ଅସମ୍ଭବ । ଆଧୁନିକ ପାଶ୍ଚାତ୍ୟ ସମାଜ ହେଉଛି ଏହି ପ୍ରକାରର ମଟର ଗାଡ଼ି ।

ତୃତୀୟଟି ମଳିନ ପୁରୁଣା କଚ୍ଛପ ଗତି ଦରଭଙ୍ଗା ଶଗଡ଼ । କୃଶ, ଅନଶନକ୍ଲିଷ୍ଟ ଦରମରା ବଳଦ ଏହାକୁ ଟାଣନ୍ତି, ସଂକୀର୍ଣ୍ଣ ଗ୍ରାମପଥରେ ଏହା ଚାଲିଛି; ମଇଳା ଲୁଗା ପରିଧାନ କରିଥିବା ଚର୍ବିପୃଥୁଳ, ଶ୍ଳଥ, ଅନ୍ଧ ବୃଦ୍ଧ ଭିତରେ ବସି ମହାସୁଖରେ କାଦୁଅ ବୋଳା ହୁକା ଟାଣି ଟାଣି ଶଗଡ଼ର କର୍କଶ କେଁ...କେଁ ଶବ୍ଦ ଶୁଣି ଶୁଣି ଅତୀତର କେତେକ ବିକୃତ ଦରଖଣ୍ଡିଆ ସ୍ମୃତିରେ ମଗ୍ନ ହୋଇ ରହିଛି । ଏହି ମାଲିକର ନାମ ତାମସିକ ଅହଂକାର । ଏହି ଗାଡ଼ିବାଲାର ନାମ ପୋଥିପଢ଼ା ଜ୍ଞାନ । ସେ ପାଞ୍ଜି ଦେଖି ଦେଖି ଯିବାର ସମୟ ଏବଂ ଦିଗ ନିର୍ଦ୍ଧାରଣ କରେ । ''ଯାହା ଅଛି ବା ଥିଲା ତା' ଭଲ ଏବଂ ଯାହା ହେବାର ଚେଷ୍ଟା କରାଯାଉଛି ତାହା ହିଁ ଖରାପ'' – ଏହାହିଁ ତା' ମୁଖର ଏକମାତ୍ର କଥା । ଏହି ରଥରେ ଭଗବାନଙ୍କ ନିକଟରେ ନ ହେଲେ ମଧ୍ୟ ଶୂନ୍ୟ ବ୍ରହ୍ମ ପାଖରେ ପହଞ୍ଚିବାର ବେଶ୍ ଶୀଘ୍ର ସମ୍ଭାବନା ରହିଛି ।

ତାମସିକ ଅହଙ୍କାରବିଶିଷ୍ଟ ଶଗଡ଼ ବା ଗୋରୁଗାଡ଼ି ଯେତେବେଳ ପର୍ଯ୍ୟନ୍ତ ଗାଁ ଦାଣ୍ଡରେ କଚା ସଡ଼କରେ ଚାଲୁଥାଏ ସେତେବେଳ ଯାଏ ରକ୍ଷା, ଯେଉଁଦିନ ସେ ଜଗତର ରାଜପଥର ଉପରକୁ ଉଠିଆସିବ, ଯେଉଁଠି କି ବହୁ ସଂଖ୍ୟକ ବେଗଦୃପ୍ତ

ମଟରଗାଡ଼ିର ଯାତାୟତ, ସେତେବେଳେ ତା'ର ପରିଣାମ କ'ଣ ହେବ ସେକଥା ଭାବିଲା ବେଳକୁ ବି ପ୍ରାଣ ଶିହରି ଉଠୁଛି । ଏହା ହିଁ ବିପଦ ଯେ ରଥ ବଦଳାଇବା ସମୟକୁ ଚିହ୍ନିବା ବା ସ୍ୱୀକାର କରିବା ଲାଗି ତାମସିକ ଅହଙ୍କାରର ଜ୍ଞାନ, ଶକ୍ତି ସମର୍ଥ ହୋଇ ପାରେ ନାହିଁ । ଚିହ୍ନିବାର ସ୍ୱଭାବ ମଧ୍ୟ ନାହିଁ । ତା'ହେଲେ ତା'ର ବ୍ୟବସାୟ ଏବଂ ମାଲିକତ୍ୱ ବୃଥା ହୁଏ । ଯେତେବେଳେ ଏ ସମସ୍ୟା ଉପସ୍ଥିତ ହୁଏ ଯାତ୍ରୀମାନଙ୍କ ଭିତରୁ କେହି କେହି କହନ୍ତି ''ନାଁ ଥାଉ ଏହା ହିଁ ଭଲ । କାରଣ ଏହା ଆମ ନିଜର'' – ସେମାନେ ରକ୍ଷଣଶୀଳ ବା ଭାବୁକ ଦେଶଭକ୍ତ । କେହି କେହି କହନ୍ତି ''ଏପାଖ ସେପାଖ ଟିକିଏ ମରାମତି କରି ଦିଅ ନା'' – ଏହି ସହଜ ଉପାୟରେ କୁଆଡ଼େ ଶଗଡ଼ ଗାଡ଼ି ଅନିନ୍ଦ୍ୟ, ଅମୂଲ୍ୟ ମଟର ଗାଡ଼ିରେ ପରିଣତ ହୋଇଯିବ, – ଏମାନଙ୍କ ନାମ ହେଉଛି ସଂସ୍କାରକ । କେହି କେହି କହନ୍ତି – ''ପୁରାତନ କାଳର ସେହି ସୁନ୍ଦର ରଥଟି ଫେରି ଆସୁ'' – ସେମାନେ ସେହି ଅସାଧ ସାଧନର ଉପାୟ ଖୋଜିବାକୁ ବେଳେ ବେଳେ ପ୍ରୟାସ କରନ୍ତି । ଆଶାନୁରୂପ ଫଳ ଯେ ଫଳିବ ତାହାର କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ ।

ଏ ତିନୋଟି ଭିତରୁ ଯଦି ଅବଶ୍ୟ ଗୋଟିକୁ ବାଛିବାକୁ ହୁଏ, ଯଦି ଆମ୍ଭେମାନେ ଉଚ୍ଚତର ପ୍ରୟାସକୁ ପରିହାସ କରୁ, ତେବେ ସାତ୍ତ୍ୱିକ ଅହଙ୍କାରର ନୂତନ ରଥ ନିର୍ମାଣ କରିବା ଯୁକ୍ତିଯୁକ୍ତ । କିନ୍ତୁ ଜଗନ୍ନାଥଙ୍କ ରଥ ଯେପର୍ଯ୍ୟନ୍ତ ସୃଷ୍ଟ ନ ହୋଇଛି, ଆଦର୍ଶ ସମାଜ ମଧ୍ୟ ସେପର୍ଯ୍ୟନ୍ତ ଗଢ଼ାଯାଇ ପାରିବ ନାହିଁ । ତାହା ହିଁ ଆଦର୍ଶ, ତାହା ହିଁ ଚରମ, ଗଭୀରତମ, ଉଚ୍ଚତମ ସତ୍ୟର ବିକାଶ ଏବଂ ପ୍ରତିକୃତି; ମନୁଷ୍ୟଜାତି ଗୁପ୍ତ ବିଶ୍ୱପୁରୁଷର ପ୍ରେରଣାରେ ତାହା ହିଁ ଗଢ଼ିବାକୁ ଚେଷ୍ଟିତ । କିନ୍ତୁ ପ୍ରକୃତିର ଅଜ୍ଞାନବଶରେ ସେ ଅନ୍ୟ ଏକ ପ୍ରତିମା ଗଢ଼ି ଥୋଇଦିଏ । ହୁଏତ ତାହା ବିକୃତ, ଅସିଦ୍ଧ, କୁତ୍ସିତ ହୋଇଯାଏ, ନଚେତ୍ ଚଳିବା ଭଳି ଅର୍ଦ୍ଧ ସୁନ୍ଦର ବା ସୌନ୍ଦର୍ଯ୍ୟ ସତ୍ତ୍ୱେ ବି ଅସଂପୂର୍ଣ୍ଣ; ଶିବଙ୍କ ବଦଳରେ ହୁଏତ ବାମନ, ଅଥବା ରାକ୍ଷସ ଅଥବା ମଧ୍ୟମ ଲୋକର ଅର୍ଦ୍ଧଦେବତା ସୃଷ୍ଟ ହୁଏ ।

ଜଗନ୍ନାଥଙ୍କ ରଥର ପ୍ରକୃତ ଆକୃତି ବା ନମୁନା କେହି ଜାଣନ୍ତି ନାହିଁ, କୌଣସି ଜୀବନ-ଶିଳ୍ପୀ ତାକୁ ଅଙ୍କନ କରି ପାରନ୍ତି ନାହିଁ । ସେହି ଛବି ବିଶ୍ୱପୁରୁଷଙ୍କ ହୃଦୟରେ ପ୍ରସ୍ତୁତ ହୋଇ ନାନା ଆବରଣରେ ଆବୃତ ହୋଇ ରହିଛି । ଦ୍ରଷ୍ଟା, କର୍ତ୍ତା, ଅନେକ ଭାଗବତ ବିଭୂତିର ଅନେକ ଚେଷ୍ଟା ଦ୍ୱାରା ସେହି ଛବିକୁ ଆସ୍ତେ ଆସ୍ତେ ବାହାର କରି ସ୍ଥୂଳ ଜଗତରେ ତାହାକୁ ପ୍ରତିଷ୍ଠା କରିବା ହିଁ ଅନ୍ତର୍ଯାମୀଙ୍କ ଅଭିସନ୍ଧି ।

*

ଜଗନ୍ନାଥଙ୍କ ଏହି ରଥର ଅସଲ ନାମ ସମାଜ ନୁହେଁ, ସଂଘ । ବହୁମୁଖୀ ଶିଥିଳ ଜନସଂଘ ବା ଜନତା ନୁହେଁ; ଆତ୍ମଜ୍ଞାନର, ଭାଗବତ ଜ୍ଞାନର ଐକ୍ୟମୁଖୀ ଶକ୍ତି ଦ୍ୱାରା ଆନନ୍ଦରେ ଗଢ଼ାଯାଇଥିବା ବନ୍ଧନ ରହିତ ଅଚ୍ଛେଦ୍ୟ ସଂହତି, ଭାଗବତ ସଂଘ ।

ଅନେକ ସମବେତ ମନୁଷ୍ୟର ଏକତ୍ର କର୍ମ କରିବାର ଉପାୟରେ ଯେଉଁ ସଂହତି ତାହାହିଁ ସମାଜ ନାମରେ ଖ୍ୟାତ । ଶବ୍ଦର ଉତ୍ପତ୍ତିକୁ ବୁଝି ତା'ର ଅର୍ଥ କରାଯାଏ । ''ସମ୍'' ପ୍ରତ୍ୟୟର ଅର୍ଥ ହେଉଛି ଏକତ୍ର; ଅଜ୍ ଧାତୁର ଅର୍ଥ ଗମନ, ଧାବନ, ଯୁଦ୍ଧ । ସହସ୍ର ସହସ୍ର ମାନବ କର୍ମ ସକାଶେ ଏବଂ କାମନା ସକାଶେ ସମବେତ ଗୋଟିଏ କ୍ଷେତ୍ରରେ ରହି ବିଭିନ୍ନ ଦିଗକୁ ଧାଉଁଛନ୍ତି । କିଏ ଆଗେ ଯିବ, କିଏ ବଡ଼ ହେବ ତାହା ନେଇ ପ୍ରତିଯୋଗିତା (Competition) ଚାଲିଛି । ଅନ୍ୟ ସମାଜ ସହିତ ଯେପରି, ପରସ୍ପର ମଧ୍ୟରେ ମଧ୍ୟ ସେହିପରି ଯୁଦ୍ଧ ଓ କଳିତକରାଳ । ଏହି କୋଳାହଳ ମଧ୍ୟରେ ହିଁ ଶୃଙ୍ଖଳା ପାଇଁ, ସାହାଯ୍ୟ ପାଇଁ, ମନୋବୃତ୍ତିର ଚରିତାର୍ଥ କରିବା ପାଇଁ ନାନା ପ୍ରକାର ସମ୍ବନ୍ଧ ସ୍ଥାପନ, ନାନା ପ୍ରକାର ଆଦର୍ଶ ପ୍ରତିଷ୍ଠା । ଫଳରେ କଷ୍ଟସିଦ୍ଧ, ଅସଂପୂର୍ଣ୍ଣ କୌଣସି ଅସ୍ଥାୟୀ ବସ୍ତୁକୁ ବରଣ କରିବା ହିଁ ସମାଜର, ପ୍ରାକୃତିକ ସଂସାରର ସ୍ୱରୂପ ।

ଭେଦକୁ ଭିତ୍ତି କରି ପ୍ରାକୃତ ସମାଜ । ସେହି ଭେଦ ଉପରେ ଆଂଶିକ, ଅନିଶ୍ଚିତ ଓ ଅସ୍ଥାୟୀ ଐକ୍ୟ ନିର୍ମିତ । ଆଦର୍ଶ ସମାଜର ଗଠନ ଠିକ୍ ଏହାର ବିପରୀତ । ଐକ୍ୟ ତାହାର ଭିତ୍ତି; ଆନନ୍ଦ-ବୈଚିତ୍ର୍ୟ ନିମିତ୍ତ ତହିଁରେ ଦେଖାଯାଏ – ଭେଦର ନୁହେଁ,– ପାର୍ଥକ୍ୟ ଖେଳା । ସମାଜରେ ମିଳେ ଶାରୀରିକ, ମାନସ-କଳ୍ପିତ ଓ କର୍ମଗତ ଐକ୍ୟର ଆଭାସ, କିନ୍ତୁ ଆତ୍ମଗତ ଐକ୍ୟ ହେଲା ସଂଘର ପ୍ରାଣ ।

ଆଂଶିକ ଭାବରେ, ସଂକୀର୍ଣ୍ଣ କ୍ଷେତ୍ରରେ ସଂଘ ସ୍ଥାପନାର ନିଷ୍ଫଳ ଚେଷ୍ଟା ଅନେକ ଥର ହୋଇଛି, ହୁଏତ ତାହା ବୁଦ୍ଧିଗତ ଚିନ୍ତାର ପ୍ରେରଣାରେ – ଯେପରି ପାଶ୍ଚାତ୍ୟ ଦେଶରେ, ନୁହେଁ ତ' ନିର୍ବାଣୋନ୍ମୁଖ କର୍ମ ବିରତିର ସ୍ୱଚ୍ଛନ୍ଦ ଅନୁଶୀଳନ ସକାଶେ – ଯେପରି ବୌଦ୍ଧମାନଙ୍କର, ଅଥବା ତାହା ଭାଗବତ ଭାବର

ଆବେଗରେ – ଯେପରି ପ୍ରଥମ ଖ୍ରୀଷ୍ଟୀୟ ସଂଘରେ । କିନ୍ତୁ ଅଳ୍ପ କାଳ ମଧ୍ୟରେ ହିଁ ସମାଜର ଯାବତୀୟ ଦୋଷ ଓ ଅସଂପୂର୍ଣ୍ଣତାର ପ୍ରବୃତ୍ତି ପ୍ରବେଶ କରି ସଂଘକୁ ସମାଜରେ ପରିଣତ କରେ । ଚଞ୍ଚଳ ବୁଦ୍ଧିରେ ଚିନ୍ତା ତିଷ୍ଠେ ନାହିଁ, ପୁରାତନ ବା ନୂତନ ପ୍ରାଣ-ପ୍ରବୃତ୍ତିର ଅଦମ୍ୟ ସ୍ରୋତରେ ତାହା ଭାସିଯାଏ । ଭାବର ଆବେଗରେ ମଧ୍ୟ ଏହି ଚେଷ୍ଟାର ସଫଳତା ଅସମ୍ଭବ । ଭାବ ନିଜର ପ୍ରଖର ସ୍ରୋତରେ ପରିଶ୍ରାନ୍ତ ହୋଇ ପଡ଼େ । ନିର୍ବାଣକୁ ଏକାକୀ ଖୋଜିବା ଭଲ, ନିର୍ବାଣକୁ ପ୍ରିୟ କରି ସଂଘ ସୃଷ୍ଟି କରିବା ଏକ ବିପରୀତ କାଣ୍ଡ । ସଂଘ ସାଧାରଣତଃ କର୍ମର, ସମ୍ବନ୍ଧର ଲୀଳାଭୂମି ।

ଯେଉଁଦିନ ଜ୍ଞାନ, କର୍ମ ଏବଂ ଭାବର ସାମଞ୍ଜସ୍ୟ ଏବଂ ଏକୀକରଣ ଦ୍ୱାରା, ସମଷ୍ଟିଗତ ବିରାଟ ପୁରୁଷଙ୍କ ଇଚ୍ଛାଶକ୍ତିର ପ୍ରେରଣା ଦ୍ୱାରା ଆତ୍ମଗତ ଐକ୍ୟ ଦେଖା ଦେବ, ସେହିଦିନ ଜଗନ୍ନାଥଙ୍କ ରଥ ଜଗତର ରାସ୍ତାରେ ବାହାରି ଦଶ ଦିଗ ଆଲୋକିତ କରିବ । ପୃଥିବୀ ବକ୍ଷରେ ସତ୍ୟଯୁଗର ଅବତରଣ ହେବ, ମର୍ତ୍ତ୍ୟ-ମାନବର ପୃଥିବୀ ହେବ ଦେବତାର କ୍ରୀଡ଼ା-ଶିବିର, ଭଗବାନଙ୍କ ମନ୍ଦିର-ନଗରୀ, temple city of God – ଆନନ୍ଦପୁରୀ ।

(ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳୀ,
ପୃ. ୧୫୧-୧୫୪)

## ରୋଗ ଓ ଆରୋଗ୍ୟର ଊର୍ଦ୍ଧ୍ୱାତୀତ

All shall be captured by delight, transformed :
In waves of undreamed ecstasy shall roll
Our mind and life and sense and laugh in a light
Other than this hard limited human day,
The body's tissues thrill apotheosised,
Its cells sustain bright metamorphosis.

(Savitri - 171) – Sri Aurobindo

ଆନନ୍ଦ ଦ୍ୱାରା ହେବ ସବୁକିଛି ଅଧିକୃତ, ରୂପାନ୍ତରିତ :
ସ୍ୱପ୍ନାତୀତ ପରମାନନ୍ଦର ଊର୍ମିମାଳାରେ ଗଡ଼ିଯିବେ
ମନ, ପ୍ରାଣ, ଇନ୍ଦ୍ରିୟ ଆମ
ଆଉ ଏଇ କଠୋର ସୀମିତ ମାନୁଷୀ ଦିବସ
ଭିନ୍ନ ଏକ ଆଲୋକେ ଉଠିବେ ହସି,
ଶରୀରର ତନ୍ତୁରାଜି ଦିବ୍ୟତ୍ୱ ଆରୋପେ ଉଠିବେ ଶିହରି,
କୋଷରାଜି ତା'ର କରିବେ ଧାରଣ ଜ୍ୟୋତିର୍ମୟ ନବ ରୂପାୟଣ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ତିଥି

## ଅନିର୍ବାଣ

ଆଜି ଦିନଟି (ଅଗଷ୍ଟ ୧୫) ଆଉ ଗୋଟିଏ ଦିଗରୁ ବିଶେଷଭାବରେ ସ୍ମରଣୀୟ । ଆଜି ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ତିଥି, ସେହିପରି ଦୀର୍ଘଦିନର ପରାଧୀନତା ପରେ ଭାରତବର୍ଷର ସ୍ୱାଧୀନତାର ମଧ୍ୟ ଜନ୍ମତିଥି । ଦୁଇଟି ତିଥି ଏକ ହୋଇ ଯିବାର ଏକ ଗଭୀର ତାତ୍ପର୍ଯ୍ୟ ରହିଛି । ଏହା ଯେପରି ଭାରତବର୍ଷର ଚିରାଚରିତ ଜୀବନ-ସାଧନାର ସିଦ୍ଧି ପ୍ରତି ତା'ର ଭାଗ୍ୟ-ବିଧାତାଙ୍କର ଏକ ଜ୍ୟୋତିର୍ମୟ ଅଙ୍ଗୁଳି-ସଂକେତ । ଏହି ସିଦ୍ଧିର କ'ଣ ସ୍ୱରୂପ, ତାହା ଆଜି ଆମକୁ ଗଭୀର ଭାବେ ବୁଝିବାକୁ ହେବ ।

ଏ ଦେଶର ବେଦରେ, ଉପନିଷଦ୍‌ରେ, ଇତିହାସ-ପୁରାଣରେ ଦୁଇଟି ସାଧନାର କଥା ଘୋଷଣା କରାଯାଇଛି – ଗୋଟିଏ ବ୍ରହ୍ମର ଓ ଅନ୍ୟଟି କ୍ଷତ୍ରର । ବେଦର ସୁପ୍ରାଚୀନ ନିବିଡ଼ ମନ୍ତ୍ରରେ ଆମେ ପାଉ : ପ୍ରେଦଂ ବ୍ରହ୍ମ ପ୍ରେଦଂ କ୍ଷତ୍ରମ୍ ... ଯଜମାନମବତୁ – ଏଇ ବ୍ରହ୍ମ, ଏଇ କ୍ଷତ୍ର ସାଧକଙ୍କୁ ଘେରିଥାଉ, ତାହାଙ୍କୁ ଆଗେଇ ନେଇ ଚାଲୁ । କଠୋପନିଷଦ୍‌ରେ କୁହାଯାଇଛି ''ଯସ୍ୟ ବ୍ରହ୍ମ ଚ କ୍ଷତ୍ରଂ ଚ ଉଭେ ଭବତ ଓଦନଃ, ମୃତ୍ୟୁର୍ଯସ୍ୟୋପସେ ଚଲମ୍' – ବ୍ରହ୍ମ ଓ କ୍ଷତ୍ର ଦୁଇହିଁ ହେଲା ତାଙ୍କର ଅନ୍ନ; ଏବଂ ତାହାକୁ ସେ ସ୍ୱାଦୁ କରୁଛନ୍ତି ମୃତ୍ୟୁର ବ୍ୟଞ୍ଜନ ଦେଇ । ବ୍ରହ୍ମ ବ୍ରହ୍ମଜ୍ୟୋତିଃ ଓ କ୍ଷତ୍ର କ୍ଷାତ୍ର ବୀର୍ଯ୍ୟ । ଉପନିଷଦ୍‌ରେ ହିଁ ଆଧାତ୍ମ୍ ଦୃଷ୍ଟିରେ ପ୍ରଥମଟିକୁ କୁହାଯାଇଛି ପ୍ରଜ୍ଞା, ଦ୍ୱିତୀୟଟିକୁ ପ୍ରାଣ । ଯୋଗରେ ଗୋଟିଏ ହେଉଛି ଅନ୍ତରରେ ଶ୍ରଦ୍ଧାର ଆଲୋକ, ଅନ୍ୟଟି ସାଧନ ବୀର୍ଯ୍ୟ । ମହାଭାରତରେ ଭୀଷ୍ମଙ୍କ ଅନୁଶାସନରେ ଗୋଟିଏ ହେଉଛି ମୋକ୍ଷ ଧର୍ମ, ଅନ୍ୟଟି ରାଜଧର୍ମ । ପୁରାଣରେ ଗୋଟିଏ ହେଉଛି ଆନ୍ୱୀକ୍ଷିକୀ ଏବଂ ତ୍ରୟୀ – (Philosophy and Mysticism) ଅନ୍ୟଟି ଦଣ୍ଡନୀତି ଏବଂ ବାର୍ତ୍ତା – (Politics and Economics) । ଗୋଟିକର ସାଧନାରେ ନିଃଶ୍ରେୟସ, ଅନ୍ୟଟିର ସାଧନାରେ ଅଭ୍ୟୁଦୟ । ଦୁଇଟି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ, ଜୀବନରେ ଏହା ଭିତରୁ କୌଣସିଟିକୁ ବାଦ୍ ଦେଇ ଚାଲିବାର ଉପାୟ ନାହିଁ ।

ପ୍ରାଣହୀନ ପ୍ରଜ୍ଞାର ଉପାସନାରେ ଗୋଟିଏ ଜାତି ଦୁର୍ବଳ ହୋଇପଡ଼େ – ଯେପରି ଆମ ଦେଶରେ ଦେଖୁ; ସେହିପରି ପ୍ରଜ୍ଞାହୀନ ପ୍ରାଣର ଉପାସନା ନେଇ ଆସେ ବହିର୍ଜୀବନରେ ଏକ ଅଶାନ୍ତି ଓ ଅନ୍ତର୍ଜୀବନରେ ହାହାକାର – ଯେପରି ଦେଖୁ ପାଶ୍ଚାତ୍ୟ ଦେଶସବୁରେ । ବ୍ରହ୍ମ ଓ କ୍ଷତ୍ର ଭିତରେ ସୌଷମ୍ୟ ଆଣି ପାରିଲେ ହିଁ ଜୀବନର ପୂର୍ଣ୍ଣତା । ଶ୍ରୀଅରବିନ୍ଦଙ୍କ ଭାଷାରେ 'ଧର୍ମ ଓ ଜାତୀୟତା' ଉଭୟର ଉପାସନା ଆବଶ୍ୟକ । ତାଙ୍କ ନିଜ ଜୀବନରେ ଦେଖୁ ଉଭୟର ପୂର୍ଣ୍ଣ ସାମଞ୍ଜସ୍ୟ । ଏହି ଦିଗରୁ ସେ ଯେପରି ଭାରତର ଚିରନ୍ତନ ଜୀବନ ସାଧନାର ହିଁ ଚିଦ୍‌ଘନ ବିଗ୍ରହ ।

ତାଙ୍କ ଜୀବନ ଆରମ୍ଭ ହୋଇଥିଲା କ୍ଷାତ୍ର ବୀର୍ଯ୍ୟର ଉପାସନା ଦେଇ । ଏହି ଦେଶର ସକ୍ରିୟ ବିପ୍ଳବୀମାନଙ୍କର ସେ ପୁରୋଧା, ଜାତୀୟତାବାଦର ବରେଣ୍ୟ ଋତ୍ୱିକ୍ । କିନ୍ତୁ ସେତେବେଳେ ମଧ୍ୟ ସେ ଧର୍ମଚ୍ୟୁତ ନୁହନ୍ତି, ବ୍ରହ୍ମଜ୍ୟୋତିର ଅନୁବର୍ତ୍ତନରୁ ନିବୃତ୍ତ ନୁହନ୍ତି । ତା'ପରେ ଯେତେବେଳେ ଅନ୍ତରରେ ସୁସ୍ପଷ୍ଟ ନିର୍ଦ୍ଦେଶ ପାଇଲେ ବିପ୍ଳବ ଘଟାଇବାକୁ ହେବ ଆହୁରି ଗଭୀରରେ, ତା'ହେଲେ ହିଁ କେବଳ ଦେଶର ନୁହେଁ ବିଶ୍ୱମାନବର ସର୍ବାଙ୍ଗୀନ ମୁକ୍ତି – ସେତେବେଳେ ସେ ପ୍ରତ୍ୟକ୍ଷ ରାଜନୀତିରୁ ଅପସରି ଗଲେ । ଗୁହାୟିତ ହୋଇ ସେ ଅନ୍ତରରେ ବୁଡ଼ିଲେ କିନ୍ତୁ ବିଶ୍ୱ ସଙ୍ଗରେ ତାଙ୍କ ନାଡ଼ିର ଯୋଗ ମୁହୂର୍ତ୍ତକ ପାଇଁ ମଧ୍ୟ ବିଚ୍ଛିନ୍ନ ହେଲା ନାହିଁ । ଦେଶ-ବିଦେଶରେ ମହାମାନବର ସାଗର ନୀରରେ ଯେତେ ତରଙ୍ଗ ଉଠିଛି, ପ୍ରତ୍ୟେକଟି ତାଙ୍କ ହୃଦୟ ତଟରେ ପ୍ରହତ ହୋଇଛି । ଲୋକଚକ୍ଷୁର ଅନ୍ତରାଳରେ ହିରଣ୍ୟଗର୍ଭଙ୍କ ପରି ସେ ଏକ ଚିନ୍ମୟ ସ୍ୱପ୍ନ ରଚନା କରି ଯାଇଛନ୍ତି, ଯାହା ବିଶ୍ୱମାନବ ପାଇଁ ଅବଶ୍ୟମ୍ଭାବୀ ମହା-ଭବିଷ୍ୟର ପ୍ରଯୋଜକ ।

ସ୍ୱାଧୀନତାର ପ୍ରଥମ ଜନ୍ମତିଥିରେ ସେ କହିଥିଲେ : ''ଯେଉଁସବୁ ଜାଗତିକ ଆନ୍ଦୋଳନର ପୂର୍ଣ୍ଣ ସାଫଲ୍ୟ ମୁଁ ଦେଖିଯିବି ବୋଲି ଆଶା କରିଥିଲି; ଏକ ସମୟରେ ଯାହା ଅସମ୍ଭବ ସ୍ୱପ୍ନ ବୋଲି ମନେ ହେଉଥିଲା, ବର୍ତ୍ତମାନ ଦେଖୁଛି ସେଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇଯାଇଛି । ବାଲ୍ୟ ଓ ଯୌବନରେ ଯେଉଁସବୁ ଆଶା-ଆକାଂକ୍ଷା ମୋ ମଧ୍ୟରେ ଅଙ୍କୁରିତ ହୋଇଛି, ଭାରତର ସ୍ୱାଧୀନତା ସଙ୍ଗରେ ସେଗୁଡ଼ିକର ଯୋଗ ଘନିଷ୍ଠ । ଭାରତର ଅଭ୍ୟୁତ୍ଥାନ ତା'ର ନିଜର ସ୍ଥୂଳ

ସ୍ୱାର୍ଥସେବା ପାଇଁ ନୁହେଁ – ତାହାର ଜୀବନ ଧାରଣ ଭଗବାନଙ୍କ ପାଇଁ, ଜଗତ୍ ପାଇଁ ।''

ତେଣୁ ତାଙ୍କର ପ୍ରଥମ ଯୌବନ-ସ୍ୱପ୍ନ ଥିଲା ''ଏପରି ଏକ ବିପ୍ଳବ ଯାହା ଫଳରେ ଆସିବ ଭାରତବର୍ଷର ମୁକ୍ତି ଏବଂ ଐକ୍ୟ ।'' ମୁକ୍ତିର ସ୍ୱାଦ ଆମେ ପାଇଛୁ, ଯଦିଓ ଅନ୍ତରରେ ଓ ବାହାରେ, ଜୀବନର ସକଳ କ୍ଷେତ୍ରରେ ଆମେ ତାହାକୁ ବର୍ତ୍ତମାନ ମଧ୍ୟ ପ୍ରତିଷ୍ଠିତ କରିପାରିନୁ । ସର୍ବଭାରତୀୟ ଐକ୍ୟର ଚେତନା ବର୍ତ୍ତମାନ ମଧ୍ୟ ଆମ ଭିତରେ ଅତ୍ୟନ୍ତ ଦୁର୍ବଳ । ''ଅନ୍ତର୍ଦ୍ୱନ୍ଦ୍ୱର ସମ୍ଭାବନା – ଏପରିକି ନୂତନ ଏକ ବିଦେଶୀ ଆକ୍ରମଣ ଓ ଅଧିକାରର ସମ୍ଭାବନା'' ସଂପର୍କରେ ସେ ଆମକୁ ସତର୍କ କରାଇ ଦେଇଥିଲେ । କହିଥିଲେ ଆମମାନଙ୍କ ମୂଢ଼ତା ଯୋଗୁଁ ''ଭାରତର ଭବିତବ୍ୟ ସାଂଘାତିକ ଭାବରେ କ୍ଷୁଣ୍ଣ, ଏପରିକି ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ ।'' ତାହା ସଙ୍ଗେ ସଙ୍ଗେ ଏହି ଆଶ୍ୱାସ ମଧ୍ୟ ଦେଇଥିଲେ ''କିନ୍ତୁ ତାହା ଘଟିବାକୁ ଦିଆଯିବ ନାହିଁ ।''

ତାଙ୍କର ଦ୍ୱିତୀୟ ସ୍ୱପ୍ନ ଥିଲା, ''ଏସିଆର ପୁନରୁତ୍ଥାନ ଓ ମୁକ୍ତି, ମାନବ ସଭ୍ୟତାର କ୍ରମୋନ୍ନତି କକ୍ଷେ ତାହାର ଯେଉଁ ବିଧିନିର୍ଦ୍ଦିଷ୍ଟ ବ୍ରତଚର୍ଯ୍ୟା, ପୁନରାୟ ସେହି ବ୍ରତ ଗ୍ରହଣ କରିବା ।'' ମନେ ରଖିବାକୁ ହେବ ଯେ, ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଓ ମୁସଲମାନ ଏହି ଚାରୋଟି ବିଶ୍ୱଜନୀନ ଧର୍ମର ଉତ୍ସ ହେଉଛି ଏସିଆ । ଧର୍ମ ନିଃଶ୍ରେୟସର ସାଧନା, ଯେପରି ବିଜ୍ଞାନ ଅଭ୍ୟୁଦୟର । ଅଭ୍ୟୁଦୟକୁ ନିଃଶ୍ରେୟସର ଅନୁଗତ କରିବାକୁ ହେବ, ନ ହେଲେ ବିନଷ୍ଟିର ହାତରୁ ମଣିଷକୁ କେହି ବଞ୍ଚାଇ ପାରିବ ନାହିଁ । ଏଇଥିପାଇଁ ଏସିଆର ପୁନରୁତ୍ଥାନ, ଆତ୍ମପ୍ରତିଷ୍ଠା ଏବଂ ଐକ୍ୟ ସମଗ୍ର ମାନବଜାତିର କଲ୍ୟାଣ ପାଇଁ ଏକାନ୍ତ ପ୍ରୟୋଜନ । ଏହି କାମଟି ମଧ୍ୟ ଆରମ୍ଭ ହୋଇଯାଇଛି ।

ତାଙ୍କର ତୃତୀୟ ସ୍ୱପ୍ନ 'ମାନବ ଜାତିର ଐକ୍ୟ' । ମଣିଷ ଆଜି ଆଉ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ନାହିଁ । କହିବାକୁ ଗଲେ ସମଗ୍ର ପୃଥିବୀଟା ଯେପରି ଆମ ଗୃହପ୍ରାଙ୍ଗଣରେ ଗୋଟାଇ ହୋଇ ଆସୁଛି । ସଭ୍ୟତା, ସଂସ୍କୃତି ଓ ଧର୍ମରେ ପରସ୍ପର ସଙ୍ଗରେ ଅପରିଚୟର ବ୍ୟବଧାନ କ୍ରମଶଃ ଦୂର ହୋଇ ଯାଉଛି । ଯେଉଁଠି ସମସ୍ତଙ୍କୁ ନେଇ ହିଁ କାରବାର, ସେଠାରେ ଜୀବନର ବାହାର ଗଢ଼ଣଟି ଦିଗରେ ହିଁ ନଜର ପଡ଼ିବା ସ୍ୱାଭାବିକ ଏବଂ ପ୍ରୟୋଜନ ମଧ୍ୟ । ତେଣୁ ଆଜି ମଣିଷର ଭାବନାରେ ଅର୍ଥନୀତି ଓ ରାଜନୀତିର ପ୍ରାଧାନ୍ୟ । କିନ୍ତୁ ଏଠାରେ ମଧ୍ୟ ପ୍ରକୃତିର ନିୟମରେ ହିଁ ପାରସ୍ପରିକ ବିରୋଧର ଧାର ମରିଆସି ଏକ ବିଶ୍ୱଜନୀନ ଐକ୍ୟର ସମ୍ଭାବନା ସ୍ପଷ୍ଟ ହୋଇ ଉଠିଛି । ଆଜି ଏହାକୁ ନେଇ ଯେଉଁସବୁ ସମସ୍ୟାର ଉଦ୍ଭବ ହୋଇଛି, ତାହାର ଯଥାର୍ଥ ସମାଧାନ ଖୋଜି ପାଇବା ନିଶ୍ଚୟ ସମ୍ଭବପର, ମଣିଷ ଯେତେବେଳେ ପୃଥିବୀର ସ୍ୱର୍ଣ୍ଣଯୁଗ ଆଣିବାକୁ ଚାହିଁବ, କେବଳ ପରିବେଶର ଅଦଳବଦଳ ଦ୍ୱାରା ନୁହେଁ, ଚେତନାର ରୂପାନ୍ତର ଦ୍ୱାରା ହିଁ ତାହା ସଂପନ୍ନ ହେବ ।

ଏହି କ୍ଷେତ୍ରରେ ହିଁ ଭାରତବର୍ଷର ଅଧ୍ୟାତ୍ମ-ବିଦ୍ୟା ଜଗତର କାମରେ ଲାଗିବ – ଯେଉଁଥିପାଇଁ ଏତେ ଦୁର୍ଦ୍ଦୈବ ଭିତରେ ମଧ୍ୟ ସେ ଆଜି ତିଷ୍ଠି ରହିଛି । ଏହା ଥିଲା ଶ୍ରୀଅରବିନ୍ଦଙ୍କର ଚତୁର୍ଥ ସ୍ୱପ୍ନ ଯାହାର ସାଫଲ୍ୟର ସୂଚନା କ୍ରମଶଃ ହିଁ ପରିସ୍ଫୁଟ ହୋଇ ଉଠୁଛି ।

ତାଙ୍କର ସର୍ବଶେଷ ସ୍ୱପ୍ନ ''ଏକ ଊର୍ଦ୍ଧ୍ୱତର ଚେତନାରେ ମନୁଷ୍ୟର ଉତ୍ତରଣ ଏବଂ ତା'ଫଳରେ ପ୍ରକୃତିର ବିବର୍ତ୍ତନରେ ଏକ ନୂତନ ପର୍ଯ୍ୟାୟ'' । ଏହି ଚେତନାକୁ ସେ କହିଛନ୍ତି ଅତିମାନସ ବିଜ୍ଞାନଘନ ଚେତନା । ପୃଥିବୀରେ ଅତିମାନସ ଚେତନାର ଆବେଶରେ ସିଦ୍ଧ ହେବ ପ୍ରକୃତିର ଅତିମାନସ ରୂପାନ୍ତର । ତା'ର ଚରମ ପର୍ବ ଦୈହ୍ୟ ଅମରତ୍ୱ, ଶ୍ରୀଅରବିନ୍ଦଙ୍କ ବାଣୀରେ ଏହାର ସୂଚନା ରହିଛି । ... ... ...

ରୋଗୀ ଯଦି ରୋଗକୁ ମନେ ମନେ ପୋଷଣ କରେ, ଏହାକୁ ଯଥାର୍ଥ ବୋଲି ସାବ୍ୟସ୍ତ କରେ ଏବଂ ଏହାକୁ ବିଦାୟ ଦେବା ସକାଶେ ଅରାଜି ହୁଏ, ତେବେ ରୋଗମୁକ୍ତ କରିବା ପ୍ରସଙ୍ଗରେ ଜଣେ ତାକୁ ରକ୍ଷା କରିପାରିବ ନାହିଁ ।...

ଯାହା ବାସ୍ତବରେ ରକ୍ଷା କରେ, ତାହା ହେଉଛି ରୋଗରୁ ଉଦ୍ଧାର ପାଇବାର ଯଥାର୍ଥ ଇଚ୍ଛା ସହିତ ଭଗବାନଙ୍କ ଉପରେ ଆସ୍ଥା ଓ ଭରସା ।

– ଶ୍ରୀଅରବିନ୍ଦ

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଭାରତ କ'ଣ ସ୍ୱାଧୀନ ହେବ ?

### ଜାତୀୟ ବିକାଶ ଓ ବିଦେଶୀ ଶାସନ

ଅନୁଗତବାଦୀ(Loyalist)ର ସିଦ୍ଧାନ୍ତ ସହିତ ମୁକାବିଲା କରିବା ଭିତରେ ଭାରତର ଅବସ୍ଥାଗୁଡ଼ିକ ପ୍ରତି ବିଶେଷତଃ କ'ଣ କ'ଣ ସବୁ ପ୍ରଯୁଜ୍ୟ ହୋଇପାରେ ତା'ର ଆଲୋଚନା ଆମେ ଆରମ୍ଭ କରିବା ପୂର୍ବରୁ ସାର୍ବଜନୀନ ଧାରଣାଟିକୁ ପ୍ରଥମେ ପରଖ କରି ନେବାଟା ସୁବିଧାଜନକ ହେବ । ବିବାଦଟି ହେଲା ଏହି ଯେ ବିଦେଶୀ ଅଧୀନରେ ଏକ ସୁସ୍ଥ ବିକାଶ ସମ୍ଭବ; ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାତନ୍ତ୍ର୍ୟର କ୍ଷଣିକ ପାଇଁ ବି ପ୍ରଶ୍ନ ଉଠୁନି କିଂବା ଏହାର ଗୁରୁତ୍ୱକୁ ଅନେକ ଅତିରଞ୍ଜିତ କରାଯାଇଛି । ଏଇ ସ୍ୱତନ୍ତ୍ରତାକୁ ବାଦ୍ ଦେଲେ ରାଷ୍ଟ୍ରମାନେ ବେଶ୍ ଭଲ କରି ପାରିବେ; ଯଦି ସେମାନଙ୍କର ଥାଏ ଏକ ଉତ୍ତମ ପ୍ରଶାସନ ଯାହା ସର୍ବସାଧାରଣଙ୍କୁ ସୁଖ ଶାନ୍ତିରେ ରଖି ପାରୁଥିବ ଆଉ ସେମାନଙ୍କୁ ଅନୁମତି ଦେଉଥିବ ସେମାନଙ୍କର ଅର୍ଥନୈତିକ କ୍ରିୟାକଳାପ ଓ ନୈତିକ ସଦ୍‌ଗୁଣାବଳୀର ବିକାଶ ସାଧନ କରିବା ପାଇଁ, ତା'ହେଲେ ଅନ୍ୟମାନଙ୍କ ଦ୍ୱାରା ଶାସିତ ହେଉଛନ୍ତି ବୋଲି ଦୁଃଖରେ ଭାଙ୍ଗି ପଡ଼ିବା ସେମାନଙ୍କ ପକ୍ଷେ ଉଚିତ ହେବନି । କେତେକ ବିଶିଷ୍ଟ ରାଷ୍ଟ୍ରମାନଙ୍କ ଯୋଗୁଁ ସେମାନଙ୍କ ବିକାଶର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମୁକ୍ତି ଘୋର ଅନର୍ଥର କାରଣ ହୋଇ ଉଠିବ ଆଉ ବିଦେଶୀ ଶାସନ ଅଧୀନରେ ରହିଲେ ଅବସ୍ଥା ବେଶ୍ ସୁସ୍ଥ ରହିବ । ଅନୁଗତବାଦୀମାନେ ଯୁକ୍ତି ଉପସ୍ଥାପିତ କରନ୍ତି ଯେ ଭାରତ ହେଉଛି ଏଭଳି ପରିସ୍ଥିତିରେ ଗୋଟିଏ ରାଷ୍ଟ୍ରର ଦୃଷ୍ଟାନ୍ତ । ଏହାର ଜନସାଧାରଣଙ୍କର ପ୍ରଥମ କରଣୀୟ ହେଲା ସେମାନଙ୍କ ବାଣିଜ୍ୟର ବିକାଶ ସାଧନ କରିବା, ଶିକ୍ଷିତ ଓ ଜ୍ଞାନଦୀପ୍ତ ହେବା, ସେମାନଙ୍କର ସମାଜ ଭିତରେ ତଥା ଆଚରଣରେ ସଂସ୍କାରମାନ ଆଣିବା ଓ ସ୍ୱାୟତ୍ତ ଶାସନ ନିମନ୍ତେ ଅଧିକରୁ ଅଧିକ ଯୋଗ୍ୟ ହୋଇ ଉଠିବା । ଯେତିକି ଅନୁପାତରେ ସେମାନେ ଅଧିକ ସଭ୍ୟ ଓ ଅଧିକ ଯୋଗ୍ୟ ହୋଇ ଉଠିବେ, ସେମାନଙ୍କର ସମ୍ବେଦନଶୀଳ, ନ୍ୟାୟପରାୟଣ, ଦୂରଦୃଷ୍ଟିସମ୍ପନ୍ନ ଶାସକବର୍ଗଙ୍କଠାରୁ ଦେଶର ପ୍ରଶାସନରେ ସେମାନେ କ୍ରମେ ଅଧିକରୁ ଅଧିକ ଅଂଶଗ୍ରହଣ କରିପାରିବେ, ଯେପର୍ଯ୍ୟନ୍ତ ପୂର୍ଣ୍ଣ ଯୋଗ୍ୟତା ସହିତ ତାଳ ଦେଇ ବ୍ରିଟିଶ ନାଗରିକତ୍ୱର ମର୍ଯ୍ୟାଦା ଟିକକ ପୂରାପୂରି ଅଧିକାର ଭିତରକୁ ନ ଆସିଛି । ଚିନ୍ତାଧାରାଟି ହେଲା ବିଦେଶୀ ଶାସନ ଭଗବାନଙ୍କ କୃପାର ଏକ ବିଧାନ କିଂବା ପରମା ପ୍ରକୃତିର ଯୁଗପୋଯୋଗୀ ବ୍ୟବସ୍ଥା, ସଭ୍ୟତାର ରୀତି, ନୀତି ଓ ସ୍ୱାୟତ୍ତ ଶାସନର ପାରଦର୍ଶିତା ଅନୁସାରେ ଗୋଟିଏ ଦର ବିକଶିତ ଜାତିକୁ ପ୍ରଶିକ୍ଷଣ ହେବା ପାଇଁ । ଏହି ତତ୍ତ୍ୱ ହେଉଛି ଗୋଟିଏ ଆଧୁନିକ ଉଦ୍ଭାବନ, ପୁରାତନ ଓ ମଧ୍ୟଯୁଗୀୟ ସାମ୍ରାଜ୍ୟବାଦ ଖୋଲାଖୋଲିଭାବେ ଜୋର୍ ଯା'ର ମୁଲକ ତା'ର ନିୟମଟିକୁ ହିଁ ସ୍ୱୀକାର କରିଥିଲା; ବିଜେତା ରାଷ୍ଟ୍ରଟି ଭାବି ନେଉଥିଲା ଯେ ସାମରିକ ଶ୍ରେଷ୍ଠତ୍ୱ ହେଉଛି ସ୍ୱୟଂ ଏକ ପ୍ରମାଣ ଏଇୟା ସୂଚନା ଦେବା ପାଇଁ ଯେ ସେ କେବଳ ଶାସନ କରିବା ପାଇଁ ହିଁ ଅଭିପ୍ରେତ ଆଉ ପରାଧୀନ ଜାତିଟି ରହିଛି କେବଳ ବଶ୍ୟତା ସ୍ୱୀକାର କରିବା ପାଇଁ । ବିଧିର ବିଧାନ ଅନୁସାରେ ପରାଧୀନ ଜାତିକୁ ମୁକ୍ତି ବାରଣ କରାଯାଇ ଥିବାରୁ ତାହା ତା' ପାଇଁ କେବେ ବି ଶୁଭଙ୍କର ନୁହେଁ ବୋଲି ବିବେଚିତ ହେଉଥିଲା ଆଉ ଶାସକକୁ କେହି ଆହ୍ୱାନ କରୁ ନଥିଲେ ତତ୍‌କ୍ଷଣାତ୍ କିଂବା ପରେ ମୁକ୍ତି ପ୍ରଦାନ କରିବା ପାଇଁ । ଏଇ ମନୋଭାବ ନେଇ ଇଂଲଣ୍ଡ ଆୟର୍ଲାଣ୍ଡକୁ ଜୟ କରିଥିଲା, ଶାସନ କରୁଥିଲା, ମାନବିକତା ବିରୋଧୀ ସେଇ ବିଶ୍ୱାସଘାତକତା ଓ ନିର୍ମମ ଗଣହତ୍ୟାର ପନ୍ଥାମାନ ଅନୁସରଣ କରି, ଯାହା ଆଧୁନିକ ଯୁଗରେ ସାଧାରଣତଃ ତୁର୍କୀ ଓ ରୁଷିଆ ପରି ଏକଛତ୍ରବାଦର ଏକଚାଟିଆ ଅଧିକାର ବୋଲି ବିଚାର କରାଯାଇଥାଏ । କିନ୍ତୁ ଭାରତ ଉପରେ ଇଂଲଣ୍ଡର କର୍ତ୍ତୃତ୍ୱ ସୁଦୃଢ଼ ହେଲା ବେଳକୁ ଆଧୁନିକ ବିଶ୍ୱରେ ଏକ ପରିବର୍ତ୍ତନ ସଂଘଟିତ ହୋଇଥିଲା । ଗ୍ରୀକ୍ ଦେଶୀୟ ସ୍ୱାଧୀନତା ଓ ଗଣତନ୍ତ୍ରର ଭାବଧାରା ୟୁରୋପୀୟ ମନୀଷାକୁ ଗଭୀର ଭାବେ ଆଚ୍ଛନ୍ନ କରିବା ସଙ୍ଗେ ସଙ୍ଗେ ଗଣତାନ୍ତ୍ରିକ ଜାତୀୟତାବାଦର ମହାନ୍ ଉଦ୍ଦୀପନାଟିକୁ ସୃଷ୍ଟି କରି ସାରିଥିଲା ଯାହା ଊନବିଂଶ ଶତାବ୍ଦୀର ୟୁରୋପ ଉପରେ ପ୍ରାଧାନ୍ୟ ବିସ୍ତାର କରିଗଲା । ମଣିଷଜାତି ବିରୋଧରେ ଯେକୌଣସି ପ୍ରକାରର ଏକଛତ୍ରବାଦ ଯେ ଏକ ଗୁରୁତର ଅପରାଧ ଥିଲା ଏହି ଧାରଣା ଗୋଟିଏ ସହଜାତ ଅନୁଭୂତି ଭିତରେ ନିଶ୍ଚିତ ରୂପ ନେଇ ସାରିଥିଲା

ଏବଂ ଆଧୁନିକ ନୈତିକତା ଓ ଭାବାବେଶ ରାଷ୍ଟ୍ର ଦ୍ୱାରା ରାଷ୍ଟ୍ରର, ଗୋଷ୍ଠୀ ଦ୍ୱାରା ଗୋଷ୍ଠୀର ଆଉ ମଣିଷ ଦ୍ୱାରା ମଣିଷର ଦାସତ୍ୱ ବନ୍ଧନ ବିରୋଧରେ ବିଦ୍ରୋହ କରି ଚାଲିଥିଲା । ଏହି ଆଧୁନିକ ଆବେଗ ପାଖରେ ସାମ୍ରାଜ୍ୟବାଦକୁ ସ୍ୱୟଂ ତା' ଯଥାର୍ଥତାର ପ୍ରତିପାଦନ କରିବାକୁ ପଡ଼ିଥିଲା ଓ ତାହା ସେ କରିବାକୁ ସକ୍ଷମ ହୋଇପାରିଲା କେବଳ ମୁକ୍ତିର ତତ୍ତ୍ୱାବଧାରକ ରୂପେ ଛଳନା କରି, ସତେ ଯେପରି ତାହା ଊର୍ଦ୍ଧ୍ୱଲୋକରୁ ପ୍ରେରିତ ହୋଇଛି ଅସଭ୍ୟକୁ ସଭ୍ୟ କରି ଗଢ଼ିବା ପାଇଁ ଆଉ ଅଣତାଲିମ ପ୍ରାପ୍ତକୁ ତାଲିମ ଦେବା ପାଇଁ ସେଇ ସମୟ ଆସି ଉପଗତ ହେଲା ପର୍ଯ୍ୟନ୍ତ, ଯେତେବେଳେ ଦୟାବାନ୍ ବିଜେତା ତା' କାର୍ଯ୍ୟଟିକୁ ପୂରାପୂରି ସମ୍ପନ୍ନ କରି ସାରିଥିବ ଏବଂ ନିଃସ୍ୱାର୍ଥପରର ଅଭିନୟ କରି ଅବ୍ୟାହତି ନେଇ ପାରିବ । ଏଇ ସକଳ ପ୍ରତିଶ୍ରୁତି ସହିତ ଇଂଲଣ୍ଡ ମୋଗଲ ଐତିହ୍ୟକୁ ବଳପୂର୍ବକ ଅକ୍ତିଆର କରି ନେଇଥିଲା ଆଉ ଆମକୁ ହତବାକ୍ କରି ଦେଇଥିଲା ଦାସତ୍ୱ ଭିତରେ ବାନ୍ଧି ମୁହଁ ବନ୍ଦ କରି ତା'ର ଲୋକ ଦେଖାଣିଆ ସଚ୍ଚୋଟପଣିଆଁ ଓ ବଦାନ୍ୟତାର ଚମକ ବଳରେ । ଏ ପ୍ରକାର ଛଳନାର ଆଶ୍ରୟରେ ଇଜିପ୍ଟକୁ ସେ ନିଜ ରାଜ୍ୟ ସହିତ ମିଶ୍ରଣ କରି ଘଟଣାଟିକୁ ଗୋପନ ରଖି ପାରିଥିଲା । ଏହି ଧୋକ୍କାବାଜି, ପ୍ରତାରଣା ସବୁ ବ୍ରିଟିଶ ସାମ୍ରାଜ୍ୟ ପାଇଁ ଆବଶ୍ୟକ ହୋଇ ପଡ଼ିଥିଲା କାରଣ ଇଂଲଣ୍ଡରେ ଏକାନ୍ତ ଧର୍ମନିଷ୍ଠ ମଧ୍ୟବିତ୍ତ ଶ୍ରେଣୀ କ୍ଷମତାସୀନ ହୋଇଥିଲା ଆଉ ଇଂରେଜୀ ମତିଗତି ପାଇଁ ଅତି ଧାର୍ମିକ ଆତ୍ମ-ଔଚିତ୍ୟବୋଧ (self-righteousness)ଟିକୁ ପ୍ରଦାନ କରିଥିଲା ଯାହା ପୁଣ୍ୟର, ଉଦାରତାର ଏବଂ ସ୍ୱାର୍ଥ ବିରହିତ ମାନବ-ହିତୈଷୀବାଦର ଆବରଣ ତଳେ କେବଳ ଯେତିକି କାର୍ଯ୍ୟ ସମ୍ଭବ ସେତକ ବାଦ୍ ଦେଇ ଅନ୍ୟାୟ କାର୍ଯ୍ୟରେ ଆଉ ସ୍ୱାର୍ଥବିଜଡ଼ିତ ହରିଲୁଟ୍‌ରେ ଲିପ୍ତ ରହିବାକୁ ଚାହୁଁ ନ ଥିଲା । ଊନବିଂଶ ଶତାବ୍ଦୀର ଉଦାରଭାବାପନ୍ନ ଆବେଗ ଓ ବ୍ରିଟିଶ ଜାତିର ଅତି ଧର୍ମନିଷ୍ଠ ମଧ୍ୟବିତ୍ତ ଗୋଷ୍ଠୀର ମୌଳିକ ତତ୍ତ୍ୱ ପାଖରେ ନିଜକୁ ପ୍ରତିପାଦିତ କରିବା ପାଇଁ ବ୍ରିଟିଶ ସାମ୍ରାଜ୍ୟବାଦର ଯେଉଁ ତୃଷ୍ଣା ରହିଥିଲା ତା' ମଧ୍ୟରେ ଅନୁଗତବାଦୀ ରାଜଭକ୍ତ ପୋଷଣ କରୁଥିବା ମତବାଦର ମୂଳ ଉତ୍ସଟିକୁ ଖୋଜି ବାହାର କରାଯାଇପାରେ ।

ତା'ହେଲେ ପ୍ରଶ୍ନ ଉଠେ ଏହି ତତ୍ତ୍ୱର ଆହୁରି ଶକ୍ତ ଚେର କ'ଣ ସତରେ ଅଛି ? ଏକ ସହଜସୁଲଭ ସିଦ୍ଧାନ୍ତ ଅପେକ୍ଷା ଏହା ଆଉ କ'ଣ କିଛି ଅଧିକ ? ବାସ୍ତବ ଘଟଣା ସହିତ ହେଉ କିଂବା କୌଣସି ମାନବୀୟ ଅଭିଜ୍ଞତା ସହିତ ଏହାର କ'ଣ କିଛି ସମ୍ବନ୍ଧ ରହିଛି ? ଏସବୁ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ତିନି ପ୍ରକାରର ମୁକ୍ତି ମଧ୍ୟରେ ଥିବା ତାରତମ୍ୟକୁ ଜାଣିବା ଦରକାର ଯାହା କେମିତି ଗୋଳମାଳିଆ ହୋଇ ରହିଯାଇଛି । ଗୋଟିଏ ହେଲା ରାଷ୍ଟ୍ରର ସ୍ୱାଧୀନତା ରୂପକ ମୁକ୍ତି ଯାହାକୁ ହାସଲ କରାଯାଏ ବିଦେଶୀର ଶାସନ କବଳରୁ; ଆଉ ଗୋଟିଏ ହେଲା ଆଭ୍ୟନ୍ତରୀଣ ମୁକ୍ତି କିଂବା ସେଇ ସ୍ୱାଧୀନତା ଗୋଟିଏ ବ୍ୟକ୍ତିର ଏକଛତ୍ରବାଦ କବଳରୁ, ଏକ ଗୋଷ୍ଠୀର କିଂବା କେତେଗୁଡ଼ିଏ ଗୋଷ୍ଠୀର ସମଷ୍ଟି କବଳରୁ, ଯାହାକୁ ସଠିକ ଭାବେ ସ୍ୱାୟତ୍ତ ଶାସନ ବୋଲି ଅଭିହିତ କରାଯାଏ; ଆଉ ତୃତୀୟଟି ହେଲା ବ୍ୟକ୍ତିଗତ ମୁକ୍ତି ବା ବ୍ୟକ୍ତିର ସ୍ୱାଧୀନତା, ତାକୁ ହାସଲ କରାଯାଏ ଯେତେବେଳେ ବ୍ୟକ୍ତିଟି ତା' ଉପରେ ଲାଗୁ କରାଯାଇଥିବା ଅନାବଶ୍ୟକ ଓ ସ୍ୱେଚ୍ଛାଚାରୀ ପ୍ରତିବନ୍ଧ କବଳରୁ ମୁକ୍ତ ହୁଏ, ସେଗୁଡ଼ିକ ସମାଜ ଦ୍ୱାରା ଲାଗୁ କରାଯାଇଥାଉ କିଂବା ସରକାର ପକ୍ଷରୁ, ଯାହାର କି ସେ ହେଉଛି ଅଙ୍ଗ ବିଶେଷ, ତେଣିକି ସେ ସରକାର ଏକ ରାଜତାନ୍ତ୍ରିକ କିଂବା ଗଣତାନ୍ତ୍ରିକ ହେଉ, ଗୋଷ୍ଠୀତାନ୍ତ୍ରିକ କି ଅମଲାତାନ୍ତ୍ରିକ ହେଉ । ପ୍ରଶ୍ନଟି ହେଉଛି ଏଇ ସମସ୍ୟା ସମ୍ପର୍କରେ, ଉପରୋକ୍ତ ତିନୋଟି ମୁକ୍ତି ଭିତରୁ ତା'ହେଲେ କେଉଁ ଗୋଟିକ ଜାତୀୟ ଜୀବନର ନିରାମୟ ବିକାଶ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ; କିଂବା କୌଣସି ମୁକ୍ତି ନ ଥାଇ ଏଭଳି ବିକାଶ କ'ଣ କେବେ ସମ୍ଭବ ହୋଇପାରେ ?

ଜାତୀୟ ଜୀବନରେ, ଲୋକମାନଙ୍କୁ ନେଇ ବିଭିନ୍ନ ଦଳ ଗଠନର, ଆଉ ଯାହାକୁ ସରକାର ବୋଲି କୁହାଯାଏ ସେଇ ପ୍ରଶାସନର ଏକ ସଙ୍ଗଠିତ ମାଧ୍ୟମ ଦ୍ୱାରା ଶାସିତ ହେବା ପାଇଁ ସେମାନେ ମଉନ ସମ୍ମତି ସହ ନିଜକୁ ଅର୍ପଣ କରିବାର ଲକ୍ଷ୍ୟ ହେଉଛି ବ୍ୟକ୍ତି ବିଶେଷ ତଥା ଦଳ ଭିତରେ ମାନବିକ ବିକାଶର ସାଧନ କିନ୍ତୁ ଏତଦ୍ ବ୍ୟତୀତ ଆଉ କିଛି ନୁହେଁ । ଜଣେ ବ୍ୟକ୍ତି ଏକାକୀ ଦଣ୍ଡାୟମାନ ହୋଇ ବିକାଶ ଲାଭ କରି ପାରିବନି; ଯେଉଁ ଦଳ ଭିତରେ ସେ ରହିଛି ତା'ର ସମର୍ଥନ ଓ ସହଯୋଗ ଉପରେ ସେ ନିର୍ଭର କରେ । ସେହିପରି ଦଳଟିଏ ମଧ୍ୟ ଆପେ ଆପେ ବିକାଶ ଲାଭ କରି ପାରିବନି ଯେପର୍ଯ୍ୟନ୍ତ ତା'ର ଏକ ସଙ୍ଗଠନ ନ ରହିଛି ଯାହାକୁ ଅବଲମ୍ବନ କରି ସେ ଖାଲି ଆଭ୍ୟନ୍ତରୀଣ ଶାନ୍ତି, ଶୃଙ୍ଖଳା ଏବଂ ବାହ୍ୟ ଆକ୍ରମଣରୁ ନିଜର ସୁରକ୍ଷାକୁ ହାସଲ କରେ ନାହିଁ କିନ୍ତୁ ଉପଯୁକ୍ତ ପରିବେଶମାନ ସୃଷ୍ଟି କରେ ତା'ର ଶାରୀରିକ, ନୈତିକ, ବୌଦ୍ଧିକ କ୍ଷେତ୍ରରେ କାର୍ଯ୍ୟକଳାପ ଓ ସାମର୍ଥ୍ୟଗୁଡ଼ିକର ବିକାଶ ଦିଗରେ ଅବାଧ

ସୁଯୋଗ ସୃଷ୍ଟି କରିବା ପାଇଁ । ରାଷ୍ଟ୍ର କିଂବା ଗୋଷ୍ଠୀ କ୍ଷେତ୍ରରେ ଯାହା ଘଟେ ଗୋଟିଏ ବ୍ୟକ୍ତି କ୍ଷେତ୍ରରେ ତା' ଘଟେନା । ବ୍ୟକ୍ତି ନିଜର ବିକାଶ କ୍ଷେତ୍ରରେ ସ୍ୱତନ୍ତ୍ର ପାରଦର୍ଶିତା ଲାଭ କରିବା ସଙ୍ଗେ ସଙ୍ଗେ ତା'ର ସମସ୍ତ କାର୍ଯ୍ୟକାରୀ ଶକ୍ତିକୁ ଗୋଟିଏ ଧାରାରେ ନିୟୋଜିତ କରିପାରେ । ରାଷ୍ଟ୍ରକୁ ତା' ସାମରିକ ତଥା ରାଜନୈତିକ ମାହାତ୍ମ୍ୟ ଓ କାର୍ଯ୍ୟଶକ୍ତିର, ବୌଦ୍ଧିକ ଓ ସୌନ୍ଦର୍ଯ୍ୟ ବୋଧ ବିଷୟକ (aesthetic) ମାହାତ୍ମ୍ୟ ଓ କାର୍ଯ୍ୟଶକ୍ତିର, ବାଣିଜ୍ୟ ସମ୍ପର୍କିତ ମାହାତ୍ମ୍ୟ ଓ କାର୍ଯ୍ୟଶକ୍ତିର; ନୈତିକ ସ୍ୱଚ୍ଛତା ଓ ତେଜସ୍ୱୀତାର ବିକାଶକୁ ଯେମିତି ହେଲେ ସାଧନ କରିବାକୁ ପଡ଼ିବ । ଯାନ୍ତ୍ରିକ ସଙ୍ଗଠନର ଏ ସମସ୍ତ କ୍ରିୟା ଭିତରୁ ଗୋଟିଏ ମଧ ଏହା ପରିତ୍ୟାଗ କରିପାରିବ ନାହିଁ ଯଦି ଜୀବନ ସଂଗ୍ରାମରେ ଦଣ୍ଡାୟମାନ ହେବା ପାଇଁ ନିଜକୁ ଅଯୋଗ୍ୟ କରି ନଥାଏ ଆଉ ପରିଶେଷରେ ଅଧିକ ଉନ୍ନତ ଭାବେ ସଙ୍ଗଠିତ ରାଷ୍ଟ୍ରମାନଙ୍କର ଚାପ ପ୍ରୟୋଗରେ ହାରମାନି ଧ୍ୱଂସ ପାଇଯିବାର ନଥାଏ । କାର୍ଥେଜ୍ (Carthage) ପରି ଖାଲି ବାଣିଜ୍ୟ କ୍ଷେତ୍ରରେ ସମୃଦ୍ଧି ଲାଭ କରିଥିବା ରାଜ୍ୟ ବରବାଦ ହୋଇଯାଇଛି ଏପରି ଗୋଟିଏ ରାଜ୍ୟକୁ ଦାରୁଣ ଆଘାତ ଦେଇ ଯାହାର ସାମରିକ, ରାଜନୈତିକ ତଥା ବାଣିଜ୍ୟିକ ଶକ୍ତି ସମ୍ବଳର ବିକାଶ ସାଧିତ ହୋଇଥିଲା । ସ୍ପାର୍ଟା (Sparta) ପରି କେବଳ ଏକ ସାମରିକ ରାଜ୍ୟ ତା'ର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ବିରୋଧରେ ଠିଆ ହୋଇପାରିବ ନାହିଁ ଯେଉଁମାନେ ସାମରିକ ଦକ୍ଷତା ସହିତ ଏକାଧାରରେ ତୋଳି ଧରିଛନ୍ତି ସମାନ ସ୍ତରର ଏକ ମହତ୍ତର ବିଜ୍ଞାନ, ବୌଦ୍ଧିକ ଶକ୍ତିର ଉଚ୍ଛ୍ୱାସ ଆଉ ରାଜନୈତିକ ସାମର୍ଥ୍ୟକୁ । ଇଟାଲୀରେ ଗ୍ରୀକ୍‌ର ଉପନିବେଶ ପରି ଖାଲି ଏକ ସୌନ୍ଦର୍ଯ୍ୟବୋଧ ବିଷୟକ ଏବଂ ବୌଦ୍ଧିକ ରାଜ୍ୟର କିଂବା ପେରୁ (Peru) ସାମ୍ରାଜ୍ୟ ପରି ଏକ ବିଶୁଦ୍ଧ ନୈତିକ ଓ ଆଧ୍ୟାତ୍ମିକ ସଂଘର ଅସ୍ତିତ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଅଧିକ କଠୋର କିନ୍ତୁ ଅଧିକ ଉତ୍ସାହ ଉଦ୍ଦୀପନା ଭରା ଆଉ ବହୁମୁଖୀ ସଙ୍ଗଠନଗୁଡ଼ିକ ସହିତ ଲଢ଼େଇ ଭିତରେ । ଗୋଟିଏ ରାଷ୍ଟ୍ର ସକାଶେ ଏପରି କୌଣସି ସରକାର ବାସ୍ତବିକ କଲ୍ୟାଣକର ହୋଇପାରିବ ନାହିଁ କିଂବା ଜାତୀୟ ଜୀବନ ଓ ବିକାଶର ଲକ୍ଷ୍ୟକୁ ପୂରଣ କରି ପାରିବନି ଯିଏ ସମସ୍ତ ପ୍ରକାରର ଜାତୀୟ କର୍ମଧାରାର, ସାମର୍ଥ୍ୟ ଓ ପ୍ରଖର କର୍ମଶକ୍ତିଗୁଡ଼ିକର ସୁଯୋଗ ପୂର୍ଣ୍ଣମାତ୍ରାରେ ସୃଷ୍ଟି କରେନି । ଯଥାର୍ଥରେ ଦେଖିବାକୁ ବସିଲେ ଏକ ରାଷ୍ଟ୍ର ପାଇଁ ବିଦେଶୀ ଶାସନ ହେଉଛି ଅସ୍ୱାଭାବିକ ଓ ମାରାତ୍ମକ, କାରଣ ଏ ଧରଣର ଶାସନ ତା' ନିଜର ପ୍ରକୃତ ସ୍ୱରୂପକୁ ଆଣି ଖୋଦ୍ ଏ ସକଳ କାର୍ଯ୍ୟ ଓ ଶକ୍ତି, ସାମର୍ଥ୍ୟ ଉପରେ ଆରୋପ କରିବା ସଙ୍ଗେ ସଙ୍ଗେ ତା'ର ଅବିରାମ ସ୍ଥାୟିତ୍ୱକୁ ବଜାୟ ରଖିବା ପାଇଁ ସେଗୁଡ଼ିକର ଧ୍ୱଂସ ସାଧନ କରେ । ଏମିତିକି ପ୍ରଚଣ୍ଡ ଭାବରେ ସେଗୁଡ଼ିକୁ ଧ୍ୱସ୍ତ ବିଧ୍ୱସ୍ତ ନ କଲେ ମଧ, ତା'ର ନିହାତି ଉପସ୍ଥିତି ଜାହିର କରି ନିଷ୍କ୍ରିୟ ମନୋଭାବ ନେଇ ପ୍ରତିବନ୍ଧକ ସୃଷ୍ଟି କରେ ସେମାନଙ୍କ ଅଭିବୃଦ୍ଧିରେ । ଫଳରେ ପରାଧୀନ ରାଷ୍ଟ୍ରଟି ପରାଶ୍ରିତ ହୋଇ ବିପର୍ଯ୍ୟସ୍ତ ହୋଇଯାଏ, କ୍ରମେ କ୍ଷୟ ପ୍ରାପ୍ତ ହୋଇ ସକଳ ସାମର୍ଥ୍ୟକୁ ହରାଇ ବସେ । ଏହି କାରଣ ଯୋଗୁଁ ସ୍ୱାଧୀନତା ଏକାନ୍ତ ଅପରିହାର୍ଯ୍ୟ ଜାତୀୟ ଅଭିବୃଦ୍ଧି ସକାଶେ । ଜାତୀୟ ମୁକ୍ତି ବ୍ୟତିରେକେ କୌଣସି ଜାତୀୟ ବିକାଶ ସମ୍ଭବ ହୋଇ ପାରେନା ।

ଜାତୀୟବିକାଶ ପାଇଁ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଜରୁରୀ, କାରଣ ଯଦି ବ୍ୟକ୍ତିକୁ ଅଯଥା ବାଧା ଦିଆଯାଏ, ତା'ହେଲେ ଜାତୀୟଜୀବନର ସମୃଦ୍ଧି କ୍ଷତିଗ୍ରସ୍ତ ହୁଏ ଆଉ ଶ୍ରୀହୀନ ହୋଇଯାଏ । ଯଦି ବ୍ୟକ୍ତିଟିକୁ ଅବାଧ ସ୍ୱାଧୀନତା ମିଳେ ନିଜକୁ ଉପଲବ୍ଧି କରିବା ପାଇଁ, ପୂର୍ଣ୍ଣାଙ୍ଗ କରି ଗଢ଼ିବା ପାଇଁ, ସବିଶେଷ ଜ୍ଞାନ ଆହରଣ କରିବା ପାଇଁ ଏବଂ ତା'ର ବିଶେଷ ସାମର୍ଥ୍ୟଗୁଡ଼ିକ ସମୁନ୍ନତ କରିବା ପାଇଁ, ତା'ର ପୌରୁଷର ଚୂଡ଼ାନ୍ତ ଶିଖରରେ ପଦାର୍ପଣ କରିବା ପାଇଁ, ତା'ହେଲେ ଜାତୀୟ ପ୍ରଗତିର ବୈଚିତ୍ର୍ୟ ଓ କ୍ଷିପ୍ରତାକୁ ପ୍ରଭୂତ ପରିମାଣରେ ବୃଦ୍ଧି କରାଯାଏ । ଯେତେଦିନ ପର୍ଯ୍ୟନ୍ତ ସେ ଶୃଙ୍ଖଳାବଦ୍ଧ ହୋଇ ରହିଥାଏ ଏବଂ ତାକୁ ସୁଯୋଗରୁ ବଞ୍ଚିତ କରାଯାଉଥାଏ, ତେବେ ରାଷ୍ଟ୍ରର ବିକାଶର ଗତି ଅବରୁଦ୍ଧ ହେବା ସଙ୍ଗେ ସଙ୍ଗେ ମନ୍ଥର ହୋଇଯାଏ । ଯେଉଁ ସରକାର ବ୍ୟକ୍ତିକୁ ସ୍ୱାତନ୍ତ୍ର୍ୟ ଓ ସୁବିଧାରୁ ବଞ୍ଚିତ କରି ରଖେ, ବ୍ୟକ୍ତି ବିଶେଷ ମଧ ରାଷ୍ଟ୍ରର ବଳିଷ୍ଠ ବିକାଶର କଣ୍ଠରୋଧ କରିବାରେ ସାହାଯ୍ୟ କରେ ଆଉ ତାକୁ ଆଗକୁ ଅଗ୍ରସର ହେବାକୁ ଦିଏ ନାହିଁ ଯେମିତି ସବୁ ବିଦେଶୀ ସରକାରମାନେ ଅନେକ ପରିମାଣରେ ନିଶ୍ଚିତ ରୂପେ କରି ବସନ୍ତି । ବ୍ୟକ୍ତିର ବିକାଶ ସାଧିତ ହେଲେ ଅନୁପ୍ରବେଶକାରୀ ଶକ୍ତିର ବୃଦ୍ଧି ହଜିଯାଏ ଏବଂ ହଜିଯିବ ନିଶ୍ଚୟ – ଯେପର୍ଯ୍ୟନ୍ତ ଏହି ବିକାଶକୁ ମାତ୍ର ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କ କ୍ଷେତ୍ରରେ ସୀମିତ ରଖାଯାଇ ଉତ୍କୋଚ ଜରିଆରେ ଆଉ ନାନା ସମ୍ମାନରେ ଭୂଷିତ କରି, ନିଯୁକ୍ତି ମାନ ଦେଇ କିଂବା ଅନ୍ୟ କିଛି ବ୍ୟକ୍ତିଗତ ସୁବିଧା ପ୍ରଦାନ କରି ସେମାନଙ୍କ ମୁହଁକୁ ବନ୍ଦ କରିଦିଆ ନଯାଇଛି । କାରଣ ବିକାଶରୁ ହିଁ ଅଭିଳାଷର ସୃଷ୍ଟିହୁଏ ଆଉ ପରାଧୀନ ଜାତିଟି ଭିତରେ ଏହି ବିକାଶଜନିତ ଆକାଙ୍କ୍ଷାର ଅଭିବୃଦ୍ଧି

ଅପେକ୍ଷା ବିଦେଶୀ ଶାସନର ନିରବଚ୍ଛିନ୍ନ ସ୍ଥାୟିତ୍ୱ ପ୍ରତି ଆଉ ସେଭଳି ସାଂଘାତିକ ବିପଦ କିଛି ନାହିଁ । ଯେହେତୁ ବିଦେଶୀ ଶାସନ ଏହି ଆକାଙ୍କ୍ଷାକୁ ପୂରଣ କରିପାରେ ନାହିଁ । ଭାରତବର୍ଷରେ ବ୍ରିଟିଶ ଆଧିପତ୍ୟକୁ ବଜାୟ ରଖିବାର ଅନିବାର୍ଯ୍ୟ ପ୍ରୟୋଜନବଶତଃ ଲର୍ଡ଼ କର୍ଜନ୍ ବିଶ୍ୱବିଦ୍ୟାଳୟ ଆଇନ ପ୍ରଚଳନ କ୍ଷେତ୍ରରେ ଯେଉଁ କାର୍ଯ୍ୟ କଲେ ତାହା ଦିନେ ନା ଦିନେ କରିବାକୁ ପଡ଼ିଥା'ନ୍ତା । ସାମ୍ରାଜ୍ୟବାଦୀ ଦୃଷ୍ଟିଭଙ୍ଗୀରୁ ବିଚାର କଲେ ଏହାର ଗୋଟିଏ ମାତ୍ର ତ୍ରୁଟି ହେଲା ଯେ ଏହି ଆଇନର ପ୍ରଚଳନ ହେଲା ବେଳକୁ ବହୁତ ବିଳମ୍ବ ହୋଇ ସାରିଥିଲା ।

ଜାତୀୟ ବିକାଶର ସମୃଦ୍ଧି ଓ ବିବିଧତା ପାଇଁ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଠିକ୍ ଯେମିତି ଆବଶ୍ୟକ ହୋଇଉଠେ ସେମିତି ତା'ର ପରିପୂର୍ଣ୍ଣତା ଓ ଜାତୀୟ ଶକ୍ତିର ପୂର୍ଣ୍ଣ ବିନିଯୋଗ ପାଇଁ ସ୍ୱାୟତ୍ତ ଶାସନର ମଧ୍ୟ ଆବଶ୍ୟକ ହୁଏ । ଯଦି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରଭାବଶାଳୀ ହେବା ସାଙ୍ଗକୁ ଅନ୍ୟମାନେ ବିଷାଦଗ୍ରସ୍ତ ହୋଇ ପଡ଼ନ୍ତି, ତା'ର ପରିଣାମ ସ୍ୱରୂପ ଜାତୀୟଶକ୍ତିର ସମଷ୍ଟି ଭିତରୁ ଅବସାଦଗ୍ରସ୍ତ ଗୋଷ୍ଠୀଗୁଡ଼ିକର ଅନ୍ତର୍ନିହିତ ପରାକ୍ରମରୂପୀ ବହୁମୂଲ୍ୟ ପ୍ରବେଗଟି ହଜିଯାଏ । ହୁଏତ ପ୍ରଭାବଶାଳୀ ଗୋଷ୍ଠୀମାନେ ନିର୍ବିବାଦରେ ଏଇ ଗୌରବମୟ ବିକାଶର ଦୃଷ୍ଟାନ୍ତ ଦେଖେଇ ପାରନ୍ତି ଆଉ ଇତିହାସର ପୋଥି ଭିତରେ ରାଷ୍ଟ୍ରଟିକୁ ମହାନ୍ ଓ ପ୍ରଖ୍ୟାତ ବୋଲି ଲିପିବଦ୍ଧ କରି ରଖିପାରନ୍ତି; କିନ୍ତୁ ଯେତେବେଳେ ସବୁକିଛି କଥା ସରିଯାଏ ସେତେବେଳେ ଜାତୀୟ ଶକ୍ତି ରହିଯାଏ କିଛି ସୁବିଧାବାଦୀ ଗୋଷ୍ଠୀଙ୍କ ଶକ୍ତିର ସମାହାର ପାଖରେ । ଅତୀତରେ ଭାରତବର୍ଷର ବିରାଟ ଦୁର୍ବଳତା ଥିଲା ସର୍ବସାଧାରଣଙ୍କର ରାଜନୈତିକ ଅବସାଦ ଓ ବ୍ୟର୍ଥତା । ସେ ମୋଗଲ ହୁଅନ୍ତୁ କି ବ୍ରିଟିଶ ହୁଅନ୍ତୁ ଭାରତକୁ ଭାରତର ଜନସାଧାରଣଙ୍କ ପାଖରୁ କେହି ଜୟକରି ନେଇ ନାହାନ୍ତି, କିନ୍ତୁ ମୁଷ୍ଟିମେୟ ଗୋଟିଏ ସୁବିଧାବାଦୀ ଗୋଷ୍ଠୀଙ୍କ ହାତରୁ ତାହା ଚାଲିଯାଇଛି ସେମାନଙ୍କ ପାଖକୁ । ପକ୍ଷାନ୍ତରେ, ଅଷ୍ଟାଦଶ ଶତାବ୍ଦୀରେ ମରହଟ୍ଟା ଓ ଶିଖମାନଙ୍କର ପରାକ୍ରମ ଓ କୃତିତ୍ୱର ମୂଳରେ ଥିଲା ଶିବାଜୀ ଏବଂ ଗୁରୁଗୋବିନ୍ଦଙ୍କର ନୀତି ଯାହା ସମଗ୍ର ରାଷ୍ଟ୍ରକୁ ଡାକରା ଦେଇଥିଲା ଲଢୁଆ ସାମ୍ମୁଖ୍ୟ ଗଠନ କରିବାକୁ । ସେମାନେ ବିଫଳ ପ୍ରୟାସୀ ହୋଇଥିଲେ ତା'ର ଏକମାତ୍ର କାରଣ ହେଉଛି ଶିବାଜୀ ମରହଟ୍ଟାମାନଙ୍କର ଜାତୀୟଶକ୍ତିକୁ ଯେଉଁ ସଂଯୋଗୀକରଣଟି ଦେଇଥିଲେ ତାକୁ ସେମାନେ ସୁରକ୍ଷିତ ରଖିପାରିଲେ ନାହିଁ କିଂବା ଗୁରୁ ଗୋବିନ୍ଦ ଖାଲ୍‌ସା ସମ୍ପ୍ରଦାୟକୁ ଦେଇଥିବା ଶୃଙ୍ଖଳାଟିକୁ ଶିଖମାନେ ମଧ୍ୟ ବଜାୟ ରଖିପାରିଲେ ନାହିଁ । ଏକଥା କ'ଣ କେବେ ବିଶ୍ୱାସଯୋଗ୍ୟ ହୋଇପାରେ ଯେ ଗୋଟିଏ ବିଦେଶୀ ଶାସନ ଏକ ପରାଧୀନ ରାଷ୍ଟ୍ର ମଧ୍ୟରେ ସେଇ ସାର୍ବଜନୀନ ରାଜନୈତିକ ଚେତନାର ଅଭିବୃଦ୍ଧିକୁ ଜାଣିଶୁଣି ତ୍ୱରାନ୍ୱିତ କରିବ କିଂବା ପ୍ରଶ୍ରୟ ଦେବ ଯାହା ସ୍ୱାୟତ୍ତ ଶାସନ ଭିତରେ ସମ୍ୟକ୍ ଭାବେ ନିହିତ ଥାଏ ? ଏକଥା ବେଶ୍ ସ୍ପଷ୍ଟ ଯେ ଯେତେଦିନ ପର୍ଯ୍ୟନ୍ତ ରାଜନୈତିକ ଚେତନା ହିଂସା ଦ୍ୱାରା ଶ୍ୱାସରୁଦ୍ଧ କିଂବା ନିଷ୍କ୍ରିୟତା ଭିତରେ ସମ୍ମୋହିତ ହୋଇ ରହିଥିବ ସେତିକି ସମୟ ପର୍ଯ୍ୟନ୍ତ ବିଦେଶୀ ଶାସନ ସ୍ଥାୟୀ ହୋଇ ରହିଯିବ । ଯେଉଁ ମୁହୂର୍ତ୍ତରେ ରାଜନୈତିକ ଦୃଷ୍ଟିକୋଣରୁ ରାଷ୍ଟ୍ର ଆତ୍ମସଚେତନ ହୋଇଉଠେ, ବିଦେଶୀ ଆଧିପତ୍ୟର ସର୍ବନାଶଟା ନିର୍ଧାର୍ଯ୍ୟ ହୋଇଯାଏ । ଯେଉଁ ଶାସନତନ୍ତ୍ର ଆମକୁ ଶାସନ କରୁଛି ମୂଳରୁ ତାହା ଖାଲି ବିଦେଶୀ ନୁହଁ, ଆମ ପାଇଁ ବହିରାଗତ ମଧ୍ୟ, — ତାହା ନିଜ ସ୍ୱାର୍ଥ ସାଧନ ସକାଶେ ଧାରଣ କରି ରଖିଛି ଓ ଶୋଷଣ କରିଚାଲିଛି ପୁଷ୍ଟିସାଧନ ଶକ୍ତିର ନିର୍ଯାସକୁ ପରାଧୀନର ସ୍ୱାଭାବିକ ଗଠନ ପ୍ରକ୍ରିୟା ଭିତରୁ, ଅସଂଖ୍ୟ ସ୍ପର୍ଶିକା (Tentacles) ଓ ସ୍ପର୍ଶାନୁଭୂତି (Feelers) ସାହାଯ୍ୟରେ ହଜାର ହଜାର ମାଇଲ ଦୂରରୁ । ପ୍ରାକୃତିକ ଇତିହାସ ଭିତରେ ବିଦେଶୀ ଆଧିପତ୍ୟ ପରାନ୍ନଭୋଜୀ ଜାତୀୟ ପ୍ରାଣୀ ବୋଲି ଚିତ୍ରିତ ହୋଇନି ସତ କିନ୍ତୁ ତାହା ଯେ ଅଷ୍ଟପାଶ ବିଶିଷ୍ଟ ସାମୁଦ୍ରିକ ଜୀବ (Octopus) । ସ୍ୱାୟତ୍ତ ଶାସନର ଅର୍ଥ ହେଲା ଏଇ ସ୍ପର୍ଶିକାଗୁଡ଼ିକ ହଟେଇ ଦେବା ଆଉ ତା'ର ଧରି ରଖିବା କ୍ଷମତା ଓ ପୁଷ୍ଟିସାଧନ ଉଭୟକୁ ଶେଷ କରିବା । ଏକ ସ୍ୱତନ୍ତ୍ର ଯାନ୍ତ୍ରିକ ସଂସ୍ଥାନ ରୂପେ (Organism) ପରାଧୀନ ରାଷ୍ଟ୍ରର ବିକାଶକୁ, ସ୍ୱାୟତ୍ତ ଶାସନ ପାଇଁ ସାମର୍ଥ୍ୟର ଏବଂ ସ୍ୱାୟତ୍ତ ଶାସନରେ ଅଭ୍ୟାସର ଅଭିବୃଦ୍ଧିକୁ, ତା'ର ବ୍ୟକ୍ତି ବିଶେଷଙ୍କର ସାମର୍ଥ୍ୟ ଓ ଆକାଙ୍କ୍ଷାର ବିକାଶକୁ ବିଦେଶୀ ଶାସନ ସ୍ୱାଭାବିକତଃ ବିରୋଧ କରେ । ଆମେ ଯଦି ଭାବି ନେଉ ଯେ ବିଦେଶୀ ଶାସନ ଉଦ୍ଦେଶ୍ୟମୂଳକ ଭାବେ ସ୍ୱାଧୀନତା ପାଇଁ ଆମକୁ ତାଲିମ ଦେବ କିଂବା ଆମେ ନିଜକୁ ନିଜେ ତାଲିମ ଦେବା ପାଇଁ ସୁଯୋଗ ଦେବା, ତା'ହେଲେ ପ୍ରକୃତି ମଧ୍ୟରେ ଏହା ଏକ ଅଲୌକିକ ଘଟଣା ବୋଲି ଧରିନେବାକୁ ପଡ଼ିବ ।

[ବନ୍ଦେ ମାତରମ୍, ଏପ୍ରିଲ ୨୯, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ମହୋତ୍ସର୍ଗ

# ଛିନ୍ନମସ୍ତା*

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଯୁଗେ ଯୁଗେ ସର୍ବତ୍ର ପୃଥିବୀପୃଷ୍ଠରେ ଯେତେବେଳେ ଏକ ନୂତନ ସୃଷ୍ଟି-ସର୍ଜନା ହୋଇଛି ଅଥବା ପାର୍ଥିବ ବାତାବରଣରେ ଏକ ନୂତନ ଚେତନାର ଅଭିବ୍ୟକ୍ତି ଘଟିଛି, ଏହା ସର୍ବଦା ପୁରାତନ ସୃଷ୍ଟିର ଧ୍ୱଂସ, ବିନଷ୍ଟର ଏକ ପର୍ଯ୍ୟାୟ ପରେ ହିଁ ସଂଘଟିତ ହୋଇଛି । ଶିବଙ୍କ ନୃତ୍ୟର ଦୁଇଟି ବିଭାବ ଅଛି — ସର୍ଜନାର ଲାସ୍ୟ ଆଉ ମଧ ଧ୍ୱଂସର ଆନନ୍ଦ — ଲାସ୍ୟ ଓ ତାଣ୍ଡବ — ଉଭୟ ହିଁ ଏଯାବତ୍ ସମପରିମାଣରେ ଆବଶ୍ୟକ ଓ ପରସ୍ପରର ପରିପୂରକ ।

ଧ୍ୱଂସର ଅର୍ଥ ହେଲା ସେଇ ଅନାବଶ୍ୟକ, ଅଯୋଗ୍ୟର ଧ୍ୱଂସ ଓ ଯାହାସବୁ ନବସୃଷ୍ଟିର ଆଗମନକୁ ସ୍ୱୀକାର କରିବାକୁ ଅରାଜି ହୁଏ, ତା'ର ପଥରୋଧ କରେ, ତାହାକୁ ଅଗ୍ରାହ୍ୟ କରିବାକୁ ଚେଷ୍ଟା କରେ — ଅର୍ଥାତ୍ ଯାହାସବୁ ଅନିବାର୍ଯ୍ୟ ଅଭିନବ ଭବିଷ୍ୟତ୍ ସହ ସଙ୍ଗତି ରକ୍ଷା କରେ ନାହିଁ, ସେସବୁର ବିନଷ୍ଟି । ପାର୍ଥିବ ବିବର୍ତ୍ତନ ହେଲା ଅଗ୍ରଗତିର ଏକ ଯାତ୍ରା, ତୁମେ ଯଦି ତା'ର ଗତିଧର୍ମ ସହ ସମତାଳ ବଜାୟ ରଖିବାରେ ବିଫଳ ହୁଅ ତେବେ ତୁମକୁ ପଥଚ୍ୟୁତ ହେବାକୁ ପଡ଼ିବ, ବରଂ ତୁମେ ପରବର୍ତ୍ତୀ ଆଗତ ପର୍ଯ୍ୟାୟ ପାଇଁ ସୁଯୋଗ ପାଇବାର ଯୋଗ୍ୟତାରୁ ବିବର୍ଜିତ ହୁଅ ।

ତୁମେ ଯଦି ପୁରାତନର ସୃଷ୍ଟିରେ ରୁହ ଅବା ଅନ୍ତତଃ-ପକ୍ଷେ ତାକୁ ଭଲପାଅ, ତା' ପ୍ରତି ଆସକ୍ତ ହୁଅ, ତେବେ ଧ୍ୱଂସଟି ତୁମ ପାଇଁ ଯନ୍ତ୍ରଣାକ୍ଳିଷ୍ଟ, ଏମିତିକି ଭୟାବହ ଓ ଘୃଣ୍ୟ ହୋଇଥାଏ । କିନ୍ତୁ ତୁମେ ଯଦି ନବସୃଷ୍ଟି ପ୍ରତି ଆସ୍ପୃହାରତ, ଉଦୀୟମାନ ଭବିଷ୍ୟତରେ ଅଂଶ ଗ୍ରହଣ କରିବା ପାଇଁ ଈପ୍‌ସିତ, ଆଉ ତା'ର ହିଁ ହୋଇସାରିଛ, ତା'ହେଲେ ତୁମେ ଏହି ଧ୍ୱଂସର ଆବଶ୍ୟକତାକୁ ଉପଲବ୍ଧି କରିବ ଏବଂ ତାକୁ ସ୍ୱାଗତ କରିବ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଏବଂ ଏପରିକି ଏଥିରେ ଆନନ୍ଦିତ ମଧ ହେବ । ତୁମେ ହିଁ ଧ୍ୱଂସର ଆନନ୍ଦକୁ ଉପଭୋଗ କରିବ — ଅନ୍ତତଃ ଜଣାଯାଏ ଯେ ଶିବ ତଥା ଦିବ୍ୟଶକ୍ତି ଏଇ ଧ୍ୱଂସକୁ ଉପଭୋଗ କରନ୍ତି ।

ସେହିପରି କିଛି, ବାସ୍ତବରେ ସେଇ ଏକହିଁ କଥା ବର୍ତ୍ତମାନ ଘଟୁଛି । ମହାକାଳୀ ତାଙ୍କର ପ୍ରସ୍ତୁତି ପର୍ବର ତଥା ବିଚ୍ଛିନ୍ନତାର କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି — ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କର ପଥ ପରିଷ୍କାର କରିବା ସକାଶେ ଧ୍ୱଂସ ଓ ବିନଷ୍ଟିର କାର୍ଯ୍ୟ ଆରମ୍ଭ କରି ଦେଲେଣି, ଯାହା ପ୍ରତି ମାହେଶ୍ୱରୀଙ୍କର ଅସୀମ ପ୍ରେମ ଓ ଅନୁକମ୍ପାର ଅନୁମୋଦନ ତଥା ସହାୟତା ରହିଛି । ଅଭିନବ ସୃଷ୍ଟି ଓ ଅଭିନବ ଜଗତ୍, ଯାହାକୁ ଶ୍ରୀମା **ଏତେ** ଶ୍ରଦ୍ଧା ଓ **ଯତ୍ନରେ** ଗଢ଼ିଛନ୍ତି ଏବଂ ତଥାପି ଗଢ଼ି ଚାଲିଛନ୍ତି, ତାହା ଆତ୍ମ-ପ୍ରକାଶ କରିବାକୁ ପ୍ରସ୍ତୁତ — ବାସ୍ତବ ପରିସରରେ ନିଜକୁ ଅନାବରଣ କରିବାକୁ ପ୍ରସ୍ତୁତ ଏବଂ ପୃଥିବୀପୃଷ୍ଠରେ ବାସ୍ତବ ରୂପ ନେବା ସକାଶେ ଅପେକ୍ଷମାଣ, କିନ୍ତୁ ପୃଥିବୀ ଏଯାବତ୍ ବି ପ୍ରସ୍ତୁତ ନୁହେଁ ବରଂ ମାନବ ଏଯାବତ୍ ବି ସଜାଗ, ପ୍ରସ୍ତୁତ ନୁହେଁ; ସେ ତଥାପି ଏହାକୁ ଅସ୍ୱୀକାର କରେ, ତା'ର ପୁରାତନ ମୃତ ଜଗତକୁ ଜାବୁଡ଼ି ଧରି ରଖେ, ଦୃଢ଼ତାର ସହ ଜାବୁଡ଼ି ଧରି ରଖେ ଏବଂ ତା'ର ମିଥ୍ୟାଚାର ତଥା କୁଟିଳତାର କ୍ରୀଡ଼ାକୁ ଶ୍ରଦ୍ଧା କରେ । ବୋଧହୁଏ ତା'ର ଅହଂଗ୍ରସ୍ତ ପ୍ରକୃତି ଓ ଅସ୍ୱଚ୍ଛ ଗଠନ-କ୍ରିୟା ସକାଶେ ସତ୍ୟ ହୋଇଥାଏ ଅତ୍ୟୁଜ୍ଜ୍ୱଳ ଓ ବହୁ ବାଧକର, ସୁତରାଂ ସେ ନୂତନ ଚେତନାକୁ, ନୂତନ ବାସ୍ତବତାକୁ ଯେତେ ସମ୍ଭବ ଅଗ୍ରାହ୍ୟ କରେ ଓ ତା'ର ପଥରୋଧ କରେ । ଶ୍ରୀମା ତାଙ୍କର ଅସୀମ ଶ୍ରଦ୍ଧାବଶତଃ ଏହି ଅଗ୍ରାହ୍ୟକୁ ନିଜ ସତ୍ତାରେ ଗ୍ରହଣ କରିବାକୁ ଚେଷ୍ଟା କରିଥିଲେ, ଯେତେ ସମ୍ଭବ ଅଧିକ ଉପାଦାନମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ପରିବର୍ତ୍ତିତ କରିବାକୁ ଚେଷ୍ଟା କରିଥିଲେ — ତା'ପରେ ଯେତେବେଳେ ଅଧିକ କିଛି କରାଯାଇ ପାରିଲା ନାହିଁ, ସେ ନିଜକୁ ପ୍ରତ୍ୟାହାର କରିନେଲେ ଏବଂ

* ନଳିନୀକାନ୍ତ ଗୁପ୍ତଙ୍କର ଘରୋଇ ବକ୍ତବ୍ୟର ବିବରଣ ।

ତାଙ୍କର ଅନ୍ୟ ବିଭାବଟିକୁ ସେହି ଅନିବାର୍ଯ୍ୟ କାର୍ଯ୍ୟ କରିବା ସକାଶେ ଅର୍ଥାତ୍ ସେହି ପୁରାତନ ଅନମନୀୟ ଜଗତକୁ ଭାଙ୍ଗିବା ସକାଶେ ତାଙ୍କ ପରିସରକୁ ଛାଡ଼ିଦେଲେ – ଏହାହିଁ ପୃଥିବୀର ତଥା ମାନବଜାତିର ଚୂଡ଼ାନ୍ତ କଲ୍ୟାଣ ସକାଶେ ଆବଶ୍ୟକ ।

ସେ କାର୍ଯ୍ୟ ଆରମ୍ଭ ହୋଇଯାଇଛି – ଏହାକୁ ତୁମେ ଶିବଙ୍କର ତାଣ୍ଡବ ନୃତ୍ୟ କହିପାର ଅବା କହିପାର ଭୟଙ୍କରୀ କାଳୀଙ୍କର ନୃତ୍ୟ – ଏହାର ଅୟମାରମ୍ଭ ହୋଇଯାଇଛି ଏବଂ ଏହା ଅଧିକ ତ୍ୱରାନ୍ୱିତ ଭାବେ ତା' ପଥରେ ଅଗ୍ରସର ହେଉଛି । ଧ୍ୱଂସ, ଦ୍ରବଣ, ପତନ – ହଁ, ତାହା ତ ଏହାର ପ୍ରଥମ ପରିଣାମ ଯାହାକୁ ଆମେ ଦେଖି ସାରିଲୁଣି ଓ ଆମକୁ ଭଲ ଲାଗୁ କି ନ ଲାଗୁ ଆମେ ସେଥିରେ ଅଂଶଗ୍ରହଣ କଲୁଣି । ଏହାହିଁ ହେଉଛି ପରମ ପ୍ରଭୁଙ୍କର ବିଧିନିର୍ଧାର୍ଯ୍ୟ । ଏହାହିଁ ଘଟିବାକୁ ବାଧ୍ୟ । ଯେଉଁମାନେ ସତ୍ୟକୁ ଜାବୁଡ଼ି ଧରିଛନ୍ତି ଏଥିରୁ ଉଦ୍‌ବର୍ତ୍ତିତ ହୋଇଯିବେ ଏବଂ ଯେଉଁମାନେ ମିଥ୍ୟାଚାର ସହ ମିତ୍ରତା ପୋଷଣ କରୁଛନ୍ତି, ବିନଷ୍ଟ ହୋଇଯିବେ । ସଚେତନ ଭାବେ ହେଉ କି ଅଚେତନ ଭାବେ ହେଉ କୌଣସି ଗୋଟିଏକୁ ବାଛିନେବା ବ୍ୟତୀତ ମାନବର ଅନ୍ୟ ଉପାୟ ନାହିଁ ।

ଏହା ହେଉଛି ଏକ ଅନିବାର୍ଯ୍ୟ ପର୍ଯ୍ୟାୟ, ତୁମେ ଯଦି ଦିବ୍ୟସତ୍ୟ ପ୍ରତି ଆସ୍ପୃହାଶୀଳ, ତେବେ ତୁମ ପାଇଁ ବିଳାପ କରିବାକୁ କି ଶୋକ କରିବାକୁ କିଛି ବି ନାହିଁ ।

ବାସ୍ତବରେ ଏହାର ପରବର୍ତ୍ତୀ ପର୍ଯ୍ୟାୟ ହେବ ଧ୍ୱଂସାବଶେଷର ନିଷ୍କାସନ – ଏକ ପୁଙ୍ଖାନୁପୁଙ୍ଖ ନିଷ୍କାସନ, ସତ୍ୟ-ବିରୋଧୀ ସକଳ ବସ୍ତୁର ଅପସାରଣ, ମୃତ ଜଗତର ବିନାଶ, ଯଦ୍ୱାରା ପରିସର ସକଳ କଳୁଷିତ ଓ ଅନ୍ଧକାର ବସ୍ତୁରୁ ନିଷ୍କାସିତ ହୋଇ ରହିବ । କାରଣ ସେତେବେଳେ କେବଳ ନୂତନ ସତ୍ୟ, ନୂତନ ବାସ୍ତବତା ଆଗେଇ ଆସିବାକୁ ସକ୍ଷମ ହେବ ଏବଂ ଶ୍ରୀମାଙ୍କର ଲକ୍ଷ୍ୟ ସିଦ୍ଧ ହେବ ।

ନୂତନ ସର୍ଜନାଟି ଏଇଠି ହିଁ ଅଛି, ସ୍ୱୟଂ ଆପଣାକୁ ଗଢ଼ି ତୋଳୁଛି – ଯାହାକିଛି ବର୍ତ୍ତମାନ ଆଶ୍ରମରେ ଓ ଆଶ୍ରମ ବାହାରେ ଘଟୁଛି, କେବଳ ନୂତନ ସୃଷ୍ଟିଟି ଅଧିକ ତ୍ୱରାନ୍ୱିତ ଭାବେ ଆଗେଇ ଆସିପାରିବ ବୋଲି ହିଁ ତାହା ଘଟୁଛି । ଶ୍ରୀମା ବାହ୍ୟତର ଭାରା(scaffolding)ଟିକୁ ଭାଙ୍ଗି ପକାଉଛନ୍ତି, ଯାହା ମଧ୍ୟରେ ନୂତନ ସୃଷ୍ଟିଟି ପ୍ରତିଷ୍ଠିତ ହୋଇ ରହିଛି କିଂବା ତୁମେ କହିପାର ଯେ ଏଇ ମୃତ ଖୋଳପାଟିକୁ ଭାଙ୍ଗି ଦିଆଯାଉଛି, ତା'ହେଲେ ନୂତନ ସୃଷ୍ଟିଟି ବାହାରକୁ ବାହାରି ଆସିବ । ଏହା ହେଲା ଶ୍ରୀମାଙ୍କର ଆଚରଣ ତାଙ୍କର ସ୍ୱୟଂ ସତ୍ତାକୁ ନେଇ । ସେ ଛିନ୍ନମସ୍ତା ରୂପ ଧାରଣ କରିଛନ୍ତି । ସେ ଯାହାସବୁ ଧ୍ୱଂସ କରୁଛନ୍ତି ତାହା ହେଉଛି ତାଙ୍କର ନିଜସ୍ୱ ଅନେକ ସତ୍ତା – ଏହା ଯେପରି ସେ ସ୍ୱୀୟ ଶରୀରର ପୁରାତନ ଅନୁପଯୋଗୀ ଅଙ୍ଗପ୍ରତ୍ୟଙ୍ଗରୁ ମୁକ୍ତ ହେଉଛନ୍ତି । ଆମେମାନେ ଶ୍ରୀଅରବିନ୍ଦଙ୍କର 'ଦେବମୁହୂର୍ତ୍ତ'ରେ ଥିବା ଏଇ ଧାଡ଼ିଗୁଡ଼ିକୁ ସ୍ମରଣ କରିପାରୁ :

''... ଏଇ ସମୟ ପ୍ରାୟଶଃ ଭୟାବହ, ଏକ ଅଗ୍ନି, ଏକ ଘୂର୍ଣ୍ଣିବାତ୍ୟା, ଏକ ଝଞ୍ଜା, ଭଗବାନଙ୍କର ରୌଦ୍ର ତାଣ୍ଡବ ପଦାଘାତ; କିନ୍ତୁ ଯିଏ ତା'ର ଅଭିପ୍ରାୟର ସତ୍ୟରେ ଦଣ୍ଡାୟମାନ ହୋଇପାରିବ, ସେ ହିଁ କେବଳ ଦଣ୍ଡାୟମାନ ରହିବ, ଯଦିଓ ସେ ଅଧଃପତିତ ହୁଏ, ତଥାପି ପୁନର୍ବାର ଉତ୍ଥିତ ହେବ, ଯଦିଓ ସେ ବାୟୁର ପକ୍ଷଚାଳନରେ ଉଡ଼ିଯିବା ଭଳି ଜଣାଯାଏ, ସେ ହିଁ ପ୍ରତ୍ୟାବର୍ତ୍ତନ କରିବ । ପାର୍ଥିବ ବିଜ୍ଞତା ତୁମ କର୍ଣ୍ଣ କୁହରରେ ଯେପରି ଗୋପନରେ ମନ୍ତ୍ରଣା ନ ଦିଏ, କାରଣ ଏହା ହେଉଛି ଅପ୍ରତ୍ୟାଶିତର ମୁହୂର୍ତ୍ତ ।''

ଅନୁବାଦ : ଆଶାଲତା ଦାଶ

(Collected works of Nalini Kanta Gupta, Vol.6, p.256 - 58ର The Great Holocaust – *Chhinnamasta* – ବିଷୟରୁ) ✤

ମନୁଷ୍ୟ, ଦେଶ, ମହାଦେଶ ସକଳ !
ନିର୍ବାଚନ ଅପରିହାର୍ଯ୍ୟ, ଅନ୍ୟପନ୍ଥା ନାହିଁ :
ସତ୍ୟ ଅଥବା ରସାତଳ ।

– ଶ୍ରୀମା

## ବେଦରହସ୍ୟ - (ଦ୍ୱିତୀୟ ଭାଗ) : ନିର୍ବାଚିତ ସୂକ୍ତାବଳୀ – ୧୨

# ବିଷ୍ଣୁ – ସର୍ବବ୍ୟାପୀ ଦେବ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୫୪, ଋଷି : ଦୀର୍ଘତମାଃ ଔଚଥ୍ୟ)

## ଶ୍ରୀଅରବିନ୍ଦ

**ବିଷ୍ଣୋର୍ନୁ କଂ ବୀର୍ଯାଣି ପ୍ର ବୋଚଂ**
**ଯଃ ପାର୍ଥିବାନି ବିମମେ ରଜାଂସି ।**
**ଯୋ ଅସ୍କାଭାୟଦୁତ୍ତରଂ ସଧସ୍ଥଂ**
**ବିଚକ୍ରମାଣସ୍ତ୍ରେଧୋରୁଗାୟ ।।୧।।**

ଅର୍ଥ : ବିଷ୍ଣୁଙ୍କର [ବିଷ୍ଣୋଃ ନୁ] ବୀରତ୍ୱପୂର୍ଣ୍ଣ କର୍ମଗୁଡ଼ିକୁ [ବୀର୍ଯାଣି କମ୍] ମୁଁ ଉପସ୍ଥାପନ କରୁଛି [ପ୍ର ବୋଚମ୍], ଏ ହେଉଛନ୍ତି ସେହି ଦେବ ଯିଏ [ଯଃ] ପାର୍ଥିବ ଭୁବନଗୁଡ଼ିକୁ [ପାର୍ଥିବାନି ରଜାଂସି] ମାପି ନେଇଛନ୍ତି [ବି ମମେ], ଆହୁରି ମଧ୍ୟ ଯିଏ [ଯଃ] ଆମ ଆତ୍ମସିଦ୍ଧିର ଊର୍ଦ୍ଧ୍ୱ ଆସନଗୁଡ଼ିକୁ [ଉତ୍ତରଂ ସଧସ୍ଥମ୍] ଧାରଣ କରୁଛନ୍ତି [ଅସ୍କଭାୟତ୍], ଯିଏ ନିଜ ବିଶ୍ୱଗତ ଗତିକ୍ରିୟାର ତ୍ରି-ଚରଣ ମଧ୍ୟରେ ବିଚରଣଶୀଳ [ଉରୁଗାୟଃ ତ୍ରେଧା ବିଚକ୍ରମାଣଃ] ।

**ପ୍ର ତଦ୍‌ବିଷ୍ଣୁଃ ସ୍ତବତେ ବୀର୍ଯେଣ**
**ମୃଗୋ ନ ଭୀମଃ କୁଚରୋ ଗିରିଷ୍ଠାଃ ।**
**ଯସ୍ୟୋରୁଷୁ ତ୍ରିଷୁ ବିକ୍ରମଣେ-**
**ଷ୍ୱଧିକ୍ଷିୟନ୍ତି ଭୁବନାନି ବିଶ୍ୱା ।।୨।।**

ଅର୍ଥ : 'ସେହି ବିଷ୍ଣୁ' [ତଦ୍‌ବିଷ୍ଣୁଃ] ନିଜର ବୀର୍ଯ୍ୟ ଦ୍ୱାରା [ବୀର୍ଯେଣ ସମୁଚ୍ଚରେ ପ୍ରତିଷ୍ଠାପିତ କରନ୍ତି [ପ୍ର ସ୍ତବତେ] ଏବଂ ସେ ହେଉଛନ୍ତି ଏକ ଭୟଙ୍କର ସିଂହ ଭଳି [ଭୀମଃ ମୃଗଃନ] ଯିଏ ଦୁର୍ଗମ ସ୍ଥାନରେ ପରିଭ୍ରମଣ କରନ୍ତି [କୁଚରଃ], ଆହୁରି ମଧ୍ୟ ସେ ପର୍ବତ ଶିଖରର ଗୁହାବାସୀ [ଗିରିଷ୍ଠାଃ], ଯାହାଙ୍କ [ଯସ୍ୟ] ବ୍ୟାପକ ତ୍ରିବିକ୍ରମଣରେ [ଉରୁଷୁ ତ୍ରିଷୁ ବିକ୍ରମଣେଷୁ] ସକଳ ଭୁବନ [ବିଶ୍ୱା ଭୁବନାନି] ନିଜର ବାସଭୂମି ଲାଭ କରିଥା'ନ୍ତି [ଅଧି କ୍ଷିୟନ୍ତି] ।

**ପ୍ର ବିଷ୍ଣବେ ଶୂଷମେତୁ ମନ୍ମ**
**ଗିରିକ୍ଷିତ ଉରୁଗାୟାୟ ବୃଷ୍ଣେ ।**
**ଯ ଇଦଂ ଦୀର୍ଘଂ ପ୍ରୟତଂ ସଧସ୍ଥ-**
**ମେକୋ ବିମମେ ତ୍ରିଭିରିତ୍‌ପଦେଭିଃ ।।୩।।**

ଅର୍ଥ : ଗିରିନିବାସୀ [ଗିରିକ୍ଷିତଃ] ବ୍ୟାପକ ବିକ୍ରମଣଶୀଳ ବୃଷଭ [ଉରୁଗାୟାୟ ବୃଷ୍ଣେ] ସର୍ବତ୍ର ପ୍ରବେଶନଶୀଳ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ [ବିଷ୍ଣବେ] ଆମ ଶକ୍ତି ଓ ମନ ଗତି କରୁ [ଶୂଷଂ ମନ୍ମ ପ୍ର-ଏତୁ], ଏ ହେଉଛନ୍ତି ସେହି 'ଏକ' ଯିଏ [ଏକଃ ଯଃ] ନିଜର କେବଳ ତ୍ରି ଚରଣରେ [ତ୍ରିଭିଃ ଇତ୍ ପଦେଭିଃ] ଆମ ସ୍ୱ-କୃତିର [ପ୍ରୟତମ୍] ଏହି ସମସ୍ତ ଦୀର୍ଘ ତଥା ପରିବ୍ୟାପ୍ତ ଧାମକୁ [ଇଦଂ ଦୀର୍ଘଂ ସଧସ୍ଥମ୍] ମାପି ନେଇଥିଲେ [ବିମମେ] ।

**ଯସ୍ୟ ତ୍ରୀ ପୂର୍ଣ୍ଣା ମଧୁନା ପଦାନ୍ୟ-**
**କ୍ଷୀୟମାଣା ସ୍ୱଧୟା ମଦନ୍ତି ।**
**ଯ ଉ ତ୍ରିଧାତୁ ପୃଥିବୀମୁତ ଦ୍ୟା-**
**ମେକୋ ଦାଧାର ଭୁବନାନି ବିଶ୍ୱା ।।୪।।**

ଅର୍ଥ : ଏ ହେଉଛନ୍ତି ସିଏ ଯାହାଙ୍କ ତିନି ପଦକ୍ଷେପ [ଯସ୍ୟ ତ୍ରୀ ପଦାନି] ମଧୁ-ଆସବରେ ପରିପୂର୍ଣ୍ଣ [ମଧୁନା ପୂର୍ଣ୍ଣା] ଏବଂ ସେମାନେ ଅକ୍ଷୟ [ଅକ୍ଷୀୟମାଣା] କିନ୍ତୁ ସେମାନଙ୍କ ସ୍ୱଭାବଗତ ଆତ୍ମ-ସଙ୍ଗତି ଦ୍ୱାରା [ସ୍ୱଧୟା] ସେମାନେ ତୀବ୍ର ଆନନ୍ଦ ଉପଭୋଗ କରନ୍ତି [ମଦନ୍ତି]; ଆହୁରି ମଧ୍ୟ [ଉ] ଯିଏ [ଯଃ] ତ୍ରିତତ୍ତ୍ୱକୁ [ତ୍ରିଧାତୁ] ତଥା ଧରା ଓ ସ୍ୱର୍ଗକୁ [ପୃଥିବୀମ୍ ଉତ ଦ୍ୟାମ୍] ଏପରିକି ସକଳ ଭୁବନକୁ [ବିଶ୍ୱା ଭୁବନାନି] ଏକାକୀ ଧାରଣ କରୁଛନ୍ତି [ଏକଃ ଦାଧାର] ।

**ତଦସ୍ୟ ପ୍ରିୟମଭି ପାଥୋ ଅଶ୍ୟାଂ**
**ନରୋ ଯତ୍ର ଦେବୟବୋ ମଦନ୍ତି ।**
**ଉରୁକ୍ରମସ୍ୟ ସ ହି ବନ୍ଧୁରିତ୍‌ଥା**
**ବିଷ୍ଣୋଃ ପଦେ ପରମେ ମଧ୍ୱ ଉତ୍ସଃ ।।୫।।**

ଅର୍ଥ : ଏହା ମୋର ଆଶା ଯେ ଏହାଙ୍କ ଗତିକ୍ରିୟାର ସେହି ଲକ୍ଷ୍ୟକୁ [ଅସ୍ୟ ପାଥଃ ତତ୍ ପ୍ରିୟମ୍] ମୁଁ ପ୍ରାପ୍ତ ହୋଇ ତାକୁ ଭୋଗ କରେ [ଅଭି-ଅଶ୍ୟାମ୍], ତାହା ସେହି ଆନନ୍ଦ ଯେଉଁଥିରେ [ଯତ୍ର] ଦେବାଭିଳାଷୀ ମାନବାତ୍ମାଗଣ [ଦେବୟବଃ ନରଃ] ଉତ୍‌ଫୁଲ୍ଲତା ଅନୁଭବ କରନ୍ତି [ମଦନ୍ତି]; କାରଣ [ହି] ବ୍ୟାପକ ଗତିଶୀଳ ବିଷ୍ଣୁଙ୍କର [ଉରୁକ୍ରମସ୍ୟ ବିଷ୍ଣୋଃ] ପରମ

ପଦରେ [ପରମେ ପଦେ] ସେ ହିଁ ମନୁଷ୍ୟମାନଙ୍କ ବନ୍ଧୁ [ସଃ ଇତ୍‌ଥା ବନ୍ଧୁଃ], ସେ ହିଁ ସେହି **ମାଧୁର୍ଯ୍ୟର** ଉତ୍ସ [ମଧ୍ୱଃ ଉତ୍ସଃ] ।

**ତା ବାଂ ବାସ୍ତୂନ୍ୟୁଶ୍ମସି ଗମଧ୍ୟୈ**
**ଯତ୍ର ଗାବୋ ଭୂରିଶୃଙ୍ଗା ଅୟାସଃ ।**
**ଅତ୍ରାହ ତଦୁରୁଗାୟସ୍ୟ ବୃଷ୍ଣଃ**
**ପରମଂ ପଦମବ ଭାତି ଭୂରି ॥୬॥**

ଅର୍ଥ : ତୁମ ଦୁହିଁଙ୍କ ସେହି ବାସସ୍ଥାନଗୁଡ଼ିକୁ ଆମେ କାମନା କରୁ [ବାଂ ତା ବାସ୍ତୂନି ଉଶ୍ମସି] ଯାହା ଆମ ଯାତ୍ରାର ଲକ୍ଷ୍ୟ ସ୍ଥଳ [ଗମଧ୍ୟୈ], ଯେଉଁଠାକୁ ବହୁ ଶୃଙ୍ଗଯୁକ୍ତ 'ଆଲୋକ' ରୂପୀ ଗୋଯୂଥଗଣ [ଯତ୍ର ଭୂରିଶୃଙ୍ଗାଃ ଗାବଃ] ଯାତ୍ରା କରିଥା'ନ୍ତି [ଅୟାସଃ]; ବ୍ୟାପକ-ଗତିମାନ୍ ବିଷ୍ଣୁଙ୍କର [ଉରୁଗାୟସ୍ୟ ବୃଷ୍ଣଃ] ପରମ ପଦ [ପରମଂ ପଦମ୍] ଏହି ଲୋକରେ ଆମ ଉପରେ [ଅତ୍ର ଇହ] ବହୁଗୁଣ ବିଶାଳତା ସହ [ଭୂରି] ଉଜ୍ଜ୍ୱଳ ରୂପରେ ଦୃଶ୍ୟମାନ ହେଉଛି [ଅବ ଭାତି] ।

## ଶ୍ରୀଅରବିନ୍ଦଙ୍କ ଭାଷ୍ୟ

ଏହି ସୂକ୍ତରେ ଦେବତା ହେଉଛନ୍ତି ସର୍ବବ୍ୟାପକ 'ବିଷ୍ଣୁ', ଋଗ୍‌ବେଦରେ ଯାହାଙ୍କର ଏକ ଘନିଷ୍ଠ ଗହନ ତଥା ପ୍ରାୟ ତାଦାତ୍ମ୍ୟ ସମ୍ବନ୍ଧ 'ରୁଦ୍ର'ଙ୍କ ସହିତ ରହିଛି; ପରବର୍ତ୍ତୀ ବୈଦିକ ସମ୍ପ୍ରଦାୟରେ ତାଙ୍କୁ ବେଶ୍ ଉଚ୍ଚ ସ୍ଥାନ ଦିଆଯାଇଛି । 'ରୁଦ୍ର' ହେଉଛନ୍ତି ଜଣେ ଭୟଙ୍କର ତଥା ପ୍ରଚଣ୍ଡ ଦେବ କିନ୍ତୁ ତାଙ୍କ ସହ ଯେଉଁ କଲ୍ୟାଣକାରୀ ଗୁଣଟି ରହିଛି ତାହା 'ବିଷ୍ଣୁ'ଙ୍କର ପରମ ଆନନ୍ଦମୟ ସତ୍ୟର ନିକଟତର; ମନୁଷ୍ୟ ପ୍ରତି ତଥା ତା'ର ସହାୟକ ଦେବତାଙ୍କ ପ୍ରତି ବିଷ୍ଣୁଙ୍କର ଯେଉଁ ନିରବଚ୍ଛିନ୍ନ ସଖ୍ୟ ରହିଛି ତାହାର ପଶ୍ଚାତରେ ଏକ ପ୍ରବଳ ରୌଦ୍ର ବିଦ୍ୟମାନ,– ''ଏକ ଭୟଙ୍କର ସିଂହ ଭଳି ସେ କୁତ୍ସିତ ତଥା ଦୁର୍ଗମ ସ୍ଥାନଗୁଡ଼ିକରେ ପରିଭ୍ରମଣ କରନ୍ତି'', – ଏହି ଉକ୍ତିଟିକୁ 'ରୁଦ୍ର'ଙ୍କ ପ୍ରସଙ୍ଗରେ କହିବା ଅତ୍ୟନ୍ତ ସାଧାରଣ । 'ରୁଦ୍ର' ହେଉଛନ୍ତି ଅତ୍ୟନ୍ତ ତୀବ୍ରତା ସହ ଯୁଦ୍ଧଶୀଳ ମରୁଦ୍‌ଗଣଙ୍କ ଜନକ; 'ଏବୟା ମରୁତ'ଙ୍କ ନାମରେ ପ୍ରସ୍ତୁତ ପଞ୍ଚମ ମଣ୍ଡଳର ଅନ୍ତିମ ସୂକ୍ତରେ ବିଷ୍ଣୁଙ୍କୁ ସ୍ତୁତି କରି କୁହାଯାଇଛି ଯେ 'ବିଷ୍ଣୁ' ହେଉଛନ୍ତି ଏକ ଉତ୍ସ, ମରୁଦ୍‌ଗଣ ତାଙ୍କରିଠାରୁ ଉତ୍ପନ୍ନ, ସେମାନେ ତାଙ୍କରି ସଦୃଶ ହୋଇଥା'ନ୍ତି ଏବଂ ସ୍ୱୟଂ 'ବିଷ୍ଣୁ' ସଂଗ୍ରାମରତ ଶକ୍ତିଗୁଡ଼ିକର ଏକତା ଓ ସମଗ୍ରତାର ସମରୂପ । 'ରୁଦ୍ର' ହେଉଛନ୍ତି ବିଶ୍ୱରେ ଆରୋହଣଧର୍ମୀ 'ଦେବ', 'ବିଷ୍ଣୁ' ମଧ୍ୟ ସେହି ସମାନ 'ଦେବ' ଯିଏ ସେହି ଆରୋହଣଧର୍ମୀ ଶକ୍ତିଗୁଡ଼ିକୁ ସାହାଯ୍ୟ ତଥା ସଂପ୍ରେରିତ କରନ୍ତି ।

ୟୁରୋପୀୟ ପଣ୍ଡିତମାନଙ୍କ ଦ୍ୱାରା ଗୋଟିଏ ମତ ଦୀର୍ଘଦିନ ଧରି ପ୍ରଚଳିତ ଥିଲା ଯେ ପୌରାଣିକ ଦୈବତ ବିଚାରଧାରାରେ 'ବିଷ୍ଣୁ' ଓ 'ଶିବ'ଙ୍କ ପ୍ରାଧାନ୍ୟ ଏକ ପରବର୍ତ୍ତୀ ବିକାଶ ଧାରାରେ ଘଟିଛି ଏବଂ ବେଦରେ ଏହି ଦେବଦ୍ୱୟଙ୍କର ସ୍ଥାନ ଓ ମାନ ବେଶ୍ ଗୌଣ ତଥା 'ଇନ୍ଦ୍ର' ଓ 'ଅଗ୍ନି'ଙ୍କ ତୁଳନାରେ ଏହାଙ୍କ ସ୍ଥାନ ନିମ୍ନରେ । ଏପରିକି ବହୁସଂଖ୍ୟକ ବିଦ୍ୱାନ୍‌ଙ୍କର ଏବେ ଏକ ସର୍ବଜନସମ୍ମତ ବିଚାର ଯେ 'ଶିବ' ଦ୍ରାବିଡ଼ମାନଙ୍କଠାରୁ ପ୍ରାପ୍ତ ଏକ ପରବର୍ତ୍ତୀ ଧାରଣା ଏବଂ ଦେଶୀୟ ସଂସ୍କୃତି ଉପରେ ବୈଦିକ ସମ୍ପ୍ରଦାୟ ଯେପରି ଆକ୍ରମଣ କରିଥିଲା ତା' ନିଜ ଉପରେ ସେହି ଆକ୍ରାନ୍ତ ଦେଶୀୟ ସଂସ୍କୃତିର ଆଂଶିକ ବିଜୟକୁ ଦର୍ଶାଏ । ବୈଦିକ ଦୃଷ୍ଟିକୋଣକୁ ପୂରାପୂରି ଭୁଲ୍ ଭାବେ ବୁଝିବା ହେତୁ ତା'ର ଏକ ଆଂଶିକ ପ୍ରଭାବ ରୂପେ ଏହି ପ୍ରମାଦ ଦେଖା ଦେବା ଅନିବାର୍ଯ୍ୟ ଏବଂ ଏଥିପାଇଁ ପ୍ରାଚୀନ 'ବ୍ରାହ୍ମଣ' ଗ୍ରନ୍ଥୋଦ୍ଭବ କର୍ମକାଣ୍ଡ ହିଁ ଦାୟୀ ଏବଂ ୟୁରୋପୀୟ ପାଣ୍ଡିତ୍ୟ ବେଦର ଗୌଣ ତଥା ବାହ୍ୟ ତତ୍ତ୍ୱ ସ୍ୱରୂପ ବୈଦିକ କଥାନକଗୁଡ଼ିକୁ ଅତିରଞ୍ଜନ କରିବା ମାଧ୍ୟମରେ ତାହାକୁ ଏକ ଅଭିନବ ତଥା ତତୋଽଧିକ ବିଭ୍ରାନ୍ତିକର ରୂପ ପ୍ରଦାନ କରିଛି ।

ବୈଦିକ ଦେବତାମାନଙ୍କ ପ୍ରାଧାନ୍ୟ ଏହି ସମସ୍ତ ଅନୁସାରେ ମପାଯାଏ ନାହିଁ ଯେ କେତେ ସଂଖ୍ୟାରେ ସୂକ୍ତ କେଉଁମାନଙ୍କ ନାମରେ ରହିଛି ଅଥବା ଋଷିମାନଙ୍କ ଚିନ୍ତାରେ କେତେଦୂର ସେମାନଙ୍କୁ ଆବାହନ କରାଯାଇଛି, ବରଂ ଯେଉଁ କର୍ମ ବିଶେଷକୁ ସେମାନେ ଅନୁପାଳନ କରୁଛନ୍ତି ସେହି ଅନୁସାରେ ମପାଯାଏ । ବେଦର ବେଶୀଭାଗ ସୂକ୍ତ 'ଅଗ୍ନି' ଓ 'ଇନ୍ଦ୍ର'ଙ୍କ ଉଦ୍ଦେଶ୍ୟରେ ରହିଛି ବୋଲି ସେ ଦୁହେଁ ଯେ 'ବିଷ୍ଣୁ' ଓ 'ରୁଦ୍ର'ଙ୍କ ଅପେକ୍ଷା ମହାନ୍, ଏହା ନୁହେଁ, କିନ୍ତୁ ସେମାନେ ଆନ୍ତର ଓ ବାହ୍ୟ ଜଗତରେ ଯେଉଁ କର୍ମବିଶେଷକୁ ସିଦ୍ଧ କରୁଛନ୍ତି ତାହା ପ୍ରାଚୀନ ରହସ୍ୟବାଦୀ ଋଷିମାନଙ୍କ ଆଧ୍ୟାତ୍ମିକ ସାଧନାମାର୍ଗ ପାଇଁ ଥିଲା ଅତ୍ୟନ୍ତ ସକ୍ରିୟ, ଅତୀବ ଗୁରୁତ୍ୱପୂର୍ଣ୍ଣ ତଥା ଅବାଧ ଫଳଦାୟକ; ସେମାନଙ୍କ ପ୍ରାଧାନ୍ୟ ଲାଭର ଏହାହିଁ ଏକମାତ୍ର କାରଣ । ମରୁଦ୍‌ଗଣ ହେଉଛନ୍ତି 'ରୁଦ୍ର'ଙ୍କ ସନ୍ତାନ, ଏମାନେ ନିଜର ପ୍ରଚଣ୍ଡ ଓ ଶକ୍ତିମାନ୍ 'ପିତା'ଙ୍କଠାରୁ ଦେବତ୍ୱରେ ଉଚ୍ଚ ନୁହନ୍ତି, କିନ୍ତୁ ଏମାନଙ୍କ ଉଦ୍ଦେଶ୍ୟରେ ବହୁ ସୂକ୍ତ ଉଚ୍ଚାରିତ

ହୋଇଛି ଏବଂ ଅନ୍ୟ ଦେବଙ୍କ ସମ୍ପର୍କିତ ସୂକ୍ତଗୁଡ଼ିକରେ ଏହାଠାରୁ ବହୁଗୁଣ ଅଧିକ ବାର ଏମାନଙ୍କ ନାମୋଲ୍ଲେଖ ନିରନ୍ତର ରହିଛି, କାରଣ ଏମାନେ ଯେଉଁ କର୍ମବିଶେଷକୁ ସିଦ୍ଧ କରନ୍ତି ତାହା ବୈଦିକ ସାଧନାମାର୍ଗରେ ନିରବଚ୍ଛିନ୍ନ ତଥା ତାତ୍‌କ୍ଷଣିକ । ଅନ୍ୟପକ୍ଷରେ ବେଦର ମୌଳିକ ଦେବତା 'ବିଷ୍ଣୁ', 'ରୁଦ୍ର', 'ବ୍ରହ୍ମଣସ୍ପତି', ଏମାନେ ପରେ ବିଷ୍ଣୁ-ଶିବ-ବ୍ରହ୍ମା ତ୍ରିଦେବ ରୂପେ ପୁରାଣରେ ଉପସ୍ଥାପିତ, ଏମାନେ ବୈଦିକ କର୍ମର ଅବସ୍ଥା ଓ ପରିସ୍ଥିତିକୁ ବଳ ଯୋଗାଇ ଥାଆନ୍ତି ଏବଂ ପଶ୍ଚାତରେ ଥାଇ ଅପେକ୍ଷାକୃତ ଅଧିକ ସମ୍ମୁଖସ୍ଥ ତଥା କର୍ମତତ୍ପର ଦେବଗଣଙ୍କ ଦ୍ୱାରା ସେହି କାର୍ଯ୍ୟରେ ସହାୟତା କରିଥା'ନ୍ତି, କିନ୍ତୁ ସେମାନେ କମ୍ ନିକଟତର ଏବଂ ସେହି କର୍ମର ଦୈନିକ ଗତିବିଧି ସହିତ ଏମାନେ ପ୍ରତ୍ୟକ୍ଷରେ କମ୍ ସଂଶ୍ଳିଷ୍ଟ ଥାଆନ୍ତି ।

'ବ୍ରହ୍ମଣସ୍ପତି' 'ବାକ୍' ଦ୍ୱାରା ସୃଷ୍ଟି ରଚନା କରିଥା'ନ୍ତି; ସେ ନିଶ୍ଚେତନା ଅନ୍ଧକାରର ମହାସମୁଦ୍ର ମଧ୍ୟରୁ ଆଲୋକ ତଥା ଦୃଶ୍ୟମାନ ଜଗତକୁ ଆବାହନ କରିଥା'ନ୍ତି ଏବଂ ସଚେତନ ସୃଷ୍ଟିର ରଚନାଗୁଡ଼ିକରୁ ସେମାନଙ୍କର ଉଚ୍ଚତମ ଲକ୍ଷ୍ୟ ଦିଗରେ କରୁଥିବା ଗତିକୁ ତ୍ୱରାନ୍ୱିତ କରିଥା'ନ୍ତି । 'ବ୍ରହ୍ମଣସ୍ପତି'ଙ୍କର ଏହି ରଚନାତ୍ମକ ଗୁଣ ହେତୁ ପରବର୍ତ୍ତୀ କାଳୀନ 'ସ୍ରଷ୍ଟା' ରୂପୀ 'ବ୍ରହ୍ମା' ଧାରଣାଟିର ଉତ୍ପତ୍ତି ଘଟିଛି ।

'ବ୍ରହ୍ମଣସ୍ପତି'ଙ୍କ ରଚନାର ଊର୍ଦ୍ଧ୍ୱମୁଖୀ ପ୍ରବର୍ତ୍ତନ ନିମନ୍ତେ ପ୍ରୟୋଜନୀୟ ଶକ୍ତି 'ରୁଦ୍ର' ଯୋଗାଇ ଥାଆନ୍ତି । ବେଦରେ ତାଙ୍କୁ ଦ୍ୟୌଃ – ଶକ୍ତିମାନ୍ ଭାବେ ଅଭିହିତ କରାଯାଇଛି, କିନ୍ତୁ ସେ ନିଜ କର୍ମ ପୃଥିବୀରେହିଁ ଆରମ୍ଭ କରନ୍ତି ଏବଂ ଆମ ଆରୋହଣର ପାଞ୍ଚଟି ସ୍ତରରେ ପ୍ରବର୍ତ୍ତିତ ଯଜ୍ଞରେ ସେ ନିଜର ପ୍ରଭାବ ପ୍ରଦାନ କରିଥା'ନ୍ତି । ଏହି 'ଉଗ୍ର ଦେବ'ହିଁ ସଚେତନ ସତ୍ତାକୁ ତା'ର ଊର୍ଦ୍ଧ୍ୱତର ଉଦ୍‌ବର୍ତ୍ତନ ପ୍ରତି ଆଗେଇ ନେଇଥା'ନ୍ତି; ତାଙ୍କର ଶକ୍ତି ସକଳ ବିଘ୍ନକାରିଣୀ ଶକ୍ତିମାନଙ୍କ ବିରୋଧରେ ସଂଗ୍ରାମ କରିଥାଏ, ପାପାଚାରୀ ଓ ଶତ୍ରୁ ଉପରେ ପ୍ରହାର କରିଥାଏ; ଦୋଷଦୁର୍ବଳତା ତଥା ସ୍ଖଳନ ପ୍ରତି ଅସହନଶୀଳ ସେ ହେଉଛନ୍ତି ଦେବଗଣଙ୍କ ମଧ୍ୟରେ ସବୁଠୁ ଭୟଙ୍କର, ବୈଦିକ ଋଷିଗଣଙ୍କର ଯଦି କାହା ପ୍ରତି ପ୍ରକୃତ ଭୟ ଥାଏ ତେବେ ସେ ହେଉଛନ୍ତି କେବଳ ଏହି ଦେବ । 'ଅଗ୍ନି', ଯାହାଙ୍କର ଅନ୍ୟ ନାମ 'କୁମାର', ପୁରାଣରେ ଯାହାଙ୍କୁ 'ସ୍କନ୍ଦ' ରୂପେ ରୂପାୟିତ କରାଯାଇଛି – ପୃଥିବୀପୃଷ୍ଠରେ ସେ ହେଉଛନ୍ତି ଏହି 'ରୁଦ୍ର'-ଶକ୍ତିର ସନ୍ତାନ । ଭୀଷଣତା ଦ୍ୱାରା ନିଜକୁ ଦୀପ୍ତିମନ୍ତ କରୁଥିବା ମରୁଦ୍‌ଗଣ ହେଲେ ପ୍ରାଣିକ ଶକ୍ତିଗଣ, 'ରୁଦ୍ର'ଙ୍କର ସନ୍ତାନ । ରୁଦ୍ରଙ୍କର ପ୍ରାରମ୍ଭିକ ପାର୍ଥିବ ଅମାର୍ଜିତ ରଚନାଠାରୁ ମନ ରୂପକ ଜ୍ୟୋତିର୍ମୟ ସ୍ୱର୍-ଲୋକ ପର୍ଯ୍ୟନ୍ତ ଯେଉଁ ଦାରୁଣ ସଂଗ୍ରାମ କରିବାକୁ ହୋଇଥାଏ ସେଥିରେ 'ଅଗ୍ନି' ଓ 'ମରୁତ୍' ହେଉଛନ୍ତି ନାୟକ । କିନ୍ତୁ ବାହ୍ୟ ଓ ଆନ୍ତର ଜୀବନର ଯାବତୀୟ ତ୍ରୁଟିଯୁକ୍ତ ରଚନା ଓ ଗୋଷ୍ଠୀସବୁକୁ ଏହି ଯେଉଁ ପ୍ରଚଣ୍ଡ ତଥା ଶକ୍ତିମାନ୍ 'ରୁଦ୍ର' ଭାଙ୍ଗି ଛିନ୍ନଛତ୍ର କରି ଦେଇଥା'ନ୍ତି ତାଙ୍କର ମଧ୍ୟ ଏକ ଦୟାଳୁ ଗୁଣ ରହିଛି । ସେ ହେଉଛନ୍ତି ଜଣେ ପରମ ଦୁଃଖହାରୀ । ଯିଏ ତାଙ୍କ ପଥରୋଧ କରେ ତାକୁ ସେ ବିନାଶ କରିଥା'ନ୍ତି; ସହାୟତା ନିମନ୍ତେ ତାଙ୍କୁ ଡାକିଲେ ଏବଂ ସେ ସନ୍ତୁଷ୍ଟ ହେଲେ ସକଳ କ୍ଷତି, ସକଳ ଅମଙ୍ଗଳ ତଥା ସମସ୍ତ ଦୁଃଖକଷ୍ଟର ଉପଶମ କରିଥା'ନ୍ତି । ଆମ ପାଇଁ ସଂଗ୍ରାମରତ ଶକ୍ତି ହେଉଛି ତାଙ୍କରି ବରଦାନ, ଆହୁରି ମଧ୍ୟ ପରିଣାମରେ ଯେଉଁ ଶାନ୍ତି ଓ ଆହ୍ଲାଦ ମିଳିଥାଏ ତାହା ମଧ୍ୟ ତାଙ୍କରି । ଏହି ବୈଦିକ ଦେବଙ୍କର ଏହି ସମସ୍ତ ଗୁଣ ପୁରାଣର 'ଶିବ-ରୁଦ୍ର'ଙ୍କ ବିକାଶ ନିମନ୍ତେ ପ୍ରୟୋଜନ ହୋଇଛି, ଯଥା ସିଏ ସଂହାରକ ପୁଣି ଦୁଃଖହାରୀ, ଶୁଭଙ୍କର ପୁଣି ଭୟଙ୍କର, ଯେଉଁ ଶକ୍ତି ଭୁବନ ଭୁବନରେ କ୍ରିୟାରତ ତାହାର ସେ ସ୍ୱାମୀ ଏବଂ ସେ ଜଣେ 'ଯୋଗୀ' ଯିଏ ପରମ ସ୍ୱାତନ୍ତ୍ର୍ୟ ତଥା ଶାନ୍ତିକୁ ଉପଭୋଗ କରୁଥା'ନ୍ତି ।

'ବ୍ରହ୍ମଣସ୍ପତି'ଙ୍କର ବାକ୍-ସୃଷ୍ଟି ନିମନ୍ତେ, 'ରୁଦ୍ର'-ଶକ୍ତିର କର୍ମଗୁଡ଼ିକ ନିମନ୍ତେ ବିଷ୍ଣୁ ସ୍ଥିତିଶୀଳ ଉପାଦାନଗୁଡ଼ିକୁ ଯୋଗାଇ ଦେଇଥା'ନ୍ତି – ଯଥା 'ଅନ୍ତରୀକ୍ଷ' ଲୋକଗୁଡ଼ିକର କ୍ରମାନୁବର୍ତ୍ତୀଗତି, ଆରୋହଣର ନାନା ସ୍ତର, ପରମ ଲକ୍ଷ୍ୟ ପ୍ରଭୃତି । ସେ ତିନିଟି ବିକ୍ରମଣ କରିଛନ୍ତି ଏବଂ ସେହି ବିକ୍ରମଣରେ ସେ ଯେଉଁ ଆୟତନ ସୃଷ୍ଟି କରିଛନ୍ତି ସେଥିରେ ସକଳ ଲୋକକୁ ସଂସ୍ଥାପିତ କରିଛନ୍ତି । ସର୍ବବିକ୍ରମୀ ଏହି ଦେବ ସେହି ଲୋକଗୁଡ଼ିକରେ ନିବାସ କରିବା ସଙ୍ଗେ ସଙ୍ଗେ ଦେବଗଣଙ୍କ କର୍ମ ଓ ଗତିକ୍ରିୟା ନିମନ୍ତେ ଅଳ୍ପ ବା ବୃହତ୍ତର ଆୟତନ ପ୍ରଦାନ କରିଥା'ନ୍ତି । ଇନ୍ଦ୍ରଙ୍କର ଯେତେବେଳେ 'ବୃତ୍ର'କୁ ବଧ କରିବାର ଥାଏ ସେତେବେଳେ ସେ ଏହି ମହାସଂଗ୍ରାମରେ ନିଜର ମିତ୍ର ତଥା ସହଯୋଗୀ ସଖା[୧] 'ବିଷ୍ଣୁ'ଙ୍କୁ ଏହା କହି ପ୍ରାର୍ଥନା କରିଥା'ନ୍ତି – ''ହେ ବିଷ୍ଣୋ ! ଅତ୍ୟନ୍ତ ବିଶାଳତାର ସହ ତୁମେ ନିଜର ବିକ୍ରମଣ କର,''[୨] ଏବଂ ସେହି ବିଶାଳତା ମଧ୍ୟରେ ସେ ବୃତ୍ରର ବିନାଶ କରିଥା'ନ୍ତି, ଏ ସେହି ବୃତ୍ର ଯିଏ ସୀମିତ କରିଦିଏ, ଏ ସେହି ବୃତ୍ର ଯିଏ ଆବୃତ କରି ରଖେ । 'ବିଷ୍ଣୁ'ଙ୍କର

ପରମୋଚ୍ଚ ବିକ୍ରମଣ, ତାଙ୍କର ପରମ ଧାମ ହେଉଛି ଆନନ୍ଦ ଓ ଆଲୋକର ତ୍ରିଧାଲୋକ, **ପ୍ରିୟଂ ପଦମ୍**, ଯାହାକୁ ସୂରୀଗଣ ଦର୍ଶନର ଦୀପ୍ତିମାନ୍ ଚକ୍ଷୁ ଭଳି ସ୍ୱର୍ଲୋକରେ ବିସ୍ତୃତ ହୋଇଥିବାର ଦେଖିଥା'ନ୍ତି[୩] ଯାହାକି ବିଷ୍ଣୁଙ୍କର ପରମ ଧାମ, ବୈଦିକ ଯାତ୍ରାର ତାହାହିଁ ଲକ୍ଷ୍ୟ । ଏଠାରେ ଆମେ ପୁଣି ଦେଖୁ ଯେ 'ସଂରକ୍ଷକ' ତଥା 'ପ୍ରେମର ଈଶ୍ୱର' ସ୍ୱରୂପ ପୌରାଣିକ 'ନାରାୟଣ'ଙ୍କର ଏହି ବୈଦିକ 'ବିଷ୍ଣୁ' ହେଉଛନ୍ତି ସ୍ୱାଭାବିକ ପୂର୍ବବର୍ତ୍ତୀ ବେଦ ତଥା ପର୍ଯ୍ୟାପ୍ତ ସାମର୍ଥ୍ୟଯୁକ୍ତ ଉତ୍ସ ।

ପୁରାଣର ଦୈବତ ବ୍ୟବସ୍ଥାପନାରେ ଯେପରି 'ତ୍ରିଦେବ'ଙ୍କୁ ସର୍ବୋଚ୍ଚ ସ୍ଥାନରେ ରଖି ଅନ୍ୟ ଦେବଙ୍କୁ ନିମ୍ନ ସ୍ଥାନ ଦିଆଯାଇଛି ତାହାକୁ ବେଦର ମୌଳିକ ଧାରଣା ଅବଶ୍ୟହିଁ ଅମାନ୍ୟ କରେ । ବୈଦିକ ଋଷିଙ୍କ ଦୃଷ୍ଟିରେ ବିଶ୍ୱାତ୍ମକ 'ଦେବ' କେବଳ ଏକ,– ବିଷ୍ଣୁ, ରୁଦ୍ର, ବ୍ରହ୍ମଣସ୍ପତି, ଅଗ୍ନି, ଇନ୍ଦ୍ର, ବାୟୁ, ମିତ୍ର, ବରୁଣ ପ୍ରଭୃତି ତାଙ୍କରି ସମାନ ରୂପାବଳି ଏବଂ ଜାଗତିକ ରୂପ ଓ ଗୁଣ । ପ୍ରତ୍ୟେକ ଦେବ ସ୍ୱୟଂ ସେହି 'ଦେବ' ଏବଂ ପ୍ରତ୍ୟେକ ଦେବତା ଅନ୍ୟ ଦେବତାଙ୍କୁ ନିଜ ମଧ୍ୟରେ ସମ୍ମିଳିତ କରିଥା'ନ୍ତି । ପରମ ତଥା ଏକ 'ଦେବ'ଙ୍କ ଯେଉଁ ଧାରଣା ବେଦର ଋଚାଗୁଡ଼ିକରେ ଥିଲା ଅଥଚ ତାହା ସେତେ ସ୍ପଷ୍ଟ ହୋଇ ନ ଥିଲା କି ତାହାର ସ୍ୱରୂପ ନିର୍ଣ୍ଣୟ ନ କରି ଛାଡ଼ି ଦିଆ ଯାଇଥିଲା, ତାଙ୍କୁ କ୍ୱଚିତ୍ କ୍ଲୀବ ଲିଙ୍ଗରେ 'ତତ୍' ବା 'ଏକଂ ସତ୍' ଭାବରେ କୁହା ଯାଇଥିଲା ମାତ୍ର ତାହାର ସମ୍ପୂର୍ଣ୍ଣ ଉଦୟ ଉପନିଷଦ୍‌ରେ ଆସି ସମ୍ଭବ ହେଲା, ଅନ୍ୟପକ୍ଷରେ ଅନ୍ୟ ଦେବତାମାନଙ୍କୁ କର୍ମକାଣ୍ଡୀୟ ଧାରାରେ ସୀମିତ କରିଦେବା ଦ୍ୱାରା ଏବଂ କ୍ରମଶଃ ବୃଦ୍ଧିଶୀଳ ପୌରାଣିକ କଥାସାହିତ୍ୟର ଚାପ ହେତୁ ସେମାନଙ୍କର ମାନବୀୟ ତଥା ବ୍ୟକ୍ତିଗତ ଗୁଣଗୁଡ଼ିକର ନିର୍ଣ୍ଣୟ ବଢ଼ି ଚାଲିବା ଦ୍ୱାରା ସେମାନଙ୍କ ମାନ ନିମ୍ନକୁ ଚାଲିଗଲା ଏବଂ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର, ଯେଉଁମାନଙ୍କ ଉପଯୋଗ କମ୍ ଥିଲା ଏବଂ ନିଜର ନାମ ଓ ଗୁଣରେ ସାମାନ୍ୟ ଥିଲେ ସେମାନେ ହିନ୍ଦୁ ଦେବକୁଳର ପୌରାଣିକ ଦେବ ପର୍ଯ୍ୟାୟର ଅନ୍ତିମ ଗଠନରେ ସିଂହାସନାରୂଢ଼ ହେଲେ ।

ସର୍ବତ୍ର ପ୍ରବେଶନଶୀଳ 'ବିଷ୍ଣୁ'ଙ୍କ ପ୍ରତି ସମ୍ବୋଧିତ ଦୀର୍ଘତମାଃ ଔଚଥ୍ୟଙ୍କର ଏହି ସୂକ୍ତରେ 'ବିଷ୍ଣୁ'ଙ୍କ କାର୍ଯ୍ୟକଳାପର ବିଶେଷତ୍ୱ, 'ବିଷ୍ଣୁ'ଙ୍କ ତ୍ରିବିକ୍ରମର ମହତ୍ତ୍ୱ ଆଦି ବିଷୟ ସଂକୀର୍ତ୍ତିତ । ଏଥିପାଇଁ ଆମ ମନରେ ଯେଉଁସବୁ ପରବର୍ତ୍ତୀକାଳର ପୌରାଣିକ ଗାଥା ସଂଲଗ୍ନ ତାହାକୁ ପରିତ୍ୟାଗ କରିବାକୁ ହେବ । ବାମନରୂପୀ 'ବିଷ୍ଣୁ', ଅସୁର ବଳି ଏବଂ ଭୂମି ସ୍ୱର୍ଗ ଓ ଅନ୍ଧକାରାବୃତ (ଅସୂର୍ଯ୍ୟ) ପାତାଳ ରୂପକ ଅଧଃସ୍ଥ ଲୋକଗୁଡ଼ିକୁ ଦିବ୍ୟ ପାଦ ଦ୍ୱାରା ଅଧିକାର ପ୍ରଭୃତି କଥା ସହିତ ଆମର ଏଠାରେ କୌଣସି ସମ୍ପର୍କ ଯୋଡ଼ିବାର ନାହିଁ । ବେଦରେ 'ବିଷ୍ଣୁ'ଙ୍କ ତ୍ରିବିକ୍ରମଣର ଅର୍ଥକୁ ଋଷି ଦୀର୍ଘତମାଃ ସ୍ପଷ୍ଟ ରୂପେ ପରିଭାଷିତ କରିଛନ୍ତି – ଭୂମି, ସ୍ୱର୍ ଓ ତ୍ରିବୃତ୍-ତତ୍ତ୍ୱ, **ତ୍ରି-ଧାତୁ** । ସ୍ୱର୍-ଊର୍ଦ୍ଧ୍ୱରେ ଅଥବା ସ୍ୱର୍ଲୋକ ଉପରେ, **ନାକସ୍ୟ ପୃଷ୍ଠେ**, ଅଧ୍ୟାରୋପିତ ଏହି ତ୍ରିଧା-ତତ୍ତ୍ୱ ହେଉଛି ଏହାର ଉଚ୍ଚତମ ସ୍ତର, ତାହାହିଁ ହେଉଛି ଏହି ସର୍ବ-ପ୍ରବେଶନଶୀଳ ଦେବଙ୍କର ପରମପଦ ବା ପରମଧାମ ।

'ବିଷ୍ଣୁ' ହେଉଛନ୍ତି ବ୍ୟାପକ ଗତିଶୀଳ ଦେବ (ଉରୁକ୍ରମଃ) । ଈଶୋପନିଷଦ୍‌ର ଭାଷାରେ କହିଲେ – ସେ ସର୍ବତ୍ର ବ୍ୟାପୀ ଯାଇଛନ୍ତି – **ସ ପର୍ୟଗାତ୍**, – ଜଣେ 'ଦ୍ରଷ୍ଟା', 'ମନୀଷୀ' ଓ 'ସ୍ରଷ୍ଟା' ଏହି ତ୍ରି-ରୂପରେ ସେ ନିଜକୁ ବିସ୍ତାରିତ କରି ଦେଇଛନ୍ତି ଅତିଚେତନାର 'ଆନନ୍ଦ' ମଧ୍ୟରେ, ମନଃସ୍ୱର୍ଗରେ, ଦୈହିକ ଚେତନା ରୂପୀ ଭୂମି ଉପରେ – **ତ୍ରେଧା ବିଚକ୍ରମାଣଃ** । ତାଙ୍କର ସେହି ତ୍ରି-ପଦରେ ସେ ଭୂଲୋକସ୍ଥ ଭୁବନଗୁଡ଼ିକର ସକଳ ବିସ୍ତୃତିକୁ ମାପି ନେଇଛନ୍ତି ଏବଂ ସେଗୁଡ଼ିକୁ ରୂପ ଦେଇଛନ୍ତି; କାରଣ ବୈଦିକ ଭାବଧାରାରେ ଆମ ବାସସ୍ଥାନ ସ୍ୱରୂପ ଏହି ପାର୍ଥିବ ଜଗତ ହେଉଛି ନାନା ଚରଣ ମଧ୍ୟରୁ କେବଳ ଗୋଟିଏ ଯାହା ଆମକୁ ତା'ର ଊର୍ଦ୍ଧ୍ୱସ୍ଥ ପ୍ରାଣିକ ତଥା ମାନସିକ ଲୋକଗୁଡ଼ିକ ଦିଗରେ ନେଇ ଯାଇଥାଏ ଏବଂ ସେଗୁଡ଼ିକର ଆଧାର ହୋଇଥାଏ । ନିଜର ସେହି ଚରଣଗୁଡ଼ିକରେ ସେ ଭୂଲୋକକୁ ଓ ମଧ୍ୟମ ଲୋକକୁ ଧାରଣ କରନ୍ତି,– ଭୂଃ ହେଉଛି ଜଡ଼ ଜଗତ୍, ଭୁବଃ – ମଧ୍ୟ-ଲୋକ, ଏହା ହେଉଛି ଗତିଶୀଳ

୧. ଇନ୍ଦ୍ରସ୍ୟ ଯୁଜ୍ୟଃ ସଖା । ୧/୨୨/୧୯

୨. ଅଥାବ୍ରବୀଦ୍ ବୃତ୍ରଭିଦୋ ହନିଷ୍ୟନ୍ତ୍ସଖେ ବିଷ୍ଣୋ ବିତରଂ ବିକ୍ରମସ୍ୱ । ୪/୧୮/୧୧

୩. ତଦ୍ ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ ।
ଦିବୀବ ଚକ୍ଷୁରାତତମ୍ ॥ ୧/୨୨/୨୦

'ପ୍ରାଣ'-ତତ୍ତ୍ୱର ପ୍ରଭୁ ବାୟୁ ଦେବଙ୍କ ଲୋକ,— ତ୍ରିସ୍ୱର୍ଗ ଏବଂ ଏହାର ଜ୍ୟୋତିର୍ମୟ ତ୍ରି-ଶିଖରକୁ, **ତ୍ରୀଣି ରୋଚନା**, ଧାରଣ କରନ୍ତି । ଋଷି ଏହି ତ୍ରିସ୍ୱର୍ଗକୁ ପୂର୍ଣ୍ଣତାଦାୟକ ଉଚ୍ଚତର ଧାମ (ଉତ୍ତରଂ ସଧସ୍ଥମ୍) ବୋଲି ବର୍ଣ୍ଣନା କରିଛନ୍ତି । ଭୂମି (ଭୂଃ), ମଧ୍ୟଲୋକ (ଭୁବଃ) ଓ ସ୍ୱର୍ (ସ୍ୱଃ) ପ୍ରଭୃତି ହେଉଛନ୍ତି ସଚେତନ ସତ୍ତାର ପ୍ରଗତିଶୀଳ ଆତ୍ମପରିପୂର୍ଣ୍ଣତା ପ୍ରକ୍ରିୟାରେ ତ୍ରିବିଧ ସ୍ଥାନ,— ଭୂଲୋକ ତଳ ଆସନ, ପ୍ରାଣଲୋକ ମଧ୍ୟମ ଆସନ, ସ୍ୱର୍ ଉଚ୍ଚତର ଆସନ । 'ବିଷ୍ଣୁ'ଙ୍କ ତ୍ରିଧା ଗତିକ୍ରମରେ ଏହି ସମସ୍ତ ସମାବିଷ୍ଟ ହୋଇଛି ।[୪]

କିନ୍ତୁ ଏହା ପରେ ଆହୁରି କିଛି ଅଛି; ରହିଛି ଅନ୍ୟ ଏକ ଲୋକ ଯେଉଁଠାରେ ଆତ୍ମ ପରିପୂର୍ଣ୍ଣତା ସିଦ୍ଧ ହୋଇଥାଏ, 'ବିଷ୍ଣୁ'ଙ୍କ ଉଚ୍ଚତମ ଚରଣ । ଦ୍ୱିତୀୟ ମନ୍ତ୍ରରେ ଋଷି ''ତତ୍'' ଶବ୍ଦ ପ୍ରୟୋଗ କରି ତାହାକୁ ସରଳ ଭାବେ ବ୍ୟକ୍ତ କରିଛନ୍ତି; ନିଜ ତୃତୀୟ ଚରଣ ମଧ୍ୟରେ ଆହୁରି ଆଗକୁ ଗତି କରି ''ତତ୍'' 'ବିଷ୍ଣୁ' ନିଜର ଦିବ୍ୟ ବୀର୍ଯ୍ୟ ଦ୍ୱାରା ପ୍ରସ୍ତୁତ କରନ୍ତି ଅଥବା ଦୃଢ଼ତାର ସହ ପ୍ରତିଷ୍ଠା କରନ୍ତି, **ପ୍ର ସ୍ତବତେ** । ଏହା ପରେ 'ବିଷ୍ଣୁ'ଙ୍କୁ ଯେଉଁ ଭାଷାରେ ବର୍ଣ୍ଣନା କରାଯାଇଛି ସେଥିରେ ତାଙ୍କର ଆଦି ତତ୍ତ୍ୱ ପ୍ରଚଣ୍ଡ 'ରୁଦ୍ର'ଙ୍କ ସଂକେତ ରହିଛି — ଭୀମ ମାରାତ୍ମକ 'ସିଂହ' (ମୃଗ) ପଶୁପତି (ପଶୁମାନଙ୍କର ଦିବ୍ୟ ସ୍ୱାମୀ) ରୂପେ ସେ ଲୋକଗୁଡ଼ିକରେ ବିବର୍ତ୍ତନ ପ୍ରକ୍ରିୟାରେ କାର୍ଯ୍ୟାରମ୍ଭ କରନ୍ତି, ତଥା ସତ୍ତାରୂପକ ପର୍ବତରେ ସେ ଉଚ୍ଚରୁ ଉଚ୍ଚକୁ ଗତି କରନ୍ତି, ଶିଖରଗୁଡ଼ିକରେ ସ୍ଥିତ ହେବା ପର୍ଯ୍ୟନ୍ତ ସେ ଦୁର୍ଗମ ଓ ଅଗମ୍ୟ ସ୍ଥାନଗୁଡ଼ିକୁ ପରିଭ୍ରମଣ କରି ଚାଲିଥା'ନ୍ତି । ଏହି ଭାବେ 'ବିଷ୍ଣୁ'ଙ୍କୁ ଏହି ବ୍ୟାପକ ତିନି ଚରଣରେ ସମସ୍ତ ପଞ୍ଚ ଲୋକ ତଥା ତତ୍‌ସଂଲଗ୍ନ ସକଳ ପ୍ରାଣୀ ନିବାସ କରୁଛନ୍ତି । ଭୂମି, ଦ୍ୟୌ ଓ ଆନନ୍ଦଲୋକ, ''ତତ୍'', ଏହି ସମସ୍ତ ତାଙ୍କର ତ୍ରି-ବିକ୍ରମଣ । ପୃଥିବୀ ଓ ଦ୍ୟୌର ମଧ୍ୟବର୍ତ୍ତୀ ଲୋକ ଅନ୍ତରୀକ୍ଷ ବା ପ୍ରାଣ-ଜଗତ୍ ରହିଛି ଯାହାର ଆକ୍ଷରିକ ଅର୍ଥ ''ମଧ୍ୟବର୍ତ୍ତୀ ସଂଯୋଜକ ଲୋକ'' । ଦ୍ୟୌ ଓ ଆନନ୍ଦଲୋକର ମଧ୍ୟବର୍ତ୍ତୀ ଅନ୍ୟ ଏକ ବିଶାଳ ଅନ୍ତରିକ୍ଷ ବା ମଧ୍ୟବର୍ତ୍ତୀ ସଂଯୋଜକ ଲୋକ ରହିଛି 'ମହର୍ଲୋକ' ଅର୍ଥାତ୍ ତାହା ହେଉଛି ବସ୍ତୁଗୁଡ଼ିକର ଅତିଚେତନ 'ସତ୍ୟ' ଜଗତ୍ ।[୫]

ମନୁଷ୍ୟର ଯେଉଁ ଶକ୍ତି ଓ ଚିତ୍ତ,— ଶକ୍ତି ଆସିଥାଏ 'ଶକ୍ତିମାନ୍' 'ରୁଦ୍ର'ଙ୍କଠାରୁ ଏବଂ ଚିତ୍ତ ଆସିଥାଏ 'ବାକ୍'ର ସୃଜନଶୀଳ ସ୍ୱାମୀ ବ୍ରହ୍ମଣସ୍ପତିଙ୍କଠାରୁ, — ଏହି ଉଭୟଙ୍କୁ ଏହି ମହାନ୍ ଯାତ୍ରାରେ 'ବିଷ୍ଣୁ'ଙ୍କ ନିମନ୍ତେ ଅଥବା ତାଙ୍କ ପ୍ରତି ଯାତ୍ରା କରିବାକୁ ଅଛି — ଯିଏ ଏହାର ଲକ୍ଷ୍ୟ ସ୍ଥଳରେ, ଶୀର୍ଷରେ, ପର୍ବତ ଚୂଡ଼ାରେ ଦଣ୍ଡାୟମାନ । ଏହି ବିଶ୍ୱାତ୍ମକ ବିସ୍ତୃତ ଗତିବୃତ୍ତି ତାଙ୍କରି; ସେ ଏହି ଜଗତର 'ବୃଷଭ' ରୂପରେ ଶକ୍ତିର ସକଳ ଉର୍ଜାକୁ ଏବଂ ଚିନ୍ତାର ସକଳ ଗୋ-ଯୂଥକୁ ଉପଭୋଗ ତଥା ଗର୍ଭଧାରଣକ୍ଷମ କରିଥା'ନ୍ତି । ଏହି ସୁଦୂର-ପ୍ରସାରୀ ମହାକାଶ, ଯାହା ଆମ ଆଗରେ ଆତ୍ମପରିପୂର୍ଣ୍ଣତାର ଜଗତ୍ ରୂପେ ଏବଂ ମହାଯଜ୍ଞର ତ୍ରିଧା ଯଜ୍ଞବେଦୀ ରୂପେ ପ୍ରତିଭାତ ତାହା ଏହି ଭାବେ ମପାଯାଇଛି, ସର୍ବଶକ୍ତିମାନ୍ ଅନନ୍ତଙ୍କ ତ୍ରିଚରଣ ଦ୍ୱାରା ଏହିଭଳି ଗଠିତ ହୋଇଛି ।[୬]

ସେହି ତିନୋଟି ଯାକ ଚରଣ ଅସ୍ତିତ୍ୱର ଅନ୍ତର୍ଗତ ଆହ୍ଲାଦ-ରୂପକ ମଧୁ-ମଦ୍ୟରେ ପରିପ୍ଲୁତ । ଏହି 'ବିଷ୍ଣୁ' ସେହି ସବୁକୁ ଅସ୍ତିତ୍ୱର ଦିବ୍ୟ ଆନନ୍ଦ ଦ୍ୱାରା ପୂର୍ଣ୍ଣ କରିଥା'ନ୍ତି । ତାହାରି ଦ୍ୱାରା ସେମାନେ ଶାଶ୍ୱତ ଭାବେ ପରିପୋଷିତ ହେଉଥା'ନ୍ତି, ସେମାନେ ନଷ୍ଟ ବା ବିନାଶ ପ୍ରାପ୍ତ ହୁଅନ୍ତି ନାହିଁ, କିନ୍ତୁ ସେମାନଙ୍କ ସ୍ୱାଭାବିକ ଗତିବୃତ୍ତିର ଆତ୍ମ-ସମନ୍ୱୟରେ ରହିଥାଏ ସବୁବେଳେ ଏକ ଅତୁଟ ଆନନ୍ଦ, ସେମାନଙ୍କ ବିଶାଳ ତଥା ଅନନ୍ତ ସତ୍ତାର

---

୪. ବିଷ୍ଣୋର୍ନୁ କଂ ବୀର୍ଯାଣି ପ୍ର ବୋଚଂ
ୟଃ ପାର୍ଥିବାନି ବିମମେ ରଜାଂସି ।
ୟୋ ଅସ୍କାଭାୟଦୁତ୍ତରଂ ସଧସ୍ଥଂ
ବିଚକ୍ରମାଣମସ୍ତ୍ରେଧୋରୁଗାୟ ॥୧॥

୫. ପ୍ର ତଦ୍‌ବିଷ୍ଣୁଃ ସ୍ତବତେ ବୀର୍ୟେଣ
ମୃଗୋ ନ ଭୀମଃ କୁଚରୋ ଗିରିଷ୍ଠାଃ ।
ୟସ୍ୟୋରୁଷୁ ତ୍ରିଷୁ ବିକ୍ରମଣେ
ଷ୍ୱଧିକ୍ଷିୟନ୍ତି ଭୁବନାନି ବିଶ୍ୱା ॥୨॥

୬. ପ୍ର ବିଷ୍ଣବେ ଶୂଷମେତୁ ମନ୍ମ
ଗିରିକ୍ଷିତ ଉରୁଗାୟାୟ ବୃଷ୍ଣେ ।
ୟ ଇଦଂ ଦୀର୍ଘଂ ପ୍ରୟତଂ ସଧସ୍ଥ
ମେକୋ ବିମମେ ତ୍ରିଭିରିତ୍‌ପଦେଭିଃ ॥୩॥

୭. ୟସ୍ୟ ତ୍ରୀ ପୂର୍ଣ୍ଣା ମଧୁନା ପଦାନ୍ୟ-
କ୍ଷୀୟମାଣା ସ୍ୱଧୟା ମଦନ୍ତି ।
ୟ ଉ ତ୍ରିଧାତୁ ପୃଥିବୀମୁତ ଦ୍ୟା-
ମେକୋ ଦାଧାର ଭୁବନାନି ବିଶ୍ୱା ॥୪॥

ଅକ୍ଷୟ ମାଦକତା । ବିଷ୍ଣୁ ସେମାନଙ୍କୁ ଅନବରତ ଧରି ରଖିଥା'ନ୍ତି, ଅବିନଶ୍ୱର ଭାବେ ସଂରକ୍ଷଣ କରୁଥା'ନ୍ତି । ସେ 'ଏକ', ସେ ଏକାକୀ, ସେ ସ୍ୱୟଂ ସ୍ଥିତିସମ୍ପନ୍ନ 'ଦେବତା', ଏବଂ ସେ ନିଜର ଅସ୍ତିତ୍ୱ ମଧ୍ୟରେ ତ୍ରିଧା ଦିବ୍ୟ ତତ୍ତ୍ୱକୁ (ତ୍ରିଧାତୁ) ଧାରଣ କରୁଥା'ନ୍ତି, ଆମେ ତାହାଙ୍କୁ ଆମର ଆନନ୍ଦ ଲୋକ ମଧ୍ୟରେ, ଆମର ଆଧାରଭୂତ 'ଭୂଃ' ମଧ୍ୟରେ, 'ସ୍ୱର୍' ମଧ୍ୟରେ ବି ଯେଉଁଠି ଆମ ଅନ୍ତଃ-ମନୋମୟ ପୁରୁଷ ବିଦ୍ୟମାନ ତାଙ୍କ ଦ୍ୱାରା ତାଙ୍କୁ ସ୍ପର୍ଶ କରୁ; ଆମେ ତାଙ୍କୁ ଉପଲବ୍ଧି କରୁ । ଏହି ସମସ୍ତ ପଞ୍ଚଲୋକକୁ ସେ ଧାରଣ କରିଥା'ନ୍ତି ।[୭] **ତ୍ରିଧାତୁ**, ଅସ୍ତିତ୍ୱର ତ୍ରିତ-ଉପାଦାନ ହେଉଛି ବେଦାନ୍ତ ବାକ୍ୟରେ 'ସଚ୍ଚିଦାନନ୍ଦ'; ବେଦର ପ୍ରଚଳିତ ଭାଷା ଅନୁସାରେ ତାହା 'ବସୁ' ବା ମୂଳ-ସଦ୍‌ବସ୍ତୁ, 'ଉର୍ଜ୍', ଆମ ଅସ୍ତିତ୍ୱର ବଳପ୍ରାଚୁର୍ଯ୍ୟ, 'ପ୍ରିୟମ୍' ବା 'ମୟସ୍', ଆମ ଅସ୍ତିତ୍ୱର ଅତ୍ୟନ୍ତ ସାରମର୍ମରେ ନିହିତ ଆନନ୍ଦ ଓ ପ୍ରେମ । ଯାହା କିଛି ଅସ୍ତିତ୍ୱ ଲାଭ କରିଛି ସେ ସବୁକିଛି ଏହି ତ୍ରି-ବସ୍ତୁରେ ଗଠିତ ଏବଂ ଆମ ନିଜ ଯାତ୍ରାର ଲକ୍ଷ୍ୟ ସ୍ଥଳରେ ଉପନୀତ ହେବା ବେଳେ ଆମେ ଏହି ସମସ୍ତର ପୂର୍ଣ୍ଣତା ଲାଭ କରିଥାଉ ।

ଯାତ୍ରାର ଲକ୍ଷ୍ୟ ହେଉଛି ଆନନ୍ଦ, 'ବିଷ୍ଣୁ'ଙ୍କ ତ୍ରି-ଚରଣର ଏହା ଅନ୍ତିମ । ଋଷି ''ତତ୍'' ଭଳି ଏକ ଅନିର୍ଦ୍ଦେଶ୍ୟ ଶବ୍ଦ ସାହାଯ୍ୟରେ ତାହାର ପ୍ରଥମ ଅସ୍ପଷ୍ଟ ସଂକେତ ଦେଇଛନ୍ତି; ଏହା ସେହି ଆନନ୍ଦର ସଙ୍କେତ ବହନ କରେ ଯାହା 'ବିଷ୍ଣୁ'ଙ୍କ ବିକ୍ରମଣର ଲକ୍ଷ୍ୟସ୍ଥଳ । ଏହା ସେହି 'ଆନନ୍ଦ' ଯାହା ମନୁଷ୍ୟ ପାଇଁ ନିଜ ଉତ୍ତରଣ-ପଥରେ ଏକ ଜଗତ୍ ଯେଉଁଠି ସେ ଦିବ୍ୟ ଆନନ୍ଦରସର ଆସ୍ୱାଦନ କରିଥାଏ, ଅନନ୍ତ 'ଚିତ୍'ର ପୂର୍ଣ୍ଣ ଉର୍ଜା ଲାଭ କରିଥାଏ । ନିଜର ଅନନ୍ତ 'ସତ୍'ର ଉପଲବ୍ଧି କରିଥାଏ । ଅସ୍ତିତ୍ୱଗତ ମଧୁ-ମଦ୍ୟର ଏକ ଉଚ୍ଚାସୀନ ଉତ୍ସ ରହିଛି ଯେଉଁଥିରେ 'ବିଷ୍ଣୁ'ଙ୍କର ଚରଣତ୍ରୟ ପୂରି ଉଠିଛି । ଏହି ଦେବଙ୍କର ଅଭିଳାଷୀ ଆତ୍ମାଗଣ ସେହି ମାଧୁର୍ଯ୍ୟ-ମଦ୍ୟର ପୂର୍ଣ୍ଣ ଉଲ୍ଲାସରେ ଜୀବନଧାରଣ କରନ୍ତି । ପରମ ପଦରେ, ବ୍ୟାପକଭାବେ ଗତିଶୀଳ (ଉରୁକ୍ରମଃ) ବିଷ୍ଣୁଙ୍କର ପରମ ଧାମରେ ଦିବ୍ୟ ମାଧୁର୍ଯ୍ୟର ଆଦି ସ୍ୱରୂପ ମଧୁ-ମଦ୍ୟର ନିର୍ଝରିଣୀ ବିଦ୍ୟମାନ,– କାରଣ ସେଠାରେ ସେହି 'ଦେବ' ନିବାସ କରନ୍ତି, ତାଙ୍କ ପ୍ରତି ଅଭୀପ୍ସୁ ଆତ୍ମାଗଣଙ୍କର ସେ ହେଉଛନ୍ତି ଯଥାର୍ଥ ବନ୍ଧୁ ଓ ପ୍ରେମିକ, ବିଶ୍ୱ ମଧ୍ୟରେ ବିକ୍ରମଣ କରୁଥିବା ସେହି 'ଦେବ' ଅଚଳ ତଥା ସମ୍ପୂର୍ଣ୍ଣ ବାସ୍ତବ 'ବିଷ୍ଣୁ'ଙ୍କ ଅଭିମୁଖେ ଆରୋହଣ କରନ୍ତି ।[୮]

ଏଠାରେ ଦ୍ୱିବିଧତା ରହିଛି । ଇହଲୋକରେ ବିଷ୍ଣୁ ଗତିଶୀଳ, ପରଲୋକରେ ଏହି 'ଦେବ' ନିତ୍ୟ ସ୍ଥିତିଶୀଳ ତଥା ମଧୁ-ଆସ୍ୱାଦକ, ଏବଂ ଏହି ଯୁଗଳଙ୍କର ଯେଉଁ ପରମୋଚ୍ଚ ନିବାସସ୍ଥଳ ରହିଛି ତାହା ସଚ୍ଚିଦାନନ୍ଦ ସ୍ୱରୂପ ତ୍ରିଧା ଜଗତ୍ ଯାହାକୁ ଆମେ ଏହି ଦୀର୍ଘ ଯାତ୍ରାର, ମହାନ୍ ଉର୍ଦ୍ଧ୍ୱମୁଖୀ ଗତିର ଲକ୍ଷ୍ୟ ରୂପେ ଇଚ୍ଛା କରିଥାଉ । ସେହିଠାରେ ହିଁ ସଚେତନ ଚିତ୍ତ, ସଚେତନ ଶକ୍ତି ରୂପକ ବହୁ ଶୃଙ୍ଗଯୁକ୍ତ ଗୋ-ଯୂଥମାଳା ବିଚରଣ କରୁଛନ୍ତି – ତାହାହିଁ ସେମାନଙ୍କର ଲକ୍ଷ୍ୟସ୍ଥଳ, ତାହାହିଁ ସେମାନଙ୍କର ଆଶ୍ରୟ । ସେହି ଜଗତଗୁଡ଼ିକରେ ସେହି ପରମୋଚ୍ଚ ଚରଣର ଯେଉଁ ବିରାଟ ପରିପୂର୍ଣ୍ଣ ଅସୀମ ଦୀପ୍ତି ରହିଛି ଏବଂ ଯାହା ଇହଲୋକବାସୀ ଆମ ସମସ୍ତଙ୍କ ଉପରେ ଝଲସି ଉଠୁଛି ତାହା ବ୍ୟାପକ ବିଚରଣଶୀଳ ସେହି 'ବୃଷଭ'ଙ୍କର, ବହୁଶୃଙ୍ଗଧାରୀ ଗୋଯୂଥ ସକଳଙ୍କ ସ୍ୱାମୀଙ୍କର ଚରଣ, ତାହା ହିଁ ପରମଧାମ,– 'ବିଷ୍ଣୁ' ସର୍ବବ୍ୟାପୀ ବିଶ୍ୱାତ୍ମକ 'ଦେବତା', ଆମ ଆତ୍ମା ସକଳର ସେ ପ୍ରେମିକ ଓ ସଖା, ବିଶ୍ୱାତୀତ ସତ୍ ତଥା ବିଶ୍ୱାତୀତ ଆନନ୍ଦର ସେ ଅଧୀଶ୍ୱର ।[୯]

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - XII, **"Vishnu, the All-Pervading Godhead"**]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

---

୮. ତଦସ୍ୟ ପ୍ରିୟମଭି ପାଥୋ ଅଶ୍ୟାଂ
ନରୋ ଯତ୍ର ଦେବୟବୋ ମଦନ୍ତି ।
ଉରୁକ୍ରମସ୍ୟ ସ ହି ବନ୍ଧୁରିତ୍ଥା
ବିଷ୍ଣୋଃ ପଦେ ପରମେ ମଧ୍ୱ ଉତ୍ସଃ ॥୫॥

୯. ତା ବାଂ ବାସ୍ତୂନ୍ୟୁଶ୍ମସି ଗମଧ୍ୟୈ
ଯତ୍ର ଗାବୋ ଭୂରିଶୃଙ୍ଗା ଅୟାସଃ ।
ଅତ୍ରାହ ତଦୁରୁଗାୟସ୍ୟ ବୃଷ୍ଣଃ
ପରମଂ ପଦମବ ଭାତି ଭୂରିଃ ॥୬॥

ନିବନ୍ଧ

# ସାହିତ୍ୟରେ ଆଦର୍ଶର ଭୂମିକା : ଗତକାଲି ଓ ଆଜି

## ଶ୍ରୀ ମନୋଜ ଦାସ

ମାନବେତର ପ୍ରାଣୀବର୍ଗଙ୍କର ''ମନସ୍ତତ୍ତ୍ୱ'' ସଠିକ ନିରୂପିତ ହୋଇପାରି ନାହିଁ, କିନ୍ତୁ ସମ୍ଭବତଃ ଏ ଲେଖକର ଏ ସିଦ୍ଧାନ୍ତ ଭୁଲ୍ ନୁହେଁ ଯେ ମାନବ ହିଁ ଏକମାତ୍ର ପ୍ରାଣୀ ଯିଏ ଯେକୌଣସି ସମୟରେ, ସଚେତନ ଭାବେ ହେଉ ବା ଅଚେତନ ଭାବେ ହେଉ, କାଳର ତିନୋଟି ପର୍ଯ୍ୟାୟ ଦ୍ୱାରା ଭାରାକ୍ରାନ୍ତ ରହିଥାଏ : ଅତୀତର ସ୍ମୃତି, ବର୍ତ୍ତମାନର ପରିସ୍ଥିତି ଏବଂ ଭବିଷ୍ୟତର ଯୋଜନା । ଏହି ତୃତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ଯେଉଁ ସମସ୍ତ ଭାବ ଓ ଭାବନା – ଯଥା : ସ୍ୱପ୍ନ, ଆଶା, ଆଶଙ୍କା ଓ ନାନାଦି ଅଭିଳାଷ – ତହିଁରୁ ଅନ୍ୟତମ ହେଲା ଆଦର୍ଶ । (ଅଭିଳାଷ, ଉଚ୍ଚାକାଂକ୍ଷା ଓ ଆଦର୍ଶ ଭିତରେ କେବେ କେବେ ବିଶେଷ ବ୍ୟବଧାନ ନଥାଇ ପାରେ ।) କାହା କାହା କ୍ଷେତ୍ରରେ ସେ ଆଦର୍ଶ ସ୍ୱଷ୍ଟ, ସ୍ୱନିର୍ବାଚିତ, ଅର୍ଥାତ୍ ଉଚ୍ଚାରିତ ବା ପ୍ରଚାରିତ ହୋଇଥାଏ – ଯଥା ବିଭିନ୍ନ ମାର୍ଗରେ ଜନସେବା ବା ଦେଶ ସେବା ଅଥବା ବ୍ୟକ୍ତିଗତ ଜୀବନରେ ସର୍ବଦା ସତ୍ୟ କହିବାର ଅଥବା ଅନ୍ୟାୟ ନ କରିବାର ବ୍ରତ । କିନ୍ତୁ ଅଧିକାଂଶଙ୍କ କ୍ଷେତ୍ରରେ ଆଦର୍ଶ ସହଜାତ ଓ ଅନୁଚ୍ଚାରିତ, ଯଥା ମାତାପିତାଙ୍କ ତତ୍ତ୍ୱ ନେବା ବା ସନ୍ତାନବର୍ଗଙ୍କୁ ସେମାନଙ୍କ ଗୋଡ଼ରେ ଛିଡ଼ା କରାଇବା, ପ୍ରତିବେଶୀ ବିପଦରେ ପଡ଼ିଲେ ତାକୁ ସାହାଯ୍ୟ କରିବା, ଭିକ୍ଷୁକକୁ ଭିକ୍ଷା ଦେବା ଇତ୍ୟାଦି । କଥା ହେଲା ମଣିଷ ମାତ୍ରେ କୌଣସି ନା କୌଣସି ଆଦର୍ଶର ବାହକ; ତାହା ମହତ୍ ହେଉ ବା ନଗଣ୍ୟ ହେଉ, ଉଚ୍ଚାରିତ ହେଉ ବା ଅନୁଚ୍ଚାରିତ ହେଉ ।

ଏପରିକି ତାହା ଅଜବ ମଧ୍ୟ ହୋଇପାରେ । ଊନବିଂଶ ଶତାବ୍ଦୀରେ ମଧ୍ୟଭାରତ ଓ ବଙ୍ଗଦେଶରେ – ଏପରିକି କିଛିମାତ୍ରାରେ ଓଡ଼ିଶାରେ ମଧ୍ୟ – ଠଗୀ ଭାବେ କୁଖ୍ୟାତ ଗୋଟାଏ ନିର୍ମମ ଧରଣର ଡାକୁ ଜାତି ବିଭୀଷିକା ସୃଜୁଥିଲେ । ସେମାନଙ୍କ ହତିଆର ହେଲା ମୁଦିଟିଏ ଗୁନ୍ଥା ହୋଇଥିବା ଖଣ୍ଡିଏ କନା । ସେ ଯୁଗରେ ଆଜିର ଅର୍ଥରେ ପର୍ଯ୍ୟଟକ ନ ଥିଲେ । ପଥିକ ବୋଇଲେ ତୀର୍ଥଯାତ୍ରୀ କିଂବା ବଣିକ । ତୀର୍ଥଯାତ୍ରୀ ଭଳି ଅଭିନୟ କରି ଠଗୀମାନେ ପଥିକମାନଙ୍କ ସହ ମିଶି ବାଟ ଚାଲିବେ । ସୁଯୋଗ ଦେଖି ହଠାତ୍ ସେ ମାରାତ୍ମକ କନାଖଣ୍ଡିକ ସହଯାତ୍ରୀଙ୍କ ଗଳାରେ କ୍ଷିପ୍ରଗତିରେ ଗୁଡ଼ାଇ ଦେଇ ଏମିତି ଏକ ଟାଣ ଦେବେ ଯେ ପଥିକର ପଞ୍ଚତ୍ୱପ୍ରାପ୍ତି ଘଟିବ ତତ୍କ୍ଷଣାତ୍ ଏବଂ ସେମାନେ ବିଚରାର ଟଙ୍କାକଉଡ଼ି ଆତ୍ମସାତ୍ କରି ପରବର୍ତ୍ତୀ ଶିକାର ସନ୍ଧାନରେ ଅଗ୍ରସର ହେବେ । ଇଷ୍ଟ ଇଣ୍ଡିଆ କମ୍ପାନିର ଜଣେ ବିଚକ୍ଷଣ କର୍ମଚାରୀ ଉଇଲିଅମ୍ ସ୍ଲିମ୍ୟାନ୍‌ଙ୍କ ଅଦମ୍ୟ ଉଦ୍ୟମରେ ସେ ଉପଦ୍ରବର ଅବସାନ ହୋଇଥିଲା ।

ଦିନେ ସନ୍ଧ୍ୟା ବେଳେ ଦଳେ ବନ୍ଦୀ ଠଗୀ ବସିଥା'ନ୍ତି ସ୍ଲିମ୍ୟାନ୍‌ଙ୍କ ବଙ୍ଗଳା ସାମନାରେ । ଠିକ୍ ମନେ ପଡୁ ନାହିଁ – ବୋଧହୁଏ ଭାରତବର୍ଷ ଉପରେ ବେଶ୍ କେତେକ ସୁନ୍ଦର ରଚନାର ଲେଖକ ମିଡ଼ୋଜ୍ ଟେଲର୍ ସେ ଦଳର ନେତାଟିକୁ ପ୍ରଶ୍ନ କଲେ, ''ଆଚ୍ଛା ବାବୁ, ଧର ତୁମେ ଏମିତି ଜଣେ ଯାତ୍ରୀ ସହିତ ଯାଉଛ, ଯାହା ସହ କଥାବାର୍ତ୍ତା ମାଧ୍ୟମରେ ବୁଝିପାରିଲ ଯେ ଲୋକଟି ପାଖରେ କାଣି କଉଡ଼ିଟିଏ ମଧ୍ୟ ନାହିଁ । ତା'ର କିଛି କ୍ଷତି ନ କରି ତୁମେ ଦୂରେଇଯିବ ତ ?''

ଠଗୀ ଦଳପତି ଏ ପ୍ରଶ୍ନରେ ସତେ ଯେମିତି ଅପମାନ ବୋଧ କଲା ! କହିଲା, ''ସାହେବ୍ ! ତୁମେ ଆମକୁ ଏଡ଼େ ଅଧମ ଠଉରାଇଲ ଯେ କିଛି ଲାଭ ହେବ ନାହିଁ ବୋଲି ଆମେ ଆମ ଧର୍ମ ପାଳନ କରିବୁ ନାହିଁ ? କାଳ ଯଦି ଆମକୁ ଲୋକଟିର ସଂସର୍ଗକୁ ଆଣିଛି, ତେବେ ଆମେ ଅବଶ୍ୟ ଆମ କର୍ତ୍ତବ୍ୟ କରିବୁ; ତା' ଜୀବନ ନେବୁ; କିଛି ମିଳୁ ବା ନମିଳୁ !'' ଅର୍ଥାତ୍ ଠଗୀର ମଧ୍ୟ ଥିଲା ଏକ ଆଦର୍ଶ, ଯେଡ଼େ ବିଚିତ୍ର ବା ଅଜ୍ଞାନ ହେଉ ନା କାହିଁକି ।

ଗୁଜରାଟର ବିଖ୍ୟାତ ସମାଜ ସଂସ୍କାରକ ରବିଶଙ୍କର ମହାରାଜଙ୍କ ସ୍ମୃତି କଥାରେ ପଢୁ, ବଂଶ ପରମ୍ପରା କ୍ରମେ ସିନ୍ଧି ଚୋରିକୁ – ଅର୍ଥାତ୍ ଗ୍ରାମବାସୀଙ୍କ ଘର କାନ୍ଥରେ ଗର୍ତ୍ତ ଖୋଳି ଭିତରେ ପଶି ଜିନିଷପତ୍ର ନେବାରେ ପାରଙ୍ଗମତାକୁ ପେଶା କରିଥିବା ଗୋଟାଏ ଗୋଷ୍ଠୀର ବୋଧହୁଏ ଭୁଲ୍ଲା ନାମକ ଜଣେ ଯୁବକକୁ ସେଭଳି ଜୀବିକାରୁ ଓହରି ଆସିବାକୁ ପ୍ରବର୍ତ୍ତାଉଥା'ନ୍ତି ସେ ମହାଶୟ ।

ଯୁବକର ଉତ୍ତର : ''ମହାରାଜ, ତୁମେ ଯଦି କହୁଛ ତେବେ ମୁଁ ସିନ୍ଧି ବେଉସା ଛାଡ଼ିଦେବି । କିନ୍ତୁ କଥା କ'ଣ ଜାଣ ?

ରାତିରେ ମୁଁ ଗାଁ ଦାଣ୍ଡରେ ଯାଉଥିବା ବେଳେ ଶୁଣେ ଏହି ଡାକ – ଆରେ ଭୁଲ୍ଲା, ମୁଁ ଏଠି ମାଟି ତଳେ ବନ୍ଦୀ ହୋଇ ରହିଛି; ମୋତେ ମୁକ୍ତ କର । ମୁଁ ଭିତରେ ପଶି ସେ ବନ୍ଦୀ ଲକ୍ଷ୍ମୀ ଦେବୀଙ୍କୁ, ଅର୍ଥାତ୍ ପୋତା ସୁନା, ରୁପା ବା ଟଙ୍କା ବାହାର କରି ନେଇଆସେ ।''

ମହାଭାରତରେ ଲିପିବଦ୍ଧ ରହିଛି ଦସ୍ୟୁମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଗୁରୁଙ୍କର ଆଦର୍ଶଭିତ୍ତିକ ଚେତାବନୀ : ''ନାରୀ, ଭୀରୁ, ଶିଶୁ ଏବଂ ତପସ୍ୱୀମାନଙ୍କୁ ବଧ କରିବା ନିଷିଦ୍ଧ ।''

ମାନବଜୀବନ ସହ ଯେତେବେଳେ ଆଦର୍ଶ ନାମକ ଭାବଟି ଏମିତି ଓତପ୍ରୋତ ଜଡ଼ିତ, ସାହିତ୍ୟରେ ଆଦର୍ଶର ଉପସ୍ଥିତି ଯେ ଅନିବାର୍ଯ୍ୟ ସେକଥା କହିବା ବାହୁଲ୍ୟମାତ୍ର । ବସ୍ତୁତଃ ଆମ ଭାରତୀୟ ସାହିତ୍ୟର ଆଦି ଉଚ୍ଚାରଣୀ ହିଁ ଏକ ଆଦର୍ଶ-ଶାଣିତ ଶ୍ଳୋକ । ବାଲ୍ମୀକି ପ୍ରଭାତରେ ନଦୀକୂଳସ୍ଥ ବନସ୍ତରେ ଅବଲୋକନ କରୁଛନ୍ତି ଦୁଇ ବିହଙ୍ଗଙ୍କ ଉଲ୍ଲସିତ କ୍ରୀଡ଼ା । ହଠାତ୍ ଏକ ନିଷାଦର ତୀର ଗୋଟିଏ ବିହଙ୍ଗର ଜୀବନ ନେଉଛି । ଅନ୍ୟଟି କରୁଛି ଆର୍ତ୍ତନାଦ । ସ୍ୱତଃସ୍ଫୂର୍ତ୍ତ ଭାବେ ଉଚ୍ଚାରିତ ହେଲା ଭାବୀ ମହାକବିଙ୍କ ଆଦ୍ୟ ଅବଦାନ, ''ମା ନିଷାଦ ପ୍ରତିଷ୍ଠାମ୍ ତ୍ୱମଗମଃ ଶାଶ୍ୱତି ସମାଃ...'' ଋଷିବର ଭବିଷ୍ୟତ୍ ସମାଜର ଚରିତ୍ର ଯାହା ହେବ ତା'ର ଏକ ବିଶେଷ ଦିଗ ନିରୂପଣ କରିଦେଲେ । ଏକ ଆନନ୍ଦମୟ ସଂହତିରେ ଯିଏ ଆଣିଦେଲା ଅସଂହତି, ସିଏ ସମାଜରେ କଦାଚ ପ୍ରତିଷ୍ଠା ଲାଭ କରିବ ନାହିଁ । ଅର୍ଥାତ୍ ସଂହତି ହିଁ ସମାଜର ଭିତ୍ତି । ଯିଏ ସେଥିରେ ଆଘାତ ଦିଏ, ସମାଜରେ ସେଭଳି କ୍ରୁର ବ୍ୟକ୍ତି ପ୍ରତିଷ୍ଠା ପାଇବା ଉଚିତ ନୁହେଁ । ଋଷିବର ବ୍ୟାଧକୁ ସେ ବ୍ୟକ୍ତିଗତ ଦୁଃଖଭୋଗ କଲା ଭଳି କିଛି ନା କିଛି ଅଭିଶାପ ଦେଇ ପାରିଥା'ନ୍ତେ, କିନ୍ତୁ ତାଙ୍କ ମହତ୍ ଚେତନାରୁ ଉଦ୍‌ଗତ ଆବେଗ ବ୍ୟାଧ ମନୋଭାବ ସମ୍ପନ୍ନ ବ୍ୟକ୍ତିବର୍ଗଙ୍କ ପ୍ରତି ଅଭିଶାପ ହେବା ସଙ୍ଗେ ସଙ୍ଗେ ସମାଜ ସକାଶେ ଏକ ଆଶୀର୍ବାଦର ଭୂମିକାରେ ପରିଣତ ହେଲା ।

ମାନବ ଚେତନାରେ ନିହିତ ଥାଏ କେଡ଼େ ବ୍ୟାପକ ପ୍ରତିଶ୍ରୁତି । ପ୍ରାକ୍-ଋଷି ଜୀବନରେ ଯେଉଁ ବ୍ୟକ୍ତି ରତ୍ନାକର ରୂପେ ଯେକୌଣସି ମାର୍ଗରେ ପରିବାର ପୋଷଣକୁ ଆଦର୍ଶ ରୂପେ ଗ୍ରହଣ କରିଥିଲେ, ସେ ପୁଣି ଋଷି ରୂପେ ଆମକୁ ପରିବେଷଣ କଲେ ମହାନ୍ ଆଦର୍ଶ ପ୍ରେରିତ ମହାକାବ୍ୟ । ସେ ବଲ୍ମୀକ ବା ଉଇହୁଙ୍କା ଭିତରୁ ଆତ୍ମପ୍ରକାଶ କରିବାର ସାଙ୍କେତିକ ତାତ୍ପର୍ଯ୍ୟ, ଅଜ୍ଞାନ ରୂପକ ଆବରଣରୁ ତାଙ୍କର ଉତ୍ତରଣ ।

ପ୍ରତ୍ୟେକ ସ୍ମରଣୀୟ ସାହିତ୍ୟକୃତିରେ ପ୍ରଚ୍ଛନ୍ନ ଥାଏ ଏକ ଆଦର୍ଶ – କୌଣସି ସୀମିତ ଅର୍ଥରେ ନୁହେଁ; କାରଣ ଜୀବନର ଆଭିମୁଖ୍ୟ ସୀମିତ ନୁହେଁ – ଚେତନାରେ ଅଭିଜ୍ଞତା ଓ ଉପଲବ୍ଧି କ୍ରମପ୍ରସାରଣଶୀଳ । ପୁଣି ସୃଷ୍ଟିର ବୈଚିତ୍ର୍ୟ ଯେହେତୁ ବହୁତ୍ୱ ଓ ଭିନ୍ନତା, ଦୁଇଟି ଆଦର୍ଶର ମହତ୍ତ୍ୱର ମାତ୍ରା ଏକା ହେଲେ ମଧ୍ୟ ଦୁଇଟି ଭିତରେ ସଂଘର୍ଷ ଉପୁଜିବା ଦେଖିପାରେ ଆମ ସ୍ଥୂଳ ଦୃଷ୍ଟି । କିନ୍ତୁ ପ୍ରାଜ୍ଞ ଦୃଷ୍ଟିରେ ସେ ସଂଘର୍ଷ ଅଳୀକ; ଦୁଇଟି ଆଦର୍ଶ ଦୁଇଟି ସ୍ୱତନ୍ତ୍ର ସତ୍ୟ ମାତ୍ର । ବିଭୀଷଣ ଏବଂ ଭୀଷ୍ମଙ୍କ ଦୃଷ୍ଟାନ୍ତ ନିଆଯାଉ । ରାମାୟଣ ଯୁଗରେ ଯେଉଁ ମୁଷ୍ଟିମେୟ ବ୍ୟକ୍ତି ଶ୍ରୀରାମଙ୍କୁ ଦିବ୍ୟାବତାର ବୋଲି ଜାଣିଥିଲେ, ବିଭୀଷଣ ସେହି ଭାଗ୍ୟବାନ୍‌ବର୍ଗଙ୍କ ଭିତରେ ଅନ୍ୟତମ । ଯେତେବେଳେ ରାବଣ ତାଙ୍କ ପରାମର୍ଶ ଗ୍ରହଣ କଲା ନାହିଁ, ସେ ଆସି ସାମିଲ ହେଲେ ଶ୍ରୀରାମଙ୍କ ଶିବିରରେ । ମହାଭାରତ ଯୁଗରେ ଶ୍ରୀକୃଷ୍ଣଙ୍କୁ ଦିବ୍ୟାବତାର ଭାବରେ ଜାଣିଥିବା ପ୍ରାଜ୍ଞମାନଙ୍କ ଶିରୋମଣି ଥିଲେ ଭୀଷ୍ମ । କିନ୍ତୁ ସେ ଭଗବତ-ବିରୋଧୀ କୌରବ ପକ୍ଷରେ ହିଁ ରହିଲେ । ଏହାର ରହସ୍ୟ, ବିଭୀଷଣ ଥିଲେ ଭକ୍ତିଯୋଗୀ; ଭଗବାନ୍ ଯେଉଁଠି, ଭକ୍ତ ସେଇଠି । ସେ ସିଦ୍ଧାନ୍ତରେ ଦ୍ୱନ୍ଦ୍ୱର ସ୍ଥାନ ନାହିଁ । କିନ୍ତୁ ଭୀଷ୍ମ ଥିଲେ ଜ୍ଞାନ ଯୋଗୀ । ସେ ନିଶ୍ଚିତ ଥିଲେ ଯେ ଶ୍ରୀକୃଷ୍ଣ ଯେଉଁଠି, ଅନିବାର୍ଯ୍ୟ ବିଜୟ ସେଇଠି । ସହସ୍ର ଭୀଷ୍ମ କୌରବ ପକ୍ଷରେ ରହିଲେ ମଧ୍ୟ କିଛି ତାରତମ୍ୟ ହେବ ନାହିଁ । ସେ ଶିବିର ପରିବର୍ତ୍ତନ କରିବା ହେବ ତାଙ୍କ ଅହଂର ପରିଚୟ – ସତେ ଯେପରି ତାଙ୍କର ସେମିତି ଆଚରଣରେ ଅବଧାରିତ ଭବିତବ୍ୟ ବଦଳିଯିବ !

ଏମିତି ଆଲୋକରୁ ଦେଖିଲେ ଉଭୟଙ୍କ ଆଚରଣ ଭିତରେ ଆମେ ବିରୋଧ ଦେଖିବାର ପ୍ରଶ୍ନ ନାହିଁ । ଥରେ ଥରେ କିନ୍ତୁ ସଂଘର୍ଷ ଉପୁଜି ପାରେ ଏକ ହିଁ ବ୍ୟକ୍ତିର ଚେତନା ଭିତରେ । ଏକଦା ଗୌତମ ବୁଦ୍ଧ ଜଣେ ଭକ୍ତକୁ ତା'ଘରେ ଦିବାହାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବହୁ ବର୍ଷ ପରେ ଭକ୍ତ ସେକଥା ବୁଦ୍ଧଙ୍କୁ ସ୍ମରଣ କରାଇ ଦେଇଛି ଦୃଢ଼ ଭାବରେ । ବୁଦ୍ଧ ଦିନ ଧାର୍ଯ୍ୟ କରିଦେଲେ । କିନ୍ତୁ ସମାବେଶ ଭିତରୁ ମୁକୁଳିବା ବେଳକୁ ଦିବାହାର ସମୟ ଅତିବାହିତ ହୋଇ ଗଲାଣି । ତଥାପି ସେ ଭକ୍ତ ଘରେ ଉପନୀତ ହେଲେ । ଭକ୍ତର ପୁଲକ ବର୍ଣ୍ଣନାତୀତ । ସମସ୍ତଙ୍କ ଆଗରେ ସେ ଘୋଷଣା କରିଛି,

ମହାଭାଗ ବୁଦ୍ଧ କରିବେ ତା'ର ଆତିଥ୍ୟ ଗ୍ରହଣ । ବୁଦ୍ଧ ଉପବେଶନ କଲେ । ସମ୍ମୁଖରେ ପରିବେଷିତ ବହୁ ଧରଣର ଖାଦ୍ୟ । କିନ୍ତୁ ହାୟ, ଭକ୍ତ ଜଣକ ବୁଦ୍ଧଙ୍କ ବ୍ୟକ୍ତିତ୍ୱ ଦ୍ୱାରା ଅଭିଭୂତ ଥାଏ ଠିକ୍, କିନ୍ତୁ ତାଙ୍କ ପ୍ରଚାରିତ ତତ୍ତ୍ୱର ବିନ୍ଦୁବିସର୍ଗ ବୁଝେ ନାହିଁ । ଅହିଂସା ଓ ଜୀବେ ଦୟା ଆଦର୍ଶର ପ୍ରବର୍ତ୍ତକଙ୍କ ନିମନ୍ତେ ସେ ଯେତେ ବ୍ୟଞ୍ଜନ ପ୍ରସ୍ତୁତ କରିଛି, ସବୁର ମୁଖ୍ୟ ଉପାଦାନ ଜୀବ-ହତ୍ୟାପ୍ରସୂତ ମାଂସ । ରୋଷେଇ ହୁଏତ ସକାଳରୁ ଆରମ୍ଭ ହେଲାଣି; ଶେଷ ଅପରାହ୍ଣ ବେଳକୁ ସାମଗ୍ରୀସବୁର ସ୍ୱାଭାବିକତା ଆଉ ନାହିଁ ।

ଦିବ୍ୟ-ଅତିଥିଙ୍କ ଆଗରେ ପଙ୍ଖା ଧରି ଦଣ୍ଡାୟମାନ ଗୃହସ୍ଥ ଭକ୍ତ; ଚତୁର୍ଦ୍ଦିଗେ ଦଣ୍ଡାୟମାନ କୌତୂହଳୀ କୁଟୁମ୍ବ ଓ ପ୍ରତିବେଶୀବର୍ଗ । ବୁଦ୍ଧ ପରିସ୍ଥିତି ଉପଲବ୍ଧି କଲେ । କୌଣସି ଗୋଟିଏ ବି ବ୍ୟଞ୍ଜନ ତାଙ୍କ ଭୋଜ୍ୟ ନୁହେଁ । ତାହା ଗ୍ରହଣ କରିବା ଅର୍ଥ ଜୀବ-ହିଂସାର ସମର୍ଥନ କରିବା । କିନ୍ତୁ ସେ ଯଦି ସେସବୁ ସ୍ପର୍ଶ ନ କରିବେ, ତେବେ ଭକ୍ତ ଜଣକ ଯେଉଁ ଆଘାତ ପାଇବ ତାହା ହେବ ତା' ପ୍ରତି ନୈତିକ ହିଂସାଚାର ।

ଜୀବ ହତ୍ୟା ସରିଛି । ମାଂସ ରନ୍ଧା ସରିଛି । ସେସବୁକୁ ବର୍ଜନ କରିବା ହେବ ଯାନ୍ତ୍ରିକ ଭାବରେ ନିଜ ପ୍ରଚାରିତ ଆଦର୍ଶର ସମର୍ଥନ; କିନ୍ତୁ ସଙ୍ଗେ ସଙ୍ଗେ ତାହା ହେବ ଗୋଟାଏ ଜୀବନ୍ତ ଲୋକର ଶ୍ରଦ୍ଧା, ଭକ୍ତି ଉପରେ ପ୍ରଚଣ୍ଡ ପ୍ରହାର । ବୁଦ୍ଧଙ୍କ ଭିତରେ ସମାପ୍ତ ହିଂସାଚାର ଏବଂ ଭାବୀ ହିଂସାଚାର ଭିତରେ ଦ୍ୱନ୍ଦ୍ୱ । ମହାନୁଭବ ବୁଦ୍ଧ ମନ ସ୍ଥିର କଲେ ଅଚିରେ; କିଞ୍ଚିତ୍ ଆହାର କଲେ । ତାଙ୍କ ଅନଭ୍ୟସ୍ତ ସୁକୁମାର ତନୁରେ ତା'ର ପ୍ରତିକ୍ରିୟା ଯାହା ହେବାର କଥା ହେଲା । ପରିଣତି ହେଲା ଅସୁସ୍ଥତା ଓ ମହାପ୍ରସ୍ଥାନ ।

ସାମାଜିକ ଜୀବନରେ ଦୁଇ ସ୍ତରର ସତ୍ୟ ଭିତରେ ସଂଘର୍ଷ ଏବଂ ତାହା ତା'ର କରୁଣ ପରିଣତିକୁ ଲେଉଟି ଆସୁଛି ଏବଂ ଭାରତର ଅନନ୍ୟ ଲୋକକଥାରୁ ଦେଉଛି ଏକ ଦୃଷ୍ଟାନ୍ତ ଯାହା ଅବଶ୍ୟ ଅନେକଙ୍କୁ ଜଣାଥିବ । ତା'ର ତାତ୍ପର୍ଯ୍ୟଟି ଏକାନ୍ତ ପ୍ରାସଙ୍ଗିକ :

ଗୁରୁକୁଳରେ ଅଧ୍ୟୟନରତ ରାଜପୁତ୍ରଙ୍କ ସହ ଜଣେ ତରୁଣ ଶିକ୍ଷାର୍ଥୀର ସୌଖ୍ୟ ଥିଲା । ଯଥା ସମୟରେ ରାଜପୁତ୍ର ରାଜା ହେଲେ । ତରୁଣ ଜଣେ ଋଷିଙ୍କ ତତ୍ତ୍ୱାବଧାନରେ ତପସ୍ୟା କଲେ ଓ ଗୁରୁଙ୍କ ତିରୋଧାନ ଅନ୍ତେ ବନସ୍ତରେ ହିଁ ତପସ୍ୱୀ ରୂପେ କାଳ ଅତିବାହିତ କଲେ । ରାଜା କିନ୍ତୁ ମଧ୍ୟେ ମଧ୍ୟେ ଯାଇ ସଖାଙ୍କ ସହ କିଛି କିଛି ସମୟ ଅତିବାହିତ କରି ଆସୁଥା'ନ୍ତି । ଥରେ ଥରେ ପୁଅକୁ ମଧ୍ୟ ସାଥିରେ ନେଇ ଯାଉଥା'ନ୍ତି ।

ଥରେ ରାଜା ବେମାର ପଡ଼ିଲେ ଏବଂ ବୁଝିଲେ ଯେ ଚିରନିଦ୍ରା ସକାଶେ ବିଳମ୍ବ ନାହିଁ । ସେ ପୁଅ ଅର୍ଥାତ୍ ଭାବୀ ରାଜାକୁ କହିଲେ, ''ଦେଖ୍, ବାବା, ମଧ୍ୟେ ମଧ୍ୟେ ବଣକୁ ଯାଇ ମୋ ମିତ୍ରକୁ ଭେଟିବାକୁ ଭୁଲିବୁ ନାହିଁ । ମନେ ରଖ, ସେ ସାଧନାରେ ବହୁ ପ୍ରକାର ସିଦ୍ଧି ଲାଭ କରିବା ସତ୍ତ୍ୱେ ଗୋଟାଏ ଦୁର୍ବଳତାରୁ ଉତ୍ତୀର୍ଣ୍ଣ ହୋଇପାରି ନାହିଁ; ତାହା ହେଲା କ୍ରୋଧ । ସାମାନ୍ୟ ଅନ୍ୟାୟ ବା ମିଥ୍ୟାଚାର ଘଟୁଥିବାର ଦେଖିଲେ ସେ କ୍ରୋଧୋନ୍ମତ୍ତ ହେବ ଏବଂ ମୁଣ୍ଡରୁ ଖଣ୍ଡିଏ ଜଟା ଛିଡ଼ାଇ ପକାଇବ । ଦୁଃଖର କଥା ହେଲା, ସେ ତା'ର ଶେଷ ଜଟା ଗୋଟିକ ଛିଣ୍ଡାଇବା ମାତ୍ରେ ମୃତ୍ୟୁ ବରଣ କରିବ — ଏ ରହସ୍ୟ ଆମ ଗୁରୁଦେବ ମୋତେ ଗୋପନରେ ଜଣାଇଥିଲେ । ବଣର ନିକଟବର୍ତ୍ତୀ ଜନପଦର ଲୋକଙ୍କୁ ଆମ କର୍ମଚାରୀମାନେ ଯାଇ ମଧ୍ୟେ ମଧ୍ୟେ ସତର୍କ କରିଦେବା ଚାହି — ଯେମିତି ତପସ୍ୱୀ ରାଗିବା ଭଳି କୌଣସି କାମ କେହି କରିବେ ନାହିଁ ।''

ରାଜାଙ୍କ ଅନ୍ତେ ପୁଅ ସିଂହାସନ ଆରୋହଣ କଲେ ଏବଂ ପିତୃ ଆଜ୍ଞା ପାଳନ କରି ଚାଲିଲେ । କିନ୍ତୁ ଆଖ ପାଖର ଲୋକେ ଯେତେ ସତର୍କ ରହିଲେ ବି କୌଣସି ନା କୌଣସି ବ୍ୟାପାରରେ ମଧ୍ୟେ ମଧ୍ୟେ ତପସ୍ୱୀ କ୍ରୁଦ୍ଧ ହେଉଥା'ନ୍ତି ଏବଂ ଗୋଟାଏ ପରେ ଗୋଟାଏ ଜଟା ଛିଣ୍ଡାଇ ପକାଉଥା'ନ୍ତି । ଥରେ ତରୁଣ ରାଜା ଦେଖିବା ବେଳକୁ ତାଙ୍କ ମୁଣ୍ଡରେ ଅବଶିଷ୍ଟ ରହିଛି ଯୋଡ଼ିଏ ମାତ୍ର ଜଟା । ସେ ବିବ୍ରତ ବୋଧ କଲେ ଏବଂ ପିତୃବନ୍ଧୁଙ୍କୁ ସମ୍ପୂର୍ଣ୍ଣ ନିରାପଦରେ ରଖିବା ନିମନ୍ତେ ତାଙ୍କୁ ନଅରରେ ଆସି ରହିବାକୁ ମିନତି କଲେ । ବନ୍ଧୁ-ପୁତ୍ର ପ୍ରତି ସ୍ନେହଶୀଳ ବୃଦ୍ଧ ଅକାତରେ ନଅରକୁ ଚାଲି ଆସିଲେ ।

କେବେ କେବେ ମନ ହେଲେ ତପସ୍ୱୀ ଆସି ଦରବାରରେ ବସି ଯାଉଥା'ନ୍ତି । ଦିନେ ସେ ଶୁଣିଲେ ପ୍ରତିବେଶୀ ରାଜ୍ୟର ଦୂତଙ୍କର ତାଙ୍କ ବନ୍ଧୁ-ପୁତ୍ରଙ୍କ ପ୍ରତି ଗତାନୁଗତିକ ଲୌକିକ ସଂଭାଷଣ : ''ହେ ଦେବରାଜ ସମ ଶକ୍ତିମାନ୍ ନରପତି, ହେ କୁବେର ସମ ଧନପତି, ହେ କନ୍ଦର୍ପ ସମ ଅନନ୍ୟ ସୁନ୍ଦର ରାଜନ୍ !...''

ହଠାତ୍ ଶୁଣାଗଲା ଏକ ଚିତ୍କାର : ''ଅସହ୍ୟ, ଅସହ୍ୟ

ଏ ମିଥ୍ୟା କଥନ ! ଆମର ଏହି ଟୋକା ରାଜା ଦେବରାଜ, କୁବେର, କନ୍ଦର୍ପ ସମ... ?'' ସମସ୍ତେ ଚମକି ପଡ଼ି ଅନାଇବା ବେଳକୁ ତପସ୍ୱୀଙ୍କ ହାତ ଉଠିଗଲାଣି ମୁଣ୍ଡ ଉପରକୁ । ରାଜା ସ୍ୱୟଂ ଝପଟି ଆସି ତାଙ୍କୁ ବାଧା ଦେବା ପୂର୍ବରୁ ସେ ଛିଡ଼ାଇ ପକାଇଲେ ଗୋଟାଏ ଜଟା ।

ଅବଶିଷ୍ଟ ରହିଲା ମାତ୍ର ଗୋଟାଏ ଜଟା । ଉତ୍କଣ୍ଠିତ ରାଜା ତପସ୍ୱୀଙ୍କ ସକାଶେ ନଅର ପଶ୍ଚାତରେ ଥିବା ବ୍ୟାପକ ଉଦ୍ୟାନ ଭିତରେ ନିର୍ମାଣ କଲେ ଏକ ସୁରମ୍ୟ କୁଟୀର । ଏକାନ୍ତ ଦାୟିତ୍ୱଶୀଳ ପରିଚାରକ ଜଗି ରହିଲେ ଅଦୂରରେ । ତପସ୍ୱୀ ଅବଶ୍ୟ ମୁହୂର୍ତ୍ତକ ଭିତରେ ଶାନ୍ତ ହୋଇ ଯାଉଥିଲେ ଏବଂ କୌଣସି ପରିବର୍ତ୍ତନରେ ଆପତ୍ତି କରୁ ନ ଥିଲେ ।

ବିତିଗଲା ବର୍ଷଟିଏ । ଇତି ମଧ୍ୟରେ ରାଜା ଘଟଣାଚକ୍ରରେ ଅଦୂର ପଲ୍ଲିର ଜଣେ କୋଟିବ୍ରହ୍ମାଣ୍ଡସୁନ୍ଦରୀ ସ୍ତରର ଲାବଣ୍ୟବତୀ ତଥା ଅତୀବ ବୁଦ୍ଧିମତି କିନ୍ତୁ ସର୍ବହରା-ପ୍ରାୟ ଦରିଦ୍ର କନ୍ୟାର ପ୍ରେମରେ ପଡ଼ିଗଲେ ଓ ତାକୁ ବିଭା ହେଲେ । ଏକ ବାସନ୍ତି ଅପରାହ୍ଣରେ ରାଜା ଓ ରାଣୀ ଉଦ୍ୟାନ ଭିତରେ ବିଚରଣ କରୁଥିବା ବେଳେ ରାଜା ଫୁଲଟାଏ ତୋଳି ରାଣୀଙ୍କ ଉପରକୁ ଫିଙ୍ଗି ଦେଲେ । ରାଣୀ ସେ ଆଘାତରେ ମୂର୍ଚ୍ଛିତ ହେବାର ଅଭିନୟ କରି ତଳେ ପଡ଼ିଗଲେ । ରାଜା ହସି ହସି ତାଙ୍କୁ ଉଠାଇବାକୁ ଆସୁଛନ୍ତି, ଶୁଭିଲା ଚିତ୍କାର : ''ଏତେ ଛଳନା ! ଧରା ବିଦୀର୍ଣ୍ଣ ହୋଇଯାଉ ନାହିଁ ? ଏ ଟୋକୀର ବିଧବା ମାଆ ଗଛ ଚଢ଼ି ଓଉ ତୋଳୁଥାଏ ଏବଂ କର୍କଶ ମାଟିରେ ପଡ଼ି ଛେଚି ହୋଇ ଗଲେ ହାଟରେ ତା' ଭାଉ କମିଯିବ, ସେଥିପାଇଁ ଏ ଝିଅ ନଇଁ ରହି ପିଠି ଦେଖାଇ ସେ ଫଳ ମାଡ଼ ସହୁଥାଏ; ଆଉ ଆଜି ଆମ ରାଜାର ଫୁଲ ମାଡ଼ ଖାଇ ଟୋକୀ ମୂର୍ଚ୍ଛା ଯାଉଛି ?''

ଉଦ୍ୟାନର ସେହି ଅଂଶରେ ତପସ୍ୱୀଙ୍କ କୁଟୀର ଥିବା କଥା ରାଜା ପାଶୋରି ଦେଇଥିଲେ । ସେ ଚମକି ପଡ଼ି ଦୌଡ଼ି ଆସିବା ବେଳକୁ ତପସ୍ୱୀ ତାଙ୍କ ଶେଷ ଜଟା ଖଣ୍ଡିକ ଛିଡ଼ାଇ ସାରିଲେଣି । କିଂକର୍ତ୍ତବ୍ୟବିମୂଢ଼ ରାଜା ତାଙ୍କ ପାଖରେ ବସି ପଡ଼ିଲେ । ମୁହୂର୍ତ୍ତକ ଭିତରେ କ୍ଷଣକୋପୀ ତପସ୍ୱୀ ପ୍ରଶାନ୍ତ; ଆକର୍ଣ୍ଣ ହସି ସେ ରାଜାଙ୍କୁ ଆଶୀର୍ବାଦ ଦେଇ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଆପାତ ଶ୍ରୁତିରେ କାହାଣୀଟିଏ ମାତ୍ର, କିନ୍ତୁ କେଡ଼େ ଉନ୍ନତ ମନସ୍ତାତ୍ତ୍ୱିକ ପ୍ରଶିକ୍ଷଣ ନିହିତ ଏ କାହାଣୀରେ ! ଏହାର ବିୟୋଗାନ୍ତକ ପରିଣତି ସକାଶେ ଆପଣ କାହାକୁ ଦାୟୀ କରିବେ ? ଦାୟୀ ଦୁଇ ସମାନ୍ତରାଳ ସତ୍ୟ ଭିତରେ ବିରାଜିତ ବ୍ୟବଧାନ । ତପସ୍ୱୀଙ୍କ ଆଦର୍ଶକୁ ଆମେ ଭୁଲ୍ ବୋଲି କହିପାରିବା ନାହିଁ; କିନ୍ତୁ ତା'ର ପ୍ରୟୋଗ ଭୁଲ୍ । ତାରୁଣ୍ୟ, ବସନ୍ତ ଏବଂ ସର୍ବୋପରି ଭାବପ୍ରବଣ ପ୍ରେମର ଆଦର୍ଶରେ ଅନୁପ୍ରାଣିତ ଥିବା ଅବସ୍ଥାରେ ରାଣୀ ଯେଉଁ ଆଚରଣ ପ୍ରଦର୍ଶନ କରୁଥିଲେ ତାକୁ ଛଳନା ଆଖ୍ୟା ଦେବା ନିର୍ବୋଧତା; କିନ୍ତୁ କହିବାବାହୁଲ୍ୟ, ବହୁ ଆନ୍ତରସିଦ୍ଧି ସତ୍ତ୍ୱେ ତପସ୍ୱୀ ତାଙ୍କ ମାମୁଲି ପ୍ରାଣସତ୍ତା ଉପରେ କର୍ତ୍ତୃତ୍ୱ ହାସଲ କରି ନଥିଲେ । ସମ୍ଭବତଃ ଅଧିକାଂଶ ବେଳେ ସେ ନିଜ ଆନ୍ତର୍ଚେତନାରେ ରହୁଥିବା ଯୋଗୁଁ ନିଜ ବହିଃସତ୍ତାର ସଂସ୍କାର ସାଧନ କରି ନ ଥିଲେ । ଘଟଣାର ସ୍ଥୂଳ ରୂପ ଦେଖି ସେ ପ୍ରତିକ୍ରିୟାଶୀଳ ହୋଇ ଉଠୁଥିଲେ, ଦୃଶ୍ୟ ପଶ୍ଚାତରେ ଥିବା ଅଦୃଶ୍ୟ ବା ସୂକ୍ଷ୍ମ ବାସ୍ତବତା ପ୍ରତି ଧ୍ୟାନ ଦେଉ ନ ଥିଲେ । ଆମ ଚେତନା ସର୍ବାଙ୍ଗୀନ ଭାବେ ଔଦାର୍ଯ୍ୟମଣ୍ଡିତ ନହେବା ଯାଏ ଏ ବୈଷମ୍ୟ ରହିବା ଅନିବାର୍ଯ୍ୟ ।

ସାହିତ୍ୟର ବହୁ-ସ୍ତରୀୟ ଭିତ୍ତିର ଏକ ବିଶେଷ ସ୍ତର ହେଲା ଏହି ଆଦର୍ଶଗତ ସଂଘାତ । ମହାଭାରତର କର୍ଣ୍ଣ ଏକ ଅବିସମ୍ବାଦିତ ବିଦଗ୍ଧ ଚରିତ୍ର । ବନ୍ଧୁ ପ୍ରତି ଆନୁଗତ୍ୟ ତାଙ୍କର ଆଦର୍ଶ, କିନ୍ତୁ ଆଦର୍ଶରେ ଭାରସାମ୍ୟ ରଖି ନ ପାରିବାର ବିକଳ ଦୃଷ୍ଟାନ୍ତ ରୂପେ ସେ ଏକ ସର୍ବକାଳୀନ ଚେତାବନୀ ମଧ୍ୟ । ଭାରସାମ୍ୟ ରକ୍ଷା କରିପାରିଥିଲେ ରାଜସଭା ଭିତରେ ଦ୍ରୌପଦୀଙ୍କ ପ୍ରତି ଦୁଃଶାସନର ବୀଭତ୍ସ ବ୍ୟବହାରକୁ ଉତ୍ସାହିତ କରିପକାଇ ସେ ନିଜ ଚରିତ୍ରକୁ ମ୍ଳାନ କରିଦେଇ ନ ଥା'ନ୍ତେ ।

ଆଦର୍ଶ ଆଦର୍ଶ ଭିତରେ ସଂଘର୍ଷ, ଆଦର୍ଶର ବିକୃତି — ସାହିତ୍ୟରେ ବିଦ୍ୟମାନ ଏହାର ଅଜସ୍ର ଦୃଷ୍ଟାନ୍ତ ଉଦ୍ଧୃତ ନ କରି ଏହାର ଅନୁକ୍ତ ଦିଗ ଉପରେ ଦୃଷ୍ଟିପାତ କରାଯାଉ । ପୂର୍ବରୁ ବୁଦ୍ଧଙ୍କ ଦୃଷ୍ଟାନ୍ତରୁ ଦେଖିଛୁ ଆମ ନିଜ ଭିତରେ କିପରି ଦୁଇ ଆଦର୍ଶ ଦ୍ୱନ୍ଦ୍ୱମୁଖୀ ହୋଇପାରନ୍ତି । ବୁଦ୍ଧ ସେଥିରୁ ଉତ୍ତୀର୍ଣ୍ଣ ହେଲେ କିପରି ? ସେ ଅନୁସରଣ କଲେ ନିଜ ସ୍ୱଧର୍ମ । ଜୀବେ ଦୟା, ଅହିଂସା, ଏସବୁ ତାଙ୍କ ମୌଳିକ ଆଦର୍ଶ ନୁହେଁ; ତାଙ୍କ ମୌଳିକ ଆଦର୍ଶ ଅନୁସରଣ କରିବା ଦିଗରେ କାର୍ଯ୍ୟକ୍ରମର ଏସବୁ ଏକ ଏକ ଶୃଙ୍ଖଳା । ତାଙ୍କ ମୌଳିକ ଆଦର୍ଶ ହେଲା ନିର୍ବାଣ ମାର୍ଗ ପ୍ରଦର୍ଶନ । ତାଙ୍କ ସ୍ୱଧର୍ମ ହେଲା କରୁଣା । ଏକ ବିଶେଷ ପରିସ୍ଥିତିରେ ମୁହୂର୍ତ୍ତକର ସମ୍ଭାବ୍ୟ ଦ୍ୱନ୍ଦ୍ୱ ଉତ୍ତାରୁ ସେ ତାଙ୍କ ନିମନ୍ତ୍ରକ ଭକ୍ତ ପ୍ରତି କରୁଣା ପରବଶ ହୋଇ କର୍ମ କଲେ, ନିଜ ସ୍ୱଧର୍ମ ଅନୁସରଣ କରି ନିଜ 'ନିଧନ'ର ସମ୍ଭାବନା ନିଜେ ଆଦରି ନେଲେ ।

ବୁଦ୍ଧଙ୍କ ଜୀବନର ସେହି ମୁହୂର୍ତ୍ତ ହିଁ ଏକ ଅନୁଚ୍ଚାରିତ ମହତ୍ ସାହିତ୍ୟ । ଯେତେବେଳେ ଲେଖକ ନିଜ ସ୍ୱଧର୍ମରେ ସ୍ଥିତ ରହି ସାହିତ୍ୟ ସୃଜନ କରୁଥିବ, ସେତେବେଳେ ସେ ସହସ୍ର ପର୍ଯ୍ୟାୟର ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ଆଧାର କରି ସାହିତ୍ୟ ଲେଖୁଥିଲେ ମଧ୍ୟ ତା'ର ଅବ୍ୟକ୍ତ ବା ଅନୁଚ୍ଚାରିତ ଆଦର୍ଶ ପାଠକର ଚେତନାରେ ସୃଜିବ ସଂହତିର ସୌମ୍ୟତା, ଅଥବା ଆଣିଦେବ ଉତ୍ତରଣର ଆଶ୍ୱାସ । ଫକିରମୋହନଙ୍କର ବହୁ ଉପନ୍ୟାସ ଓ ଗଳ୍ପରେ ରହିଛି ଉଚ୍ଚାରିତ ଆଦର୍ଶ : ଦୁଷ୍ଟବୁଦ୍ଧିର ହିନସ୍ତା ଓ ନିରୀହତାର ଔଜ୍ଜ୍ୱଲ୍ୟ । କିନ୍ତୁ ''ରେବତୀ''ରେ ରହିଛି କ'ଣ ? ନିଷ୍ପାପ ଅସହାୟ ପ୍ରତି ଏକ ମାର୍ମିକ ସହାନୁଭୂତି ଉଦ୍ରେକ କଲା ଭଳି କଳାର ଅନୁଚ୍ଚାରିତ ଆଦର୍ଶ – ଯେଉଁ ସହାନୁଭୂତି ଆମ ଚେତନାରେ ଏକ ଉଦାର ବିସ୍ତୃତି ଆଣିଦିଏ – ଯେତେ଼ ଅସ୍ୱଚ୍ଛ ଭାବରେ ହେଲେ ମଧ୍ୟ ।

ସ୍ୱଧର୍ମ-ବ୍ରତୀ ହେବାକୁ ହେଲେ ଆମ ସ୍ଥୂଳ ଜୀବନ ତଳେ ଏକ ଆନ୍ତରଜୀବନ ରହିଛି ବୋଲି ପ୍ରଥମେ ବିଶ୍ୱାସ କରିବା ଲୋଡ଼ା ଏବଂ ଯେତେ ମାତ୍ରାରେ ସମ୍ଭବ ସେ ସତ୍ତାକୁ ଅନୁଭବ କରିବା ଆବଶ୍ୟକ । ବିଡ଼ମ୍ବନା ହେଲା ଆଜି ଆମ ବହିଃସତ୍ତାକୁ ଅଜସ୍ର ଆମୋଦ ପ୍ରମୋଦ ମାଧ୍ୟମରେ ସର୍ବଦା ବ୍ୟସ୍ତ ରଖିବାକୁ ତତ୍ପର ବାତାବରଣରେ ଏକ ପ୍ରକାର ନିମ୍ନ-ପ୍ରକୃତିର ପ୍ରାଧାନ୍ୟ, ସଙ୍ଗେ ସଙ୍ଗେ ଆମକୁ ଆତଙ୍କିତ ମଧ୍ୟ କରି ରଖୁଛି ନାନାଦି ଅପ୍ରତ୍ୟାଶିତ ବିପଦ ଆପଦ ତଥା ସେସବୁର ଅଧିକରୁ ଅଧିକ ସମ୍ଭାବନା । ମନ ଆମ ଭିତରେ ଆତ୍ମବିଶ୍ୱାସ ସୃଜିପାରୁ ନାହିଁ ଯାହା ସେ ଇଚ୍ଛାଶକ୍ତି ରୂପେ ଏକଦା କରି ପାରୁଥିଲା । ଏହାର କାରଣ ସମ୍ଭବତଃ ସୁଧୀବୃନ୍ଦଙ୍କର ଅଜ୍ଞାତ ନୁହେଁ । ବୌଦ୍ଧିକ ବିଜ୍ଞାନ ଓ ବୈଷୟିକ ବିକାଶ ଆମ ପାଇଁ ଏଭଳି ଏକ ପରିବେଶ ସୃଷ୍ଟି କରିଛି, ଯାହା ଉପରେ ଆମର ନିୟନ୍ତ୍ରଣ ଅତ୍ୟନ୍ତ କୋହଳ । ବିଶ୍ୱବ୍ୟାପ୍ତ ବିଷମୟ ପରିବେଶରେ ପୂର୍ବରୁ କ୍ୱଚିତ୍ ଘଟୁଥିବା ଅପରାଧମାନ ବହୁ ସଂଖ୍ୟାରେ ଘଟୁଛି, ଆପଣା ଉପରୁ କ୍ରମାଗତ ଭାବେ ନିୟନ୍ତ୍ରଣ ହରାଇ ଚାଲିଛି ଆଜିର ମଣିଷ ।

ମାନବଜାତିର ଅବସ୍ଥା ଭସ୍ମାସୁର ଭଳି ହେବା ବିଚିତ୍ର ନୁହେଁ ।

ଏମନ୍ତ ବିଷାଦମୟ ପରିସ୍ଥିତିରେ ଅନ୍ତର୍ମୁଖୀ ହେବା ସମ୍ଭବ କି ? ଅବଶ୍ୟ ସମ୍ଭବ – ଆମେ ଯଦି ବିଶ୍ୱାସ କରିବୁଁ ଯେ ବିବର୍ତ୍ତନର ଏକ ଆଭିମୁଖ୍ୟ ରହିଛି । ଆମ ଭିତରେ ଏଭଳି ଶକ୍ତି ପ୍ରଚ୍ଛନ୍ନ ରହିଛି ଯାହା ଆମକୁ ଆମ ନିଜ ସ୍ଥୂଳସତ୍ତାକୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ଆମ ସୃଷ୍ଟ ପରିବେଶକୁ ମଧ୍ୟ ଆମ ଆୟତ୍ତରେ ରଖିପାରିବ । ବିବର୍ତ୍ତନର ପ୍ରବର୍ତ୍ତକ ଯେଉଁ ମହାଶକ୍ତି, ମଣିଷକୁ ଏହିଭଳି ଅସହାୟ ଅବସ୍ଥାରେ ପରିତ୍ୟାଗ କରିବା ତା'ର ଉଦ୍ଦେଶ୍ୟ ହୋଇ ନ ପାରେ । କିନ୍ତୁ, ମନେ ହୁଏ, ସେ ମହାଶକ୍ତି ଆମ ସାମୂହିକ ସଂକଳ୍ପ ନିମନ୍ତେ ଅପେକ୍ଷାରେ ରହିଛି । ପାଠକୀୟ ମନକୁ ପ୍ରଭାବିତ କରିପାରୁଥିବା ବହୁ ସଂଖ୍ୟକ ଲେଖକ ଆଜିର ଗତାନୁଗତିକ ପରିବେଶ ଦ୍ୱାରା ପ୍ରଭାବିତ ହେବାର ଲକ୍ଷ୍ୟ କରାଯାଉଛି ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ । ଏହାର କେତେକ ଲକ୍ଷଣର ଅନ୍ତର୍ଭୁକ୍ତ ହେଲା ଜନପ୍ରିୟତାରେ ପ୍ରତିଯୋଗିତା – ଯାହା ଫଳରେ ଲେଖକ ପାଠକର ଚେତନାକୁ ନିମ୍ନଗାମୀ କରିବା ଭଳି ସାହିତ୍ୟ ଲେଖେ; ପୁରସ୍କାର ହାସଲ ସକାଶେ ଦୟନୀୟ ଚେଷ୍ଟା – ଯାହା ନିଜର ସୃଜନୀ ପ୍ରତିଭା ପ୍ରତି ଅପମାନ । ଆଜିର ଲେଖକ ଯଦି ମାନବତାର କଲ୍ୟାଣକୁ ଆନ୍ତରିକ ଭାବେ ନିଜର ଆଦର୍ଶ ରୂପେ ଗ୍ରହଣ କରେ, ତେବେ ତା'ର ଅଭୀପ୍ସା ସାର୍ଥକ କରିବା ଭଳି ଉଜ୍ଜ୍ୱଳ ପ୍ରେରଣାର ଅଭାବ ହେବ ନାହିଁ ।* ❖

* ଚଳିତ ବର୍ଷ ଫେବ୍ରୁଆରୀ ୮ ତାରିଖ ସନ୍ଧ୍ୟାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ କଟକସ୍ଥ ସାରଳା ଭବନରେ ଅନୁଷ୍ଠିତ ଲେଖକଙ୍କ ପ୍ରଦତ୍ତ ପ୍ରଥମ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା ଅନୁସରଣରେ ଲେଖକଙ୍କ ଦ୍ୱାରା ପୁନର୍ଲିଖିତ ନିବନ୍ଧ ।

# ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା

## (୨)

### ଶ୍ରୀ ପ୍ରପତ୍ତି

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଅବଶ୍ୟ ଠିକ୍ ତା'ର ପରେ ପରେ ଶ୍ରୀଅରବିନ୍ଦ କହିଛନ୍ତି ମନୁଷ୍ୟର ଏହି ନିମ୍ନ-ପ୍ରାଣ ଓ ବାହ୍ୟ ପ୍ରକୃତିର ପରିବର୍ତ୍ତନ ସହଜ କଥା ନୁହେଁ, ବା ତାହା ଦିନକରେ ପ୍ରାପ୍ତ ହୁଏ ନାହିଁ କିନ୍ତୁ ଏହି ପରିବର୍ତ୍ତନର ଯେ ଆବଶ୍ୟକତା ଅଛି ଏବଂ ଅଭୀପ୍ସା, ନିଷ୍ଠା, ସମର୍ପଣ ଓ ନିମ୍ନ-ପ୍ରବୃତ୍ତିର ପ୍ରତ୍ୟାଖ୍ୟାନ ବା ବର୍ଜନ ଦ୍ୱାରା ଊର୍ଦ୍ଧ୍ୱତନ ସ୍ତରକୁ ଉଠିବା ଯେ ସମ୍ଭବ ଏଥିରେ ଦୃଢ଼ ବିଶ୍ୱାସ ସ୍ଥାପନ କରି କାର୍ଯ୍ୟରେ ବ୍ରତୀ ହେବା ଆବଶ୍ୟକ । ମାନବର ପ୍ରକୃତି, କର୍ମ, ସଂସାର ଏବଂ ବାହ୍ୟ ଜୀବନ ଧାରାର ରୂପାନ୍ତର ହେଲେ ହିଁ ନୂତନ ସମାଜ ପ୍ରତିଷ୍ଠାର ଦ୍ୱାର ଉନ୍ମୁକ୍ତ ହେବ । ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ଅନୁରକ୍ତି, ଶ୍ରଦ୍ଧା, ଭକ୍ତି ଓ ନିଷ୍ଠା ରହିଥିବାର ଦାବୀ କରୁଥିବା ବ୍ୟକ୍ତି ଓ ଗୋଷ୍ଠୀ ଯଦି ଏହି ପ୍ରକୃତିର ରୂପାନ୍ତର ନିମିତ୍ତ ପ୍ରୟାସୀ ନ ହୁଏ ବା ଏଥିପ୍ରତି ବିଶେଷ ଦୃଷ୍ଟି ନ ଦିଏ ତେବେ ସମସ୍ତ ବସ୍ତୁଟା ଗୋଟାଏ ଆଡ଼ମ୍ବର ଓ ଧର୍ମାନୁଷ୍ଠାନରେ ପରିଣତ ହୁଏ ।

ବାହ୍ୟ ଅନୁଷ୍ଠାନ ଗଠନ, ମନ୍ଦିର ନିର୍ମାଣ, ବାହ୍ୟ ମୂର୍ତ୍ତି ପ୍ରତିଷ୍ଠା (ଜଣେ ଠାକୁରଙ୍କୁ ବିଦା କରି ଆଉ ଜଣଙ୍କୁ ଆଣି ତାଙ୍କ ସ୍ଥାନରେ ଅଭିଷେକ କରିବା)ର ଆବଶ୍ୟକତା ନାହିଁ । ବ୍ୟକ୍ତିର ଅଭ୍ୟନ୍ତର ହିଁ ମନ୍ଦିର । ତାହାର ଅନ୍ତରରେ ସତତ ବିଦ୍ୟମାନ ସେହି ଶାଶ୍ୱତ ପୁରୁଷ ଜାଗ୍ରତ୍ ହୁଅନ୍ତୁ । ଏହି ଦେବତାଙ୍କ ପ୍ରତିଷ୍ଠା ନିମିତ୍ତ ସେ ଚେଷ୍ଟିତ ହେଉ । ମନୁଷ୍ୟ ଅନ୍ତରରେ ଯଦି ଦିବ୍ୟତ୍ୱର ପ୍ରକାଶ ପାଏ, ତା' ଭିତରେ ଯଦି ଦେବତା ଜନ୍ମଗ୍ରହଣ କରନ୍ତି ତେବେ ଅନୁଷ୍ଠାନ ଓ ମନ୍ଦିରରେ ଦେବତା ଆବିର୍ଭୂତ ହେବେ ।...

ଆମ୍ଭମାନଙ୍କୁ ଅନ୍ୟ ଗୋଟିଏ ଦିଗ ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । ସାମାଜିକ ଓ ଗୋଷ୍ଠୀଗତ ଜୀବନରେ ବହୁବିଧ ଧର୍ମ-ବିଶ୍ୱାସ, ନୀତି-ନିୟମ, ଆଚାର-ପଦ୍ଧତି ଏବଂ ଆନୁଷ୍ଠାନିକ ବ୍ରତକ୍ରିୟା, ପୂଜା-ଉପାସନା, ପ୍ରାର୍ଥନା-ଆରାଧନା ରହିଛି । ବହୁ ବିଭିନ୍ନ ମତବାଦର ବ୍ୟକ୍ତି ମଧ୍ୟ ରହିଛନ୍ତି, ତେବେ ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କର ଏହିସବୁ ବିଭିନ୍ନ ମତ ଓ ବିଭିନ୍ନ ମାର୍ଗ ପ୍ରତି କି ପ୍ରକାର ମନୋଭାବ ରହିବ ? ଏକଥା ସ୍ୱଷ୍ଟ କରି କହିବାକୁ ହେବ ଯେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ କୌଣସି ମତ ବା କୌଣସି ମାର୍ଗର ବିରୋଧ କରେ ନାହିଁ । ଯଥାର୍ଥରେ କହିବାକୁ ଗଲେ ଅତୀତର ସକଳ ମାର୍ଗ ଓ ଯୋଗ-ସାଧନା ପୂର୍ଣ୍ଣଯୋଗରେ ତାହାର ପୂର୍ଣ୍ଣାଙ୍ଗତା ଓ ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହୁଏ । ଏହା କିପରି ସାଧିତ ହୁଏ ତାହା ଆମ୍ଭେମାନେ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ରେ ଏବଂ 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'ର ପ୍ରଥମ ଭାଗରେ ବିଶେଷ ରୂପେ ଆଲୋଚନା କରିଛୁ । ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନା, ଆଦର୍ଶ ଓ ଲକ୍ଷ୍ୟ କୌଣସି ସିଦ୍ଧାନ୍ତର ବିରୋଧ ନ କରି ପ୍ରତ୍ୟେକ ସିଦ୍ଧାନ୍ତକୁ ତାହାର ଯଥାର୍ଥ ମୂଲ୍ୟ ଓ ସ୍ଥାନ ପ୍ରଦାନ କରେ । ସେଥିପାଇଁ ଶ୍ରୀଅରବିନ୍ଦଙ୍କର ସାଧନା ପ୍ରତ୍ୟେକ ଅଧ୍ୟାତ୍ମ-ପିପାସୁ ବ୍ୟକ୍ତି ନିମିତ୍ତ ଉପଯୋଗୀ । ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ ଏକ ଧର୍ମୋତ୍ତର ଅଧ୍ୟାତ୍ମ-ଜୀବନ, ଦିବ୍ୟ-ଜୀବନ, ଏକ ନୂତନ ତତ୍ତ୍ୱ, ଚେତନା, ଶକ୍ତି, ଜ୍ଞାନ ଓ ଜ୍ୟୋତିଃ ଉପରେ ପ୍ରତିଷ୍ଠିତ ଜୀବନ । ତାହା ମଧ୍ୟରେ ଦଳୀୟ ସଂକୀର୍ଣ୍ଣତା ବା ଆନୁଷ୍ଠାନିକ ଅନୁଦାରତା କିଛି ବି ନାହିଁ ।

ସୁତରାଂ ପାଠଚକ୍ରର ସଭ୍ୟମାନେ ଅନ୍ୟ ମାର୍ଗର ବ୍ୟକ୍ତି ବା ମତବାଦୀମାନଙ୍କୁ ଗଭୀର ଉଦାର ମନୋଭାବ ସହ ଦେଖିବେ ଏବଂ ସେମାନଙ୍କର ବିଶ୍ୱାସ ଓ ଆଚାର ପ୍ରତି ଶ୍ରଦ୍ଧା, ସମ୍ମାନ ଜ୍ଞାପନ କରିବେ । ଏଠାରେ ଶ୍ରୀମା'ଙ୍କ ନିର୍ଦ୍ଦେଶ ବିଶେଷ ଅନୁଧ୍ୟାନଯୋଗ୍ୟ ।

"I never dispute with someone who has a faith – let him keep his faith! I take care not to tell him anything that might shake his faith, because it would not be good – they are not capable of having another."

(CWM, Vol. - 15, P. 395)

ଅର୍ଥାତ୍ ''ଯଦି କୌଣସି ବ୍ୟକ୍ତି ଅନ୍ୟ ଏକ ମାର୍ଗରେ ବିଶ୍ୱାସ କରେ ମୁଁ ତାହା ସହିତ ସେ ବିଷୟରେ କିଛି ବିତର୍କ କରେ ନାହିଁ । ମୁଁ ତାଙ୍କୁ ଏପରି କିଛି ବି କହେ ନାହିଁ, ଯାହା

ତାଙ୍କର ବିଶ୍ୱାସକୁ ଚହଲାଇ ଦେବ, କାରଣ ଏହା କରିବା ଯଥାର୍ଥ ନୁହେଁ, ଯେହେତୁ ସେମାନେ ଅନ୍ୟ ଏକ ମତ ବା ବିଶ୍ୱାସ ଗ୍ରହଣ କରିବାକୁ ସମର୍ଥ ନୁହନ୍ତି ।''

ସାମାଜିକ ଜୀବନରେ ବିଭିନ୍ନ ଦେବଦେବୀ ବା ମୂର୍ତ୍ତିର ଉପାସନା, ଆରାଧନା ବା ବିଭିନ୍ନ ଧର୍ମଗ୍ରନ୍ଥର ଅଧ୍ୟୟନରେ ପ୍ରତ୍ୟେକର ସ୍ୱାଧୀନତା ଓ ନିଜସ୍ୱ ବିଚାର ରହିଛି । ପ୍ରତ୍ୟେକଙ୍କୁ ନିଜ ଅନ୍ତର୍ଜୀବନର ରହସ୍ୟ ଉପଲବ୍ଧିରେ ନିଜର ଧାରା ବାହାର କରିବାକୁ ପଡ଼ିବ । ଯଦି ଲକ୍ଷ୍ୟ ହୁଏ ସର୍ବାତୀତ, ସର୍ବବ୍ୟାପୀ, ଅଖଣ୍ଡ, ଅନନ୍ତ – ତେବେ ପଥ ହେବ ବିଭିନ୍ନ, ଅସଂଖ୍ୟ, ଅନନ୍ତ, ବୈଚିତ୍ର୍ୟପୂର୍ଣ୍ଣ । ସୁତରାଂ ଅନ୍ୟ ଯେ କୌଣସି ମାର୍ଗର ସାଧକ ପ୍ରତି କୌଣସି ପ୍ରକାର ଅନୁଦାର, ସଂକୀର୍ଣ୍ଣ ଭାବ ପୋଷଣ କରିବା ବା ସେହି ମାର୍ଗର ନିନ୍ଦା, ସମାଲୋଚନା କରିବା ଶ୍ରୀଅରବିନ୍ଦଙ୍କ ସାଧନା ଓ ଯୋଗର ଏକାନ୍ତ ବିରୋଧୀ । ଏହା ଦ୍ୱାରା ମନୁଷ୍ୟର ଅହଂକାର ଜାହିର କରାହୁଏ । ଏପରିକି ଏହା ଯୋଗ-ସାଧନାର ପଥରେ ଏକ ସୁସ୍ଥ, ସବଳ, ସମତାଯୁକ୍ତ ବାତାବରଣ ସୃଷ୍ଟି କରିବାରେ ବିରୋଧୀ ହୁଏ । ଗୋଟିଏ ଧର୍ମର ବିରୁଦ୍ଧରେ ଅନ୍ୟ ଗୋଟିଏ ଧର୍ମ ଛିଡ଼ା ହୋଇପାରେ, କିନ୍ତୁ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତା ବିରୋଧରେ ଧର୍ମର ବିରୋଧ ରହି ନ ପାରେ । ଯଦି ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟକୁ ଗ୍ରହଣ କରି କୌଣସି ମତ ବା ସିଦ୍ଧାନ୍ତର ବିରୋଧ କଲୁ, ତେବେ ଶ୍ରୀଅରବିନ୍ଦଙ୍କର ଆଦର୍ଶ କ୍ଷୁଣ୍ଣ ହେଲା ଏବଂ ପୁନର୍ବାର ଆମ୍ଭେମାନେ ସେହି ମହାନ୍ ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟକୁ ଗୋଟିଏ ଧର୍ମରେ ପରିଣତ କଲୁ । ଧର୍ମର ଭୂମିକାରେ ଦ୍ୱନ୍ଦ୍ୱ, ବିବାଦ, କଳହ, ବିରୋଧ ରହିଛି; କିନ୍ତୁ ଆଧ୍ୟାତ୍ମିକତାର ଭୂମିକା ହେଉଛି ଧର୍ମୋତ୍ତର ବିଶୁଦ୍ଧ, ଦ୍ୱନ୍ଦ୍ୱବିହୀନ, ବିଦ୍ୱେଷହୀନ, ନୂତନ ଜୀବନ । ଶ୍ରୀଅରବିନ୍ଦ କୌଣସି ଧର୍ମର ପ୍ରତିଷ୍ଠାତା ନୁହନ୍ତି । ସେ କହୁଛନ୍ତି :

"I may say that it is far from my purpose to propagate any religion, new or old, for humanity in the future. A way to be opened that is still blocked, not a religion to be founded, is my conception of the matter."

(Letters of Sri Aurobindo, Series - II, p. 55)

ଅର୍ଥାତ୍, ''ମୁଁ ଏକଥା କହିପାରେ ଯେ କୌଣସି ପ୍ରକାର ପୁରାତନ ବା ନୂତନ ଧର୍ମ ପ୍ରଚାର କରିବା ଏକେବାରେ ମୋର ଉଦ୍ଦେଶ୍ୟ ନୁହେଁ । ମାନବସମାଜ ନିମିତ୍ତ ଏପର୍ଯ୍ୟନ୍ତ ଅବରୁଦ୍ଧ ହୋଇ ରହିଥିବା ମାର୍ଗକୁ ଖୋଲି ଦେବାକୁ ହେବ, ଗୋଟାଏ ଧର୍ମସ୍ଥାପନା କରିବା ନୁହେଁ – ଏହାହିଁ ସମସ୍ତ କଥାର ସାରମର୍ମ ।''

ସୁତରାଂ ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା ହେଲା ନିଜକୁ ଏକ ଏକ ଆଧ୍ୟାତ୍ମିକ ଅନୁଷ୍ଠାନରେ ପରିଣତ କରିବା, ଧର୍ମାନୁଷ୍ଠାନରେ ନୁହେଁ । ଏ ସମ୍ବନ୍ଧରେ 'ଲୋକ-ସାହିତ୍ୟ'ରେ ବିଶେଷ ରୂପେ ଆଲୋଚନା ହୋଇଛି ।

(ସମାପ୍ତ) ✣

ଔଷଧ ଆମ ଶରୀର ସକାଶେ ଦରକାର କାରଣ ଆମ ଶରୀର ଔଷଧ ବ୍ୟତିରେକେ ସୁସ୍ଥ ନ ହେବାର କଳାହିଁ ଶିକ୍ଷା କରିଛି । ତଥାପି ମଧ୍ୟ ଅଧିକାଂଶ ସମୟରେ ଦେଖାଯାଏ ଯେ ଡାକ୍ତରମାନେ ଯେତେବେଳେ ଜୀବନର ଆଶା ଛାଡ଼ିଦେଇଥା'ନ୍ତି, ସେହି ମୁହୂର୍ତ୍ତରେହିଁ ମହାପ୍ରକୃତି ସ୍ୱାସ୍ଥ୍ୟଲାଭ କରାଇବାକୁ ପସନ୍ଦ କରେ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୧୪)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

(*ପୂର୍ବ ପ୍ରକାଶିତ ଉତ୍ତାରୁ...*)

''ଜାଣେ'', କହି ଗୁରୁଦେବ ଟିକିଏ ଭାବିଲେ, ତା'ପରେ ଚିନ୍ତିତ ହୋଇ କହିଲେ, ''ଏହା ହେଲା ସେଇ ମାମୁଲି ବୈରାଗ୍ୟ, ଯାହା ତୁମ ସ୍ୱଭାବ ଭିତରେ ବସା ବାନ୍ଧିଛି'' – ଏହା କହି ସେ ମୋ ଆଡ଼କୁ ଏକ ଦୃଷ୍ଟିରେ ଚାହିଁ କହିଲେ : ''ମୋ ନିଜର ମତ ଯଦି ଶୁଣିବାକୁ ଚାହଁ, ତେବେ ମୁଁ କହିବି, ମୁଁ ବୈରାଗ୍ୟର ବିଶେଷ ପକ୍ଷପାତୀ ନୁହେଁ ସେକଥା ତୁମେ ଜାଣ ।* ମୁଁ ବରାବର, ଭଗବଦ୍ ଗୀତାର 'ସମତା'ର ଅନୁମୋଦନ କରି ଆସିଛି – ଅର୍ଥାତ୍ ଅନାସକ୍ତି ।''

ମୁଁ କହିଲି, ''ଜାଣେ, କିନ୍ତୁ ମୋର ବିପଦ ଆସକ୍ତିରୁ ଆସିବ ବୋଲି ତ ମନେ ହେଉ ନାହିଁ – ବିଶେଷତଃ ମୁଁ ଯେହେତୁ କାବ୍ୟ ଓ ସଙ୍ଗୀତରୁ ଆଉ ରସ ପାଉ ନାହିଁ । ଯଦିଓ ଆଶ୍ଚର୍ଯ୍ୟର ବିଷୟ ହେଉଛି, ମୁଁ ଲେଖିବାକୁ ବସେ ନାହିଁ କିନ୍ତୁ ବସୁ ବସୁ ହିଁ ନୂଆ ନୂଆ କବିତା ଆସି ଯାଉଛି । ଗୀତ ଗାଇବାକୁ ଚେଷ୍ଟା କରେ ନାହିଁ ମାତ୍ର ଆରମ୍ଭ କରୁ କରୁ ନୂଆ ନୂଆ ସ୍ୱର ଆସି ଯାଉଛି – ଚେଷ୍ଟା କରିବାକୁ ହେଉ ନାହିଁ ।''

ଗୁରୁଦେବ କହିଲେ, ''ଏହା ତୁମ ଚୈତ୍ୟପୁରୁଷର କାମ – ଯିଏ ତୁମର କବିତା ବା ସଙ୍ଗୀତ ମଧ୍ୟ ଦେଇ ନିଜକୁ ପ୍ରକାଶ କରିବାକୁ ଚାହାନ୍ତି । ଏହା ମୁଁ କହି ନ ଥିଲି ?''

ମୁଁ କରୁଣ କଣ୍ଠରେ କହିଲି, ''କହିଥିଲେ ତ ! କେବଳ ମୁସ୍କିଲ୍ ଏଇ ଯେ, ମରିବା ପର୍ଯ୍ୟନ୍ତ ତ କେହି ଅବିରତ କବିତା ଲେଖିପାରିବ ନାହିଁ କି ଗୀତ ଗାଇ ପାରିବ ନାହିଁ । ବିଶେଷତଃ ଯେତେବେଳେ ଭଗବାନ୍ ଏତେ ଦୂରର ମନେ ହୁଏ ଯେ, ସମୟେ ସମୟେ ଭାବନା ଆସେ, ସେ ବାସ୍ତବ ତ ! କିନ୍ତୁ ପୁଣି ଏକ ଫାଶରେ ପଡ଼ି ଯାଇଛି ଯେ ବାହାରର ଆଉ ପାଞ୍ଚଜଣଙ୍କ ଭଳି ଅନେକେ ଠଉରେଇ ନେଇ କହୁଛନ୍ତି, ମୁଁ ହେଉଛି ଆନନ୍ଦ, ବିଶ୍ୱାସ, ବଳିଷ୍ଠତାର ଏକ ଦୀପ୍ତିମନ୍ତ ପ୍ରତିଭୂ – ଯେଉଁଠି ମୁଁ ନିଜେ ଅନୁଭବ କରୁଛି, ପ୍ରକୃତରେ ମୁଁ କେତେ ବିଷଣ୍ଣ, ଦୁର୍ବଳ ଓ ଏକଲା । ଏହାର ବ୍ୟାଖ୍ୟା କ'ଣ ?''

''ଖୁବ୍ ସହଜ । ସେମାନେ ତୁମ ଭିତରର ମନୁଷ୍ୟଟିକୁ ଦେଖି ଏକଥା ଭାବୁଛନ୍ତି, ତାହା ଭିତରେ ଏସବୁ ଗୁଣ ପୁଣି ବିଦ୍ୟମାନ ରହିଛି । ତୁମର ବାହାରର ମନୁଷ୍ୟଟି ହିଁ ଗୋଳମାଳରେ ପଡ଼ିଛି, କାରଣ ସେ ହିଁ ତୁମର ଦୃଷ୍ଟିକୁ ଝାପ୍ସା କରି ଦେଉଛି, ତୁମେ ତୁମ ଅନ୍ତର୍ଲୋକର ସ୍ୱରୂପକୁ ଦେଖିପାରୁ ନାହଁ ।''

ମୋର ମନେ ପଡ଼ିଗଲା ୧୯୩୬ ସାଲର ଗୋଟିଏ ଘଟଣା, ଗୋଟିଏ ଅଦ୍ଭୁତ ଅଭିଜ୍ଞତାର କଥା । ମୁଁ ସେ ସମୟରେ ଖୁବ୍ ସଂଶୟରେ ଥିଲି । ମନେ ହେଉଥିଲା ଯୋଗ ବଡ଼ କଠିନ, ହୁଏତ ଶେଷ ଯାଏଁ ପାରି ଉଠିବି ନାହିଁ । ସନ୍ଧ୍ୟାବେଳେ ମୁଁ ପ୍ରାୟ ଏକା ଏକା ସମୁଦ୍ର କୂଳକୁ ବୁଲିଯାଏ । ସେଦିନ ହଠାତ୍ ଜଣେ ମହାରାଣୀଙ୍କ ସାଙ୍ଗରେ ଦେଖା ହୋଇଗଲା । ସେ ମଝିରେ ମଝିରେ ମୋତେ ତାଙ୍କ ଘରକୁ ଡାକନ୍ତି । ମହାରାଜା ଓ ରାଜକୁମାରୀ ମୋ ସଙ୍ଗୀତକୁ ଭଲ ପାଆନ୍ତି । ଏହି ଗୀତ ଯୋଗୁ ହିଁ ସହଜରେ ଘନିଷ୍ଠତା ହୋଇଥିଲା । ମହାରାଣୀ ପାଗଳ ହରନାଥଙ୍କର ଶିଷ୍ୟା ଥିଲେ । ଖୁବ୍ ଭକ୍ତିମତୀ । ଆମେ ବସି କଥାବାର୍ତ୍ତା କରୁ କରୁ ଯୋଗରେ ବିଶ୍ୱାସର ସ୍ଥାନ ସମ୍ବନ୍ଧରେ ଆଲୋଚନା ଆରମ୍ଭ ହେଲା । ଆଲୋଚନା ଆରମ୍ଭ ହେଉ ନ ହେଉଣୁ ହଠାତ୍ ମୁଁ ଉଦ୍ଦୀପ୍ତ ହୋଇ ଉଠିଲି । ମୋ ମୁହଁ ଗରମ ହୋଇଗଲା – ଶ୍ରୀଅରବିନ୍ଦଙ୍କର ସୁନ୍ଦର ସୁନ୍ଦର ଭାଷ୍ୟସବୁର ବ୍ୟାଖ୍ୟା କରି ଚାଲିଲି । କହିଲି, ଶ୍ରୀଅରବିନ୍ଦ କହିଛନ୍ତି, ବିଶ୍ୱାସ ହେଉଛି ସେହି ଆଲୋକ ଯାହା ଆକାଶରେ ଫୁଟି ଉଠେ ସୂର୍ଯ୍ୟ

* ବୈରାଗ୍ୟ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଦିଲୀପକୁମାର ରାୟଙ୍କୁ ଲେଖିଥିବା ତିନୋଟି ଚିଠି ଦ୍ରଷ୍ଟବ୍ୟ ।

Ref : Letters of Sri Aurobindo, Vol. II, pp. 392 - 395., Sri Aurobindo Ashram Publications, Pondicherry

ଉଇଁବା ଆଗରୁ । କହୁ କହୁ କୁଆଡ଼େ ଚାଲିଗଲା ମୋର ସଂଶୟ, କୁଆଡ଼େ ଗଲା ମୋର ବିଷାଦ ! ମହାରାଣୀ ମୁଗ୍ଧ ହୋଇଗଲେ । ଦେଖିଲି ତାଙ୍କର ଆଖିରେ ଲୁହ । କିଛିକ୍ଷଣ ପରେ ଘରକୁ ଫେରି ଆଶ୍ଚର୍ଯ୍ୟ ହୋଇଗଲି, ''ଏ କ'ଣ ମୁଁ କରିଲି ? ମୋ ଭିତରେ କି ସଂଶୟର ତୋଫାନ, ଅଥଚ ମୁଁ ବିଶ୍ୱାସର ମହିମା କୀର୍ତ୍ତନରେ ମୁଖର ହୋଇ ଉଠିଲି ! ତେବେ କ'ଣ ମୁଁ ମହାରାଣୀଙ୍କ ପାଖରେ ଅଭିନୟ କରୁଥିଲି, ତାଙ୍କ ପାଖରେ ନିଜର ଗୁଣ ଗାରିମା ଜାହିର କରିବା ପାଇଁ ? ଦେଖୁ ଦେଖୁ ନିଜ ପ୍ରତି ଘୃଣାରେ ମୋ ଅନ୍ତର ବିବର୍ଣ୍ଣ ହୋଇଗଲା । ନିଜ ଆଖିରେ ନିଜେ ଛୋଟ ହୋଇଗଲି । ଅଥଚ, ଆଶ୍ଚର୍ଯ୍ୟ, ଯେତେ ସମୟ ବିଶ୍ୱାସ ସମ୍ବନ୍ଧରେ ବକ୍ତୃତା ଦେଉଥିଲି, ସେତେ ସମୟ ତ ମୋର ସନ୍ଦେହ ହୋଇନି ଯେ ମୁଁ ଭଣ୍ଡାମି କରି ଚାଲିଛି । ଘରକୁ ଫେରି ଅନୁତପ୍ତ ହୋଇ ଶ୍ରୀଅରବିନ୍ଦଙ୍କୁ ଜଣାଇଲି, ମୋର ଏଇ ସ୍ଖଳନର କଥା, ଆତ୍ମ-ଧିକ୍କାରର କଥା, ଅଭିନୟର କଥା ।

ସେ ଉତ୍ତରରେ ଲେଖିଥିଲେ, ''ମହାରାଣୀଙ୍କ ସାଙ୍ଗରେ ତୁମର କଥାବାର୍ତ୍ତାର କାହାଣୀ ପଢ଼ିଲି । ଏ ଅଭିଜ୍ଞତା ସମସ୍ତଙ୍କର ହୁଏ । କଥା କ'ଣ ହୋଇଛି ନା, ତୁମର ଚେତନାର ସେହି ଅଂଶଟି ଆସି ପରିସ୍ଫୁଟ ହୋଇଥିଲା ଯାହା ମଧ୍ୟରେ କେବଳ ଏଇ ବିଶ୍ୱାସ ଥିଲା ତାହା ନୁହେଁ – ସେ ଜାଣେ ଏସବୁ ସତ୍ୟ । ତୁମ ଭିତରେ ଯେଉଁ ଅଂଶଟି ଅବସାଦରେ ଆଚ୍ଛନ୍ନ, ସେ ସେତେବେଳେ ପଛକୁ ଚାଲି ଯାଉଥିଲା, ବା ତଳକୁ ଖସି ପଡ଼ିଥିଲା । ଅନେକେ ଜାଣି ନାହାନ୍ତି ମାନବ ଚରିତ୍ରର ଏଇ ବହୁବିଧ ବୈଚିତ୍ର୍ୟର କଥା । ତେଣୁ ସେମାନେ ଏହାକୁ କପଟତା ବୋଲି ଭାବନ୍ତି । କିନ୍ତୁ ଏକଥା ଆଦୌ ସତ୍ୟ ନୁହେଁ । ଆମ ମଧ୍ୟରେ ଏମିତି ଅନେକ ଅନୁଭବ ଓ ବିଶ୍ୱାସ ରହିଛି, ଯେଉଁମାନଙ୍କୁ ଆମର ସ୍ୱଭାବ ଖୁବ୍ ଦୃଢ଼ ଭାବରେ ଜାବୁଡ଼ି ଧରି ରଖିଥାଏ । ନିରାଶା କେବେ କେବେ ଆସି ସେମାନଙ୍କୁ ହୁଏତ ଟେକି ଫୋପାଡ଼ି ଦିଏ, କିନ୍ତୁ ପୂରାପୂରି ପୋଛି ଦେଇ ପାରେ ନାହିଁ ।''

ଏସବୁ ମନେ ପଡ଼ିବା ସଙ୍ଗେ ସଙ୍ଗେ ମୋର ଆଖି ଖୋଲିଗଲା ଭଳି ମନେ ହେଲା । ମୁଁ ଦେଖିବାକୁ ପାଇଲି ଅନେକ କିଛି, ଯାହା ମୁଁ ଜୀବନରେ ଆଗରୁ କେବେ ଏତେ ପରିଷ୍କାର କରି ଦେଖି ନ ଥିଲି । ଆଉ ସେତେବେଳେ ହିଁ ବୁଝିପାରିଲି, ଗୁରୁଦେବ କାହିଁକି ବାରଂବାର ଏହି ଆନ୍ତର ପ୍ରକୃତିର କଥା, ଚୈତ୍ୟପୁରୁଷର କଥା କହି କହି ମୋର ବିଶ୍ୱାସ ବଢ଼ାଇବାକୁ ଚେଷ୍ଟା କରୁଥିଲେ – ସେହି ପ୍ରକୃତିକୁ ସେ ତାଙ୍କର ଯୋଗଶକ୍ତି ତଥା କରୁଣାର ଶକ୍ତି ଦ୍ୱାରା ବିକଶିତ କରିବା ପାଇଁ କ୍ରମାଗତ ଚେଷ୍ଟା କରିଛନ୍ତି । ମୋ ମନ ହଠାତ୍ ଗଭୀର କୃତଜ୍ଞତାରେ ଛାଇ ଗଲା । ଟିକିଏ ଲଜ୍ଜା ବି ଲାଗିଲା । ଏତେ ଦିନ ଧରି ତାଙ୍କର ଚରଣ ତଳେ ବସି ରହି ମଧ୍ୟ ଏହି ଜ୍ଞାନଦୀପ୍ତ ଦୃଷ୍ଟି ସମ୍ବନ୍ଧରେ ଓ ଏହି ଋଷିକଳ୍ପ ମହାପୁରୁଷଙ୍କର ସତ୍ୟ ଉପଲବ୍ଧି ସମ୍ବନ୍ଧରେ ମୁଁ କେମିତି ସଂଶୟ ପୋଷଣ କରିଥିଲି ? ପ୍ରକୃତ ଗୁରୁଙ୍କର ପରିଚୟ ବିଷୟରେ ତାଙ୍କର ନିଜର ସଂଜ୍ଞା ମନେ ପଡ଼ିଲା । 'ସତରେ ତ ସେ ଯେତେ ଶିଖାଇଛନ୍ତି, ତାହାଠାରୁ କେତେ ବେଶୀ ଜାଗ୍ରତ୍ କରି ଦେଇ ପାରିଛନ୍ତି !' ଗୋଟିଏ ମୁହୂର୍ତ୍ତରେ ମୋ ଭିତରେ ସବୁ ଓଲଟପାଲଟ ହୋଇଗଲା ଯେମିତି । ମୁଁ ସବୁକିଛି ପରିଷ୍କାର ଭାବରେ ଦେଖିପାରିଲି, ଜୀବନରେ ଏପରି ଭାବରେ ପୂର୍ବରୁ କେବେ ଦେଖି ନ ଥିଲି । ମନେ ହେଲା କେତେ ପାଇଛି, କେତେ ଜାଣିଛି, କେତେ ଦେଖି ଶିଖିଛି; ଯେଉଁ ବାଟରେ ଚାଲିବାବେଳେ ପ୍ରତି ମୋଡ଼ରେ ଯୁଗଯୁଗାନ୍ତରର ଅଜ୍ଞାନ ଅନ୍ଧକାର ବାଟ ଓଗାଳି ବସିଥିବାର ଦେଖିଛି, ସେହି ପଥରେ ସେ କି ଅସୀମ ଧୈର୍ଯ୍ୟର ସହିତ ଆଗେ ଆଗେ ଚାଲିଛନ୍ତି । କେବଳ ଦିଶାରୀ ବା ସହଚର ଭଳି ନୁହେଁ, ରକ୍ଷାକବଚ ପରି ମଧ୍ୟ । ମନେ ପଡ଼ିଲା, ଗୋଟିଏ ଚିଠିରେ ସେ ଲେଖିଥିଲେ, ନିଜର ମୁକ୍ତି ପାଇଁ ସେ ଏହି ସୁଦୀର୍ଘ ତପସ୍ୟା କରୁ ନାହାନ୍ତି । କେବଳ ବ୍ୟକ୍ତିଗତ ମୁକ୍ତି ଯଦି ସେ ଚାହିଁଥା'ନ୍ତେ, ତେବେ ବହୁପୂର୍ବରୁ ସେ ନିର୍ବାଣ ଲାଭ କରି ନିଶ୍ଚିନ୍ତ ହୋଇ ସାରନ୍ତେଣି । ତାଙ୍କର ତପସ୍ୟା ଅବୋଧ ମନୁଷ୍ୟ ପାଇଁ – ଆମରି ପରି ଅବୋଧ ମଣିଷ, ଯେଉଁମାନେ ଡାକ ଶୁଣି ମଧ୍ୟ, ଉତ୍ତର ଦେଇ ମଧ୍ୟ ପୁଣି ଫେରିଯାଇ ବିଦ୍ରୋହ କରନ୍ତି । ତାଙ୍କୁ ଗୁରୁ ରୂପେ ବରଣ କରି ମଧ୍ୟ ତାଙ୍କ କଥାକୁ ସନ୍ଦେହ କରନ୍ତି । ସର୍ବୋପରି ଅନ୍ଧକାର ପଥରେ ଗଲାବେଳେ ତାଙ୍କରିଠାରୁ ହିଁ ଏତେ ଆଲୋକକୁ ପାଥେୟ ସ୍ୱରୂପ ପାଇ ମଧ୍ୟ ବରାବର ଭୁଲିଯାଆନ୍ତି ତାଙ୍କର ଋଣ; ଭାବନ୍ତି, ''କ'ଣ ଏମିତି ବା ପାଇଛି ?'' କାହିଁକି ଏମିତି ହୁଏ ?

ମୋତେ ଚୁପ୍ ରହିଥିବାର ଦେଖି ଯେମିତି ମୋ ମନ କଥା ସେ ବୁଝିଛନ୍ତି, ସେହିଭଳି ସେ କହିଲେ, ''ଯୋଗ ପଥରେ ଏମିତି ଅନେକ କିଛି ଘଟିଥାଏ, ଯାହା ସମ୍ବନ୍ଧରେ ମନ ସଠିକ୍ କିଛି ଧାରଣା କରିପାରେ ନାହିଁ । ଗୋଟିଏ ଉଦାହରଣ ତୁମକୁ ଦେଉଛି । ଏପରି ବି ଦେଖା ଯାଇଛି ଯେ ଗୁରୁ ଶିଷ୍ୟଠାରୁ

ଛୋଟ ହୋଇ ମଧ୍ୟ ଶିଷ୍ୟକୁ ଆଗେଇ ନେଇ ଯାଇପାରନ୍ତି – ଏପରିକି ସେ ନିଜେ ଯାହା ଉପଲବ୍ଧି କରି ନାହାନ୍ତି ତାହା ମଧ୍ୟ ଶିଷ୍ୟକୁ ପ୍ରାପ୍ତ କରାଇ ପାରନ୍ତି, ନିଜେ କେବଳ ଉପଲକ୍ଷ୍ୟ ମାତ୍ର ହୋଇ ।''

''ଠିକ୍ ବୁଝିପାରିଲି ନାହିଁ ।''

''ପାରିବ, ଟିକିଏ ମନ ଦେଇ ଶୁଣ । ଲେଲେଙ୍କ କଥା କହୁଛି । ସେ ଚାହିଁଥିଲେ ସାଧନାରେ ମୋର କେତେଟି ଉପଲବ୍ଧି ହେଉ । କିନ୍ତୁ ମୋର ଏପରି ଉପଲବ୍ଧି ସବୁ ହେଲା ଯାହା ସେ ବୁଝିପାରିଲେ ନାହିଁ । ତେଣୁ ସେ ମୋର ଆଶା ଛାଡ଼ି ଦେଇ ପ୍ରସ୍ଥାନ କଲେ । ଯିବା ସମୟରେ ସେ ତାଙ୍କ ନିଜ ଅନ୍ତରରେ ଗୋଟିଏ ଆଦେଶ ଶୁଣିଲେ – ମୋତେ ଈଶ୍ୱରଙ୍କ ନିକଟରେ ସମର୍ପଣ କରିଦେବା ପାଇଁ । ମୋତେ ସେ କହିଲେ – 'ବର୍ତ୍ତମାନଠାରୁ ତୁମେ ତୁମର ଅନ୍ତର ଦିଶାରୀଙ୍କ ହାତରେ ଆତ୍ମସମର୍ପଣ କରି ତାଙ୍କର ନିର୍ଦ୍ଦେଶ ମାନି ଚାଲ ।' କିନ୍ତୁ ସେ ମୋତେ ସାହାଯ୍ୟ କରିଥିଲେ, ଯଦିଓ ସେ ଯେପରି ଚାହିଁଥିଲେ, ସେପରି ଭାବରେ ନୁହେଁ ।''

ଅଗତ୍ୟା କହିଲି, 'ହଁ' ! ଆଉ କ'ଣ ବା କହିଥା'ନ୍ତି ?

ଗୁରୁଦେବ ମୋର ଦୁରବସ୍ଥା ଦେଖି ପୁଣି ହସି କହିଲେ : ''ଆଚ୍ଛା, ଆଉ ଗୋଟିଏ ଉଦାହରଣ ଦେଉଛି, ତାହାହେଲେ ବୁଝିବାକୁ ଆଉ ଅସୁବିଧା ହେବ ନାହିଁ । ଶ୍ରୀମା ଓ ମୁଁ ତୁମ ଉପରେ ଓ ଆହୁରି ଅନେକଙ୍କ ଉପରେ ଆମ ଯୋଗଶକ୍ତିର ପ୍ରୟୋଗ କରି ଆସିଛୁ । ସେଥିପାଇଁ ଏ ଭିତରେ ଅନେକ କିଛି ଘଟିଛି । ତୁମେ ଏହି ଯୋଗଶକ୍ତିର କ୍ରିୟାକୁ ପ୍ରତ୍ୟକ୍ଷ କରି ନାହଁ, କିନ୍ତୁ ନିଜେ ମଧ୍ୟ ବହୁବାର ସ୍ୱୀକାର କରିଛ ଯେ ଅନେକ ସମୟରେ ତୁମ ମଧ୍ୟରେ ବା ତୁମ ଆଖ ପାଖରେ ଏମିତି ଘଟଣା ସବୁ ଘଟିଛି, ଯାହା ତୁମକୁ ଇନ୍ଦ୍ରଜାଲ ଭଳି ମନେ ହୋଇଛି । ଯଦି ତୁମର ଦୃଷ୍ଟି ଥାଆନ୍ତା ତୁମେ ତୁମର ଅନ୍ତରର କ୍ରିୟା ପ୍ରକ୍ରିୟାକୁ ଦେଖିପାରନ୍ତ, ତେବେ ତୁମ ପାଖରେ ବ୍ୟାପାରଟା ସ୍ପଷ୍ଟ ହୋଇଯା'ନ୍ତା – ସନ୍ଦେହର କୌଣସି ଅବକାଶ ନ ଥା'ନ୍ତା । କିନ୍ତୁ ସେ ଦୃଷ୍ଟି ତୁମର ନ ଥିଲା । ତୁମେ ତାହାକୁ ପ୍ରଥମେ ଇନ୍ଦ୍ରଜାଲ ନାମ ଦେବା ପରେ ବିଜ୍ଞ ପରି ବିଚାର ଆରମ୍ଭ କରିଦେଲ ଯେ – ଭେଳିକିଟା ଯେଉଁଭଳି ଘଟିଲା ତାହା ଯୋଗଶକ୍ତିରୁ ଘଟି ନାହିଁ, ଅନ୍ୟ କେଉଁ କାରଣରୁ ଘଟିଛି ।''

ମୁଁ ଅପ୍ରତିଭ ହୋଇ କହିଲି, ''ମୁଁ ଆପଣଙ୍କ କଥାରେ ଅବିଶ୍ୱାସ କରି ନାହିଁ । କିନ୍ତୁ ମୋ ମନରେ ପ୍ରଶ୍ନ ଉଠିଛି ଯେ ଆପଣ ଶକ୍ତିର ଅର୍ଥ, ପ୍ରତ୍ୟକ୍ଷ, ବାସ୍ତବ କିଛି ବୁଝନ୍ତି ନା ଅସ୍ପଷ୍ଟ କିଛି ଗୋଟାଏ ?''

ଗୁରୁଦେବ ଉତ୍ତର ଦେଲେ, ''ପ୍ରତ୍ୟକ୍ଷ, ବାସ୍ତବ ? କ'ଣ କହିବାକୁ ଚାହୁଁଛ ତୁମେ ? ଆଧ୍ୟାତ୍ମିକ ଶକ୍ତିର ପ୍ରତ୍ୟକ୍ଷତା, ବାସ୍ତବତା ତାହାର ନିଜସ୍ୱ । ସେ ଗୋଟିଏ ମୂର୍ତ୍ତି ଗ୍ରହଣ କରିପାରେ, ଗୋଟିଏ ଧାରା ପରି, ଯାହା ସମ୍ବନ୍ଧରେ ସଚେତନ ହୋଇ ହୁଏ, ଯାହାକୁ ଖୁବ୍ ପ୍ରତ୍ୟକ୍ଷ ଭାବରେ ଯେକୌଣସି ସ୍ଥାନକୁ ପଠା ଯାଇପାରେ । ଯେକୌଣସି ଲୋକଙ୍କ ଉପରେ ପ୍ରୟୋଗ କରାଯାଇପାରେ । ଅଧ୍ୟାତ୍ମ ଚେତନା ମଧ୍ୟରେ ଓତପ୍ରୋତ ଜଡ଼ିତ ହୋଇ ଏକ ଶକ୍ତି ରହିଛି, ଏହା ସତ୍ୟ । କିନ୍ତୁ ଏହା ଛଡ଼ା ଏପରି ମଧ୍ୟ ହୋଇପାରେ ଯେ କୌଣସି ଆଧ୍ୟାତ୍ମିକ, ମାନସିକ, ପ୍ରାଣିକ ଶକ୍ତିର ପ୍ରୟୋଗ କରାଯିବ, ଜଗତର କୌଣସି ଏକ ବିଶେଷ ସ୍ଥାନରେ, କୌଣସି ବିଶେଷ ଫଳଟିଏ ଫଳାଇବାକୁ । ଯେମିତି ଅନେକ ଅଦୃଶ୍ୟ ପ୍ରାକୃତିକ ଶକ୍ତି ରହିଛି (କସ୍ମିକ୍ ଢେଉ ଜାତୀୟ), କିଂବା ଧର ଯେମିତି ବୈଦ୍ୟୁତିକ ପ୍ରବାହ । ସେହିପରି ମନର ପ୍ରବାହ, ଚିନ୍ତାର ପ୍ରବାହ, ଆବେଗର ପ୍ରବାହ, – ଯଥା କ୍ରୋଧ, ଦୁଃଖ ଇତ୍ୟାଦି । ଏମାନେ ଯାଇ ଉଦ୍ଦିଷ୍ଟ ସ୍ଥାନ ବା ବ୍ୟକ୍ତିକୁ, କର୍ମକୁ ସେମାନଙ୍କର ଅଜାଣତରେ ପ୍ରଭାବିତ କରିପାରନ୍ତି । କେହି କେହି ହୁଏତ ଆଭାସ ପାଆନ୍ତି ଶକ୍ତି ଆସୁଛି, କିନ୍ତୁ କେଉଁଠାରୁ ଆସୁଛି ଜାଣନ୍ତି ନାହିଁ । କେବଳ ଶକ୍ତିର ଫଳକୁ ଅନୁଭବ କରନ୍ତି । ଯାହାର ନେପଥ୍ୟ କି ଅନ୍ତରର ଅନୁଭୂତି ଜାଗ୍ରତ୍ ହୋଇଛି, ସେ ହିଁ କେବଳ ଏହି ଶକ୍ତି ଆସିବା ସମୟରେ ବା ତାକୁ ଅଧିକାର କରିବା ସମୟରେ ଜାଣିପାରେ । ଭଲ ବା ମନ୍ଦ ପ୍ରଭାବକୁ ଏଡ଼ାଇ ଦେଇପାରେ । ଅତି ସ୍ୱାଭାବିକ ଭାବରେ ଏହା ଘଟିପାରେ – କେହି ଇଚ୍ଛା ନ କଲେ ବି ଏପରି ଘଟିପାରେ, କିନ୍ତୁ ବୁଝିସୁଝି, ଭାବି ଚିନ୍ତି ମଧ୍ୟ ଏ ଧରଣର ଶକ୍ତିର ପ୍ରୟୋଗ ସମ୍ଭବ । କୌଣସି ଗୋଟିଏ ବିଶେଷ ଉଦ୍ଦେଶ୍ୟ ଦେଇ ମଧ୍ୟ ଆଧ୍ୟାତ୍ମିକ ବା ଅନ୍ୟ ପ୍ରକାରର ଶକ୍ତିର ପ୍ରୟୋଗ କରା ଯାଇପାରେ, ଏହା ଛଡ଼ା କୌଣସି ଭାବକୁ ମଧ୍ୟ ସିଧା ପ୍ରୟୋଗ କରା ଯାଇପାରେ; କୌଣସି ବାହ୍ୟ କ୍ରିୟା, କଥା ବା ଅନ୍ୟ କିଛି ମାଧ୍ୟମର ସାହାଯ୍ୟ ନ ନେଇ । ଏ ଧରଣର ଶକ୍ତିର ପ୍ରୟୋଗ ହୁଏତ ଠିକ୍ ଏପରି ଭାବରେ ପ୍ରତ୍ୟକ୍ଷ କରି ହୁଏ ନାହିଁ । କିନ୍ତୁ ତା' ବୋଲି ଏସବୁ କିଛି କମ୍ ଫଳପ୍ରଦ ନୁହେଁ । ପ୍ରକୃତରେ ଏସବୁ ବ୍ୟାପାର କଳ୍ପନା ମାତ୍ର ନୁହେଁ, ଭ୍ରାନ୍ତ ଦର୍ଶନ ନୁହେଁ, ଭଣ୍ଡାମି ନୁହେଁ, ଏସବୁ ହେଉଛି ବାସ୍ତବ ଘଟଣା ।''

ଏସବୁ କଥା କହୁ କହୁ ତାଙ୍କର ମୁହଁ ଯେମିତି ଏକ ଦିବ୍ୟ ଆଭାରେ ଦୀପ୍ତ ହୋଇ ଉଠିଲା । ମୋର ମେରୁଦଣ୍ଡ ମଧ ଦେଇ ଏକ ବିସ୍ମୟାନନ୍ଦର ସ୍ରୋତ ଶିର୍ ଶିର୍ ହୋଇ ଉର୍ଦ୍ଧ୍ୱକୁ ଉଠିବାକୁ ଲାଗିଲା । ମୁହୂର୍ତ୍ତକ ଭିତରେ କ'ଣ ଯେପରି ଘଟିଗଲା – ମୋର ସଂଶୟ ଗ୍ରନ୍ଥି ଯେମିତି ଛିନ୍ନ ହୋଇଗଲା ଏକ କିରଣ କୃପାଣର ଆଘାତରେ । ଅନ୍ଧକାର ? କେଉଁଠାରେ ? ଚାରିଆଡ଼େ ତ କେବଳ ଆଲୋକର ଉଚ୍ଛଳ ପ୍ରପାତ – ଆଶାର ଝଙ୍କାର ! ସଙ୍ଗେ ସଙ୍ଗେ ଲୋମରେ ଲୋମରେ ଜାଗି ଉଠିଲା ଶିହରଣ । ମନେ ପଡ଼ିଗଲା ଏପରି ଜଣେ ମହାମାନବ, ଏପରି ଶକ୍ତି ଓ ଜ୍ଞାନର ଜଣେ ମୂର୍ତ୍ତ ପ୍ରତିଭୂ, ମୋ ସହିତ ଆଳାପ କରୁଛନ୍ତି, ତର୍କ କରୁଛନ୍ତି, ହସୁଛନ୍ତି, ଭାବ ବିନିମୟ କରୁଛନ୍ତି; ସତେ ଯେପରି ମୁଁ ତାଙ୍କର ସମସ୍କନ୍ଧ, ଯେପରି ମୁଁ ତାଙ୍କର ବିଶ୍ୱସ୍ତ ବନ୍ଧୁ, ଅନ୍ତରଙ୍ଗ । ଭାଗବତରେ କୃଷ୍ଣଙ୍କର ଅକିଞ୍ଚନ ବନ୍ଧୁ ସୁଦାମାଙ୍କ କଥା ମନେ ପଡ଼ିଗଲା ।

''କ୍ୱା ହଂ, ଦରିଦ୍ରଃ ପାପୀମନ୍ କ୍ୱ କୃଷ୍ଣଃ ଶ୍ରୀନିକେତନଃ
ବ୍ରହ୍ମବଂଧୁରିତି ସ୍ମାହଂ ବାହୁଭ୍ୟାଂ ପରିରମ୍ଭିତଃ ॥''

ନିସ୍ତବ୍ଧତା ଭଙ୍ଗକଲି ମୁଁ, କାହିଁକି ଜାଣେ ନାହିଁ, ପ୍ରଶ୍ନ କଲି, କିଛି ନ ଭାବି, ନ ଚିନ୍ତି ।

''କିନ୍ତୁ ଆପଣ କେବେ ନିଭୃତ ବାସରୁ ବାହାରିବେ ?''

ଗୁରୁଦେବ ମୃଦୁ ହସି କହିଲେ, ''ଜାଣେନା ।''

''ଜାଣନ୍ତି ନାହିଁ ? ତା' ମାନେ କ'ଣ ? ଆପଣ ନିଶ୍ଚୟ ଜାଣିଥିବେ ।''

ଗୁରୁଦେବ ହସି ଉଠିଲେ, କହିଲେ, ''ତୁମେମାନେ ଯେପରି ଜାଣ, ସେପରି ନୁହେଁ, କାରଣ ମୁଁ ତ ମାନସ ସ୍ତରରେ ଆସୀନ ନୁହେଁ । ମନରୁ ମୁଁ କିଛି କରିବାକୁ ସଂକଳ୍ପ କରି ନାହିଁ ।''

ମୁଁ ନଛୋଡ଼ବନ୍ଦା – କହିଲି, ''ବୁଝିଲି । କିନ୍ତୁ ଏକଥା କିପରି ମାନି ନେବି ଯେ ଆପଣଙ୍କ ଭଳି ଜଣେ ଦୀପ୍ତିମାନ୍ ମଣିଷ ସେହି ଛୋଟ ଘରଟିରୁ ଆଉ ବାହାରିବେ ନାହିଁ । ଚିରଦିନ ଏହିଠାରେ ବନ୍ଦୀ ହୋଇ ରହିବେ ?''

ଗୁରୁଦେବ ଉଦାସୀନ ଭାବରେ ଉତ୍ତର ଦେଲେ, ''ତୁମକୁ ତ କହିଛି, କ'ଣ କରିବି ମୁଁ ଆଗରୁ ଠିକ୍ କରି ନଥାଏ । ସେଥିପାଇଁ କେବଳ ଏତିକି କହି କ୍ଷାନ୍ତ ହେବି ଯେ ଯାହା ଯାହା ମୋତେ କରିବାକୁ ହେବ, ଯଦି ବାହାରକୁ ଯିବି, ସେସବୁ କରିବା ସମ୍ଭବ ହେବ ନାହିଁ ।''

ମୁଁ ଆଉ ବ୍ୟସ୍ତ କଲି ନାହିଁ ତାଙ୍କୁ । ମୋର ମନେ ପଡ଼ିଗଲା କିଛିଦିନ ପୂର୍ବରୁ ସେ ମୋ ପାଖକୁ ଚିଠିଟିଏ ଲେଖିଥିଲେ ।

(୩୦.୦୫.୪୨)

(କ୍ରମଶଃ)

(ଦିଲୀପ କୁମାର ରାୟଙ୍କ ବଙ୍ଗଳାରେ ଲିଖିତ
'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ)

ଅନୁବାଦ : ମମତା ଦାଶ

ଭଗବତ୍ ଶକ୍ତିଗୁଡ଼ିକ ଉପଯୋଗ ହେବା ସକାଶେ ରହିଛନ୍ତି – ଅଜ୍ଞତାବଶତଃ ଆତ୍ମାଭିମାନୀ ମାନବର ଭୁଲ୍ ହେଉଛି ଯେ ଭଗବାନଙ୍କ ସକାଶେ ଏହାର ଉପଯୋଗ ନକରି ଏହାକୁ ଅହଂ ଲାଗି ବ୍ୟବହାର କରିବା । ଭଗବତ୍ ଚେତନା ସହିତ ଏକତ୍ୱଲାଭ କରି ଏବଂ ବ୍ୟକ୍ତିଗତ ସତ୍ତାର ପ୍ରସାରଣ ମାଧ୍ୟମରେ ଏହାକୁ ଠିକ୍ କରିବାକୁ ହେବ, ଯଦ୍ଦ୍ୱାରା ଏହା ବିଶ୍ୱଗତ ସତ୍ତା ମଧ୍ୟରେ ସଚେତନଭାବେ ବାସ କରିପାରିବ । ଦୃଢ଼ ଅହଂ-ଅଭ୍ୟାସ ହେତୁ ଏହା ଦୁଷ୍କର କିନ୍ତୁ ଅସମ୍ଭବ ନୁହେଁ ।

– ଶ୍ରୀଅରବିନ୍ଦ

# ଅଭୀପ୍‌ସାର ଆବାହନୀ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ମହାଯୋଗୀ ଶ୍ରୀଅରବିନ୍ଦ ଏକ ଚିରନ୍ତନ କ୍ରାନ୍ତି । ମହାନ୍ ବିପ୍ଳବୀ, ସ୍ୱଦେଶ ପ୍ରେମର ବାଣୀମୂର୍ତ୍ତି, ବେଦ-ବେଦାନ୍ତ-ଗୀତା-ତନ୍ତ୍ର ଆଦି ଭାରତୀୟ ପ୍ରଜ୍ଞାମାନସର ଶ୍ରେଷ୍ଠ ବ୍ୟାଖ୍ୟାକାର । ମାନବ-ଐକ୍ୟ ଓ ନୂତନ ଜୀବନ ତଥା ଜଗତର ରୂପକାର, ବିଶ୍ୱରେ ଅତିମାନସ ଶକ୍ତିର ପ୍ରତିଷ୍ଠାତା ଏବଂ ମାନବଜାତିର ନବଜନ୍ମ ଜାତକର ଗଣକ ଭାବରେ ସେ ବିଶ୍ୱ ଇତିହାସରେ ଚିରଞ୍ଜୀବୀ । ମହାକାଳର କପାଳରେ ସେ ଜାତିସ୍ମରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ଦିବ୍ୟଜନନୀ ଶ୍ରୀମାଙ୍କ ଅନୁପମ ଭାଷାରେ ତାଙ୍କର ଜନ୍ମ ଶାଶ୍ୱତ, 'The Birth of Eternal' – ଏକ ଅଦ୍ଭୁତ ଦୈବୀ ସଂଯୋଗ । ତାଙ୍କ ରଚନାବଳି ମଧ୍ୟରେ 'ଦିବ୍ୟ ଜୀବନ' ଗ୍ରନ୍ଥ (The Life Divine) ଏବଂ ପ୍ରେମ ଓ ମୃତ୍ୟୁର ଅନନ୍ୟ କାବ୍ୟ 'ସାବିତ୍ରୀ' ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ସେହିଭଳି ଯୋଗଶାସ୍ତ୍ର 'ଯୋଗ ସମନ୍ୱୟ'– 'The Synthesis of Yoga', 'ମାନବ ଯୁଗ ଚକ୍ର', 'The Human Cycle', ଭାରତୀୟ ସଂସ୍କୃତିକୁ ପ୍ରତିଫଳିତ କରୁଥିବା 'ଭାରତୀୟ ସଂସ୍କୃତିର ମୂଳାଧାର' – 'The Foundation of Indian Culture' ଆଲୋକ ଓ ଅମୃତର ଅନ୍ୱେଷାରେ ନୂତନ ଦିଗନ୍ତ ଉଦ୍‌ଘାଟିତ କରେ । ଯେଉଁମାନେ ନୂତନ ଜୀବନ ଓ ଜଗତର ପ୍ରତିଷ୍ଠା ପାଇଁ ଅଭୀପ୍‌ସୁ ଶ୍ରୀଅରବିନ୍ଦଙ୍କ ରାଶି ରାଶି ରଚନା ସେମାନଙ୍କ ଅଭୀପ୍‌ସା, ଉତ୍ସାହ, ଉଦ୍ୟମ ତଥା ଉଦ୍ଦୀପନାର ଅଫୁରନ୍ତ ଉତ୍ସ । ଭାରତରେ କାହିଁ କେତେ କାଳରୁ ମୁନି, ଋଷିମାନଙ୍କ ତ୍ୟାଗ ଓ ତପସ୍ୟାର ବିଭୂତି ବହନ କରି ଯେଉଁ ସମୃଦ୍ଧ ଚେତନା ରହିଛି, ତା' ହେଉଛି ଇତିହାସର ନିର୍ଯାସ । ତାହା ହିଁ ସମଗ୍ର ମଣିଷଜାତିକୁ ଚେତନାର ଅଦୃଶ୍ୟ ଦିଗନ୍ତ ଆଡ଼କୁ ନେଇ ଚାଲିଛି ।

ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗର କ୍ଷେତ୍ର ସମଗ୍ର ଜୀବନ ଓ ଜଗତ୍ । ସେ ଏକ ଅନୁଭବ । ସ୍ଥାନ, କାଳ, ପାତ୍ରର ଅଧୀନ ନୁହନ୍ତି, ସେ ଚିର ଓ ଚିନ୍ମୟ । ସେ ଚେତନାର ଅମୃତ ଦିଗନ୍ତ । ସେ ବିଶ୍ୱଗତ ପୁଣି ବିଶ୍ୱାତୀତ । ପରଂବ୍ରହ୍ମ, ପରମାତ୍ମା ବା ଭଗବାନ୍ କହିଲେ ଆମେ ସାଧାରଣତଃ ଯାହା ବୁଝୁ, ସେ ତା' ମଧ୍ୟ ନୁହନ୍ତି । ତାଙ୍କୁ କେନ୍ଦ୍ର କରି କୌଣସି ଏକ ଧର୍ମର ବଳୟ ସୃଷ୍ଟି ହେଉ, ତାହା ସେ ଆଦୌ ଚାହିଁ ନାହାନ୍ତି । ଭାରତୀୟ ପରମ୍ପରାରେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଶଙ୍କର, ଚୈତନ୍ୟ, ନାନକ ପ୍ରଭୃତି ଯେତେ ଅବତାର, ସନ୍ଥ, ସିଦ୍ଧ ମହାପୁରୁଷମାନଙ୍କର ପ୍ରବାଦ ଓ ପ୍ରବଚନ ରହିଆସିଛି, ଶ୍ରୀଅରବିନ୍ଦ ସେଥିରେ ଆଉ ଏକ ସଂଯୋଜନା ବୋଲି କହିବା ମଧ୍ୟ ଠିକ୍ ନୁହେଁ । ବିଶ୍ୱାସ ଓ ବାସ୍ତବତା, ଈଶ୍ୱର ଓ ସଂସାର ସମ୍ପର୍କରେ ରହିଆସିଥିବା ଦ୍ୱନ୍ଦ୍ୱ, ସଂଶୟ ଓ ସଂଘାତର ସେ ଜଣେ ସଫଳ ତଥା ସାର୍ଥକ ସଂଯୋଜକ । ତାଙ୍କୁ ଆଲୋଚନା କଲେ, ସ୍ମରଣ କଲେ, ଅଧ୍ୟୟନ ଏବଂ ଅନୁଶୀଳନ କଲେ ଆମେ ଆଶ୍ୱସ୍ତ ଓ ଆଶାୟୀ ହେଉ ଯେ ଏ ପୃଥିବୀ, ଏ ସଭ୍ୟତା, ଏ ମହାନ୍ ସଂସ୍କୃତିର ଦୀର୍ଘ ଯାତ୍ରାପଥ ହଠାତ୍ ଅଟକିଯିବ ନାହିଁ, ଲୋପ ପାଇବ ନାହିଁ । ଯଦି କୌଣସି ବିପର୍ଯ୍ୟୟ ସେ ପଥରେ ଦେଖାଯାଏ, ତା' କେବଳ ସୌଭାଗ୍ୟର ଗର୍ଭଯନ୍ତ୍ରଣା । ତାଙ୍କର ରାଶି ରାଶି ରଚନାରୁ ଏହି ମହାନ୍ ଭରସା, ପରମ ଆଶ୍ୱାସନା ଓ ବିପୁଳ ସମ୍ଭାବନା ମିଳେ ।

ଶ୍ରୀମା'ଙ୍କ ଅନୁପମ ଭାଷାରେ, ''Sri Aurobindo is an emanation of the Supreme who came on earth to announce the manifestation of a new race and a new world : the Supramental.

Let us prepare for it in all sincerity and eagerness."

*(20 June 1972)* (CWM. Vol. 13, p. 19)

ଯଥାର୍ଥରେ ସେ ଏକ ଅମୃତମୟ ଚେତନା । ଧୂଳିକଣା ଭିତରେ ପୃଥିବୀ, ଫୁଲ ଭିତରେ ସ୍ୱର୍ଗ ଓ ହାତମୁଠାରେ ଯଦି ସମୟକୁ ଧରି ହୁଅନ୍ତା, ତେବେ ତାଙ୍କୁ ବର୍ଣ୍ଣନା କରିବା ସମ୍ଭବ ହୋଇପାରନ୍ତା । ସେ ଏକ ଶାଶ୍ୱତ ଅନୁଭବ ।

ପରମ କାରୁଣିକ ବୁଦ୍ଧ ଓ ସନାତନ ଧର୍ମର ଅନ୍ୟତମ ଆଚାର୍ଯ୍ୟ ଶଙ୍କରଙ୍କ ମତ ଯଦି ଜୀବନ ଓ ଜଗତ୍ ମିଥ୍ୟା, ମାୟା, ମରୀଚିକା, ଅଳୀକ, କ୍ଷଣଭଙ୍ଗୁର ଓ ସ୍ୱପ୍ନତୁଲ୍ୟ ଏବଂ ବ୍ରହ୍ମ ହିଁ କେବଳ ସତ୍ୟ । ମହାଯୋଗୀ ଶ୍ରୀଅରବିନ୍ଦ ବ୍ରହ୍ମ, ଈଶ୍ୱର ଓ ଆତ୍ମାକୁ ସତ୍ୟ ବୋଲି ଗ୍ରହଣ କରି ଜଗତକୁ ତାଙ୍କରି ପରିପ୍ରକାଶ

ଭାବରେ ପ୍ରତିପାଦିତ କରିଛନ୍ତି । ଭାରତୀୟ ଆର୍ଯ୍ୟଋଷିଙ୍କ ମତବାଦକୁ ''ଅହଂ ବ୍ରହ୍ମାସ୍ମି, ତତ୍-ତ୍ୱମ-ଅସି, ସର୍ବଂ ଖଲ୍ୱିଦଂ ବ୍ରହ୍ମ'' ସେ ସ୍ୱୀକାର କରିବା ସହିତ ଉଭୟ ଜୀବନ ଓ ଜଗତକୁ ସତ୍ୟର ସ୍ୱରୂପ ଭାବରେ ଗ୍ରହଣ କରିଛନ୍ତି । ଯଦିଓ ଜଗତ୍ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସତ୍ୟକୁ ପ୍ରକାଶ କରିବାକୁ ସମର୍ଥ ହୋଇ ନାହିଁ, ତଥାପି ତା' ମଧ୍ୟରେ ନିବର୍ତ୍ତିତ ଦିବ୍ୟଚେତନା ବିବର୍ତ୍ତନ ମଧ୍ୟରେ ପ୍ରକାଶିତ ହୋଇଚାଲିଛି । ଏହି ଦିବ୍ୟଚେତନାର ଅଧିକାରୀ କେବଳ ହିଁ ମଣିଷ । ତାଙ୍କର ଉପଲବ୍ଧି ହେଲା ମଣିଷ କେବଳ ଏକ ବୁଦ୍ଧିମାନ୍ ପ୍ରାଣୀ ନୁହେଁ; ମଣିଷର ଏକ ବିକାଶଶୀଳ ଅଭୀପ୍ସା ପରାୟଣ ଅନ୍ତଃସତ୍ତା ରହିଛି । ତାଙ୍କୁ ଶ୍ରୀଅରବିନ୍ଦ ଚୈତ୍ୟସତ୍ତା ବୋଲି ଅଭିହିତ କରିଛନ୍ତି । ଏହି ଚୈତ୍ୟସତ୍ତା ମଣିଷ ଭିତରେ ଥିବା ଆତ୍ମାର କ୍ରିୟାତ୍ମିକା ଅଂଶ ଓ ତା'ର ପ୍ରକୃତିର ନିୟାମକ । ଏହି ଚୈତ୍ୟସତ୍ତା ପ୍ରାଣୀ ବା ଦେବତାଙ୍କ ଭିତରେ ନାହିଁ । ଏହି ଚୈତ୍ୟସତ୍ତା ବଳରେ ବିକାଶ ପଥରେ ମଣିଷ କେଉଁ ପର୍ଯ୍ୟନ୍ତ ଗତି କରିବ ତାହା ସଠିକ ନିର୍ଦ୍ଧାରିତ ହୋଇ ନାହିଁ, ମାତ୍ର ତା' ଭିତରେ ଚୈତ୍ୟସତ୍ତା ତାକୁ ପରମ ସତ୍ୟ, ପରମ ଶିବ ଓ ପରମ ମଙ୍ଗଳମୟଙ୍କ ପୂର୍ଣ୍ଣ ଉପଲବ୍ଧି ପର୍ଯ୍ୟନ୍ତ ନିଶ୍ଚିତ ଘେନିଯିବ । ତା' ପୂର୍ବରୁ ମଣିଷର କ୍ଷାନ୍ତି ନାହିଁ, ବିଶ୍ରାମ ନାହିଁ । ତା'ର ଅଗ୍ରଗତି ଅଟକିଯିବ ନାହିଁ । ଆଜି ବୁଦ୍ଧି ବଳରେ ମଣିଷ ଏତେ ବାଟ ଆସିଲାଣି । ଆସନ୍ତା କାଲି ତା' ଭିତରର ଚୈତ୍ୟ-ଚେତନା ବଳରେ ନିଜର ଆତ୍ମାକୁ ଚିହ୍ନିବ ଓ ପାଇବ । ସେହି ଚେତନା ବଳରେ ସେ ମାନବ ଜୀବନର ଯଥାର୍ଥ ଲକ୍ଷ୍ୟ ଦିଗରେ ଅଗ୍ରସର ହେବ ।

ମଣିଷ କିନ୍ତୁ ଏପର୍ଯ୍ୟନ୍ତ ତା'ର ଦେହ, ମନ ଓ ପ୍ରାଣକୁ ନେଇ ବଞ୍ଚିଛି । ତେଣୁ ତା'ର ଦେହ, ମନ ଓ ପ୍ରାଣ ସତ୍ତାରେ ମୃତ୍ୟୁ ଘଟୁଛି । ମାତ୍ର ଯେତେବେଳେ ମଣିଷର ଦେହ, ମନ ଓ ପ୍ରାଣ ଅନ୍ତରାତ୍ମା ଦ୍ୱାରା ପରିଚାଳିତ ହେବ ଓ ଦିବ୍ୟତ୍ୱରେ ରୂପାନ୍ତରିତ ହୋଇଯିବ ସେତେବେଳେ ତା'ର ମୃତ୍ୟୁ ରହିବ ନାହିଁ । ମୃତ୍ୟୁବୋଧ ଲୋପ ପାଇଯିବ । ମୃତ୍ୟୁର ମୃତ୍ୟୁ ହେଲା ପରେ ମଣିଷ ଜାଗତିକ ଦୁଃଖ, କଷ୍ଟରୁ ମୁକ୍ତ ହୋଇ ଚିରନ୍ତନ ଦିବ୍ୟପଥର ଯାତ୍ରୀ ହୋଇଯିବ । କାରଣ ସେ ଅମୃତର ସନ୍ତାନ । ତା'ର ସୃଷ୍ଟି ପୁଣ୍ୟରୁ, ପାପରୁ ନୁହେଁ । ମଣିଷ ଆତ୍ମାକୁ ଜାଣେ, ଉପଲବ୍ଧି କରେ । ମାତ୍ର ଆତ୍ମାରେ ବଞ୍ଚି ଶିଖି ନାହିଁ । ସେଥିଲାଗି ଏ ଜୀବନ-ଯନ୍ତ୍ରଣା । ଏହା ଅପସରି ଯିବା ଅବଶ୍ୟମ୍ଭାବୀ ଓ ଏକ ଅବିସମ୍ବାଦିତ ସତ୍ୟ ।

ବିବର୍ତ୍ତନଧାରାରେ ମଣିଷ ଏପର୍ଯ୍ୟନ୍ତ ସୃଷ୍ଟିର ଶ୍ରେଷ୍ଠ ପର୍ଯ୍ୟାୟ, ମାତ୍ର ଶେଷ ନୁହେଁ । ସମଗ୍ର ଜୀବନ ଓ ଜଗତର ପରିଧିକୁ ଅତିକ୍ରମ କରି ଏକ ଯୁଗାନ୍ତକାରୀ ସମ୍ଭାବନାର ସୌରସେତୁ ମହାଯୋଗୀ ଶ୍ରୀଅରବିନ୍ଦ ନିର୍ମାଣ କରିଛନ୍ତି । ତାଙ୍କର କାଳଜୟୀ ଅନୁପମ ଉକ୍ତି ହେଲା :

''The history of the cycles of man is a progress towards the unveiling of the Godhead in the soul and life of humanity;...''

(Essays on the Gita, p. 376)

ଅର୍ଥାତ୍, ''ମାନବ ଯୁଗଚକ୍ରର ଇତିହାସ ହେଉଛି ମାନବ ସମାଜର ଆତ୍ମା ଓ ଜୀବନରେ ଭଗବାନଙ୍କର ଅନାବୃତ ପ୍ରକାଶ ଅଭିମୁଖରେ ହିଁ ଅଗ୍ରଗତିର ଇତିହାସ ।''...

ଶ୍ରୀଅରବିନ୍ଦଙ୍କ ମରଶରୀର ପ୍ରତି ପ୍ରାର୍ଥନା ଓ କୃତଜ୍ଞତା ନିବେଦନ କରି ଶ୍ରୀମା କହିଥିଲେ :

"To Thee who hast been the material envelope of our Master, to Thee our infinite gratitude. Before Thee who hast done so much for us, who hast worked, struggled, suffered, hoped, endured so much, before Thee who hast willed all, attempted all, prepared, achieved all for us, before Thee we bow down and implore that we may never forget, even for a moment, all we owe to Thee."

(*9 December 1950*) (CWM. Vol. 13, p. 7)

''ତୁମେ ଯେ କି ଭଗବାନଙ୍କର ଭୌତିକ ଆବରଣ ଥିଲ, ତୁମ ଚରଣରେ ଆମେମାନେ ଆମର ଅପାର କୃତଜ୍ଞତା ଜ୍ଞାପନ କରୁଛୁ । ତୁମେ ଯେ କି ଆମମାନଙ୍କ ପାଇଁ ଏତେ କିଛି କରିଛ, ଏତେ କଷ୍ଟ ସହିଛ, ଏତେ ଆଶା କରିଛ, ଏତେ ସହ୍ୟ କରିଛ, ତୁମେ ଯେ କି ଆମମାନଙ୍କ ନିମିତ୍ତ ସଙ୍କଳ୍ପ କରିଛ, ତୁମ ସମ୍ମୁଖରେ ପ୍ରଣତ ହୋଇ ଆମେମାନେ ଏହି ପ୍ରାର୍ଥନା କରୁଛୁ ଯେ ଏକ ମୁହୂର୍ତ୍ତ ନିମିତ୍ତ ବି ଯେପରି ଆମେ କେବେ ଭୁଲି ନଯାଉ ଯେ ତୁମ ପାଖରେ ଆମେ ସବୁକିଛି ନିମିତ୍ତ କେତେ ଋଣୀ ।''

ଦିବ୍ୟଜନନୀଙ୍କର ଏହି ଅନୁପମ ଅଭିବ୍ୟକ୍ତି ଆମ ''ଅଭୀପ୍ସାର ଆବାହନୀ'' ହେଉ – ଏତିକି ପ୍ରାର୍ଥନା ।

**ସାଧନା-ପରମ୍ପରା :**

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୪)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ **'ବୁଦ୍ଧ ଚରିତ'** ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତ-ସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି । ଏହି କାବ୍ୟର କେତେକ ନିର୍ବାଚିତ ଅଂଶ 'ନବଜ୍ୟୋତି'ର କେତୋଟି ସଂଖ୍ୟାରେ ଧାରାବାହିକ ଭାବେ ପ୍ରକାଶ କରାଯାଉଛି ।   — ସଂପାଦକ]

### ପଞ୍ଚମ ସର୍ଗ

ପରମ ମୂଲ୍ୟବାନ୍ ଭୋଗ୍ୟ ବସ୍ତୁ ଦ୍ୱାରା ପ୍ରଲୋଭିତ ହୋଇ ଶାକ୍ୟ ରାଜପୁତ୍ର ବିଷାକ୍ତ ଶରବିଦ୍ଧ ସିଂହ ପରି ହୃଦୟରେ ସୁଖ ବା ସନ୍ତୋଷ ଲାଭ କରି ପାରିଲେ ନାହିଁ । ଯୋଗ୍ୟବନ୍ଧୁ ମନ୍ତ୍ରିପୁତ୍ରଗଣଙ୍କ ଦ୍ୱାରା ପରିବୃତ ହୋଇ ଶାନ୍ତିଲାଭ ପାଇଁ ଓ ବନଭୂମି ଦର୍ଶନ କାମନାରେ ରାଜାଙ୍କ ଅନୁମତିକ୍ରମେ ବହିର୍ଗମନ କରିଲେ । ପଥ ମଧ୍ୟରେ ଏକ କୃଷି-ଭୂମିଖଣ୍ଡ ଦେଖିବାକୁ ପାଇଲେ ଓ ବାୟୁ, ରୌଦ୍ର ଏବଂ ଧୂଳି ଦ୍ୱାରା ବିକୃତବର୍ଣ୍ଣ କୃଷକମାନଙ୍କୁ ଓ ଶ୍ରମକ୍ଳାନ୍ତ ବଳଦମାନଙ୍କୁ ଦେଖି ଆର୍ଯ୍ୟଶ୍ରେଷ୍ଠ ସେହି କୁମାର ଅତ୍ୟନ୍ତ କୃପାପରବଶ ହେଲେ । ଏହାପରେ ଅଶ୍ୱପୃଷ୍ଠରୁ ଅବତରଣ କରି ଭୂମି ଉପରେ ବିଚରଣ କରୁ କରୁ ଜଗତର ଜନ୍ମ-ମୃତ୍ୟୁ ଚିନ୍ତାରେ କାତର ହୋଇ ସେ କହି ଉଠିଲେ ''ଏହା ପ୍ରକୃତରେ ଶୋଚନୀୟ'' । ମନେ ମନେ ନିର୍ଜନତା ଆକାଙ୍କ୍ଷା କରି ବନ୍ଧୁମାନଙ୍କୁ ବିଦାୟ ଦେଇ ଏକ ବିଜନ ସ୍ଥାନରେ, ରମଣୀୟ ପଲ୍ଲବ ଦ୍ୱାରା ସମାଚ୍ଛନ୍ନ ଏକ ଜମ୍ବୁବୃକ୍ଷ ମୂଳରେ ଉପବେଶନ କଲେ ଓ ଜଗତର ଉତ୍ପତ୍ତି ଓ ବିନାଶର ବିଷୟ ଚିନ୍ତା କରିବାକୁ ଲାଗିଲେ । ସେହିଠାରେ ଚିତ୍ତସ୍ଥିତି ଲାଭ କରି, ବିଷୟାକାଙ୍କ୍ଷାଦି ବ୍ୟାଧିରୁ ମୁକ୍ତ ହୋଇ ଶାନ୍ତ, ସବିତର୍କ ସବିଚାର ଓ ଅନାସ୍ରବ ଧ୍ୟାନ ପ୍ରାପ୍ତ ହେଲେ ।

ଏହାପରେ କୁମାର ବିବେକଜ ପରମ ପ୍ରୀତିକର ଚିତ୍ତ-ସମାଧି ପ୍ରାପ୍ତ ହୋଇ, ଜଗତର ଗତିକୁ ହୃଦୟରେ ସମ୍ୟକ୍ ଉପଲବ୍ଧି କରି ଧ୍ୟାନ କରିବାକୁ ଲାଗିଲେ, ''ବ୍ୟାଧି, ଜରା ଓ ବିନାଶଧର୍ମୀ ମଦାନ୍ଧ ଅଜ୍ଞ ପୁରୁଷଗଣ ସ୍ୱୟଂ ଅସହାୟ ହୋଇ ମଧ୍ୟ ଯେ ଜରାଗ୍ରସ୍ତ, ଆତୁର ଏବଂ ମୃତଙ୍କୁ ଅବଜ୍ଞା ଓ ଅବହେଳା କରୁଛନ୍ତି ଏହା ପ୍ରକୃତରେ ଅତୀବ ଶୋଚନୀୟ । ମୁଁ ସ୍ୱୟଂ ଯଦି ତାହା କରେ ତାହା ମୋର ଅନୁରୂପ ଓ ଉପଯୁକ୍ତ ହେବ ନାହିଁ । ଜଗତର ବ୍ୟାଧି, ଜରା, ବିପତ୍ତି ଆଦି ଦୋଷସମୂହ ସମ୍ୟକ୍ ଦର୍ଶନ କରି ତାହାଙ୍କର ନିଜର ବଳ, ଯୌବନ ଓ ଜୀବନରୁ ଉତ୍ପନ୍ନ ଅହଂକାର ମଦ କ୍ଷଣକ ମଧ୍ୟରେ ଅନ୍ତର୍ହିତ ହେଲା । ସେ ହର୍ଷ ଅନୁଭବ କଲେ ନାହିଁ ବା ଅନୁତାପ ମଧ୍ୟ କରିଲେ ନାହିଁ । ତାଙ୍କର ସଂଶୟ ରହିଲା ନାହିଁ, ତନ୍ଦ୍ରା ବା ନିଦ୍ରା ମଧ୍ୟ ରହିଲା ନାହିଁ । କାମରେ ସେ ଆସକ୍ତ ହେଲେ ନାହିଁ ଏବଂ କାହା ପ୍ରତି ଦ୍ୱେଷ, ଅବଜ୍ଞା ବା ଅବହେଳା ପ୍ରକାଶ କରିଲେ ନାହିଁ ।

ଯେତେବେଳେ କୁମାରଙ୍କ ଭିତରେ ଏହିପରି ବିଶୁଦ୍ଧ ଓ ନିର୍ମଳ ବୁଦ୍ଧି ପ୍ରକାଶ ପାଇବାକୁ ଲାଗିଲା, ସେହି ସମୟରେ ଅନ୍ୟମାନଙ୍କ ପାଇଁ ଅଦୃଶ୍ୟ, ଭିକ୍ଷୁବେଶୀ ଏକ ପୁରୁଷ ତାହାଙ୍କ ସମୀପରେ ଉପସ୍ଥିତ ହେଲେ । ରାଜପୁତ୍ର ତାହାଙ୍କୁ ପ୍ରଶ୍ନ କଲେ :

''ଆପଣ କିଏ ?'' ସେ ଉତ୍ତର ଦେଲେ, ''ହେ ନର-ପୁରୁଷ, ମୁଁ ଜନ୍ମ-ମୃତ୍ୟୁ-ଅତୀତ ଶ୍ରମଣ । ମୋକ୍ଷ ନିମନ୍ତେ ପ୍ରବ୍ରଜ୍ୟା ଗ୍ରହଣ କରିଛି । ମୁଁ ଆତ୍ମୀୟ ଅନାତ୍ମୀୟରେ ସମବୁଦ୍ଧି, କାମାସକ୍ତିର ଦୋଷରୁ ନିବୃତ୍ତ ଏହି କ୍ଷୟଧର୍ମୀ ଜଗତରେ ମୋକ୍ଷ-ଲାଭର ଆଶାରେ ସେହି ଅକ୍ଷୟ ମଙ୍ଗଳପଦର ଅନୁସନ୍ଧାନ କରୁଛି । କେତେବେଳେ ବିଜନରେ ବୃକ୍ଷମୂଳରେ,

କେତେବେଳେ ଅରଣ୍ୟରେ, ଅନ୍ୟ କେତେବେଳେ ପର୍ବତରେ ବାସ କରି, ନିରାକାଙ୍କ୍ଷୀ ଓ ସଙ୍ଗୀହୀନ ହୋଇ ମୁଁ ଯଥାଯଥ ଭିକ୍ଷା ଗ୍ରହଣ କରି, ପରମାର୍ଥ ନିମନ୍ତେ ବିଚରଣ କରୁଛି ।''

ଏହା କହି ରାଜପୁତ୍ରଙ୍କ ଦୃଷ୍ଟି ଆଗରେ ହିଁ ସେ ଆକାଶକୁ ଉତ୍ଥିତ ହୋଇଲେ । ସେହି ଶ୍ରମଣ-ଆକୃତିଧାରୀ ପୁରୁଷ ଥିଲେ ଅନ୍ୟର ମନୋଭାବଜ୍ଞାତା ଏକ ଦେବତା । ରାଜକୁମାରଙ୍କ ସ୍ମୃତି ଜାଗରଣ ପାଇଁ ସେ ସମାଗତ ହୋଇଥିଲେ । ସେ ଏକ ବିହଙ୍ଗ ପରି ଗଗନରେ ଉତ୍ଥିତ ହେବା ଦେଖି କୁମାର ଆନନ୍ଦିତ ଓ ବିସ୍ମିତ ହେଲେ । ସେ ତାଙ୍କଠାରୁ ଧର୍ମସଂଜ୍ଞା ଉପଲବ୍ଧି କରି ଗୃହତ୍ୟାଗ ବା ପ୍ରବ୍ରଜ୍ୟାର ସଂକଳ୍ପ ଗ୍ରହଣ କରିଲେ ।

ଏହାପରେ ଇନ୍ଦ୍ରପ୍ରତିମ ସେହି ଜିତେନ୍ଦ୍ରିୟ କୁମାର ପୁର-ପ୍ରତ୍ୟାବର୍ତ୍ତନ ପାଇଁ ଇଚ୍ଛୁକ ହୋଇ ନିଜ ଉତ୍କୃଷ୍ଟ ଅଶ୍ୱରେ ଆରୋହଣ କଲେ । ସେ ତାଙ୍କ ଅନୁଚରମାନଙ୍କ ବିଷୟରେ ଚିନ୍ତାକରି ସିଧା ସେହି ସ୍ଥାନରୁ ନିଜର ଆକାଙ୍କ୍ଷିତ ଅରଣ୍ୟକୁ ଗମନ କଲେ ନାହିଁ । ଜରାମରଣ ଧ୍ୱଂସାକାଙ୍କ୍ଷୀ ସେହି ରାଜକୁମାର ଏକାଗ୍ର ଚିତ୍ତରେ ବନବାସ ସଂକଳ୍ପ ସ୍ଥିର କରି, ବନଭୂମିରୁ ଯେପରି ଗଜରାଜ ମଣ୍ଡଳ ବା ଖେଦାରେ ପ୍ରବେଶ କରେ ସେହିପରି ସେ ନିଜର ଅନିଚ୍ଛାରେ ପୁନର୍ବାର ନଗରରେ ପ୍ରବେଶ କଲେ ।

ତାହାଙ୍କୁ ଗୃହ ପ୍ରବେଶ କରିବା ଦେଖି ପ୍ରବେଶ ପଥରେ ରାଜକନ୍ୟା ଅଞ୍ଜଳିବଦ୍ଧା ହୋଇ ତାଙ୍କୁ କହିଲେ, ''ହେ ଆୟତାକ୍ଷି, ଯାହାର ପତି ଏହିପରି ସେହି ସ୍ତ୍ରୀ ଅବଶ୍ୟ ନିର୍ବୃତା (ନିର୍ବାଣପ୍ରାପ୍ତା) । ମହାମେଘ ଧ୍ୱନି ପରି ସେହି ବାକ୍ୟର ଧ୍ୱନି ଶ୍ରବଣ କରି ପରମ ଶାନ୍ତି ଲାଭ କରିଲେ । 'ନିର୍ବୃତା' ଏହି ଶବ୍ଦ କର୍ଣ୍ଣଗୋଚର ହେଲା ମାତ୍ରେ ସେ ନିର୍ବାଣପ୍ରାପ୍ତି ପାଇଁ ସଂକଳ୍ପ କଲେ । ଏହାପରେ କାଞ୍ଚନ-ଶୈଳ-ଶୃଙ୍ଗାକୃତି, ଗଜବାହୁ, ମେଘଗମ୍ଭୀର ନିର୍ଘୋଷୀ, ଋଷଭାକ୍ଷ, ଅକ୍ଷୟ ଧର୍ମରତ, ଚନ୍ଦ୍ରାନନ, ସିଂହବିକ୍ରମ, ରାଜେନ୍ଦ୍ର-ନନ୍ଦନ ଗୃହରେ ପ୍ରବେଶ କଲେ ।

ଦେବସଭାରେ ସନତକୁମାର ଯେପରି ଦୀପ୍ତ ମଘବାନଙ୍କ ନିକଟକୁ ଗମନ କରନ୍ତି, କୁମାର ସେହିପରି ମନ୍ତ୍ରିଗଣ-ପରିବୃତ ନୃପତିଙ୍କ ନିକଟକୁ ଯାଇ ପ୍ରଣିପାତପୂର୍ବକ କୃତାଞ୍ଜଳିପୁଟରେ କହିଲେ, ''ହେ ନରଦେବ, ମୋର ବିଚ୍ଛେଦ ଯେତେବେଳେ ନିର୍ଦ୍ଦିଷ୍ଟ, ଆପଣ ମୋତେ ଅନୁମତି ଦିଅନ୍ତୁ ମୁଁ ମୋକ୍ଷ ନିମନ୍ତେ ପରିବ୍ରାଜକ ହେବାକୁ ଚାହେଁ ।''

ପୁତ୍ରଙ୍କର ଏହିପରି କଥା ଶୁଣି ରାଜା ଗଜାଭିହତ ଦ୍ରୁମ ପରି କମ୍ପିତ ହୋଇ, ତାଙ୍କର କରକମଳରେ କୁମାରଙ୍କୁ ଗ୍ରହଣ କରି ବାଷ୍ପରୁଦ୍ଧ କଣ୍ଠରେ କହିଲେ, ''ପୁତ୍ର, ତୁମର ଏହି ବୁଦ୍ଧି ତ୍ୟାଗ କର, ବର୍ତ୍ତମାନ ତୁମର ଧର୍ମାଚରଣର ସମୟ ନୁହେଁ । ପ୍ରଥମ ବୟସରେ ଯେତେବେଳେ ଚିତ୍ତ ଚଞ୍ଚଳ ଥାଏ, ସେତେବେଳେ ଧର୍ମାଚରଣ ବହୁଦୋଷର ଆକର ହୋଇଉଠେ । ଯିଏ ଇନ୍ଦ୍ରିୟ ଭୋଗରେ ଉତ୍ସୁକ, ତାହାର ବ୍ରତକ୍ଲେଶ ସହ୍ୟ କରିବାର ସଂକଳ୍ପ ଦୃଢ଼ ନୁହେଁ । ବିଶେଷତଃ ଶୁଭାଶୁଭ ବିଚାରରେ ସେ ଅନଭିଜ୍ଞ । ତୁମଠାରେ ଲକ୍ଷ୍ମୀ ସ୍ଥାପନ-ପୂର୍ବକ ମୋର ଧର୍ମାଚରଣର ସମୟ ଉପସ୍ଥିତ ହୋଇଛି । ପରାକ୍ରମ ଦ୍ୱାରା ହିଁ ତୁମର ଧର୍ମଲାଭ ହେବ । ପିତାଙ୍କୁ ପରିତ୍ୟାଗ କଲେ ତୁମର ଅଧର୍ମ ହିଁ ହେବ । ତୁମର ଏହି ଅଭିପ୍ରାୟ ତ୍ୟାଗ କର । ଗୃହସ୍ଥ ଧର୍ମରେ ବ୍ରତୀ ହୁଅ । ଯୌବନର ସୁଖ, ସମ୍ଭୋଗ ପରେ ହିଁ ତପୋବନ-ପ୍ରବେଶ ପୁରୁଷ ପାଇଁ ରମଣୀୟ ହୁଏ ।''

ରାଜାଙ୍କର ଏହି ବାକ୍ୟ ଶ୍ରବଣ କରି କୁମାର ମଧୁର ସ୍ୱରରେ କହିଲେ, ''ହେ ରାଜନ୍, ଆପଣ ଯଦି ଏହି ଚାରିଟି ବିଷୟରେ ମୋର ପ୍ରତିଭୂ ହୁଅନ୍ତି ତା'ହେଲେ ମୁଁ ତପୋବନର ଆଶ୍ରୟ ନେବି ନାହିଁ । ମୋର ଜୀବନ ମରଣାନ୍ତକ ହେବ ନାହିଁ । ରୋଗ ମୋର ସ୍ୱାସ୍ଥ୍ୟ ହରଣ କରିବ ନାହିଁ । ଜରା, ଯୌବନକୁ ଆକର୍ଷଣ କରିବ ନାହିଁ । ବିପତ୍ତି ମୋର ସଂପତ୍ତି ହରଣ କରିବ ନାହିଁ ।''

ସେହି ଦୁର୍ଲଭ ବିଷୟ ଶ୍ରବଣ କରି ଶାକ୍ୟରାଜ କହିଲେ, ''ଏହି ଅତିକଳ୍ପନାମୟୀ ମତି ପରିତ୍ୟାଗ କର । ମନର ଗତି ଏହିପରି ଅସମ୍ଭବ ହେଲେ ସକଳଙ୍କର ପରିହାସ୍ୟ ହେବାକୁ ହୁଏ ।'' ଏହାପରେ ମେରୁ ପର୍ବତ ପରି ଦୃଢ଼ କୁମାର ପିତାଙ୍କୁ କହିଲେ, ''ଯଦି ଏହା ନ ହୁଏ, ତେବେ ମୋତେ ନିବୃତ୍ତ କରିବା ଆପଣଙ୍କର କର୍ତ୍ତବ୍ୟ ନୁହେଁ । ଅଗ୍ନି ଦ୍ୱାରା ଦହ୍ୟମାନ ଗୃହରୁ ଯେ ନିଷ୍କ୍ରାନ୍ତ ହେବାକୁ ଚାହେଁ, ତାହାକୁ ନିବାରଣ କରିବା ଉଚିତ ନୁହେଁ । ଜଗତରେ ବିଚ୍ଛେଦ ଯେତେବେଳେ ଧ୍ରୁବ ସେତେବେଳେ ଧର୍ମ ପାଇଁ ସ୍ୱେଚ୍ଛାରେ ବିଚ୍ଛେଦ ସ୍ୱୀକାର କରିବା ବରଣୀୟ । ନଚେତ୍ ଅକୃତାର୍ଥ, ଅତୃପ୍ତ ରହିଥିବା ଅବସ୍ଥାରେ, ଶକ୍ତିହୀନ ଓ ଅସହାୟ ହୋଇ ପଡ଼ିଥିବା ମୋତେ ମୃତ୍ୟୁ ହରଣ କରିନେବ ।''

ରାଜା ମୋକ୍ଷାକାଙ୍କ୍ଷୀ ପୁତ୍ରଙ୍କର ସଂକଳ୍ପ ଶୁଣି ତାଙ୍କୁ ଆଉ ବାହାରକୁ ଯିବା ପାଇଁ ନ ଦେବାର ବ୍ୟବସ୍ଥା କରି ସୁରକ୍ଷା ଓ ସର୍ବୋତ୍ତମ ଭୋଗ୍ୟବସ୍ତୁର ବ୍ୟବସ୍ଥା କଲେ । ପିତାଙ୍କର

ଅଶ୍ରୁପାତ ଦ୍ୱାରା ନିବୃତ୍ତ ହୋଇ କୁମାର ବିଷଣ୍ଣ ଚିତ୍ତରେ ଗୃହରେ ପ୍ରବେଶ କଲେ । ଦିବସ ଅତିବାହିତ ହେବା ପରେ, ସୌନ୍ଦର୍ଯ୍ୟରେ ଦେଦୀପ୍ୟମାନ କୁମାର ସ୍ୱର୍ଣ୍ଣୋଜ୍ଜ୍ୱଳ ଦୀପ୍ତ ଦୀପ ବିଶିଷ୍ଟ ପ୍ରାସାଦତଳସ୍ଥ ବାସଗୃହରେ ପ୍ରବେଶ କରି ଅତି ଉତ୍ତମ ଅଗୁରୁ-ଧୂପପୂର୍ଣ୍ଣ, ହୀରକ ଖଣ୍ଡ ଖଚିତ ଶ୍ରେଷ୍ଠ କାଞ୍ଚନାସନରେ ଉପବିଷ୍ଟ ହେଲେ । ଚନ୍ଦ୍ର ଭଳି ଶୁଭ୍ର ହିମାଳୟ ଶୃଙ୍ଗରେ ଅପ୍ସରାଗଣ ଯେପରି କୁବେର ପୁତ୍ରଙ୍କର ସେବା କରନ୍ତି, ରାତ୍ରିରେ ସେହିପରି ବାରାଙ୍ଗନାମାନେ ବାଦ୍ୟ ଆଦି ସହ ଇନ୍ଦ୍ରସମ ସେହି କୁମାରଙ୍କ ସେବା ପାଇଁ ଅପେକ୍ଷା କରି ରହିଲେ । କିନ୍ତୁ ସେହିସବୁ ବାଦ୍ୟ ଓ ସଙ୍ଗୀତ କୁମାରଙ୍କୁ ଆନନ୍ଦ ବା ସନ୍ତୋଷ ଦେଇ ପାରିଲା ନାହିଁ । କାରଣ କୁମାରଙ୍କ ମନରୁ ପରମାର୍ଥ ସୁଖର ସନ୍ଧାନରେ ଗୃହତ୍ୟାଗର ଇଚ୍ଛା ଉପଶମିତ ହୋଇ ନ ଥିଲା ।

ଦେବତାମାନେ କୁମାରଙ୍କ ଅଭିପ୍ରାୟ ଜାଣି ସେହି ପ୍ରମଦା ବାରାଙ୍ଗନାମାନଙ୍କୁ ନିଦ୍ରାଭିଭୂତ କରାଇଲେ ଓ ଅଙ୍ଗ-ବିକ୍ଷେପର ଚେଷ୍ଟାକୁ ବିକୃତ କରାଇଲେ । କେଉଁ ନାରୀ ନିଜ ହସ୍ତରୁ ବୀଣା ତ୍ୟାଗ କରି ଶୟନ କରିଲା ତ ଆଉ କେଉଁ ନାରୀ କର-ଲଗ୍ନ ବେଣୁ ଧରି ନିଦ୍ରିତା ହେଲା, କେହି ବା ବାହୁ ଦ୍ୱାରା ମୃଦଙ୍ଗକୁ ପ୍ରିୟତମ ପରି ଆଲିଙ୍ଗନ କରି ନିଦ୍ରା ଗଲା; ସ୍ତନଭାରରେ ଅବନତାଙ୍ଗୀ କେହି କେହି ଯେପରି ଭାବେ ଉପବିଷ୍ଟା ଥିଲେ ସେହି ଭାବରେହିଁ ନିଦ୍ରା ଗଲେ । କେହି ତରୁଣୀ ଧୀର ଓ ରୂପଗୁଣସମ୍ପନ୍ନା ହେଲେ ମଧ୍ୟ ଅବଶ ହୋଇ ଲଜ୍ଜାହୀନାଙ୍କ ପରି ନାସିକା ଗର୍ଜନ କରିବାକୁ ଲାଗିଲା । ପ୍ରସୁପ୍ତା, ସଂଜ୍ଞାହୀନା ଅନ୍ୟ ଏକ ରମଣୀ ମାଳାଭୂଷଣ ପରିତ୍ୟାଗ କରି, ବସନଗ୍ରନ୍ଥି ଶିଥିଳ କରି ନିଷ୍ପନ୍ଦ ନେତ୍ରରେ ମୃତା ପରି ଶୋଭାହୀନା ହେଲା । ପରିପୂର୍ଣ୍ଣ ଯୌବନା କେଉଁ ନାରୀର ମୁଖରୁ ଲାଳ ନିଃସୃତ ହୋଇଥିଲା ତ କାହାର ଶରୀର ନିଦ୍ରାରେ ବିକୃତ ଅଙ୍ଗଭଙ୍ଗୀ କରୁଥିଲା । ଚାରୁସର୍ବାଙ୍ଗୀ, ମଧୁରଭାଷିଣୀ ହେଲେ ମଧ୍ୟ ଅଶାନ୍ତ ଅଙ୍ଗବିକ୍ଷେପଯୁକ୍ତା, ବିକୃତଶୟନା ସେହି ଯୁବତୀଗଣଙ୍କୁ ଦେଖି ରାଜପୁତ୍ର ଘୃଣା ବୋଧ କଲେ ଓ ଭାବିଲେ, ''ପୁରୁଷ ଯଦି ନାରୀଗଣଙ୍କର ଏହିପରି ପ୍ରକୃତି ଓ ଏହିପରି ନିଦ୍ରାଜନିତ ବିକୃତିର ବିବେଚନା କରିବ, ତେବେ ନିଶ୍ଚୟ ତାହାର ଆଉ ଭୋଗାକାଂକ୍ଷା ବୃଦ୍ଧି ପାଇବ ନାହିଁ । ସ୍ତ୍ରୀଲୋକମାନଙ୍କ ଗୁଣ କଳ୍ପନାରେ ଅଭିଭୂତ ହୋଇ ହିଁ ପୁରୁଷ ଅନୁରକ୍ତ ହୁଏ ।''

ଏହାପରେ ରାତ୍ରିରେ ସୁଯୋଗ ଦେଖି କୁମାରଙ୍କର ଗୃହତ୍ୟାଗର ଆକାଙ୍କ୍ଷା ଉଦିତ ହେଲା । ଦେବଗଣ ତାଙ୍କର ମନୋଭାବ ଜ୍ଞାତ ହୋଇ ଭବନର ଦ୍ୱାର ଉଦ୍‌ଘାଟିତ କରି ଦେଲେ । ସେ ନିର୍ବିଶଙ୍କ ଚିତ୍ତରେ ବହିର୍ଗୃହକୁ ଆସିଲେ ଓ ଅଶ୍ୱାନୁଚର ଦ୍ରୁତଗାମୀ ଛନ୍ଦକକୁ ଜାଗରିତ କରି କହିଲେ, ''କନ୍ଥକ ନାମକ ଅଶ୍ୱକୁ ଦ୍ରୁତ ଆନୟନ କର । ଅମୃତ ପ୍ରାପ୍ତି ପାଇଁ ଏହି ସ୍ଥାନରୁ ମୋର ଗମନାଭିଳାଷ ଜାଗ୍ରତ୍ ହୋଇଛି ।

''ଆଜି ମୋ ହୃଦୟରେ ଯେଉଁ ସନ୍ତୋଷ ଉତ୍ପନ୍ନ ହୋଇଛି, ମୋର ସଂକଳ୍ପ ଯେପରି ଦୃଢ଼ ହୋଇଛି, ବିଜନରେ ବି ଆଜି ମୁଁ ନିଜକୁ ଯେପରି ସହାୟସଂପନ୍ନ ମନେ କରୁଛି ତହିଁରେ ନିଶ୍ଚୟ ହିଁ ଅଭୀଷ୍ଟ ବସ୍ତୁ ମୋର ସମ୍ମୁଖକୁ ଆସିଛି । ଲଜ୍ଜା ଓ ନମ୍ରତା ପରିତ୍ୟାଗ କରି ଯୁବତୀଗଣ ଯେଭଳି ଭାବେ ମୋ ସମ୍ମୁଖରେ ନିଦ୍ରିତା ହେଲେ, ଯେଭଳି କପାଟ ସ୍ୱୟଂ ଉନ୍ମୁକ୍ତ ହୋଇଗଲା ତହିଁରୁ ବୁଝୁଛି ମୋର ନିଷ୍କ୍ରମଣର ସମୟ ଉପସ୍ଥିତ ।''

ରାଜାଙ୍କ ଆଜ୍ଞା ଜାଣି ମଧ୍ୟ, ଯେପରି ଆଉ କାହା ଦ୍ୱାରା ପ୍ରବର୍ତ୍ତିତ ହୋଇ ସେହି ଅଶ୍ୱରକ୍ଷକ କୁମାରଙ୍କ ଆଜ୍ଞାପାଳନ କରି ଲଘୁଶଯ୍ୟାସ୍ତରଣରେ ଆବୃତପୃଷ୍ଠ; ବଳ, ତେଜ, ବେଗ ଓ କ୍ଷିପ୍ରତା ସମନ୍ୱିତ ସେହି ଅଶ୍ୱକୁ ପ୍ରଭୁଙ୍କ ନିକଟକୁ ଆନୟନ କଲା । ସେହି ଅଶ୍ୱର ପୃଷ୍ଠାସ୍ଥି, ନିତମ୍ବ ଓ ଜଙ୍ଘର ନିମ୍ନାଂଶ ଦୀର୍ଘ; ଲୋମ, ପୁଚ୍ଛ ଓ କର୍ଣ୍ଣ କ୍ଷୁଦ୍ର ଏବଂ ଶାନ୍ତ; ପୃଷ୍ଠ, କୁକ୍ଷି ଓ ପାର୍ଶ୍ୱ କେଉଁଠି ଉନ୍ନତ ଓ କେଉଁଠି ଅବନତ ଏବଂ ନାସିକାଗ୍ର, ଲଲାଟ, କଟି ଓ ବକ୍ଷ ପ୍ରଶସ୍ତ ଥିଲା । ବିଶାଳବକ୍ଷ କୁମାର ତାହାକୁ ଆଲିଙ୍ଗନ କରି ମଧୁର ବାକ୍ୟରେ କହିଲେ, ''ତୁମ ଉପରେ ଆରୋହଣ କରି ନରପତି ବହୁବାର ଶତ୍ରୁଗଣଙ୍କୁ ଯୁଦ୍ଧରେ ପରାଜିତ କରିଛନ୍ତି । ହେ ତୁରଗଶ୍ରେଷ୍ଠ, ଯେଉଁଥିରେ ମୁଁ ଅମୃତପଦ ଲାଭ କରିବି ତହିଁରେ ସହାୟକ ହୁଅ । ସଂଗ୍ରାମରେ, ଭୋଗସୁଖରେ ବା ଧନାର୍ଜନରେ ସହାୟତା ଅତି ସୁଲଭ । କିନ୍ତୁ ଧର୍ମସଂଶ୍ରୟରେ ବା ଆପଦରେ ପତିତ ପୁରୁଷର ସହାୟ ଅତ୍ୟନ୍ତ ଦୁର୍ଲଭ । ମୁଁ ଅନ୍ତରରେ ପ୍ରତ୍ୟକ୍ଷ ଅନୁଭବ କରିଛି ଯେଉଁମାନେ ଇହଲୋକରେ ପାପ କାର୍ଯ୍ୟରେ ସହାୟତା କରନ୍ତି ସେମାନେ ଯେପରି ସେହି ପାପର ଅଂଶ ଭୋଗ କରନ୍ତି, ଯେଉଁମାନେ ଧର୍ମସଂଶ୍ରୟରେ ସହାୟତା କରନ୍ତି ସେମାନେ ସେହି ପୁଣ୍ୟର ଅଂଶ ଭୋଗ କରନ୍ତି । ଏଠାରୁ ମୋର ଏହି ଧର୍ମଯୁକ୍ତ ନିଷ୍କ୍ରମଣ ଜଗତର ହିତ ପାଇଁ – ଏହା ଅବଗତ ହୋଇ ହେ ତୁରଗଶ୍ରେଷ୍ଠ, ନିଜର ଓ ଜଗତର ହିତ ପାଇଁ ବେଗ ଓ ବିକ୍ରମର ସହିତ ମୋତେ ନେଇ ପ୍ରସ୍ଥାନ କର ।''

ବନଗମନାକାଙ୍କ୍ଷୀ, ଅଗ୍ନି ପରି ଦ୍ୟୁତିମାନ୍, ଉନ୍ନତ ଦେହ ସେହି ନରୋତ୍ତମ, ଲୋକମାନେ ଯେପରି କର୍ତ୍ତବ୍ୟ କର୍ମରେ ସୁହୃଦ୍‌ଙ୍କୁ ଅନୁଶାସନ କରନ୍ତି, ସେହିଭଳି ସେହି ଶୁଭ୍ର ତୁରଗଶ୍ରେଷ୍ଠକୁ ଅନୁଶାସନ କରି, ସୂର୍ଯ୍ୟ ଯେପରି ଶାରଦ ଶୁଭ୍ର ମେଘମାଳାକୁ ଆରୋହଣ କରନ୍ତି ସେହିପରି କୁମାର ତାହା ଉପରେ ଆରୋହଣ କରିଲେ । ଏହାପରେ ସେହି ଅଶ୍ୱ ନିଶୀଥ କାଳରେ କୌଣସି ହ୍ରେଷାଧ୍ୱନି ନ କରି ନିଃଶବ୍ଦରେ ଭୟବିମୁକ୍ତ ପଦକ୍ଷେପରେ ଗମନ କରିବାକୁ ଲାଗିଲା । ନତଦେହ ଯକ୍ଷଗଣ ଯେପରି କମଳ ପ୍ରତିମ କରାଗ୍ରରେ, ସେହି ଅଶ୍ୱର ଚରଣତଳେ କମଳ ବର୍ଷଣ କରିବାକୁ ଲାଗିଲେ । କୁମାରଙ୍କ ଗମନ କାଳରେ ପୁରଦ୍ୱାରସବୁ ନିଃଶବ୍ଦରେ ଉନ୍ମୁକ୍ତ ହୋଇଗଲା ।

ଏହାପରେ ବିକଚ ପଦ୍ମ ପରି ବିଶାଳାକ୍ଷ କୁମାର ସେହି ନଗର ଅବଲୋକନ କରି ସିଂହନାଦ କରି ଉଠିଲେ, ''ଜନ୍ମ-ମୃତ୍ୟୁର ପରପାର ନ ଦେଖି ମୁଁ ଆଉ ଏହି କପିଳ ନାମଧାରୀ ନଗରରେ ପ୍ରବେଶ କରିବି ନାହିଁ ।'' ତାହାଙ୍କର ଏହି ବାକ୍ୟ ଶ୍ରବଣ କରି ଧନପତି କୁବେରଙ୍କ ପାରିଷଦବର୍ଗ ଆନନ୍ଦ କରିବାକୁ ଲାଗିଲେ ଏବଂ ପ୍ରମୁଦିତମନା ଦେବଗଣ ସେମାନଙ୍କର ଅଭୀଷ୍ଟ ସିଦ୍ଧିର କାମନା କରିଲେ ।

ବହ୍ନିସମ ଦୀପ୍ତ ଦେହଧାରୀ ଅନ୍ୟ ଦେବତାମାନେ ତାଙ୍କର ଅଭିପ୍ରାୟ ଅତିଶୟ ଦୁଷ୍କର ଜାଣି ସେହି ହିମାବୃତ ପଥରେ, ମେଘ ଭିତରୁ ନିଃସୃତ ଚନ୍ଦ୍ର କିରଣ ସମ ଆଲୋକ-ରାଶି ପ୍ରକଟିତ କରିଲେ । ଇନ୍ଦ୍ରଙ୍କର ଉଚ୍ଚୈଃଶ୍ରବା ସଦୃଶ ସେହି ଅଶ୍ୱ ଯେପରି ଚିତ୍ତରେ ଅନୁପ୍ରେରଣା ଲାଭ କରି ଧାବିତ ହେଲା । ଅନ୍ତରୀକ୍ଷରେ ଯେତେବେଳେ ଅରୁଣରାଗ ପ୍ରକାଶ ପାଇଲା ଏବଂ ତାରକାଗଣ ସେହି ଅରୁଣରାଗରେ ରଞ୍ଜିତ ହୋଇ ଉଠିଲେ, ସେତେବେଳକୁ କୁମାର ବହୁ ଯୋଜନ ପଥ ଅତିକ୍ରମ କରି ସାରିଥିଲେ ।

(କ୍ରମଶଃ)

The path is long, but self-surrender makes it short; the way is difficult, but perfect trust makes it easy.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

অন্তরাল জগত্ :

# ସ୍ୱପ୍ନର ବିବିଧ ସ୍ତର

## ଶ୍ରୀମା

*ପ୍ରଶ୍ନ : ଆମେ ଆମ ସ୍ୱପ୍ନଗୁଡ଼ିକ ଭୁଲିଯାଉ କାହିଁକି ?*

**ଶ୍ରୀମା** : କାରଣ ତୁମେ ସେହି ଏକା ସ୍ଥାନରେ ସ୍ୱପ୍ନଗୁଡ଼ିକ ଦେଖ ନାହିଁ । ତୁମ ସତ୍ତାର ସେହି ଗୋଟିଏ ଅଂଶ ସବୁ ସମୟରେ ସ୍ୱପ୍ନ ଦେଖେ ନାହିଁ, କିଂବା ସେହି ଗୋଟିଏ ସ୍ଥାନରେ ତୁମର ସ୍ୱପ୍ନଗୁଡ଼ିକ ଆସେ ନାହିଁ । ଯଦି ତୁମେ ତୁମର ସବୁଗୁଡ଼ିକ ସତ୍ତା ସହ ପୂରା ସଚେତ, ପ୍ରତ୍ୟକ୍ଷ ଓ ନିରବଚ୍ଛିନ୍ନ ସଂପର୍କ ରଖି ଥାଆନ୍ତ, ତେବେ ସବୁଗୁଡ଼ିକ ସ୍ୱପ୍ନ ତୁମର ମନେ ରୁହନ୍ତା । କିନ୍ତୁ ସତ୍ତାର ଖୁବ୍ କମ୍ ଅଂଶ ସହ ତୁମର ଏହିପରି ଯୋଗାଯୋଗ ଥାଏ ।

ଉଦାହରଣସ୍ୱରୂପ, ସୂକ୍ଷ୍ମ-ଦୈହିକ ଅଂଶରେ ଯାହାକି ଦେହର ଖୁବ୍ ନିକଟବର୍ତ୍ତୀ, ତୁମେ ଏକ ସ୍ୱପ୍ନ ଦେଖିଲ । ସାଧାରଣତଃ ଏହି ଧରଣର ସ୍ୱପ୍ନଗୁଡ଼ିକ ନିଦ ସରି ଆସିବା ବେଳକୁ ଭୋର୍ ବେଳାରେ ହିଁ ଅର୍ଥାତ୍ ସକାଳ ଘ ୪.୩୦ ରୁ ୫ ଟା ଭିତରେ ଆସିଥାଏ । ତୁମେ ଯେତେବେଳେ ନିଦରୁ ଉଠ, ଯଦି ହଠାତ୍ ସବେଗରେ ଉଠି ନ ପଡ଼ି, ଖୁବ୍ ଚୁପ୍‌ଚାପ୍, ଖୁବ୍ ଧୀରସ୍ଥିର ଭାବରେ ଟିକେ ମନୋଯୋଗ – ନୀରବ ମନୋଯୋଗ ଓ ଏକାଗ୍ରତା ଦେଇ ସେହି ସ୍ୱପ୍ନଗୁଡ଼ିକୁ ମନେ ପକାଅ, ତା'ହେଲେ ସେଗୁଡ଼ିକ ମନେ ପଡ଼ିଯିବ, କାରଣ ସୂକ୍ଷ୍ମ-ଦୈହିକ ଓ ଦୈହିକ ଚେତନା ଭିତରେ ଏକ ଯୋଗାଯୋଗ ପ୍ରତିଷ୍ଠିତ ହୋଇଥାଏ – ଖୁବ୍ କମ୍ କ୍ଷେତ୍ରରେ ହିଁ ଏପରି ଯୋଗାଯୋଗ ନ ଥାଏ ।

ସ୍ୱପ୍ନଗୁଡ଼ିକ ଅଧିକାଂଶ ଭାବରେ ଭୁଲି ହୋଇଯାଏ କାରଣ ଗୋଟିଏ ଅବସ୍ଥାରେ ଥିବା ସମୟରେ ତୁମେ ସ୍ୱପ୍ନଟି ଦେଖିଥାଅ ଏବଂ ତା'ପରେ ତୁମେ ଅନ୍ୟ ଏକ ଅବସ୍ଥାକୁ ଚାଲି ଯାଇଥାଅ । ଉଦାହରଣସ୍ୱରୂପ ତୁମେ ଯେତେବେଳେ ନିଦ୍ରା ଯାଇ ଥାଅ, ତୁମର ଶରୀର ସେତେବେଳେ ନିଦ୍ରିତ, ତୁମର ପ୍ରାଣ ନିଦ୍ରିତ କିନ୍ତୁ ତୁମର ମନ ତଥାପି ସକ୍ରିୟ ଥାଏ । ତେଣୁ ତୁମର ମନ ସ୍ୱପ୍ନ ଦେଖିବାକୁ ଆରମ୍ଭ କରେ, ଅର୍ଥାତ୍ ଏହାର କ୍ରିୟା ଉଣା ଅଧିକେ ଠିକ୍ ଭାବରେ ପାରସ୍ପରିକ ସମ୍ବନ୍ଧକୁ ବଜାୟ ରଖିଥାଏ; କଳ୍ପନାର ଶକ୍ତି ଖୁବ୍ ସକ୍ରିୟ ହୋଇଉଠେ ଓ ତୁମେ ସବୁ ପ୍ରକାରର ସ୍ୱପ୍ନ ଦେଖ ଏବଂ ଅସାଧାରଣ ଘଟଣାମାନଙ୍କରେ ଭାଗ ନେଉଥିବା ଆଦି ଦେଖ ... କିଛି ସମୟ ପରେ ତାହା ସବୁ ଚୁପ୍ ହୋଇଯାଏ ଏବଂ ମନ ମଧ୍ୟ ଢୁଳାଇବାକୁ ଆରମ୍ଭ କରେ । ସେତେବେଳ ଯାଏ ଶୋଇ ବିଶ୍ରାମ ନେଉଥିବା ପ୍ରାଣ ଉଠିପଡ଼େ, ଏହା ଶରୀରରୁ ବାହାରି ଆସେ, ଚଲାବୁଲା କରିବାକୁ ଆରମ୍ଭ କରେ, ଏଆଡ଼େ ସେଆଡ଼େ ଯାଏ, ନାନା କାମରେ ଭାଗ ନିଏ, ନାନା ପ୍ରତିକ୍ରିୟା ଦେଖାଏ, ସମୟ ସମୟରେ ଲଢ଼ାଇରେ ଓ ଶେଷରେ ଭୋଜନରେ ବ୍ୟାପୃତ ହୁଏ । ଏହା ସବୁ ପ୍ରକାରର କାର୍ଯ୍ୟ କରେ । ପ୍ରାଣ ଖୁବ୍ ଦୁଃସାହସିକ ଅଭିଯାନରେ ଭାଗ ନିଏ । ଏହା ସବୁ ନିରୀକ୍ଷଣ କରେ । ଯେତେବେଳେ ବୀରତ୍ୱର ଭାବ ଆସେ, ସେତେବେଳେ ଏହା ବନ୍ଦୀମାନଙ୍କୁ କାରାଗାରରୁ ଉଦ୍ଧାର କରିବାକୁ ବା ଶତ୍ରୁମାନଙ୍କୁ ଧ୍ୱଂସ କରିବାକୁ ଉତ୍ସାହର ସହ ମାଡ଼ିଯାଏ ବା ନାନା ଆଶ୍ଚର୍ଯ୍ୟଜନକ ଆବିଷ୍କାରମାନ କରେ । କିନ୍ତୁ ଏହି ପ୍ରାଣିକ ସ୍ୱପ୍ନସବୁ ମନଜଗତର ସ୍ୱପ୍ନସବୁକୁ ଖୁବ୍ ଦୂରସ୍ଥ ପଛକୁ ଠେଲି ନେଇଥାଏ । ସେତେବେଳେ ସେହି ମନର ସ୍ୱପ୍ନସବୁ କୁଆଡ଼େ ଯେପରି ଚୋରି ହୋଇଯାଏ, ଭୁଲି ହୋଇଯାଏ, ଏହା ସ୍ୱାଭାବିକ ଯେ ତୁମେ ସେଗୁଡ଼ିକୁ ମନେ ରଖିପାର ନାହିଁ, କାରଣ ପ୍ରାଣିକ ସ୍ୱପ୍ନଗୁଡ଼ିକ ସେହି ମାନସିକ ସ୍ୱପ୍ନର ସ୍ଥାନ ନେଇଛି । କିନ୍ତୁ ସେହି ସମୟରେ ଯଦି ତୁମେ ହଠାତ୍ ଉଠିପଡ଼, ସେଗୁଡ଼ିକ ତୁମର ମନେ ରହିବ । କେତେକ ବ୍ୟକ୍ତି ଏ ସଂପର୍କରେ ପରୀକ୍ଷା ଚଳାଇ ଥିଲେ, ସେମାନେ ରାତ୍ରିର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଉଠିପଡୁଥିଲେ ଏବଂ ହଠାତ୍ ନିଦ ଭାଙ୍ଗିଗଲେ ସ୍ୱପ୍ନଗୁଡ଼ିକ ମନେ ରହିଯାଉଥିଲା । ତୁମେ ସେତେବେଳେ ବେଶୀ ହଲଚଲ ହୋଇ ଉଠିପଡ଼ିବ ନାହିଁ, ସ୍ୱାଭାବିକ ଭାବରେ ନିଦ ଭାଙ୍ଗି ସ୍ୱପ୍ନଗୁଡ଼ିକୁ ମନେ ପକାଇବ, ତା'ହେଲେ ସେଗୁଡ଼ିକ ମନେ ପଡ଼ିବ ।

କିଛି ସମୟ ପରେ ପ୍ରାଣ ବେଶ୍ କିଛି ଚଲାବୁଲା ବା ଦଉଡ଼ାଦଉଡ଼ି କରିବା ପରେ ନିଜ ପାଇଁ ବିଶ୍ରାମ ଖୋଜେ, ତେଣୁ ତାହା ଏକ ପ୍ରକାର ଚୁପ୍‌ଚାପ୍ ବିଶ୍ରାନ୍ତି ଭିତରକୁ ଫେରିଯାଏ, ସ୍ୱପ୍ନରେ ଏତେସବୁ ଦୁଃସାହସିକ ଅଭିଯାନ ପରେ

ତାହା ବେଶ୍ କ୍ଳାନ୍ତ ହୋଇ ପଡ଼ିଥାଏ । ସେତେବେଳେ ଆଉ କିଛି ଉଠିପଡ଼େ । ଧରିନିଆଯାଉ ସେତେବେଳେ ସୂକ୍ଷ୍ମ ଦେହ ଉଠି ଚଲାବୁଲା କରିବାକୁ ଆରମ୍ଭ କରେ । ଏହାର ଭ୍ରମଣ ଆରମ୍ଭ ହୁଏ ଓ ବୁଲାବୁଲି କରି ପ୍ରକୋଷ୍ଠଗୁଡ଼ିକୁ ଦେଖେ ଏବଂ ... ଆରେ ଏ ଜିନିଷଟା ତ ସେଠି ଥିଲା, ପୁଣି ଏଠାକୁ କିପରି ଆସିଲା ? ଏବଂ ସେ ଜିନିଷଟି ତ ସେ ଘରେ ଥିଲା ବର୍ତ୍ତମାନ ଏ ଘରେ ରହିଛି; ଏହିପରି ସବୁ ଦେଖିଚାଲେ । ଯଦି ହଲଚଲ ନ ହୋଇ ତୁମର ନିଦ ଭାଙ୍ଗିଯାଏ ତୁମେ ଏଗୁଡ଼ିକ ମନେରଖ । କିନ୍ତୁ ଏହା ପ୍ରାଣଜଗତର କାହାଣୀଗୁଡ଼ିକୁ ଚେତନାର ପୂରା ପଛକୁ ଠେଲି ଦେଇଛି । ସେଗୁଡ଼ିକୁ ତୁମେ ଭୁଲି ଯାଇଛ ଏବଂ ସେଗୁଡ଼ିକୁ ଆଉ ମନେ ପକାଇ ପାର ନାହିଁ । କିନ୍ତୁ ନିଦ ଭାଙ୍ଗି ଯିବା ପରେ ତୁମେ ଯଦି ତରତର ହୋଇ ଶେଯ ଛାଡ଼ି ଉଠି ନ ପଡ଼, ଅନ୍ୟ ପକ୍ଷରେ ଯେତେ ଇଚ୍ଛା ସେତେ ସମୟ ବିଛଣାରେ ପଡ଼ିରୁହ, ଏପରିକି ତୁମକୁ ଆଖି ଖୋଲିବାକୁ ହୁଏ ନାହିଁ, ତୁମ ମଥାଟି ଯେଉଁଠି ଥିଲା ସେଇଠି ରଖି ଆଖିବୁଜି ରୁହ; ତୁମେ ନିଜକୁ ଏକ ସ୍ୱଚ୍ଛ ଦର୍ପଣ ପରି କରି ସେଇଠାରେ ଏକାଗ୍ର ରୁହ । ତୁମ ସ୍ୱପ୍ନର ଶେଷ ଖିଅଟିକୁ ଧରିନିଅ ଆଦୌ ହଲଚଲ ନ ହୋଇ । ଏହି ଶେଷ ଖିଅଟିକୁ ଧରିନେଇ ଧୀରେ ଧୀରେ ପୂରା ସ୍ୱପ୍ନଟିକୁ ଟାଣି ମନେ ପକାଅ, ପ୍ରଥମେ ତାହାର ଗୋଟିଏ ଅଂଶ ମନକୁ ଆସିଯିବ, ଟିକେ ପରେ ଅନ୍ୟ ଅଂଶଟି ଆସିବ । ତୁମେ ତା' ପଛକୁ, ତା' ପଛକୁ ଯାଇ ମନେ ପକାଅ, ଶେଷ ଅଂଶଟି ପ୍ରଥମେ ମନକୁ ଆସିବ । ସବୁ କିଛି ଧୀରେ ଧୀରେ ଗୋଟିକ ପରେ ଗୋଟିଏ ପଛକୁ ପଛକୁ ଯାଇ ମନେ ପଡ଼େ, ଶେଷରେ ହଠାତ୍ ପୂରା ସ୍ୱପ୍ନଟା ମନେ ପଡ଼ିଯିବ । ତୁମେ କୁହ ''ଆଃ, ଏଇଟାହିଁ ସ୍ୱପ୍ନ । ସର୍ବୋପରି ଧଡ଼୍ କରି ଉଠି ପଡ଼ ନାହିଁ, ହଲଚଲ ହୁଅ ନାହିଁ, ସ୍ୱପ୍ନଟିକୁ କେଇବାର ମନେ ପକାଅ, ଥରେ, ଦୁଇଥର, ତିନିଥର, ଯେପର୍ଯ୍ୟନ୍ତ ପୂରା ସ୍ୱପ୍ନଟି ଟିକିନିଖି ଭାବରେ ତୁମ ମନକୁ ନ ଆସିଛି । ଥରେ ସେ ସ୍ୱପ୍ନଟି ସ୍ଥିର ହୋଇ ରହିଯିବା ପରେ, ତୁମେ ହଲଚଲ ନ ହୋଇ ଆହୁରି ଭିତରକୁ ଯିବାକୁ ଚେଷ୍ଟା କର, ହଠାତ୍ ଦେଖିବ ଆଉ ଏକ ସ୍ୱପ୍ନର ଶେଷ ଖିଅଟିକୁ ଧରି ପାରିଛ । ଏହା ଅଧିକ ଦୂରସ୍ଥ, ଅଧିକ ଅସ୍ୱଷ୍ଟ, କିନ୍ତୁ ତଥାପି ତୁମେ କିଛିଟା ଖିଅ ଧରିପାରିଛ । ଏଠାରେ ମଧ୍ୟ ତୁମେ ପୂର୍ବ ପରି ତୁମ କାମ କରିଚାଲ, ଖିଅଟିକୁ ଧରି ତାହାକୁ ଟାଣ, ଦେଖିବ ସବୁକିଛି ବଦଳି ଯାଇ ତୁମେ ଆଉ ଏକ ଜଗତରେ ପ୍ରବେଶ କରିଛ; ହଠାତ୍ ତୁମର ଏକ ଅସାଧାରଣ ଅଭିଯାନ ଆରମ୍ଭ ହୋଇଛି, ଏହା ଆଉ ଏକ ସ୍ୱପ୍ନ । ତୁମକୁ ସେହି ସମାନ ପ୍ରକାରର ପ୍ରକ୍ରିୟା ଅନୁସରଣ କରିବାକୁ ହେବ । ସ୍ୱପ୍ନଟିକୁ ନିଜ ପାଖରେ ଥରେ ଦୁଇଥର ପୁନରାବୃତ୍ତି କରିଚାଲ ଯେପର୍ଯ୍ୟନ୍ତ ସ୍ୱପ୍ନଟିକୁ ପୂରା ମନେ ରଖିବା ସଂପର୍କରେ ନିଶ୍ଚିତ ନ ହୋଇଛ । ସବୁତକ ସମୟ ତୁମକୁ ପୂରା ଚୁପ୍‌ଚାପ୍, ନୀରବ, ନିଶ୍ଚଳ ହୋଇ ରହିବାକୁ ହେବ । ତା'ପରେ ତୁମ ନିଜର ଆହୁରି ଅଧିକ ଗଭୀରକୁ ଭେଦ କରିବା ପାଇଁ ଆରମ୍ଭ କରିବ, ଯେପରିକି ତୁମେ ବହୁ ଦୂରକୁ, ବହୁ ବହୁ ଦୂରକୁ ଚାଲି ଯାଉଛ, ତା'ପରେ ହଠାତ୍ ତୁମେ ଦେଖିବାକୁ ପାଇବ ଏକ ଅସ୍ୱଷ୍ଟ ଚିତ୍ର, ତୁମର ଏକ ପ୍ରକାର ଅନୁଭୂତି ଓ ସଂବେଦନ ଆସିବ, ଏକ ପବନ ବହୁଥିବା ପରି ଲାଗିବ, ଏକ ଝିରିଝିରି ପବନ, ଏକ ମୃଦୁ ନିଃଶ୍ୱାସଟିଏ ପରି ଲାଗିବ, ଏବଂ ତୁମେ କହିବ, ''ଆଚ୍ଛା, ଆଚ୍ଛା ...'' । ସେତେବେଳେ ଏହା ରୂପ ବା ଆକୃତି ଗ୍ରହଣ କରିବ, ଏହା ସ୍ୱଷ୍ଟ ହୋଇ ଉଠିବ, ସେତେବେଳେ ଏହି ତୃତୀୟ ଧରଣର ସ୍ୱପ୍ନ ଆସିଥାଏ । ତୁମ ହାତରେ ବହୁତ ସମୟ ରହିଥିବା ଦରକାର, ଖୁବ୍ ଧୈର୍ଯ୍ୟ ରହିଥିବା ଦରକାର, ଶରୀର ଓ ମନ ଖୁବ୍ ନୀରବ ନିଶ୍ଚଳ ହୋଇ ରହିବା ଦରକାର, ଅତ୍ୟନ୍ତ ଚୁପ୍‌ଚାପ୍, ତା'ହେଲେ ତୁମେ ତୁମ ସାରା ରାତ୍ରିଟିର ସ୍ୱପ୍ନର କାହାଣୀଗୁଡ଼ିକୁ ଶେଷରୁ ଆରମ୍ଭ ପର୍ଯ୍ୟନ୍ତ ପୂରା କହିଦେଇ ପାରିବ ।

ଏପରିକି ଏହି ଧରଣର ଅଭ୍ୟାସର କ୍ରିୟା ଯାହାକି ଖୁବ୍ ସମୟସାପେକ୍ଷ ଓ କଷ୍ଟସାଧ୍ୟ, ତାହା ନକରି ମଧ୍ୟ; ଗୋଟିଏ ସ୍ୱପ୍ନକୁ ମନେ ପକାଇବାକୁ ହେଲେ, ତାହା ସ୍ୱପ୍ନର ଶେଷଭାଗଟି ହେଉ ବା ମଧ୍ୟଭାଗଟି ହେଉ, ଯାହା ତୁମ ସତ୍ତା ଉପରେ ଖୁବ୍ ତୀବ୍ର ବା ଉଗ୍ର ଛାପ ପକାଇଥିବ, ମୁଁ ଯାହା କହିଲି ନିଦ ଭାଙ୍ଗିବା ପରେ ତୁମକୁ ତାହା କରିବାକୁ ହେବ । ଏପରିକି ତକିଆ ଉପରେ ତୁମର ମଥାକୁ ମଧ୍ୟ ହଲଚଲ କରିବ ନାହିଁ, ପୂରାପୂରି ନିଶ୍ଚଳ ରହିବ ଏବଂ ସ୍ୱପ୍ନଟିକୁ ପୂରା ତୁମ ମନ ଭିତରକୁ ଫେରି ଆସିବା ପାଇଁ ଛାଡ଼ିଦେବ ।

କେତେକ ଲୋକଙ୍କର ଗୋଟିଏ ଅବସ୍ଥା ଅନ୍ୟ ଗୋଟିଏ ଅବସ୍ଥା ଭିତରେ କୌଣସି ଧାରାବାହିକ ପ୍ରବେଶ ପଥ ନ ଥାଏ, ମଝିରେ ସାମାନ୍ୟ ବ୍ୟବଧାନ ଥାଏ, ତେଣୁ ସେମାନେ ଗୋଟିକରୁ ଅନ୍ୟ ଅବସ୍ଥାଟିକୁ ଏକ ପ୍ରକାର ଲମ୍ଫ ପ୍ରଦାନ କରିଥାଆନ୍ତି । ଚେତନାର କୌଣସି ବ୍ୟବଧାନ ନ ଥାଇ ସତ୍ତାର

ସମସ୍ତ ଅବସ୍ଥା ଭିତରେ କୌଣସି ଧାରାବାହିକ ରାଜପଥ ନାହିଁ । ମଝିରେ କେଉଁଠି ଛୋଟ ଅନ୍ଧକାରମୟ ଗର୍ତ୍ତଟିଏ ଥିବ ତ ତୁମେ ସ୍ୱପ୍ନଟିକୁ ମନେ ପକାଇବାକୁ ଅକ୍ଷମ ହେବ । ଏହା ଗୋଟାଏ ପ୍ରକାରର ତୀଖ ଗିରିପାର୍ଶ୍ୱ ପରି, ଯାହାକୁ ପାର କରାଇ ତୁମ ଚେତନାକୁ ବିସ୍ତାରିତ କରିବାକୁ ହେବ । ଚେତନାର ଏକ ସେତୁ ନିର୍ମାଣ କରିବା ପାଇଁ ଦୀର୍ଘ ସମୟ ଲାଗିଯାଏ, ଏକ ସ୍ଥୂଳ ସେତୁ ନିର୍ମାଣ ପାଇଁ ଲାଗୁଥିବା ସମୟଠାରୁ ଅନେକ ବେଶୀ, ... । ଖୁବ୍ କମ୍ ଲୋକ ଏହା କରିବାକୁ ଚାହାନ୍ତି ବା କିପରି କରିବାକୁ ହୁଏ ତାହା ଜାଣନ୍ତି । ସେମାନଙ୍କର ସ୍ୱପ୍ନରେ ଖୁବ୍ ଚମତ୍କାର କ୍ରିୟାକଳାପ ହୋଇ ପାରୁଥାଏ, କିନ୍ତୁ ସେମାନେ ସେଗୁଡ଼ିକୁ ମନେ ରଖି ପାରନ୍ତି ନାହିଁ ବା କେବେ କେବେ କେବଳ ନିକଟବର୍ତ୍ତୀ ଶେଷ ଅଂଶଟିକୁ, ସବୁଠୁ ଦୈହିକ କ୍ରିୟାକଳାପଗୁଡ଼ିକୁ ନିତାନ୍ତ ଅସଜଡ଼ା ଭାବରେ ମନେ ପକାନ୍ତି – ସେଗୁଡ଼ିକ ଅର୍ଥହୀନ ସ୍ୱପ୍ନ ହୋଇଉଠେ ।

କିନ୍ତୁ ଯେମିତି ଭିନ୍ନ ଭିନ୍ନ କ୍ରିୟାକଳାପରେ ଭରା ବହୁ ପ୍ରକାରର ଦିନ ସବୁ ରହିଛି, ସେହିପରି ବହୁ ଧରଣର ନିଦ୍ରା ଓ ରାତ୍ରିମାନ ମଧ୍ୟ ରହିଛନ୍ତି । ସମାନ ଧରଣର ଦିବସର ସଂଖ୍ୟା ଖୁବ୍ କମ୍, ପ୍ରତ୍ୟେକଟି ଦିବସ ଅନ୍ୟ ଦିବସଠାରୁ ଭିନ୍ନ । ଦିବସଗୁଡ଼ିକ ଯେପରି ସମାନ ନୁହନ୍ତି, ସେହିପରି ରାତ୍ରିଗୁଡ଼ିକ ମଧ୍ୟ ସମାନ ନୁହନ୍ତି । ତୁମେ ଓ ତୁମର ବନ୍ଧୁମାନେ ଆପାତତଃ ସମାନ ଧରଣର କାମ କଲେ ମଧ୍ୟ ତୁମ ପ୍ରତ୍ୟେକଙ୍କ ପାଇଁ ଏହା ଖୁବ୍ ଭିନ୍ନ ଭିନ୍ନ । ଏବଂ ପ୍ରତ୍ୟେକଙ୍କୁ ତା' ନିଜର ପଦ୍ଧତି ଓ ପ୍ରକ୍ରିୟା ଠିକ୍ କରିବାକୁ ହେବ ।

(CWM. Vol. 5, pp. 36 - 39)

Our constant prayer is to understand the Divine's will and to live accordingly.

(CWM Vol. 14, p. 110) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ସଂପାଦକୀୟ ....

ଭାରତ ବୋଲି ଆମେ କୌଣସି ନୂଆ ଦେଶ ବା ନୂଆ ଜାତି ଗଠନ କରିବାକୁ ଯାଉ ନାହୁଁ । ଆମେରିକା ଭଳି ଆମ ଜାତୀୟ ଜୀବନର ଇତିହାସ ମାତ୍ର ଅଳ୍ପ କେଇ ଶହ ବର୍ଷର ଇତିହାସ ନୁହେଁ । ସହସ୍ର ସହସ୍ର ବର୍ଷର ବିପୁଳ ଐତିହ୍ୟ ଓ ଗୌରବମୟ ପରମ୍ପରା ଉପରେ ଆମ ଜାତୀୟ ଜୀବନ, ଆମର ସଭ୍ୟତା ଓ ସଂସ୍କୃତି ଗଢ଼ି ଉଠିଛି । ଆମର ଜାତୀୟ ଚେତନା ଓ ଜାତୀୟ ଜୀବନର ମହାସ୍ରୋତରେ କେତେ କେତେ ବିଭିନ୍ନ ଧର୍ମ, ବିଭିନ୍ନ ସଭ୍ୟତା, ବିଭିନ୍ନ ଭାଷା, ଜାତି ଓ ସଂସ୍କୃତିର କେତେ ବିଭିନ୍ନ ଧାରାସବୁ ଆସି ଏକାଠି ମିଳିତ ହୋଇ ଏକ ମହାଭାରତୀୟ ଭାବକୁ ରୂପ ଦେଇଛନ୍ତି, ଏକ ମହାଜାତିର ଜୀବନକୁ ଗଠନ କରିଛନ୍ତି । ସେଇ ବିପୁଳ ବୈଚିତ୍ର୍ୟ ଭିତରେ ସେଇ ମିଳନର ଅପୂର୍ବ ସୂତ୍ରଟିକୁ ଧରି ପାରିଲେ ହିଁ ଆମେ ଆମର ଜାତୀୟ ସଂହତିର ସତ୍ୟଟିକୁ ଧରି ପାରିବା । କବିଙ୍କ ଭାଷାରେ :

''ନାନା ଭାଷା, ନାନା ବେଶ, ନାନା ପରିଧାନ,
ବିବିଧେର ମାଝେ ଦେଖ ମିଳନ ମହାନ୍ ।''

ସେହି ମିଳନ ମହାନ୍ ବା ଜାତୀୟ ସଂହତିର ସତ୍ୟକୁ ଭୌଗୋଳିକ ମାନଚିତ୍ରର ରେଖା ଦ୍ୱାରା ବା ଆଲୋଚନା ଟେବୁଲର ବୈଠକରେ ବ୍ୟବହୃତ ରାଜନୀତିର ଛଳ-ଚାତୁରୀ ଭାଷା ଦ୍ୱାରା ବା ସାମରିକ ଶକ୍ତିର ଭୟ ପ୍ରଦର୍ଶନ ଦ୍ୱାରା ଧରି ପାରିବା ସମ୍ଭବପର ନୁହେଁ । କୌଣସି ଚାପ ପ୍ରୟୋଗ ଦ୍ୱାରା ଦେଶବାସୀଙ୍କ ଚେତନାକୁ ଜାତୀୟ ସଂହତିର ସତ୍ୟରେ ଉଦ୍‌ବୁଦ୍ଧ କରାଯାଇ ପାରିବ ନାହିଁ । ଆମ ଦେଶବାସୀଙ୍କ ଭିତରେ, ସେମାନଙ୍କ ମନ ଓ ହୃଦୟରେ ପରସ୍ପର ପ୍ରତି ଆତ୍ମୀୟତାର ଯେଉଁ ନିବିଡ଼ ଓ ଅଚ୍ଛେଦ୍ୟ ବନ୍ଧନ ରହିଛି, ତାହାକୁ ହିଁ ସୁଦୃଢ଼ କରିବା ହେଉଛି ଏକମାତ୍ର ପଥ ।

ଆଜି ଗୋଟିଏ ଭାଷାଭାଷୀ ବା ଗୋଟିଏ ପ୍ରଦେଶର ଲୋକ ଭିନ୍ନ ଭାଷାଭାଷୀ ଏକ ଅଞ୍ଚଳକୁ ଯିବାବେଳେ ହୁଏତ ତା' ମନରେ ଆପଣାଛାଏଁ ନାନା ଶଙ୍କା ଓ ଉଦ୍‌ବେଗ ଆସି ଯାଉଛି । କିନ୍ତୁ ଆମ ଇତିହାସ କୁହେ ଯେ ଆଜିକୁ ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ମଗଧର ପାଟଳୀପୁତ୍ରଠାରୁ (ଆଜିର ବିହାରର ପାଟ୍‌ନାଠାରୁ) ସମ୍ରାଟ ଚନ୍ଦ୍ରଗୁପ୍ତ ପାଦରେ ଚାଲି ଚାଲି ମହୀଶୂରର ବିଖ୍ୟାତ ଶ୍ରାବଣବେଳ୍ ଗୋଲା ପରିଦର୍ଶନ କରିବାକୁ ଯାଇଥିଲେ । ତାଙ୍କୁ ତ ପଥରେ ବାଧା ଦେବାକୁ କେହି ଆସି ନଥିଲେ ! ଭିନ୍ନ ଭାଷାଭାଷୀ ପୃଥକ୍ ଅଞ୍ଚଳର ଲୋକମାନଙ୍କ ହାତରେ ତାଙ୍କ ନିରାପତ୍ତା ବିପନ୍ନ ବୋଲି ତ ସେ ଅନୁଭବ କରି ନଥିଲେ । କିଂବା ଯେତେବେଳେ ଶଙ୍କରାଚାର୍ଯ୍ୟ ଦାକ୍ଷିଣାତ୍ୟର କେରଳରୁ ବାହାରି ପଦବ୍ରଜରେ ସାରା ଭାରତ ପରିଭ୍ରମଣ କରିଥିଲେ ଆଧ୍ୟାତ୍ମିକ ଦିଗ୍‌ବିଜୟ କରି, ଭାରତର ପୂର୍ବାଞ୍ଚଳ ବା ଉତ୍ତରାଞ୍ଚଳ ବା ପଶ୍ଚିମାଞ୍ଚଳରୁ ତାଙ୍କ ଯାତ୍ରା ପାଇଁ କୌଣସି ବାଧା ତ ସୃଷ୍ଟି ହୋଇ ନଥିଲା । ସାରା ଭାରତ ତାଙ୍କୁ ଆପଣାର ବୋଲି ଗ୍ରହଣ କରିଥିଲା ଓ ତାଙ୍କ ଚେତନାରେ ଯେପରି ଏକ ଓ ଅଖଣ୍ଡ ଭାରତର ମାନଚିତ୍ର ପରିସ୍ଫୁଟ କରି ସେ ସ୍ଥାପନା କରିଗଲେ ଉତ୍ତରର ହିମାଳୟରେ ଯୋଶୀମଠ, ପୂର୍ବର ବଙ୍ଗୋପସାଗର କୂଳରେ ଜ୍ୟୋତିଃ ମଠ, ଦକ୍ଷିଣରେ ଶୃଙ୍ଗେରୀ ମଠ ଓ ଆରବ ସାଗର କୂଳରେ ଶାରଦା ମଠ ।

ଆମ ଦେଶର ଯୋଗୀ, ଋଷି, ମହାପୁରୁଷ, କବି, ପଣ୍ଡିତମାନଙ୍କୁ ତ କେହି ଅମୁକ ପ୍ରଦେଶର ବୋଲି ଚିହ୍ନିତ କରି ପ୍ରାଦେଶିକ ଅହଂଭାବର ବଡ଼ାଇ କରୁ ନଥିଲେ । ଶ୍ରୀରାମଚନ୍ଦ୍ର, ଶ୍ରୀକୃଷ୍ଣ ବା ଗୌତମ ବୁଦ୍ଧଙ୍କ ପରି ସର୍ବଜନପୂଜିତ ଅବତାର-ମାନଙ୍କ କଥା ବା ସର୍ବଜନ ଆଦୃତ ବ୍ୟାସ, ବାଲ୍ମୀକିଙ୍କ ପରି କବିମାନଙ୍କ କଥା ବାଦ୍ ଦିଆଯାଉ । ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀଚୈତନ୍ୟ, କବୀର, ମୀରାବାଈ ପ୍ରମୁଖଙ୍କୁ ବା କାଳିଦାସ, ଭବଭୂତି, ତୁଳସୀଦାସ ପ୍ରମୁଖ କବିମାନଙ୍କୁ କିଂବା ଏ ଯୁଗର ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ଶ୍ରୀଅରବିନ୍ଦଙ୍କୁ ସାରା ଦେଶ, ସମସ୍ତ ଅଞ୍ଚଳର ଲୋକେ ତ ନିଜର ବୋଲି ଗ୍ରହଣ କରିଛନ୍ତି । ଏମାନେ କେଉଁ ପ୍ରଦେଶର ବା କେଉଁ ଅଞ୍ଚଳର ବୋଲି ପ୍ରଶ୍ନ ନ ଉଠାଇ ସମଗ୍ର ଭାରତବାସୀ ଏମାନଙ୍କୁ ନିଜ ହୃଦୟରେ ଗଭୀର ଶ୍ରଦ୍ଧା ଓ ଭକ୍ତିର ଆସନରେ ବସାଇଛନ୍ତି ।

ତେଣୁ ଏହି ଧରଣର ମନୋଭାବ ଭିତରୁ ହିଁ ଜାତୀୟ ସଂହତିର ସେହି ସତ୍ୟ ଖୋଜିବାକୁ ହେବ ଯାହାକି ସାହାଯ୍ୟ କରି ଆସିଛି ଗୋଟିଏ ଭାରତୀୟ ମହାଜାତି ଦ୍ୱାରା ଅଧ୍ୟୁଷିତ ଏକ ବିଶାଳ ଭୂଖଣ୍ଡରେ ଗୋଟିଏ ଭାରତବର୍ଷ ଭଳି ଦେଶ ଗଢ଼ି ଉଠିବା ପାଇଁ । ଆଜି ଅବଶ୍ୟ ଜାତୀୟ ସଂହତିର ସେହି ସତ୍ୟର ନିର୍ମଳ ଆକାଶ ଉପରେ ଆଞ୍ଚଳିକତା, ପ୍ରାଦେଶିକତା, ଜାତିଧର୍ମ ଓ ଭାଷାଗତ ସଂକୀର୍ଣ୍ଣତାର ଛୋଟ ବଡ଼ ନାନା କଳା ବଉଦ ଦେଖା ଦେଇଛି । ସ୍ୱାର୍ଥ ଓ କ୍ଷମତାର ଭାଗ ବଣ୍ଟୁଆରା ନେଇ, ନିଜ ନିଜର କ୍ଷମତାର ପରିସର ଓ ସୀମା ନିର୍ଣ୍ଣୟ ନେଇ କେନ୍ଦ୍ର ଓ ପ୍ରଦେଶ ଭିତରେ, ପ୍ରଦେଶ ପ୍ରଦେଶ ଭିତରେ, ବିଭିନ୍ନ

ଭାଷାଭାଷୀ, ଜାତି ଉପଜାତିମାନଙ୍କ ଭିତରେ, ବିଭିନ୍ନ ଧର୍ମାବଲମ୍ବୀମାନଙ୍କ ଭିତରେ ନାନା ଉତ୍ତେଜନା, ବିରୋଧ, ସଂଘର୍ଷ ଆଦି ମୁଣ୍ଡ ଟେକୁଛି । ସେସବୁଗୁଡ଼ିକର ବିଶଦ ଆଲୋଚନା କରିବା ପାଇଁ ସ୍ଥାନ ଓ ଅବକାଶ ଏଠି ନାହିଁ ।

କିନ୍ତୁ ଏହି ବିରୋଧଗୁଡ଼ିକ ଯେ କେତେ ଭ୍ରାନ୍ତିପୂର୍ଣ୍ଣ ଓ ଅଜ୍ଞତାପ୍ରସୂତ ତାହା ଏଥି ମଧ୍ୟରୁ ଗୋଟିଏ ବିବାଦର ଆଲୋଚନାରୁ ସ୍ପଷ୍ଟ ହେବ । ତାହା ହେଲା କେନ୍ଦ୍ର ଓ ପ୍ରଦେଶ ଭିତରେ କ୍ଷମତାର ସୀମା ଓ ପରିସର ବଣ୍ଟନ ନେଇ ବିବାଦ । ଯେକୌଣସି ଲୋକର ସାଧାରଣ ଜ୍ଞାନ କହିବ ଯେ ଗୋଟିଏ ଦ୍ରୁମର ଗଣ୍ଡି ଓ ଶାଖାପ୍ରଶାଖା ପରି କେନ୍ଦ୍ର ଶକ୍ତିଶାଳୀ ହେବା ଓ ପ୍ରଦେଶଗୁଡ଼ିକ ଶକ୍ତିଶାଳୀ ହେବା କେବେହେଲେ ପରସ୍ପର ବିରୋଧୀ ଜିନିଷ ନୁହେଁ ।

କିନ୍ତୁ ପ୍ରକୃତରେ ପୁରାଣ ଯୁଗଠାରୁ ଆରମ୍ଭ କରି ସ୍ୱାଧୀନତା ଆନ୍ଦୋଳନର ଯୁଗ ଓ ଆମର ସ୍ୱାଧୀନ ରାଷ୍ଟ୍ର ଗଠନର ପରବର୍ତ୍ତୀ କେଇବର୍ଷ ପର୍ଯ୍ୟନ୍ତ ଏହି ପ୍ରଶ୍ନଟି ଏପରି ସମସ୍ୟା-ସଂକୁଳ ରୂପ ନେଇ ଦେଖା ଦେଇ ନଥିଲା । ସମସ୍ତେ ଅନୁଭବ କରୁଥିଲେ ଭାରତ ପରି ଏକ ବିଶାଳ ଦେଶ ଓ ମହାନ୍ ଜାତି ଗଠନ କରିବାକୁ ହେଲେ କେନ୍ଦ୍ରର ଶାସନ ଓ କର୍ତ୍ତୃତ୍ୱକୁ ସୁଦୃଢ଼ କରି ଗଢ଼ି ତୋଳିବା ଅପରିହାର୍ଯ୍ୟ । ଆଜି ନୁହେଁ, ପୁରାଣ ଯୁଗରୁ ମଧ୍ୟ ଏହି ସତ୍ୟଟିକୁ ଉପଲବ୍ଧି କରାଯାଇଥିଲା । ସେଇଥିପାଇଁ ଅଶ୍ୱମେଧ ଯଜ୍ଞ ଓ ରାଜସୂୟ ଯଜ୍ଞ ଆଦି ଦ୍ୱାରା ଛୋଟ ବଡ଼ ବହୁ ସଂଖ୍ୟକ ରାଜ୍ୟର ରାଜାମାନଙ୍କ ବଶ୍ୟତା ସ୍ୱୀକାର କରାଇ ଜଣେ ଚକ୍ରବର୍ତ୍ତୀ ରାଜା ବା ସମ୍ରାଟ ହେଉଥିଲେ । ମହାଭାରତ ଯୁଦ୍ଧରେ ତ ଭାରତର ସମସ୍ତ ରାଜାମାନେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରଶ୍ନଟିର ଚୂଡ଼ାନ୍ତ ସମାଧାନ ପାଇଁ ଯେ କୌରବ କୁଳର ମହାରାଜା ଦୁର୍ଯ୍ୟୋଧନ ନା ପାଣ୍ଡବ କୁଳର ମହାରାଜା ଯୁଧିଷ୍ଠିର କିଏ ରାଜଚକ୍ରବର୍ତ୍ତୀ ହେବେ ? ସାରା ଭାରତର ଅନ୍ୟାନ୍ୟ ରାଜା, ମହାରାଜାମାନଙ୍କ ଉପରେ କାହାର କେନ୍ଦ୍ରୀୟ କର୍ତ୍ତୃତ୍ୱ ରହିବ ? ମହାଭରତ ଯୁଦ୍ଧରେ ପାଣ୍ଡବମାନଙ୍କ ବିଜୟ ପରେ ମଧ୍ୟ ଆନୁଷ୍ଠାନିକ ଭାବରେ ସମଗ୍ର ଭାରତ ଉପରେ ନିଜ ଶାସନର କେନ୍ଦ୍ରୀୟ କର୍ତ୍ତୃତ୍ୱର ପ୍ରତିଷ୍ଠା ପାଇଁ ମହାରାଜ ଯୁଧିଷ୍ଠିରଙ୍କୁ ଅଶ୍ୱମେଧ ଯଜ୍ଞ କରିବାକୁ ପଡ଼ିଥିଲା ଓ ସେଥିପାଇଁ ଅର୍ଜୁନଙ୍କ ଦ୍ୱାରା ସୁରକ୍ଷିତ ହୋଇ ଯଜ୍ଞଅଶ୍ୱକୁ ସାରା ଭାରତର ବିଭିନ୍ନ ଅଞ୍ଚଳ ବୁଲାଇ ପାଣ୍ଡବମାନଙ୍କର ଅଖଣ୍ଡ କର୍ତ୍ତୃତ୍ୱ ପ୍ରତି ସମସ୍ତଙ୍କର ଆନୁଗତ୍ୟ ସ୍ୱୀକାର କରାଇବାକୁ ପଡ଼ିଥିଲା । ଏପରିକି କୁହାଯାଇଥାଏ ଶ୍ରୀକୃଷ୍ଣ ତାଙ୍କ ନିଜର ବଂଶ ଯଦୁବଂଶକୁ ଧ୍ୱଂସ କରାଇଲେ ଯେପରିକି ପାଣ୍ଡବ ବଂଶର ମହାରାଜା ପରୀକ୍ଷିତ ନିରଙ୍କୁଶ ଭାବରେ ସମଗ୍ର ଭାରତ ଉପରେ ନିଜର ଆଧିପତ୍ୟ ବଜାୟ ରଖିପାରିବେ । କାରଣ ପାଣ୍ଡବମାନଙ୍କ ସହ ବୁଦ୍ଧି ବିକ୍ରମରେ ସମକକ୍ଷ ଯଦୁବଂଶ ତିଷ୍ଠି ରହିଥିଲେ ତାହା ସମ୍ଭବ ହୋଇ ନଥା'ନ୍ତା । ସେମାନେ ହୁଏତ ପରୀକ୍ଷିତଙ୍କ କର୍ତ୍ତୃତ୍ୱକୁ ଆହ୍ୱାନ ଜଣାଇ ଥାଆନ୍ତେ । ଏପରିକି ରାମାୟଣ ଯୁଗରେ ମଧ୍ୟ ସମଗ୍ର ଭାରତ ଉପରେ ଅଯୋଧ୍ୟାର କେନ୍ଦ୍ରୀୟ କର୍ତ୍ତୃତ୍ୱ ପ୍ରତିଷ୍ଠା ପାଇଁ ଶ୍ରୀରାମ ଅଶ୍ୱମେଧ ଯଜ୍ଞ କରାଇଥିଲେ ଓ ଲକ୍ଷ୍ମଣଙ୍କୁ ଯଜ୍ଞଅଶ୍ୱ ନେଇ ସାରାଭାରତ ଭ୍ରମଣ କରିବାକୁ ପଡ଼ିଥିଲା ।

ବାଲ୍ମୀକି ରାମାୟଣରେ ଆମେ ଆଉ ଏକ ବର୍ଣ୍ଣନା ଦେଖୁ ଯେ କିଷ୍କିନ୍ଧ୍ୟାର ରାଜା ବାଳୀଙ୍କୁ ରାମ ଶରବିଦ୍ଧ କଲାପରେ ସେ ଅଭିଯୋଗ କଲେ ରାମଙ୍କ ସହ ତାଙ୍କର କୌଣସି ଶତ୍ରୁତା ନଥିବା ସ୍ଥଳେ କାହିଁକି ରାମଚନ୍ଦ୍ର ତାଙ୍କ ପ୍ରତି ଶର ନିକ୍ଷେପ କଲେ । ରାମଚନ୍ଦ୍ରଙ୍କର ଉତ୍ତର ଥିଲା, ''ନିଜର ସହୋଦରା ଭଗିନୀ ବା ସାନଭାଇର ସ୍ତ୍ରୀ – ଏମାନଙ୍କ ସହ ଯେ କାମ ବ୍ୟବହାର କରେ ତାହାର ଦଣ୍ଡ ପ୍ରାଣବଧ ଅଟେ । ଭରତ ରାଜା ଅଟନ୍ତି । ଆମେମାନେ ତାଙ୍କର ଆଜ୍ଞା ପାଳନକାରୀ ଅଟୁ । ତୁମେ ଧର୍ମର ମର୍ଯ୍ୟାଦା ଲଙ୍ଘନ କରିଛ । ତୁମକୁ କିପରି କ୍ଷମା କରାଯାଇ-ପାରେ ? ପ୍ରଧାନ ଧର୍ମ ଲଙ୍ଘନକାରୀର ଦଣ୍ଡବିଧାନ କରି ଭରତ ଧର୍ମାନୁଯାୟୀ ପ୍ରଜାପାଳନ କରୁଛନ୍ତି ଏବଂ ଯଥେଚ୍ଛାଚାରୀମାନଙ୍କୁ ଶାସ୍ତି ପ୍ରଦାନ କରୁଛନ୍ତି । ଆମେମାନେ ତାଙ୍କରି ଆଜ୍ଞାନୁସାରେ ତୁମପରି ଧର୍ମଦ୍ରୋହୀମାନଙ୍କୁ ଦଣ୍ଡ ଦେବା ପାଇଁ ନିଯୁକ୍ତ ହୋଇଛୁ ।'' ଏହି ଉକ୍ତିରୁ ସ୍ପଷ୍ଟ ହୁଏ ଯେ ଉତ୍ତର ଭାରତର ଅଯୋଧ୍ୟା ରାଜ୍ୟର ରାଜାଙ୍କର ସୁଦୂର ଦାକ୍ଷିଣାତ୍ୟର କିଷ୍କିନ୍ଧ୍ୟା ଉପରେ ନିଶ୍ଚୟ କିଛି କେନ୍ଦ୍ରୀୟ-କର୍ତ୍ତୃତ୍ୱ ସ୍ୱୀକୃତ ହୋଇଥିଲା । ତା' ନହେଲେ କିଷ୍କିନ୍ଧ୍ୟାରେ ସ୍ୱାଧୀନ ରାଜା ବାଳୀଙ୍କୁ ତାଙ୍କ ଆଚରଣ ପାଇଁ ପ୍ରାଣଦଣ୍ଡ ଦେବାର ନୈତିକ ଅଧିକାର ରାମ ଦାବି କରି ନଥା'ନ୍ତେ । ତେଣୁ ପୁରାଣ ଯୁଗଠାରୁ ଆରମ୍ଭ କରି ଇତିହାସର ଅନ୍ୟାନ୍ୟ ଯୁଗ ଯଥା : ସୂର୍ଯ୍ୟବଂଶ, ଚନ୍ଦ୍ରବଂଶ, ମୌର୍ଯ୍ୟ, ଗୁପ୍ତ, ମୁସଲମାନ, ମୋଗଲ ଓ ବ୍ରିଟିଶ ଶାସନ ପର୍ଯ୍ୟନ୍ତ ବରାବର ଏକ କେନ୍ଦ୍ରୀୟ କର୍ତ୍ତୃତ୍ୱ ଅଧୀନରେ ଏକ ବିଶାଳ ଦେଶ ଭାରତବର୍ଷର ଶାସନ ଓ ପରିଚାଳନାକୁ ରୂପଦେବା ପାଇଁ ବିଧିବଦ୍ଧ ପ୍ରୟାସ ହୋଇ ଆସିଛି ।

କିନ୍ତୁ ଏହି କେନ୍ଦ୍ରୀୟ କର୍ତ୍ତୃତ୍ୱର ଅର୍ଥ ନୁହେଁ ଯେ ପ୍ରାଦେଶିକ ଶାସନକୁ ଏହା ଦୁର୍ବଳ କରି ରଖିବ । କେନ୍ଦ୍ର ଓ ପ୍ରଦେଶ ଉଭୟକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବାରେ ହିଁ ରହିଛି ଆମ ଦେଶର ବିକାଶ ଓ ଜାତୀୟ ସଂହତିର ମୂଳସୂତ୍ର । ଯଦି କେନ୍ଦ୍ରୀୟ କର୍ତ୍ତୃତ୍ୱ ପାଇଁ ଅତ୍ୟଧିକ ଉତ୍ସାହ ଦେଖାଇ ପ୍ରାଦେଶିକ ବୈଶିଷ୍ଟ୍ୟକୁ କ୍ଷୁଣ୍ଣ ଓ ଖର୍ବ କରାଯାଏ ତେବେ ତାହା ଦେଶ ପାଇଁ ମଙ୍ଗଳପ୍ରଦ ହେବ ନାହିଁ । ଶ୍ରୀଅରବିନ୍ଦ ଏ ସମ୍ପର୍କରେ ସ୍ପଷ୍ଟ ମତ ପ୍ରକାଶ କରି କହିଥିଲେ, ''ଦେଶପ୍ରେମଜନିତ ଐକ୍ୟବୋଧ ଭାରତବାସୀଙ୍କ ମଧ୍ୟରେ ଏତେ ଦୂର ସୁପ୍ରତିଷ୍ଠିତ ହୋଇଛି ଯେ ତାକୁ ସହଜରେ ବିଲୋପ କରିବା ବା ହ୍ରାସ କରିବା ସମ୍ଭବ ନୁହେଁ । ବରଂ ଯଦି ବିଭିନ୍ନ ପ୍ରଦେଶଗତ ଜୀବନଧାରାର ସ୍ୱାଭାବିକ କ୍ରିୟାକୁ ଅସ୍ୱୀକାର କରାଯାଏ; ତେବେ ସେଥିରେ ଐକ୍ୟବୋଧ ପ୍ରତି ବିପଦ ଆସିପାରେ । ସେମାନଙ୍କର ନ୍ୟାୟସଙ୍ଗତ ଆସ୍ପୃହାକୁ ଚରିତାର୍ଥ କରିବାରେ ହିଁ ଏହି ବିପଦ କମିଯାଏ ।... ବହୁତ୍ୱ ମଧ୍ୟରେ ଏକ – ଏହା ହିଁ ଚିରକାଳ ଭାରତ ପକ୍ଷରେ ସ୍ୱାଭାବିକ ହୋଇ ଆସିଛି ଏବଂ ଏହାର ପ୍ରୟୋଗ ହେଲା ତା'ର ସତ୍ତାର ପ୍ରକୃତିର ମୂଳଧାରା । 'ଏକ ଭିତରେ ବହୁ' ଏହି ସତ୍ୟହିଁ ତାକୁ ପ୍ରତିଷ୍ଠିତ କରିବ ତା'ର ଅଟଳ ଭିତ୍ତି ଉପରେ, ତା'ର ସ୍ୱଭାବ ଓ ସ୍ୱଧର୍ମ ଉପରେ ।''

(ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଶ୍ରୀଅରବିନ୍ଦଙ୍କ ବାର୍ତ୍ତା)

ଶେଷରେ ଏତିକି କୁହାଯାଇପାରେ ଯେ ତାହା ଜାତୀୟ ସଂହତିର ସତ୍ୟ ହେଉ ବା ଦେଶ ବିକାଶର ସତ୍ୟ ହେଉ ବା ଜାତୀୟ ଉନ୍ନୟନ ଓ ନବ ନିର୍ମାଣର ସତ୍ୟ ହେଉ; ଭାରତ ପାଇଁ ସମସ୍ତ ସତ୍ୟ ନିହିତ ରହିଛି ତା'ର ଆତ୍ମାର ସତ୍ୟରେ । ସେହି ଆତ୍ମାର ସତ୍ୟକୁ ଉପଲବ୍ଧି କରି ନିଜ ସ୍ୱଧର୍ମରେ ଆଗେଇ ଚାଲିବାରେ ହିଁ ରହିଛି ତା'ର ସମସ୍ତ ସମସ୍ୟାର ସମାଧାନ । ସେଇଠାରେ ହିଁ ରହିଛି ତା'ର ନବଜନ୍ମ ଓ ଅଭ୍ୟୁଦୟର ଗୋପନ ରହସ୍ୟ । ସେଇଥି ପାଇଁ ମା କହିଥିଲେ :

"It is only India's soul who can unify the country.

"Externally the provinces of India are very different in character, tendencies, culture, as well as in language, and any attempt to unify them artificially could only have disastrous results.

But her soul is one, intense in her aspiration towards the spiritual truth, the essential unity of the creation and the divine origin of life, and by uniting with this aspiration the whole country can recover a unity that has never ceased to exist for the superior mentality."

(*7 July 1968*)

(MCW, Vol. 13, p. 368)

''କେବଳ ଭାରତର ଆତ୍ମାହିଁ ଦେଶର ଐକ୍ୟ ସାଧନ କରିପାରେ ।

''ବାହ୍ୟତଃ ଭାରତର ପ୍ରଦେଶଗୁଡ଼ିକ ନିଜ ନିଜର ଚରିତ୍ର, ପ୍ରବୃତ୍ତି, ସଂସ୍କୃତି ତଥା ଭାଷା ଦିଗରୁ ପରସ୍ପରଠାରୁ ଖୁବ୍ ପୃଥକ୍ ଏବଂ କୌଣସି କୃତ୍ରିମ ଉପାୟରେ ସେମାନଙ୍କୁ ଐକ୍ୟବଦ୍ଧ କରାଇବାର ପ୍ରଚେଷ୍ଟା କେବଳ ବିପର୍ଯ୍ୟୟକୁ ଡାକି ଆଣିବ ।

''କିନ୍ତୁ ତା'ର ଆତ୍ମା ଏକ, ଆଧ୍ୟାତ୍ମିକ ସତ୍ୟ ଦିଗରେ, ସୃଷ୍ଟିର ମୂଳ ଏକତ୍ୱ ଓ ଜୀବନର ଦିବ୍ୟ ଭଗବତ୍ ଉତ୍ସ ଦିଗରେ ତାହାର ଅଭୀପ୍ସା ଅତି ନିବିଡ଼ ଏବଂ ଏହି ଅଭୀପ୍ସା ସହ ଯୁକ୍ତ ଓ ଏକ ହୋଇ ସମଗ୍ର ଦେଶ ସେହି ଏକତାର ପୁନରୁଦ୍ଧାର କରିପାରେ, ଉଚ୍ଚତର ଚେତନା ପାଇଁ ଯାହା କେବେହେଲେ ଲୋପ ପାଇ ନ ଥିଲା ।''

(୭ ଜୁଲାଇ, ୧୯୬୮)

ତେଣୁ ଆମ ସମଗ୍ର ଜାତି ଆଗରେ ଆଜି ପ୍ରଧାନ ଲକ୍ଷ୍ୟ ଓ କର୍ତ୍ତବ୍ୟ ହେଲା ଆମ ଦେଶର ଆତ୍ମାକୁ, ତହିଁରେ ନିହିତ ଥିବା ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରିବା ଦିଗରେ ସମର୍ଥ ଓ ସାର୍ଥକ ଭାବରେ ଆଗେଇ ଯିବା । ତା' ନହେଲେ ଶ୍ରୀଅରବିନ୍ଦଙ୍କ ଭାଷାରେ, ''କି କରୁଣ ପରିହାସର କଥା ହେବ ଯଦି ଭାରତ ତା'ର ଅଧ୍ୟାତ୍ମ ଉପଲବ୍ଧିକୁ ବିସର୍ଜନ ଦେଇ ବସେ ଠିକ୍ ସେଇ ମୁହୂର୍ତ୍ତରେ ଯେତେବେଳେ ପୃଥିବୀର ଅନ୍ୟାନ୍ୟ ଅଂଶ କ୍ରମଶଃ ତା' ପ୍ରତି ଉନ୍ମୁଖ ହେଉଛନ୍ତି ଓ ତାକୁ ଅପେକ୍ଷା କରୁଛନ୍ତି ଆଧ୍ୟାତ୍ମିକ ସାହାଯ୍ୟ ପାଇଁ ଓ ମୁକ୍ତି ପ୍ରଦାନକାରୀ ଆଲୋକ ପାଇଁ ।'' ❖

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | |
|---|---|---|
| 1. Place of Publication | ··· | Sri Aurobindo Ashram, Pondicherry - 605 002 |
| 2. Periodicity of its Publication | ··· | Quarterly |
| 3. Printer's Name | ··· | Swadhin Chatterjee |
| Nationality | ··· | Indian |
| Address | ··· | Sri Aurobindo Ashram Press, Pondicherry - 605 002 |
| 4. Publisher's Name | ··· | Manoj Das Gupta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 5. Editor's Name | ··· | Biswambhara Samanta |
| Nationality | ··· | Indian |
| Address | ··· | Sri Aurobindo Ashram, Pondicherry - 605 002 |
| 6. Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta
*Signature of Publisher*

*Date : 16.08.2020*

Vol. LXIII, No. 3, NAVAJYOTI – 15 August 2020, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**